ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 1/2025 Page 16 ₹ 7.00
୫୧ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 97 ମୂଲ୍ୟ₹୭/-

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍-ଜେଲେନ୍‌ସ୍କି ମୁହାଁମୁହିଁ

- ହତ୍ୟାକାରୀ ପୁଟିନ୍‌ଙ୍କ ସହ ସାଲିସ୍ କରିବୁନାହିଁ: ଜେଲେନ୍‌ସ୍କି
- ୟୁକ୍ରେନ୍ ରାଷ୍ଟ୍ରପତି ଅଶିଷ୍ଟତା ଦେଖାଇଛନ୍ତି: ଟ୍ରମ୍ପ୍



ହ୍ୱାଇଟ୍ ହାଉସ୍ ଓଭାଲ ଅଫିସ୍‌ରେ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ୟୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ଯୁକ୍ତିତର୍କ ବେଳର ଦୃଶ୍ୟ।

**ୱାଶିଂଟନ,୨୮।୨**

ଆମେରିକା ଓ ୟୁକ୍ରେନ୍ ମଧ୍ୟରେ ବୁଧବାର ମିନେରାଲ୍ସ ଡିଲ୍ ପାଇଁ ସହମତି ପ୍ରକାଶ ପାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆମନ୍ତ୍ରଣକ୍ରମେ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି ଶୁକ୍ରବାର ୱାଶିଂଟନ ଡିସିରେ ପହଞ୍ଚି ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ତେବେ ରୁଷିଆ-ୟୁକ୍ରେନ ଯୁଦ୍ଧ ଓ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ଦୁଇ ନେତା ମୁହାଁମୁହିଁ ହୋଇଛନ୍ତି। ଏପରିକି ଟ୍ରମ୍ପ୍ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ତିକ୍ତତାପୂର୍ଣ୍ଣ ଯୁକ୍ତିତର୍କ ମଧ୍ୟ ହୋଇଛି। ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ଉଭୟଙ୍କ କଥା କଟାକଟି ଯୋଗୁ ଉପୁଜିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦେଖି ସେଠାରେ ଉପସ୍ଥିତ ଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କୁ ମଝିରେ ହସ୍ତକ୍ଷେପ କରିବାକୁ ପଡ଼ିଛି। ୩ ବର୍ଷ ଧରି ୟୁକ୍ରେନ୍ ସହ ଯୁଦ୍ଧରତ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜେଲେନ୍‌ସ୍କି ଆତଙ୍କବାଦୀ କହିବାକୁ ପଛାଇ ନାହାନ୍ତି। ସେହିପରି ଏହି ଯୁଦ୍ଧ ବନ୍ଦ କରିବାକୁ ହେଲେ ୟୁକ୍ରେନ୍‌କୁ ଆମେରିକା ସୁରକ୍ଷା ଗ୍ୟାରେଣ୍ଟି ଦେବାକୁ ପଡ଼ିବ ବୋଲି ଜେଲେନ୍‌ସ୍କି ଟ୍ରମ୍ପ୍‌ଙ୍କ ଆଗରେ ଦାବି ରଖିଛନ୍ତି। ଜେଲେନ୍‌ସ୍କିଙ୍କ ବ୍ୟବହାରକୁ ଟ୍ରମ୍ପ୍ ଓ ଭାନ୍ସ 'ଅଶିଷ୍ଟ' ବୋଲି ଅଭିହିତ କରିଛନ୍ତି।

ମିନେରାଲ ଡିଲ୍ସ ପାଇଁ ହ୍ୱାଇଟ୍ ହାଉସ୍‌ରେ ପହଞ୍ଚିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ପ୍ରତି ଆମେରିକା ରାଷ୍ଟ୍ରପତି ☞ପୃଷ୍ଠା-୪

No. T-137

## ଓଡ଼ିଶା ସରକାର

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୦୩।୦୩।୨୦୨୫ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୮।୦୨।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0071/2425

**ଆଜିର ସମ୍ପାଦକୀୟ**

ଟେସ୍‌ଲା ଆସୁଛି

**ଆଜିର ମନ୍ତବ୍ୟ**

"ଜାତୀୟ ଅନୁସୂଚିତ ଜାତି କମିଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଭାଜପା ସରକାରଙ୍କ ଦଳିତ ବିରୋଧୀ ମାନସିକତାର ପ୍ରତିଫଳନ। -**ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**




# ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ୨ୟ କିସ୍ତି ଅର୍ଥ

- ପ୍ରଥମ କିସ୍ତିରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏକାସଙ୍ଗେ ମିଳିବ ୧୦ ହଜାର
- କୋଟିଏ ମହିଳାଙ୍କୁ ଦ୍ୱିତୀୟ କିସ୍ତି ଅର୍ଥ ଦିଆଯିବ

**ଭୁବନେଶ୍ୱର,୨୮।୨**
**(ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଅନ୍ତର୍ଜାତୀୟ ମହିଳା ଦିବସ ତଥା ଆସନ୍ତା ୮ ତାରିଖରେ ରାଜ୍ୟ ସରକାର ପ୍ରଦାନ କରିବେ। ରାଜ୍ୟର ପ୍ରାୟ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ଏକାସଙ୍ଗେ ସୁଭଦ୍ରା ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ କରାଯିବ। ବ୍ରହ୍ମପୁରଠାରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାରେ କୋଟିଏ ମହିଳାଙ୍କୁ ଲାଭ ମିଳିବ। ସରକାର କହିଥିଲେ ସୁଭଦ୍ରାରେ କୋଟିଏ ହିତାଧିକାରୀ ଉପକୃତ ହେବେ। ତୁରନ୍ତ ବିଭାଗୀୟ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ସୁଭଦ୍ରା ଟିମ୍ ☞ପୃଷ୍ଠା-୪








ଦକ୍ଷିଣ ମୁମ୍ବାଇର ବାଇକୁଲା ଅଞ୍ଚଳରେ ଥିବା ଏକ ବିଲ୍ଡିଂର ୪୨ତମ ମହଲାରେ ଶୁକ୍ରବାର ନିଆଁ ଲାଗିଥିବାବେଳର ଦୃଶ୍ୟ।

# ହିମସ୍ଖଳନ: ୨୪ ଶ୍ରମିକ ନିଖୋଜ

**ଉତ୍ତରାଖଣ୍ଡର ବଦ୍ରିନାଥ ନିକଟ ଚମୋଲିରେ ଶୁକ୍ରବାର ସକାଳ ୭ଟା ୧୭ ମିନିଟ୍‌ରେ ବଡ଼ଧରଣର ହିମସ୍ଖଳନ ହୋଇଛି। ଏଥିଯୋଗୁ ବରଫ ଅତଡ଼ା ତଳେ ବର୍ଡର ରୋଡ୍ସ ଅର୍ଗାନାଇଜେଶନ୍ (ବିଆର୍‌ଓ)ର ୫୭ ଶ୍ରମିକ ଚାପି ହୋଇଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ୨୪ ଶ୍ରମିକ ନିଖୋଜ ଅଛନ୍ତି। ଇତିମଧ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୪ ଟିମ୍‌କୁ ଫସିରହିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ସେଠାକୁ ପଠାଯାଇଛି। ତେବେ ତୁହାକୁ ତୁହା ତୁଷାରପାତ ଓ ବର୍ଷା ସାଙ୍ଗକୁ ନିମ୍ନ ଦୃଶ୍ୟମାନତା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ଫୋନ୍‌ରେ କଥା ହୋଇ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।**



ଉତ୍ତରାଖଣ୍ଡର ବଦ୍ରିନାଥ ନିକଟ ମାଣା ଗ୍ରାମରେ ଶୁକ୍ରବାର ସକାଳେ ଘଟିଥିବା ହିମସ୍ଖଳନ ଯୋଗୁ ବରଫ ଅତଡ଼ା ତଳେ ଫସିରହିଥିବା ଶ୍ରମିକଙ୍କୁ ଉଦ୍ଧାର କରି ଆଣୁଛନ୍ତି ସେନାର ସୂର୍ଯ୍ୟ କମାଣ୍ଡ ଯବାନ।

**ଡେରାଡୁନ୍/ନୂଆଦିଲ୍ଲୀ,୨୮।୨**

ହିମାଳୟରେ ପୁଣି ଥରେ କଡ଼ ଲେଉଟାଇଛି ପାଗ। ଏହାର ପାଦଦେଶରେ ୨ ଦିନ ହେଲା ତୁଷାରପାତ ଓ ବର୍ଷା ଲାଗିରହିଛି। ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡର ଚମୋଲି ଜିଲା ବଦ୍ରିନାଥ ଧାମଠାରୁ ପ୍ରାୟ ୫ କି.ମି. ଦୂରରେ ଅବସ୍ଥିତ ତିବ୍ବତ ସୀମାନ୍ତ ଗ୍ରାମ ମାଣାରେ ଶୁକ୍ରବାର ସକାଳେ ଗ୍ଲେସିୟର ଧସିଯାଇଛି। ସେହି ସମୟରେ ୧୩,୦୦୦ ଫୁଟ୍ ଉଚ୍ଚତାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଆର୍‌ଓର ୫୭ ଶ୍ରମିକ ଫସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସେନାର ସୂର୍ଯ୍ୟ କମାଣ୍ଡ ପକ୍ଷରୁ ୬୦-୬୫ ଜଣଙ୍କୁ ନିୟୋଜିତ କରାଯାଇଛି। ଅକ୍ଳାନ୍ତ ଉଦ୍ୟମ ପରେ ସେମାନଙ୍କ ମଧ୍ୟରୁ ୩୩ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ନିକଟସ୍ଥ ସେନା ଶିବିରକୁ ପଠାଯାଇଥିବା ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଦୀପମ୍ ସେଠ ସୂଚନା ଦେଇଛନ୍ତି।

ଉଦ୍ଧାର କାର୍ଯ୍ୟରେ ଖରାପ ପାଗ ବାଧକ ସାଜିଛି। ସେଠାକୁ ୪ଟି ଆମ୍ବୁଲାନ୍ସ ପଠାଯାଇଥିଲା। କିନ୍ତୁ ବର୍ଷା ଓ ତୁଷାରପାତ ଜାରି ରହିଥିବାରୁ ଆମ୍ବୁଲାନ୍ସଗୁଡ଼ିକ ପହଞ୍ଚିପାରି ନ ଥିବା ବିଆର୍‌ଓ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ସି.ଆର୍. ମିନା ସୂଚନା ଦେଇଛନ୍ତି। ଚମୋଲି ଜିଲାପାଳ ସନ୍ଦୀପ ତିୱାରୀ କହିଛନ୍ତି, ଆଖିକୁ କିଛି ଦେଖାଯାଉ ନ ଥିବାରୁ ହେଲିକପ୍ଟର ପଠାଯାଇ ପାରିନାହିଁ।

## ୩୩ ଉଦ୍ଧାର

ଇତିମଧ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ଗୋଟିଏ ଟିମ୍ ଜୋଷୀମଠରୁ ବିପର୍ଯ୍ୟୟସ୍ଥଳକୁ ଯିବା ପାଇଁ ବାହାରିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ କଣ୍ଟ୍ରୋଲ ରୁମ୍‌ରେ ଥିବା ବରିଷ୍ଠ ଅଧିକାରୀମାନଙ୍କ ସହ ସେ ବୈଠକ କରି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଧାମି ଲେଖିଛନ୍ତି, ଭଗବାନ ବଦ୍ରି ସମସ୍ତ ଶ୍ରମିକ ଭାଇମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରନ୍ତୁ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଧାମିଙ୍କ ସହ କଥା ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଯାଇଥିବା ସୂଚନା ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଉତ୍ତରାଖଣ୍ଡ ସମେତ ଅନେକ ପାର୍ବତ୍ୟାଞ୍ଚଳରେ ଶୁକ୍ରବାର ରାତିରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ଅରେଞ୍ଜ ସତର୍କତା ଜାରିକରାଯାଇଛି। ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ତୁଷାରପାତ ଯୋଗୁ ଅନେକ ରାସ୍ତା ଅବରୋଧ ହୋଇଯାଇଛି। ଉଧମପୁର-ଶ୍ରୀନଗର ଜାତୀୟ ରାଜପଥରେ ବରଫ ଅତଡ଼ା ଜମିରହିଛି। ସେହିପରି ନାଶରି ଓ ନବଯୁଗ ଟନେଲ ମଝିରେ ମାଟି ଅତଡ଼ା ଜମିରହିଥିବାରୁ ଗମନାଗମନ ସମ୍ଭବ ହୋଇପାରି ନାହିଁ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ପାର୍ବତ୍ୟ ଅଞ୍ଚଳରେ ଅନେକ ଯାନବାହନ ଅଟକି ରହିଛି। ୩୬ ଘଣ୍ଟା ଧରି ହିମପାତ ଯୋଗୁ ତାପମାତ୍ରା ଖସିଯାଇଛି। ଚତୁର୍ଦ୍ଦିଗରେ ଧଳା ବରଫ ଆସ୍ତରଣ ଦେଖିବାକୁ ମିଳିଛି।

# କୋଭିଡ୍ ଟଙ୍କା ଖର୍ଚ୍ଚ କରି ନ ଥିଲେ ଆପ୍ ସରକାର

**ନୂଆଦିଲ୍ଲୀ,୨୮।୨(ପି.ଟି.)**

ଦିଲ୍ଲୀ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ବ୍ୟାପକ କର୍ମଚାରୀ ସଙ୍କଟ ସାଙ୍ଗକୁ ଆବଶ୍ୟକ ଔଷଧ ଏବଂ ଉପକରଣର ଅଭାବ ରହିଥିବାବେଳେ ଏବାବଦରେ ମଞ୍ଜୁର ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ। ଶୁକ୍ରବାର ଦିଲ୍ଲୀ ବିଧାନସଭାରେ ଉପସ୍ଥାପନ କରାଯାଇଥିବା ସିଏଜି (ଭାରତର କମ୍ପଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। କୋଭିଡ୍ ମହାମାରୀ ବେଳେ କେନ୍ଦ୍ର ସରକାର ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଦେଇଥିବା ପାଖାପାଖି ୭୮୮ କୋଟି ଟଙ୍କାରୁ ଦିଲ୍ଲୀ ସରକାର ୨୪୫ କୋଟି ଖର୍ଚ୍ଚ କରି ନ ଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟରୁ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ମୋହଲା କ୍ଲିନିକ୍ ପ୍ରକଳ୍ପର ଦୁର୍ବଳ ସ୍ଥିତି ପଦାକୁ ଆସିଛି। ୭୪ଟି ମୋହଲା କ୍ଲିନିକ୍ ମଧ୍ୟରୁ କୌଣସି ଗୋଟିଏରେ ସମସ୍ତ ୧୬୫ଟି ଅତ୍ୟାବଶ୍ୟକ ଔଷଧର ପୂରା ଷ୍ଟକ୍ ନାହିଁ। ପଲ୍ସ ଅକ୍ସିମିଟର, ଗ୍ଲୁକୋମିଟର, ଏକ୍ସ-ରେ ଭିଉୟର, ଥର୍ମୋମିଟର, ବ୍ଲଡ୍‌ପ୍ରେସର ମନିଟର ଭଳି ଅତ୍ୟାବଶ୍ୟକ ଉପକରଣ ଏହିସବୁ କ୍ଲିନିକ୍‌ରେ ନ ଥିବା ଏକ ସମୀକ୍ଷାରୁ ଜଣାପଡ଼ିଛି। ୨୦୨୨ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ମୋହଲା

## ସିଏଜି ରିପୋର୍ଟ

କ୍ଲିନିକ୍‌ଗୁଡ଼ିକୁ ଯାଇଥିବା ରୋଗୀଙ୍କ ମଧ୍ୟରୁ ୭୦ ପ୍ରତିଶତଙ୍କୁ ଡାକ୍ତର ଦେଖିବାରେ ୧ ମିନିଟ୍‌ରୁ କମ୍ ସମୟ ଦେଉଥିବା ଜଣାପଡ଼ିଛି। ଡାକ୍ତରଙ୍କ ଇସ୍ତଫା କିମ୍ବା ଛୁଟିରେ ରହିବା କାରଣରୁ ମୋଟ ୨୧୮ ମୋହଲା କ୍ଲିନିକ୍ ମଧ୍ୟରୁ ନିର୍ଦ୍ଦିଷ୍ଟ ୪ ଜିଲାରେ ଥିବା କ୍ଲିନିକ୍‌ଗୁଡ଼ିକ ୧୫ ଦିନରୁ ପାଖାପାଖି ୨ ବର୍ଷ ପର୍ଯ୍ୟନ୍ତ ବନ୍ଦ ରହିଛି। ଗତ ମଙ୍ଗଳବାର ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହୋଇଥିବାବେଳେ ଏହା ଦ୍ୱିତୀୟ ରିପୋର୍ଟ। ଅବକାରୀ ନୀତିରେ ଅନେକ ଭୁଲ ନିଷ୍ପତ୍ତି ଯୋଗୁ ରାଜ୍ୟ ସରକାରଙ୍କୁ ୨,୦୦୨.୬୮ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଥିବା ରିପୋର୍ଟରେ ଦର୍ଶାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ଅଦାଲତଙ୍କୁ ଦେଖାଇପାରିବୁ: ଡିୟୁ

**ନୂଆଦିଲ୍ଲୀ,୨୮।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀ ସମ୍ପର୍କିତ ପ୍ରମାଣପତ୍ର କୌଣସି ବାହ୍ୟ ବ୍ୟକ୍ତିଙ୍କୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଦେଖାଯାଇପାରିବ ନାହିଁ। ଆବଶ୍ୟକ ହେଲେ ଅଦାଲତରେ ଏ ସମ୍ପର୍କିତ ରେକର୍ଡ ଦାଖଲ କରାଯାଇପାରିବ ବୋଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ) ପକ୍ଷରୁ ଗୁରୁବାର ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। କେନ୍ଦ୍ର ସୂଚନା କମିଶନ (ସିଆଇସି) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସ୍ନାତକ ଡିଗ୍ରୀ ନେଇ ତଥ୍ୟ ପ୍ରଦାନ ସମ୍ପର୍କରେ ଦିଆଯାଇଥିବା ନିର୍ଦ୍ଦେଶନାମା ବିରୋଧରେ ଡିୟୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟ ଏହା ଉପରେ ରାୟ ସଂରକ୍ଷିତ ରଖିଛନ୍ତି। ଜଷ୍ଟିସ୍ ସଚିନ ଦତ୍ତାଙ୍କ ଖଣ୍ଡପୀଠରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପରୋକ୍ତ ଯୁକ୍ତି ବାଢ଼ିଛନ୍ତି। ମେହେଟ୍ଟା କହିଛନ୍ତି, ଅଦାଲତଙ୍କୁ ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ଦେଖାଇବାରେ ଅସୁବିଧା ନାହିଁ। କିନ୍ତୁ ବାହ୍ୟବ୍ୟକ୍ତିଙ୍କୁ ଏହା ଆମେ ଦେଖାଇପାରିବୁ ନାହିଁ। ସିଆଇସି ଦେଇଥିବା ନିର୍ଦ୍ଦେଶକୁ ପ୍ରିଭେସି ଅଧିକାର ବଳରେ ଖାରଜ କରାଯିବା ଉଚିତ।

# ପାକ୍ ମସ୍‌ଜିଦରେ ବିସ୍ଫୋରଣ: ୫ ମୃତ



ପାକିସ୍ତାନର କ୍ୱେଟାରେ ବିସ୍ଫୋରଣ ପରେ କ୍ଷତିଗ୍ରସ୍ତ କାର୍‌କୁ ଯାଞ୍ଚ କରୁଛନ୍ତି ସୁରକ୍ଷା କର୍ମୀ।

**ପେଶାୱର,୨୮।୨(ପି.ଟି.)**

ପବିତ୍ର ରମଜାନ ମାସ ପୂର୍ବରୁ ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ଏକ ମସ୍‌ଜିଦରେ ଶୁକ୍ରବାର ନମାଜ ପାଠ ବେଳେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜାମିଆତ୍ ଉଲେମା ଇସ୍‌ଲାମ (ଜେୟୁଆଇ) ମୁଖ୍ୟ ତଥା ନଓଶେରା ଜିଲା ଆକୋରା ଖଟ୍ଟକ ସହରସ୍ଥିତ ମଦ୍ରାସା-ଇ-ହକାନିଆର ତତ୍ତ୍ୱାବଧାରକ ହମିଦୁଲ ହକ୍ ହକାନି ରହିଛନ୍ତି। ବାପା ମୌଲାନା ସାମି ଉଲ୍ ହକ୍‌ଙ୍କ ପରଲୋକ ପରେ ହମିଦୁଲ୍ ଜେୟୁଆଇ ମୁଖ୍ୟ ହୋଇଥିଲେ। ତାଙ୍କୁ ଟାର୍ଗେଟ କରି ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିବା ଖାଇବର ପଖ୍‌ତୁନଖ୍ୱା ପୋଲିସ ଆଇଜି କହିଛନ୍ତି। ହମିଦୁଲଙ୍କ ସୁରକ୍ଷା ଦାୟିତ୍ୱରେ ୬ ଜଣ ସୁରକ୍ଷା କର୍ମୀ ନିୟୋଜିତ ଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଉଭୟ ନଓଶେରା ଏବଂ ପେଶାୱର ହସ୍ପିଟାଲରେ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। ପ୍ରାଦେଶିକ ମୁଖ୍ୟମନ୍ତ୍ରୀ ଅଲି ଅମିନ୍ ଗଣ୍ଡପୁର ଏବଂ ଗଭର୍ନର ଫୈସଲ କରିମ କୁଣ୍ଡି ଆତ୍ମଘାତୀ ବିସ୍ଫୋରଣକୁ ନିନ୍ଦା କରିଛନ୍ତି।

# ଆମେରିକାରେ ଦୁର୍ଘଟଣାଗ୍ରସ୍ତ ନୀଲମ୍‌ଙ୍କ ପରିବାରକୁ ମିଳିଲା ଭିଜା



ନୀଲମ ଶିନ୍ଦେ

**ମୁମ୍ବାଇ,୨୮।୨**

ଆମେରିକାରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ କୋମାରେ ଥିବା ମହାରାଷ୍ଟ୍ର ସତାରା ଜିଲାର ୩୫ ବର୍ଷୀୟା ଛାତ୍ରୀ ନୀଲମ ଶିନ୍ଦେଙ୍କ ପରିବାରକୁ ଆମେରିକା ଦୂତାବାସ ଶୁକ୍ରବାର ଜରୁରୀ ଭିଜା ମଞ୍ଜୁର କରିଛି। ଝିଅଙ୍କୁ ଦେଖା କରିବା ପାଇଁ ପରିବାର ସଦସ୍ୟ ଶନିବାର ଆମେରିକା ଯାତ୍ରା କରିବେ ବୋଲି ନୀଲମଙ୍କ ବାପା ତନହାଜି ଶିନ୍ଦେ ଗଣମାଧ୍ୟମକୁ କହିଛନ୍ତି। ସେ ଶୁକ୍ରବାର ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲେଟ୍‌କୁ ଆସି ଦେଖା କରିଥିଲେ। ଅଧଘଣ୍ଟାର ସାକ୍ଷାତ୍‌କାର ପରେ କନ୍‌ସୁଲେଟ୍ କର୍ତ୍ତୃପକ୍ଷ ତାଙ୍କ ପରିବାର ପାଇଁ ଭିଜା ମଞ୍ଜୁର କରିଥିଲେ। କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରେ ଭିଜା ମଞ୍ଜୁରୀରେ ବିଳମ୍ବ ହେବାରୁ କେନ୍ଦ୍ର ହସ୍ତକ୍ଷେପ କରିଥିଲା।

# ହୋଲି ଉତ୍ସବ ପାଇଁ ଅନୁମତି ନ ଦେବାରୁ ୧୫୦ କଲେଜ କର୍ମଚାରୀଙ୍କୁ ଅଟକ ରଖିଲେ ଛାତ୍ରୀଛାତ୍ର

**ଇନ୍ଦୋର,୨୮।୨**

ମଧ୍ୟପ୍ରଦେଶ ଇନ୍ଦୋରର ଏକ ସରକାରୀ ମହାବିଦ୍ୟାଳୟରେ ହୋଲି ଉତ୍ସବ ପାଇଁ ଅନୁମତି ନ ମିଳିବାରୁ ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛାତ୍ରୀଛାତ୍ର ଅଟକ ରଖିଥିଲେ। ଏଭଳି ବିଶୃଙ୍ଖଳା ପାଇଁ ହୋଲକର ସାଇନ୍ସ କଲେଜର ୪ ଛାତ୍ରନେତାଙ୍କୁ ନିଲମ୍ବନ କରାଯାଇଛି। ମାର୍ଚ୍ଚ ୭ରେ କଲେଜରେ 'ହୋଲକାର କା ହୋଲି ଫେଷ୍ଟ' ଆୟୋଜନ ପାଇଁ ଛାତ୍ରୀଛାତ୍ର ଯୋଜନା କରିଥିଲେ। କଲେଜ ପ୍ରଶାସନ ଏହି କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇ ନ ଥିଲେ ମଧ୍ୟ ପିଲାମାନେ ଏହାକୁ ଅଣଦେଖା କରି କ୍ୟାମ୍ପସ୍‌ରେ ପୋଷ୍ଟର ଲଗାଇଥିଲେ। ଗତ ୧୪ ତାରିଖରେ ଛାତ୍ରୀଛାତ୍ର ବିକ୍ଷୋଭ କରିବା ସହ କଲେଜର ଯଶୱନ୍ତ ହଲ୍‌ରେ କର୍ମଚାରୀଙ୍କ ବୈଠକ ଚାଲିଥିବାବେଳେ ତାଲା ପକାଇ ଦେଇଥିଲେ। ଫଳରେ ୧୫୦ କର୍ମଚାରୀ ୩୦ ମିନିଟ୍ ହଲ୍‌ରେ ବନ୍ଦ ରହିଥିଲେ।

# ବର୍ଷ ଶେଷ ସୁଦ୍ଧା ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କୁ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ନୂଆଦିଲ୍ଲୀ,୨୮।୨(ପି.ଟି.)**

ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଅତ୍ୟଧିକ ଆମଦାନୀ ଶୁଳ୍କ ଲଗାଇବା ପାଇଁ ଚେତାବନୀ ଦେଇଥିବାବେଳେ ଏହା ବୈଶ୍ୱିକ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏଭଳି ଆଶଙ୍କା ମଧ୍ୟରେ ଭାରତ ଏବଂ ୟୁରୋପୀୟ ୟୁନିୟନ (ଇୟୁ) ଚଳିତ ବର୍ଷ ଶେଷ ସୁଦ୍ଧା ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମ୍ପୂର୍ଣ୍ଣ କରିବାକୁ ଶୁକ୍ରବାର ସହମତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି। ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବିଶେଷ କରି ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବଢ଼ାଇବା ପାଇଁ ଉଭୟ ନେତା ନିଷ୍ପତ୍ତି ନେଇଛନ୍ତି। ଚୁକ୍ତିନାମା ଚୂଡ଼ାନ୍ତ ହେବା ପରେ ଚଳିତ ବର୍ଷ ଶେଷ ଭାଗରେ ନୂଆଦିଲ୍ଲୀ ଆୟୋଜନ କରିବାକୁ ଯାଉଥିବା ଭାରତ-ଇୟୁ ସମିଟ୍‌ରେ ଏଫ୍‌ଟିଏ ଶୁଭାରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।






# ଚଳିତବର୍ଷ ଦେଶରୁ ଯକ୍ଷ୍ମା ବିଲୋପ ନେଇ କାର୍ଯ୍ୟ ଚାଲିଛି: ନଡ୍ଡା

## ପୁରୀରେ ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟିତ

- ସବୁ ଜିଲାରେ ସ୍ଥାପନ ହେବ 'କ୍ୟାନ୍‌ସର ଡେ କେୟାର ସେଣ୍ଟର'
- ରାଜ୍ୟରେ ୧୩୩୮ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବ: ମୁଖ୍ୟମନ୍ତ୍ରୀ

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଭାରତର ଗ୍ରାମାଞ୍ଚଳ, ଅନୁନ୍ନତ ଅଞ୍ଚଳରେ ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ପାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପୁରୀରେ ଶୁକ୍ରବାର ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କିତ ନବମ ଜାତୀୟ ଶିଖର ସମ୍ମିଳନୀ ଉଦ୍‌ଘାଟନ ଅବସରରେ ସେ କହିଛନ୍ତି, ଟିବି (ଯକ୍ଷ୍ମା), ଫାଇଲେରିଆ ଆଦି ଅନେକ ରୋଗର ସଫଳ ଚିକିତ୍ସା କରାଯାଇ ରୋଗକୁ ନିୟନ୍ତ୍ରଣ କରାଯାଇପାରିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ବ୍ୟାପକ ସଚେତନତା କରାଯାଉଥିବାରୁ ଲୋକେ ବିଭିନ୍ନ ରୋଗ ବିଷୟରେ ସଚେତନ ହେଲେଣି। ଭାରତରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯାଇପାରିଛି। ଦେଶରେ ଯକ୍ଷ୍ମା ଉପରେ ମଧ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆସିଛି। ଆଶା ଅଛି, ୨୦୨୫ରେ ଆମ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏହା ଉପରେ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ନଡ୍ଡା କହିଛନ୍ତି।

ନଡ୍ଡା ପୁଣି କହିଛନ୍ତି, ଭାରତରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବାକୁ ହେଲେ ମୂଳଦୁଆ ମଜବୁତ କରିବାକୁ ପଡ଼ିବ। ଏଥିପାଇଁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସଜାଡ଼ିବା ସହ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ହେବ। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ। ଦେଶରେ ତୃଣମୂଳ ସ୍ତରରେ ଉନ୍ନତ ଚିକିତ୍ସା ସେବା ପହଞ୍ଚାଇବାକୁ ହେଲେ ଆମକୁ ଲୋକପ୍ରତିନିଧିଙ୍କ ସହଯୋଗ ନେବାକୁ ପଡ଼ିବ। ଚଳିତବର୍ଷ ଦେଶର ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ୨୦୦ 'କ୍ୟାନ୍ସର ଡେ କେୟାର ସେଣ୍ଟର' ସ୍ଥାପନ ହେବ। ସେହିପରି ଆସନ୍ତା ୩ବର୍ଷ ମଧ୍ୟରେ ପ୍ରତ୍ୟେକ ଜିଲାରେ 'କ୍ୟାନ୍ସର ଡେ କେୟାର ସେଣ୍ଟର' ସ୍ଥାପନ କରାଯିବ। କେମୋଥେରାପି ସୁବିଧା ନିଜ ଜିଲାରେ ଉପଲବ୍ଧ ହେବ। ଦେଶର ୧ଲକ୍ଷ ୭୬ ହଜାର ଆରୋଗ୍ୟ ମନ୍ଦିରରେ ୩୭ କୋଟି ବ୍ୟକ୍ତିଙ୍କ ମଧୁମେହ, ରକ୍ତଚାପ ଓ ତିନି ପ୍ରକାରର କ୍ୟାନ୍ସର ସ୍କ୍ରିନିଂ କରାଯାଉଛି। ଓଡ଼ିଶା ପୂର୍ବରୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବଦ୍‌ନାମ ଥିଲା। ହେଲେ ବର୍ତ୍ତମାନର ସରକାରଙ୍କ ନିଷ୍ଠାପର ଉଦ୍ୟମ ଓ ଯୋଜନା ଯୋଗୁ ଓଡ଼ିଶା ଏବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗେଇ ଚାଲିଛି, ଯାହାକି ପ୍ରଶଂସାଯୋଗ୍ୟ ବୋଲି ନଡ୍ଡା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ସୁସ୍ଥ ଓ ସବଳ ଭବିଷ୍ୟତ ପାଇଁ ଚାଲିଥିବା ଅଭିଯାନ ସହ ତାଳ ଦେଇ ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ଉନ୍ନତି ଓ ସଂସ୍କାର ଆଣୁଛନ୍ତି। ସରକାର ରାଜ୍ୟବାସୀଙ୍କ ସୁସ୍ଥ ଓ ସମତାପୂର୍ଣ୍ଣ ଭବିଷ୍ୟତ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶା ଏବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗକୁ ଯାଇଛି। ଓଡ଼ିଶାରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରାଯିବ। ଏହାଦ୍ୱାରା ଦେଶର ୨୯ ହଜାର ତାଲିକାଭୁକ୍ତ ଡାକ୍ତରଖାନାରେ ନାଗରିକମାନେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ। ରାଜ୍ୟର ୭,୩୫୮ ପିଏଚ୍‌ସି ଏବଂ ସବ୍‌ସେଣ୍ଟରକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ ବିକଶିତ କରାଯିବ। ରାଜ୍ୟରେ ୧,୩୩୮ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ ହେବ। ଆସନ୍ତା ଶିକ୍ଷାବର୍ଷରେ ଫୁଲବାଣୀ ଓ ଅନୁଗୋଳ ଜିଲାରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ୩୦ ଜିଲାରେ ୧୪ ମେଡିକାଲ କଲେଜ ଓ ହସ୍ପିଟାଲ୍ କରାଯିବ। ୮ଟି ନୂଆ ସରକାରୀ ନର୍ସିଂ କଲେଜ ଖୋଲାଯିବ। ଏହାବ୍ୟତୀତ ୪ଟି ଡେଣ୍ଟାଲ କଲେଜ ପାଇଁ ମଧ ବ୍ୟବସ୍ଥା ରହିଛି। ନିକଟରେ ୩,୫୩୭ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଖୁବ୍‌ଶୀଘ୍ର ଆଉ ୫ ହଜାର ଡାକ୍ତର ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତେ ଖୁସି ହୁଅନ୍ତୁ, ସମସ୍ତେ ରୋଗମୁକ୍ତ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଉଲ୍ଲେଖ କରିଥିଲେ। ସେହିପରି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଜିଲା ହସ୍ପିଟାଲଗୁଡ଼ିକରେ କ୍ୟାନ୍ସର ଚିକିତ୍ସା ଓ କେମୋ ପାଇଁ ବ୍ୟବସ୍ଥା କରାଯାଇଛି। ୯୦.୫% ହାର ସହ ପୂର୍ଣ୍ଣ ଟିକାକରଣ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମେଡିକାଲରେ ପ୍ରସବ ୯୨.୨% ବୃଦ୍ଧି ପାଇଛି। ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁ ହାର କମିଛି। ଓଡ଼ିଶା କ୍ୟାନ୍ସର କେୟାର ପ୍ରୋଗ୍ରାମ ଅଧୀନରେ ୩୨ଟି ସେଣ୍ଟରରେ କେମୋ ଥେରାପି ଉପଲବ୍ଧ ହେଉଛି। ଆଗାମୀ ୨ବର୍ଷରେ ମେଡିକାଲରେ ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ କରାଯିବ। ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବ।

କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ପୁଣ୍ୟ ସଲିଲା ଶ୍ରୀବାସ୍ତବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡି ତଥା ଅତିରିକ୍ତ ସଚିବ ଆରାଧନା ପଟ୍ଟନାୟକ, ଯୁଗ୍ମସଚିବ ସୌରଭ ଜୈନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଅଶ୍ୱଥି. ଏସ୍ ପ୍ରମୁଖଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ଦୁଇଦିନ ଧରି ଚାଲିବ।




ପୁରୀରେ ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୂଚନା ପତ୍ରିକାକୁ ଲୋକାର୍ପଣ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୧୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବ ଏଆଇଡିଏସ୍‌ଓ

ଭୁବନେଶ୍ୱର,୨୮।୨(ସୁଚିସ୍ମିତାସାହୁ)

ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟକୁ ଖୋଲିବା ସହିତ ଶିକ୍ଷକ ଓ ଅଧ୍ୟାପିକା ଏବଂ ଅଧ୍ୟାପିକ ପଦବୀ ପୂରଣ କରିବା ଆଦି ବିଭିନ୍ନ ଦାବି ନେଇ ରାଜ୍ୟରେ ୧୦ ଲକ୍ଷ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ଏହି ଅଭିଯାନ ସହ ମାର୍ଚ୍ଚ ୯ରେ ଲୋହିଆ ଏକାଡେମୀଠାରେ ଏଆଇଡିଏସଓ ପକ୍ଷରୁ ଏକ ଶିକ୍ଷା କନଭେନ୍‌ସନ କରାଯିବ ବୋଲି ଏଆଇଡିଏସଇଓର ଅଫିସ ସମ୍ପାଦକ ନସିମ ସରକାର ଶୁକ୍ରବାର ସୂଚନା ଦେଇଛନ୍ତି। ଅନ୍ୟ ଦାବି ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ସମସ୍ତ ବସ୍‌ରେ ଫ୍ରି ବସ୍ ପାସ୍ ଯୋଗାଇଦେବା, ୟୁଜିସି ଚିଠା ନିୟାମକ -୨୦୨୫ ଏବଂ ଜାତୀୟ ଶିକ୍ଷା ନୀତି -୨୦୨୦ ବାତିଲ କରିବା, ପ୍ରଥମ ଶ୍ରେଣୀରୁ ପାସ୍ - ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା, ଅଶ୍ଳୀଳତା, ଅପସଂସ୍କୃତି ଓ ମଦ ମାଦକ ଦ୍ରବ୍ୟର ପ୍ରଚାରପ୍ରସାର ବନ୍ଦ କରିବା ଆଦି ଦାବିକୁ ନେଇ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ଏହି ଶିକ୍ଷା କନଭେନ୍ସନରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଛାତ୍ର, ଶିକ୍ଷକ, ଅଭିଭାବକ ପ୍ରତିନିଧି ଭାବେ ଯୋଗ ଦେବେ। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଶିକ୍ଷା-ସଂସ୍କୃତି-ମାନବତାର ସୁରକ୍ଷା ପାଇଁ ରାଜ୍ୟର ଛାତ୍ର ସମାଜ ତଥା ଶିକ୍ଷା ପ୍ରେମୀଙ୍କୁ ଏକ ପ୍ରେସ ବିବୃତ୍ତି ଜରିଆରେ ଆବେଦନ କରିଛନ୍ତି।

# ଏ ବର୍ଷ ଅଧିକ ଦିନ ଗ୍ରୀଷ୍ମ ଲହରି

## ୩୭ ଡିଗ୍ରୀରେ ଝାରସୁଗୁଡ଼ା, ଆହୁରି ବଢ଼ିବ

ଭୁବନେଶ୍ୱର,୨୮।୨
(ଅନୁରାଧା ମହାରଣା)

ରାଜ୍ୟରେ ପୁଣି ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ମାର୍ଚ୍ଚ ପୂର୍ବରୁ ଡହ ଡହ ଖରା ଡରାଉଛି। ଶୁକ୍ରବାର ୭ ସହରର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିଲା। ସେହିଭଳି ୯ ସହରର ତାପମାତ୍ରା ୩୫ରୁ ୩୬ ଡିଗ୍ରୀ ମଧ୍ୟରେ ରହିଥିବା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୩୭ଡିଗ୍ରୀ ଓ ସର୍ବନିମ୍ନ ରାତି ତାପମାତ୍ରା ରାଉରକେଲାରେ ୧୫.୦ଡିଗ୍ରୀ ରହିଥିଲା। ତେବେ ଶନିବାରଠାରୁ ପରବର୍ତ୍ତୀ ୪ରୁ ୫ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆଗକୁ ଗ୍ରୀଷ୍ମ ପ୍ରକୋପ ଆହୁରି ବଢ଼ିବ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଥିବାରୁ ଚିନ୍ତା ବଢ଼ିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଏବର୍ଷ ଗ୍ରୀଷ୍ମ ଲହରୀ ଅବଧି ବଢ଼ିବ। ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ଜାରି ରହିବ। ଫଳରେ ସ୍ୱାଭାବିକଠାରୁ ଅଧିକ ତାତି ଅନୁଭୂତ ହେବାର ସମ୍ଭାବନା ରହିଥିବା କୁହାଯାଇଛି।

# ରାଜ୍ୟରେ ବୀମା କଭରେଜ୍‌ରୁ ବଞ୍ଚିତ ୬୧.୫୭ ଲକ୍ଷରୁ ଅଧିକ ଯାନ

ଭୁବନେଶ୍ୱର,୨୮।୨(ସୁନିତ୍ ମିଶ୍ର)

ମୋଟରଯାନ ଆଇନ ୧୯୮୮ର ଧାରା ୧୬୪ ଅନୁଯାୟୀ ଯାନବାହନ ମାଲିକ କିମ୍ବା ଅଧିକୃତ ବୀମାକାରୀଙ୍କୁ ମୃତ୍ୟୁ କ୍ଷେତ୍ରରେ ୫ ଲକ୍ଷ ଏବଂ ପୀଡ଼ିତ କିମ୍ବା ସେମାନଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଗୁରୁତର ଆଘାତ ପାଇଁ ୨.୫ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। ଓଡ଼ିଶାରେ ୫୯% ଯାନବାହନ ବୀମାଭୁକ୍ତ ହୋଇନାହାନ୍ତି, ଯାହା ଫଳରେ ଅନେକ ଯାନବାହନ ମାଲିକ ଆର୍ଥିକ ବିପଦ ଏବଂ ଆଇନଗତ ପରିଣାମର ସମ୍ମୁଖୀନ ହେଉଛନ୍ତି। ପଞ୍ଜୀକୃତ ୧.୦୩ କୋଟି ଯାନ ମଧ୍ୟରୁ ୬୧.୫୭ ଲକ୍ଷରୁ ଅଧିକ ଯାନ ବୀମା କଭରେଜ୍‌ରୁ ବଞ୍ଚିତ, ଯେଉଁଥିଲାଗି ସଚେତନତା ଏବଂ କାର୍ଯ୍ୟାନ୍ୱୟନର ଜରୁରୀ ଆବଶ୍ୟକତା ରହିଛି। ବୀମା ସଂସ୍କାରକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଖାରବେଳ ଭବନର ୫ମ ମହଲା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ପ୍ରଚଳିତ ପ୍ରକ୍ରିୟାଗୁଡ଼ିକର ସଂସ୍କାର, ନିୟାମକ ନମନୀୟତା ବୃଦ୍ଧି ଏବଂ ଦାବିର ସୁଗମତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଭାଗୀୟ ସଚିବ ଏହି ଅବସରରେ ବୀମା ସମାଧାନ ପାଇଁ ଏକ ଦକ୍ଷ, ନାଗରିକ-ଅନୁକୂଳ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ସମାନ କାର୍ଯ୍ୟକାରିତା ପାଇଁ ଏକ କଷ୍ଟୋମାଇଜଡ୍ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ବିକଶିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ପକ୍ଷରୁ ସମସ୍ତ ଅଂଶୀଦାରଙ୍କୁ ଚୂଡ଼ାନ୍ତ ଏସ୍‌ଓପି ଜାରି କରିବ, ଯାହା ଦାବି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଏବଂ ସମନ୍ୱୟ ରଖିବ। ବୀମା ସୁଗମତାକୁ ସୁଦୃଢ଼ କରିବା ପାଇଁ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଅଧୀନରେ ୫ଟି ପ୍ରମୁଖ ବୀମା କମ୍ପାନୀକୁ ତାଲିକାଭୁକ୍ତ କରାଯାଇଛି। ତଥ୍ୟ ଅନୁଯାୟୀ, ୬.୭୭ କୋଟି ମୂଲ୍ୟର ଦାବି ଦାଖଲ କରାଯାଇଛି, ୧.୪୫ କୋଟି ପୂର୍ବରୁ ସମାଧାନ କରାଯାଇଛି। ସରକାର ବୀମା କମ୍ପାନୀଗୁଡ଼ିକ ସହ ପରାମର୍ଶକରି ଏକ ଅନ୍‌ଲାଇନ ପୋର୍ଟାଲ ଇ-ଡିଏଆର୍ (ଇଲେକ୍ଟ୍ରୋନିକ୍ ବିସ୍ତୃତ ଦୁର୍ଘଟଣା ରିପୋର୍ଟ) ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ସଡ଼କ ଦୁର୍ଘଟଣା ତଥ୍ୟର ତୁରନ୍ତ ପ୍ରବେଶ ପ୍ରଦାନ କରିବ, କ୍ଷତିପୂରଣ ଦାବିକୁ ତ୍ୱରାନ୍ୱିତ କରିବ ଏବଂ ପୀଡ଼ିତଙ୍କ ପରିବାରକୁ ଅତ୍ୟନ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବ। ବୈଠକରେ ଓଏସ୍‌ଆର୍‌ଟିସି ସିଏମ୍‌ଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଏମ୍‌ଡି କ୍ରୁଟ୍ ଏନ୍. ତିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୪-୨୫ ବର୍ଷ ପାଇଁ ଇପିଏଫ୍ ସୁଧ ହାର ୮.୨୫% ରହିଲା

ନୂଆଦିଲ୍ଲୀ,୨୮।୨

କର୍ମଚାରୀମାନଙ୍କର ୨୦୨୪-୨୫ ଆର୍ଥିକ ବର୍ଷର ଇପିଏଫ୍ ଜମା ରାଶି ଉପରେ ସୁଧ ହାର ୮.୨୫ ପ୍ରତିଶତ କାଏମ ରଖିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଶୁକ୍ରବାର ନିଷ୍ପତ୍ତି ନେଇଛି। ଫଳରେ ଦେଶର ୭ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ କର୍ମଚାରୀ ଉପକୃତ ହେବେ। ୨୦୨୨-୨୩ ବର୍ଷରେ ସୁଧହାର ୮.୧୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାକୁ ୮.୨୫ ପ୍ରତିଶତକୁ ବଢ଼ାଇବା ନିମନ୍ତେ ଗତବର୍ଷ ଫେବୃଆରୀରେ ନିଷ୍ପତ୍ତି ନିଆଯାଇଥିଲା। ୨୦୨୪-୨୫ ବର୍ଷରେ ମଧ ସମାନ ସୁଧହାର ବଳବତ୍ତର ରଖିବା ପାଇଁ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ସୁପାରିସ୍ କରିଥିଲା ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବସିଥିବା ସିବିଟିର ୨୩୭ତମ ବୈଠକରେ ସୁଧହାର ୮.୨୫% ରଖିବାକୁ ନିଷ୍ପତ୍ତି ନିଆଯାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବୁଲ୍‌ସଆଇ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା 'ତେଜସ୍ୱିନୀ', ସ୍ଥାନ: ଧଉଳି ଚାରୁକଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ଏକାମ୍ର ହାଟ, ସମୟ: ପୂର୍ବାହ୍ନ ୧୧ଟା।
- ନେପାଳୀ ସମାଜ ଏବଂ ଓଡ଼ିଶା ଜନ ଆନ୍ଦୋଳନ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ, ସ୍ଥାନ: ବେଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଶ୍ରୀରାମ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ ପରିସର, ସମୟ: ରାତି ୭ଟା।

## କଟକ

- କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳାର ଅନ୍ତିମ ଦିବସ, ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଥାକାର କିଶୋରୀ ଚରଣ ଦାସଙ୍କ ୧୦୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ଆଧ୍ୟାତ୍ମିକ ସଭା, ସ୍ଥାନ: କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପୁରୀ ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ, ସ୍ଥାନ: ବାର୍ ଆସୋସିଏଶନ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ବଜେଟ ସମ୍ପର୍କିତ ଆଲୋଚନା ବୈଠକ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସୁଭଦ୍ରା ଶକ୍ତିମେଳା, ସ୍ଥାନ: ତାଳବଣିଆ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଦେଉଳଟାଙ୍ଗୀ ପଡ଼ିଆ, ସମୟ: ସକାଳ ୯ଟା।
- ମା'ଦକ୍ଷିଣକାଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନିରଞ୍ଜନପୁର ମା'ଦକ୍ଷିଣକାଳୀ ପୀଠ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ ଭବନ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କର୍ଣ୍ଣ, ନାସା, ଗଳା ବିଭାଗର କର୍ମଶାଳା, ସ୍ଥାନ: ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୫୦ତମ ଫେସବୁକ୍ କବିତା ଆସର, ସ୍ଥାନ: ଉତ୍କଳା ମଞ୍ଚ, ନୋସି ବିଜିନେସ ପାର୍କ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ

- ମା' ସାହାଡ଼ାଶୁଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋହ୍ଲ, ତିହିଡ଼ି, ସମୟ: ସକାଳ ୭ଟା।
- ନବଗ୍ରହ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ତେନ୍ତୁଲିଆ ନବଗ୍ରହ ମନ୍ଦିର, ବାସୁଦେବପୁର, ସମୟ: ସକାଳ ୯ଟା।
- ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ହୃଦାନନ୍ଦ ମଲ୍ଲିକଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଚନ୍ଦ୍ରଭାନୁପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: ତରତରା ଛକ, ଛେନାପଦି, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରାମୀଣ ଆବାସ ପ୍ରଗତି ସ୍ଥିତି ସମ୍ପର୍କିତ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ସ୍ମୃତି ସଭା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ପଡ଼ିଆରୀପଲ୍ଲୀ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା ଏବଂ ଭଜନ, ସ୍ଥାନ : ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ : ସକାଳ ୮ ଟା ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ:ପାଟପୁର ପଡ଼ିଆ, ଉଦଳା,ସମୟ: ପୂର୍ବାହ୍ନ ୧୧ଟା। ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ, ସମୟ: ଅପରାହ୍ନ ୪ଟା ୫୦।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଜାଗର ମେଳା, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା ବ୍ଲକ ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା,ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା,ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା, ସ୍ଥାନ: ବାବା ବୁଢେଶ୍ୱର ମହାଦେବଙ୍କ ମନ୍ଦିର ଦେବଶୂଳ, ରାସଗୋବିନ୍ଦପୁର,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।

## ଜଗତ୍‌ସିଂହପୁର

- ଭାରତୀୟ ମଜ୍‌ଦୁର ସଂଘ(ବିଏମ୍‌ଏସ୍)ର ୧୧ତମ ସର୍ବଭାରତୀୟ ତ୍ରୈବାର୍ଷିକ ଦୁଇ ଦିନିଆ ସମ୍ମିଳନୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜାଗର ଯାତ୍ରାର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକର କନ୍ଧମିରିଗି, ସମୟ: ପୂର୍ବାହ୍ନ ୧୧ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସପ୍ତମ ଦିବସରେ ମହିଳା ପ୍ରଦର୍ଶନୀ ମ୍ୟାଚ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## ରାୟଗଡ଼ା

- ନୂତନ ବିଗ୍ରହ ଗୁଡିକ ପ୍ରାଣ ପ୍ରତିଷ୍ଠା, ସ୍ନାନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ସକାଳ 7 ଟା।
- ପଞ୍ଚାୟତ ବିକାଶ ସୂଚକାଙ୍କ ଉପରେ ବ୍ଲକସ୍ତରୀୟ ତାଲିମ, ସ୍ଥାନ: ବ୍ଲକ୍ ସଦ୍‌ଭାବନା ସଭା ଗୃହ, ରାୟଗଡା, ସମୟ : ସକାଳ ୨ ଟା।
- ପ୍ରାକୃତିକ କୃଷି ପଦ୍ଧତି ଯୋଜନା ସମ୍ପର୍କିତ କର୍ମଶାଳା, ସ୍ଥାନ: ମୁନିଗୁଡା କମ୍ୟୁନିଟି ହଲ ସଭାଗୃହ, ସମୟ ; ପୂର୍ବାହ୍ନ ୧୦ଟା।

## କୋରାପୁଟ

- ମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସେମିଳିଗୁଡା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ : ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, କୋରାପୁଟ, ସମୟ: ସକାଳ ୯ଟା।
- ବଜେଟ୍ ନେଇ ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାରସ୍ୱତ ସମାରୋହ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦ ।
- ସମ୍ବଲପୁର ସେଲିବ୍ରିଟି କ୍ରିକେଟ ଲିଗ୍ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଦିଶା ବୈଠକ ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଶିବ ପ୍ରସାଦ ପାଣ୍ଡିଆ ଜନ୍ମ ଶତବାର୍ଷିକୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୪୫ ମିନିଟ ।
- ବଲାଙ୍ଗୀର ବହିହାଟ ଷଷ୍ଠ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ଣ ୨ଟା ।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଉଦିତନଗର, ସମୟ: ସକାଳ ୬ଟା ୩୦।
- ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଆନ୍ତର୍ଜାତିକ ମହିଳା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ବୈତାଳୀ ପ୍ରାଥମିକ ସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ମହିଳା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଅମଠି ପ୍ରାଥମିକ ସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ଝାରବନ୍ଧ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଚିତ୍ରଗୁପ୍ତଙ୍କ ବିଗ୍ରହ ପ୍ରତିଷ୍ଠା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା କରଣ ସମାଜ କଲ୍ୟାଣ ମଣ୍ଡପ ପରିସର, ସମୟ: ଅପରାହ୍ନ ୫ଟା।
- ନାଗରିକ ମଞ୍ଚ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲା ପରିଷଦର ସାଧାରଣ ପରିଷଦ ବୈଠକ, ସ୍ଥାନ: ପଞ୍ଚାୟତ ଭବନ ଜିଲା ପରିଷଦ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତସଙ୍ଗ ମହୋତ୍ସବ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: , ତିଲେଇବଣି ବ୍ଲକ, ସୁଗୁଡ଼ା ଗ୍ରାମ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହା ଶିବରାତ୍ରି ଉପଲକ୍ଷେ ଭଜନ ସନ୍ଧ୍ୟା, ପୁରୀ, ଅପେରା କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ, ନିକ୍ତିମାଳ ଗ୍ରାମ, ସିଦ୍ଧେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସପ୍ତାହ ପାରାୟଣ, ସ୍ଥାନ: ବଡ଼ମାଳ–ବହଲପଦର ମଠ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୧୦ଟା।
- ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ବୈଠକ, ସ୍ଥାନ: ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସର, ସମୟ: ଅପରାହ୍ନ ୫ଟା ୩୦।
- ରାମାୟଣ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ,ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ସାପ୍ତାହିକ ବଜାର ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୧୮।

## ଝାରସୁଗୁଡ଼ା

- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଖେରୁଆଲ, ସମୟ: ସକାଳ ୮ଟା।
- ଜଙ୍ଗଲ ନିଆଁ ଉପଲକ୍ଷେ ସଚେତନତା ସଭା, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ପ୍ରଭାବରୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଆନନ୍ଦଦାୟକ ରହିବ। ଅର୍ଥ, ସମ୍ମାନ ଲାଭ ସାଙ୍ଗକୁ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆତ୍ମୀୟସ୍ୱଜନ ସୁବିଧାବାଦୀ ଭଳି କାମ କଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡ଼ିବ ନାହିଁ। ସାମାଜିକ କାର୍ଯ୍ୟ କିମ୍ବା ଧର୍ମାନୁଷ୍ଠାନ ଦିଗରେ ଆଗ୍ରହ ପ୍ରକାଶ କରିପାରନ୍ତି।

**ବୃଷ** ଏକାଦଶସ୍ଥ ବୁଧ ଯୋଗୁ ଅର୍ଥଲାଭର ଆଶା ବ୍ୟର୍ଥ ଯିବନାହିଁ ଏବଂ କାର୍ଯ୍ୟସିଦ୍ଧି ଘଟିବ। କିନ୍ତୁ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଷ୍ଟକର ହେବ। ସନ୍ତାନଙ୍କ ଶିକ୍ଷା, ପରୀକ୍ଷାରେ ଆଶାନୁରୂପ ଫଳ ଲାଭର କ୍ଷୀଣ ଆଶା ଚିନ୍ତାକରି ବ୍ୟଥିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା କେତେକାଂଶରେ ଭଲ ରହିବ।

**ମିଥୁନ** କର୍ମସ୍ଥାନରେ ରାହୁ ଓ ଶୁକ୍ର ସହିତ ବୁଧ ହେତୁ ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ତୀର୍ଥାଟନାଦି ଦିଗରେ ମାନସିକ ପ୍ରସ୍ତୁତି ଚଳାଇବେ।

**କର୍କଟ** ରାଶ୍ୟାଧିପ ଅଷ୍ଟମସ୍ଥ ହୋଇ ଶନି ଯୁକ୍ତ କାରଣରୁ ଆପଣଙ୍କ ପ୍ରତ୍ୟେକ ଆଶା ଅପୂରଣ ରହିପାରେ। ଅବଶ୍ୟ ଆନୁଷଙ୍ଗିକ ଅନୁକୂଳ ପରିବେଶ ମଧ୍ୟରେ ଇପ୍ସିତ ଦ୍ରବ୍ୟଲାଭ କରିବେ। ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍‌ବ୍ୟବହାରରେ ଅସୁବିଧା ହେବନାହିଁ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହୋଇପାରନ୍ତି।

**ସିଂହ** ଶନି ଓ ଚନ୍ଦ୍ର ସଂଯୋଗ ଯୋଗୁ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ବ୍ୟବସାୟିକ ଦୃଷ୍ଟିକୋଣରୁ କିଣା ବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ଆପଣଙ୍କ କାର୍ଯ୍ୟଦକ୍ଷତା ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବ। ଅବହେଳାରୁ କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** ରାଶିରେ କବନ୍ଧଗ୍ରହ କେତୁ ହେତୁ ସ୍ୱାସ୍ଥ୍ୟ, ଶତ୍ରୁତା, ବିବାଦ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଜମା ଟଙ୍କାରୁ କିମ୍ବା ବ୍ୟାଙ୍କସୂତ୍ରରୁ ଅଥବା ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ଅସୁବିଧା କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବାର ସୁଯୋଗ ପାଇବେ। ମାନସିକ ଅସ୍ଥିରତା ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**ତୁଳା** କର୍ମାଧିପ ନିଜ ଭାବରୁ ଅଷ୍ଟମସ୍ଥ ହୋଇଥିବାରୁ କାମ ଶୃଙ୍ଖଳିତ ହୋଇ ନ ପାରେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ସାମାନ୍ୟ ବିଳମ୍ବିତ ସମୟରେ ଲକ୍ଷ୍ୟ ହାସଲ କରି ଉପକୃତ ହୋଇପାରନ୍ତି। ବନ୍ଧୁଙ୍କ ସହାୟତା ନେଇ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଆନୁଷ୍ଠାନିକ କାମ ପରିସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** ମଙ୍ଗଳ ଅଷ୍ଟମ ଭାଗରେ ଥିବାରୁ ଭାବିଚିନ୍ତି କଥା ନ କହିଲେ ଓଲଟା ବୁଝାମଣା ଅନର୍ଥ ସୃଷ୍ଟିକରିବ। ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କ ଅନୁରୋଧରେ ସହଯାତ୍ରୀ ଭାବରେ ଦୂରସ୍ଥାନକୁ ଯାଇପାରନ୍ତି।

**ଧନୁ** ସ୍ୱଗୃହୀ ତୃତୀୟସ୍ଥ ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ମନ୍ଥରତା ପରିଲକ୍ଷିତ ହେବ। ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ। ପରିବାରର ସହମତିରେ କାମ କଲେ ଆଶା ପୂରଣ ହେବ। କିନ୍ତୁ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** ଦୁଃସ୍ଥାନରେ ମଙ୍ଗଳ ଅବସ୍ଥାନ କରିଥିବାରୁ ପାରିବାରିକ ଜୀବନରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** କୋଣଭାବସ୍ଥ ଭୂମିପୁତ୍ର ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଲକ୍ଷ୍ୟ ପୂରଣ କରିପାରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ଦେଇଥିବା ଜିନିଷ ଠିକ୍ ସମୟରେ ନ ପାଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ।

**ମୀନ** ରାଶିରେ ଏକାଧିକ ଗ୍ରହ ସହିତ ରାହୁ ଥିବାରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପୂର୍ବପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ମାର୍ଚ୍ଚ ୧ ତାରିଖ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା, ଶନିବାର। ରାଶିନକ୍ଷତ୍ର–ଦିବା ଘ.୧୧।୨୨ମି. ପର୍ଯ୍ୟନ୍ତ, ପୂର୍ବଭାଦ୍ର/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୧ ମି. ଗତେ ଘ. ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୪ ଗତେ ଘ.୧୦।୩୧ ମଧ୍ୟେ ରାହୁ କାଳ।

# ଟ୍ରକ୍ ପଛକୁ ପିଟିଲା ସ୍କର୍ପିଓ : ୩ ମୃତ

ବରଗଡ଼/ସୋହେଲା,୨୮।୨ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)

ବରଗଡ଼–ପଦ୍ମପୁର ରାସ୍ତାର ମେଲଛାମୁଣ୍ଡା ଥାନା ଘେଁସ୍‌ଠାରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛପଟୁ ସ୍କର୍ପିଓ ଧକ୍କା ଦେଇଥିଲା। ଫଳରେ ସ୍କର୍ପିଓରେ ଥିବା ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲା ଝିକାବାହାଲ ଗ୍ରାମର ଅଂଶୁମାନ ବେହେରା(୧୧), ତାଙ୍କ ମା' ଲିଲି ବେହେରା(୩୫) ଏବଂ ସ୍କର୍ପିଓ ଡ୍ରାଇଭର ଉଦୟ ସିଂ ସିଧାର(୪୦)। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୃତ ଅଂଶୁମାନଙ୍କ ଭଉଣୀ ଅଂଶିକା(୭) ଏବଂ ବାପା ନୈମିଶ(୪୨)। ସେମାନଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ସମୟରେ ପରିବାର ୪ଜଣ ସଦସ୍ୟ ଏକ ସ୍କର୍ପିଓ ଗାଡି ନଂ. ସିଜି୧୩ଏୱାଇ ୯୦୫୪ରେ ପଦ୍ମପୁର ପାଖ ସତିଆଁ ଗ୍ରାମକୁ ଯାଉଥିଲେ। ନୈମିଶ ପରିବାର ଲୋକଙ୍କ ସହିତ ଉକ୍ତ ଗ୍ରାମର ତାଙ୍କ ଶ୍ୱଶୁର ଘରକୁ ଆସୁଥିଲେ। ମାତ୍ର ଘେଁସ୍ ନିକଟ ଏକ ଢାବା ଆଗରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ (ନଂ–ସିଜି୦୬ଜିଜେଡ୍ ୯୨୦୦) କୁ ପଛପଟୁ ସ୍କର୍ପିଓ ଧକ୍କା ଦେଇଥିଲା। ଫଳରେ ସ୍କର୍ପିଓର କିଛି ଅଂଶ ଟ୍ରକ ପଛପଟକୁ ପଶି ଯାଇଥିଲା। ଖବର ପାଇ ମେଲଛାମୁଣ୍ଡା ଥାନା ପୋଲିସ, ଅଗ୍ନିଶମ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ମୃତାହତଙ୍କୁ ଉଦ୍ଧାର କରି ପ୍ରଥମେ ସୋହେଲା ଡାକ୍ତରଖାନାକୁ ଆଣିଥିଲେ। ତେବେ ଅଂଶୁ ଏବଂ ଲିଲିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅନ୍ୟ ୩ଜଣଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍କର୍ପିଓ ଡ୍ରାଇଭର ଉଦୟଙ୍କୁ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସୋହେଲା ଥାନା ପୋଲିସ ଏ ନେଇ ଏକ ମାମଲା(ନଂ–୩୯/୨୫) ରୁଜୁ ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି।

# ପ୍ରଥମ ପୃଷ୍ଠାରୁ...

## ହ୍ୱାଇଟ୍ ହାଉସ୍‌ରେ ...

ଟ୍ରମ୍ପ୍ ନକାରାତ୍ମକ ଆଭିମୁଖ୍ୟ ଦେଖାଇଛନ୍ତି। ଓଭାଲ ଅଫିସରେ ୪୫ ମିନିଟ୍ ଧରି ଚାଲିଥିବା ଆଲୋଚନା ବେଳେ ଜେଲେନ୍‌ସ୍କି ଟ୍ରମ୍ପଙ୍କୁ ରୁଷିଆ–ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ମାଗିଥିଲେ। ଜେଲେନ୍‌ସ୍କି କହିଥିଲେ, ପୁଟିନ ଜଣେ ଆତଙ୍କବାଦୀ। ଜଣେ ହତ୍ୟାକାରୀଙ୍କ ସହ ୟୁକ୍ରେନ୍ ଓ ବିଶ୍ୱ ସାଲିସ୍ କରିବାର ଆବଶ୍ୟକତା ନାହିଁ। ଯୁଦ୍ଧ ଚାଲିଥିବାବେଳେ ମଧ୍ୟ ଅନେକ ନିୟମ କାର୍ଯ୍ୟକାରୀ ହୋଇଥାଏ।

ଟ୍ରମ୍ପ୍ ଏଥିରେ ଉତ୍‌କ୍ଷିପ୍ତ ହୋଇ ଜେଲେନ୍‌ସ୍କିଙ୍କୁ କହିଥିଲେ, ଆପଣ ଅନେକ ନିୟୁତ ଲୋକଙ୍କ ଜୀବନକୁ ନେଇ ଜୁଆ ଖେଳୁଛନ୍ତି। ଏଭଳି କାର୍ଯ୍ୟ ତୃତୀୟ ବିଶ୍ୱଯୁଦ୍ଧକୁ ଉସୁକାଇପାରେ। ଉପରାଷ୍ଟ୍ରପତି ଭାନ୍ସ ମଧ୍ୟ ଜେଲେନ୍‌ସ୍କିଙ୍କୁ କହିଥିଲେ, ଆପଣ ଓଭାଲ ଅଫିସକୁ ଆସି ଆମେରିକୀୟ ଗଣମାଧ୍ୟମ ସମ୍ମୁଖରେ ଟ୍ରମ୍ପଙ୍କୁ ଅପମାନିତ କରିବା ଏକ ଅଶିଷ୍ଟ ଆଚରଣ। ଜେଲେନ୍‌ସ୍କି ଆପତ୍ତି ଜଣାଉଥିବାବେଳେ ଟ୍ରମ୍ପ୍ ଉଚ୍ଚ ସ୍ୱରରେ କହିଲେ, ଆପଣ ଯାହା କରୁଛନ୍ତି,ତାହା ଆମେରିକା ପ୍ରତି ଅସମ୍ମାନ। ଏହି ଦେଶ ଆପଣଙ୍କୁ ଅନେକ ସାହାଯ୍ୟ କରିଛି। ରୁଷିଆର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ୟୁକ୍ରେନ୍ ଆମେରିକାଠାରୁ ପାଇଥିବା ସହଯୋଗକୁ ଟ୍ରମ୍ପ୍ ଏକ ଋଣ ମନେକରି ଏହା ବିନିମୟରେ ଜେଲେନ୍‌ସ୍କିଙ୍କ ସହ ତାଙ୍କ ଦେଶରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଡିଲ୍ କରିବାକୁ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏପରି କହିଥିବା କୁହାଯାଉଛି। ଏଭଳି ସ୍ଥିତିରେ ଟ୍ରମ୍ପ୍ ୟୁକ୍ରେନ୍‌କୁ କିଛି ମାତ୍ରାରେ ସାମରିକ ସହାୟତା ଦେଇ ଅଧିକ ହାସଲ କରିବାକୁ ଚାହିଁଛନ୍ତି, ଯାହାକି ତାଙ୍କ ପୂର୍ବ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଏହା ପୂର୍ବରୁ ଟ୍ରମ୍ପ୍ କହିଥିଲେ, ୟୁକ୍ରେନ୍‌କୁ ଆମେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଯାଉନାହୁଁ। ଆମେ ଯୁଦ୍ଧ ଶେଷ କରିବାକୁ ଚାହୁଁଛୁ, ଯାହା ପରେ ଅନେକ କିଛି କରିପାରିବୁ। କିନ୍ତୁ ଜେଲେନ୍‌ସ୍କି ରିହାତି ଦାବି କରିବା ଅବସ୍ଥାରେ ନାହାନ୍ତି। ଜେଲେନ୍‌ସ୍କି ତାଙ୍କ କଥାକୁ ନେଇ ଯୁକ୍ତି କରିବା ପରେ ଟ୍ରମ୍ପ୍ ଅଙ୍ଗୁଳି ଦେଖାଇଥିଲେ। ଜେଲେନ୍‌ସ୍କିଙ୍କ ବ୍ୟବହାରକୁ ଭାନ୍ସ ନାପସନ୍ଦ କରିବା ପରେ ଟ୍ରମ୍ପ୍ କହିଥିଲେ, ଯାହା ଚାଲିଛି ଆମେରିକୀୟମାନେ ତାକୁ ଦେଖିବା ଦରକାର। ଆପଣ କୃତଜ୍ଞ ହେବା ପରିବର୍ତ୍ତେ ଟେଲିଭିଜନ ସମ୍ମୁଖରେ ଡ୍ରାମା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୪ ଫେବୃଆରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଜେଲେନ୍‌ସ୍କିଙ୍କ ଏହା ହେଉଛି ୫ମ ହ୍ୱାଇଟ୍ ହାଉସ୍ ଗସ୍ତ। ଏହା ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅମଳରେ ସେ ୪ ଥର ହ୍ୱାଇଟ୍ ହାଉସ୍ ଯାଇଥିବାବେଳେ ଟ୍ରମ୍ପ୍ ନୂଆ ରାଷ୍ଟ୍ରପତି ହେବା ପରେ ତାଙ୍କ ସହ ପ୍ରଥମ ସାକ୍ଷାତ। ଏଭଳି ଅରୁଚିକର ଓ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତାଳାପ ଭିତରେ ୟୁକ୍ରେନ–ଆମେରିକା ମଧ୍ୟରେ ପ୍ରସ୍ତାବିତ ମିନେରାଲ୍ସ ଡିଲ୍ ସମ୍ପନ୍ନ ହୋଇ ନ ଥିବା ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ରିପବ୍ଲିକାନ୍ ଟ୍ରମ୍ପ୍ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। ଇତିମଧ୍ୟରେ ସେ ଜେଲେନ୍‌ସ୍କିଙ୍କୁ ଜଣେ ହାସ୍ୟାଭିନେତା ଓ ବିନା ନିର୍ବାଚନରେ ଏକଛତ୍ରବାଦୀ ଭାବେ ଅଭିହିତ କରି ଆମେରିକାଠାରୁ ସେ ଅନେକ ବିଲିୟନ ଡଲାର ଖସାଇ ନେଇଥିବା ସମାଲୋଚନା କରିଥିଲେ। ଏହାର ଜବାବରେ ଜେଲେନ୍‌ସ୍କି କହିଛନ୍ତି, ଟ୍ରମ୍ପ୍ ପୁଟିନ୍‌ଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏକ ବିଭ୍ରାନ୍ତିକର ପରିବେଶରେ ଜୀଉଁଛନ୍ତି। ଏଭଳି ସମୟରେ ୟୁକ୍ରେନୀୟମାନେ ଆଶଙ୍କା କରୁଛନ୍ତି, ତରବରିଆ ଭାବେ କରାଯାଉଥିବା ଏହି ଶାନ୍ତି ଉଦ୍ୟମରୁ ରୁଷିଆ ଲାଭାନ୍ୱିତ ହେବ। ରୁଷିଆର ଅନେକ ଦାବି ପୂରଣ ହେବା ଦ୍ୱାରା ମସ୍କୋ ପୁନର୍ବାର ଅସ୍ତ୍ର ଧରି ଭବିଷ୍ୟତରେ ୟୁକ୍ରେନ୍‌କୁ ଆକ୍ରମଣ କରିବାରେ ସକ୍ଷମ ହେବ।

## ମାର୍ଚ୍ଚ ୮ରେ ମିଳିବ ...

କୋଟିଏ ମହିଳାଙ୍କ ପାଖରେ ଏହି ଟଙ୍କା ପହଞ୍ଚାଇବାରେ ସକ୍ଷମ ହେବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଏକାସଙ୍ଗେ କୋଟିଏ ମହିଳାଙ୍କୁ ଏହି ରାଶି ଦିଆଯିବ। ସୂଚନାଯୋଗ୍ୟ, ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା ୪ଟି ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରଥମ କିସ୍ତି ଟଙ୍କା ପାଇବାରୁ ପ୍ରାୟ ୨ ଲକ୍ଷ ମହିଳା ବାଦ୍ ପଡ଼ିଥିଲେ। ତେଣୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କ ଖାତାକୁ ଏକାସଙ୍ଗେ ୨ଟି ଯାକ କିସ୍ତିର ୧୦ ହଜାର ଟଙ୍କା ଆକାଉଣ୍ଟକୁ ଦିଆଯିବ। ପ୍ରଥମ କିସ୍ତିର ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳାଙ୍କୁ ଦ୍ୱିତୀୟ କିସ୍ତି ବାବଦକୁ ୫ ହଜାର ଟଙ୍କା ମିଳିବ। ଯେଉଁମାନଙ୍କ ଆକାଉଣ୍ଟରେ ଏନ୍‌ସିପିଆଇ ଏବଂ କେୱାଇସି ସମସ୍ୟା ଥିଲା ମାର୍ଚ୍ଚ ୮ଟିରେ ସେମାନଙ୍କୁ ଦୁଇଟି ଯାକ କିସ୍ତିର ଅର୍ଥ ଯିବ।

# ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ହେଲେ ମାନ୍‌ସୀ ନିମ୍ଭାଲ

## ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ

■ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଏମ୍‌ଡି ହେଲେ ସମର୍ଥ ବର୍ମା

ଭୁବନେଶ୍ୱର,୨୮।୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ପାଠ ପଢ଼ିବା ପାଇଁ ଛୁଟିରେ ଥିବା ୨୦୧୦ ଆଇଏଏସ୍ ଅଫିସର ମାନ୍‌ସୀ ନିମ୍ଭାଲଙ୍କୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ ଅତିରିକ୍ତ ଭାବେ ରାଜ୍ୟ ପର୍ଯ୍ୟଟନ, ଉନ୍ନୟନ କର୍ପୋରେଶନର ମ୍ୟାନେଜିଂ ଡାଇରେକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ସମର୍ଥ ବର୍ମାଙ୍କୁ ଟେକ୍ନିକାଲ୍ ଏଜୁକେଶନ ଆଣ୍ଡ ଟ୍ରେନିଂର ନିର୍ଦ୍ଦେଶକ ଏବଂ ଅତିରିକ୍ତ ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଏମ୍‌ଡି ଭାବେ ଦାୟିତ୍ୱ ମିଳିଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଫିସର ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରବୀଣ କୁମାର ନାଏକଙ୍କୁ ଗଜପତି ଜିଲା ଏଡିଏମ୍, ସରୋଜ କୁମାର ସାହୁଙ୍କୁ ଅତିରିକ୍ତ ଏସ୍‌ଆର୍‌ସି, ସୁଚାରୁ କୁମାର ବଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିଭଳି ୧୮ଜଣ ଅନ୍ୟ ଓଏଏସ୍ ଅଫିସର୍‌ମାନଙ୍କୁ ସରକାର ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରିଛନ୍ତି।

# ମହାପ୍ରଭୁଙ୍କ ବେଣ୍ଟନୀତି ସମ୍ପନ୍ନ

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବେଣ୍ଟନୀତି ଶୁକ୍ରବାର ଶ୍ରୀଜଗନ୍ନାଥବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ହସ୍ତରେ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ପରେ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ଶ୍ରୀହସ୍ତରେ ଶରଗୁଡିକୁ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ ରଖାଯାଇଥିଲା। ତନ୍ମଧ୍ୟରୁ ଲେଙ୍କାସେବକ ୫ଟି ପଇଡ଼ରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।


ଦେବନୀତି ସମ୍ପନ୍ନ କରାଯାଉଛି

# ପଞ୍ଚଭୂତରେ ବିଲୀନ ହେଲେ ଉତ୍ତମ

## ସତ୍ୟନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୮।୨ (ବନ୍ଦନା ସେଠୀ/ ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷିୟାନ ଅଭିନେତା ଉତ୍ତମ ମହାନ୍ତି ପଞ୍ଚଭୂତରେ ବିଲୀନ ହୋଇଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ ତାଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅଭିନେତା ବାବୁସାନ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଉତ୍ତମଙ୍କ ପ୍ରଶଂସକ, ଶୁଭେଚ୍ଛୁ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନ ପ୍ରାୟ ୧୧ଟାରେ ଦିଲ୍ଲୀରୁ ମରଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ତାଙ୍କୁ ଜଗନ୍ନାଥ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଉତ୍ତମଙ୍କ ଶେଷଦର୍ଶନ କରିଥିଲେ। ସେହିପରି ବନ୍ଧୁ, ପରିଜନ, ଶୁଭେଚ୍ଛୁ, ଅଭିନେତ୍ରୀ, ଅଭିନେତା ସମସ୍ତେ ଶେଷଦର୍ଶନ କରିବାକୁ ବାସଭବନକୁ ଆସିଥିଲେ। ପରେ ମରଶରୀରକୁ ସତ୍ୟନଗର ଶ୍ମଶାନକୁ ନିଆଯାଇଥିଲା। ଉତ୍ତମଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସମେତ ସାରା ଓଡ଼ିଶାରେ ଶୋକରଛାୟା ଖେଳିଯାଇଛି।

ଉତ୍ତମ ଦୀର୍ଘଦିନ ଧରି ଲିଭର ସିରୋସିସ୍ ରୋଗରେ ପୀଡିତ ଥିଲେ। ଫେବୃଆରୀ ୬ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ୮ତାରିଖରେ ଏୟାର ଆମ୍ବୁଲାନ୍ସରେ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଉତ୍ତମ ମହାନ୍ତି ସୁସ୍ଥ ହୋଇ ଓଡ଼ିଶା ଫେରିବା ପାଇଁ ସାରା ରାଜ୍ୟରେ ଶହଶହ ପ୍ରଶଂସକ ଆରୋଗ୍ୟ କାମନା କରିଥିଲେ। ତେବେ ଦୀର୍ଘ ୨୨ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଗୁରୁବାର ରାତିରେ ଉତ୍ତମ ଚିରବିଦାୟ ନେଇଥିଲେ।



ଉତ୍ତମ ମହାନ୍ତିଙ୍କୁ ତାଙ୍କ ପୁଅ ଅଭିନେତା ବାବୁସାନ ମୁଖାଗ୍ନି ଦେବା ପୂର୍ବରୁ ରୀତିନୀତି ପାଳନ କରୁଛନ୍ତି।

## ସ୍ମୃତିରେ ଉତ୍ତମ...

### ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରରେ ଉତ୍ତମଙ୍କ ଅବଦାନ ସ୍ମରଣୀୟ

ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ। ସେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଅସଂଖ୍ୟ ଦର୍ଶକଙ୍କ ହୃଦୟ ଜୟ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରର ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଜଣେ ମିଷ୍ଟଭାଷୀ ଓ ଅମାୟିକ ଭଦ୍ରବ୍ୟକ୍ତି ଭାବରେ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ପରିବାରବର୍ଗ ଓ ପ୍ରଶଂସକଙ୍କୁ ସମବେଦନା ଜଣାଉଛି।

**- ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

### ଉତ୍ତମ ଥିଲେ ଜଣେ ଆଇକନ୍

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଉତ୍ତମ ମହାନ୍ତି ଥିଲେ ଜଣେ ଆଇକନ୍। ତାଙ୍କ ପରଲୋକରେ ଓଡ଼ିଆ ସିନେମା ଜଗତରେ ଅପୂରଣୀୟ କ୍ଷତି ଘଟିଛି। ନିଜ ପ୍ରତିଭା ଓ ଅଭିନୟ ଦକ୍ଷତା ପାଇଁ ସେ ଜଣେ ଲୋକପ୍ରିୟ ଅଭିନେତା ଭାବେ ରାଜ୍ୟରେ ସୁପରିଚିତ ଥିଲେ। ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ସ୍ୱର୍ଗତ ମହାନ୍ତିଙ୍କର ବଳିଷ୍ଠ ଭୂମିକା ରହିଛି। କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ସେ ନିଜ ଅଭିନୟର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ପ୍ରଶଂସକଙ୍କୁ ସମବେଦନା ଜଣାଉଛି।

**- ଡ. ହରିବାବୁ କମ୍ଭମପାଟି, ରାଜ୍ୟପାଳ**

### କଳା ଜଗତରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ତଥା କିମ୍ବଦନ୍ତୀ ଅଭିନେତା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। କଳା ଜଗତରେ ଏହା ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅନେକ ଚଳଚ୍ଚିତ୍ରରେ ସେ ଛାଡ଼ିଯାଇଥିବା ଛାପ ଲୋକଙ୍କ ହୃଦୟରେ ତାଙ୍କୁ ଚିର ଅମର କରି ରଖିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**- ନବୀନ ପଟ୍ଟନାୟକ, ବିଜେଡି ସଭାପତି**

### ଓଡ଼ିଶାବାସୀଙ୍କ ହୃଦୟରେ ଚିରକାଳ ପାଇଁ ଅମର ରହିବେ

ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଧିକ ଲୋକପ୍ରିୟ କଳାକାର ଉତ୍ତମ ମହାନ୍ତିଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ଅଭିନୟ ଓଡ଼ିଶାରେ ଚଳଚ୍ଚିତ୍ର ମାଧମରେ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଓଡ଼ିଶାବାସୀଙ୍କ ହୃଦୟରେ ଉତ୍ତମ ଯେଉଁ ସ୍ଥାନ ଅଧିକୃତ କରିଛନ୍ତି, ତାହା ଚିରକାଳ ପାଇଁ ଅମର ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ହୃଦୟରୁ ସମବେଦନା ଜଣାଉଛି।

**- ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି**

### ଏକ ଅମର ଅଧ୍ୟାୟର ଅବସାନ

ଉତ୍ତମଙ୍କ ବିୟୋଗରେ ଏକ ଅମର ଅଧ୍ୟାୟର ଅବସାନ ହୋଇଛି। ଓଡ଼ିଆ ସିନେମା ଜଗତର ଦିଗନ୍ତ, ଅନନ୍ୟ ପ୍ରତିଭା ଉତ୍ତମ ମହାନ୍ତିଙ୍କ ଚରିତ୍ର, ଅଭିନୟ ସଦାସର୍ବଦା ଦର୍ଶକଙ୍କ ହୃଦୟରେ ଅମର ରହିବ। ମହାପ୍ରଭୁଙ୍କ ନିକଟରେ ଉତ୍ତମଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଉଛି।

**- ଗୋକୁଳାନନ୍ଦ ମଲ୍ଲିକ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ**

### ଈଶ୍ୱର ପରିବାର ଲୋକଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ

ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ଏହି ଦୁଃଖଦ ସମୟକୁ ସହ୍ୟ କରିବା ପାଇଁ ତାଙ୍କ ପରିବାର ଓ ପ୍ରଶଂସକମାନଙ୍କୁ ଈଶ୍ୱର ଧୈର୍ଯ୍ୟ ପ୍ରଦାନ କରନ୍ତୁ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**- ଭକ୍ତ ଚରଣ ଦାସ, ପିସିସି ସଭାପତି**

### ଉତ୍ତମ ମହାନ୍ତି ମୋର ଆଦର୍ଶ

ଉତ୍ତମ ମହାନ୍ତି ମୋର ଆଦର୍ଶ। ତାଙ୍କ ଶେଷ ଯାତ୍ରାରେ ସାମିଲ ହୋଇ ନ ପାରିବା ମୋ ଜୀବନର ବଡ଼ ଅବସୋସ। ପୂର୍ବ ନିର୍ଦ୍ଧାରିତ ଏକ କାର୍ଯ୍ୟ ପାଇଁ ଗୁରୁବାରଠାରୁ ରାଉରକେଲାରେ ଥିଲି। କିନ୍ତୁ ସେଇ କାର୍ଯ୍ୟକ୍ରମରେ ରାଉରକେଲାବାସୀଙ୍କ ସହ ମିଶି ଓଡିଆ ବର୍ଷିୟାନ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି।

**- ସବ୍ୟସାଚୀ ମିଶ୍ର, ଅଭିନେତା**

### ଏକ ଯୁଗର ଅନ୍ତ

ଓଡ଼ିଶାର ଘରେଘରେ ପରିଚିତ ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଯୁଗର ଅନ୍ତ ଘଟିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି।

**- ବୈଜୟନ୍ତ ପଣ୍ଡା, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ**

# ନୂତନ ପ୍ରଜାତିର ପରଜୀବୀ ଆଇସୋପଡ୍ ଚିହ୍ନଟ

ବ୍ରହ୍ମପୁର, ୨୮।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର ପରଜୀବୀ ଆଇସୋପଡ ଚିହ୍ନଟ ହୋଇଛି। ଭାରତରେ ଏହାର ନାମ ଲୋବୋଥୋରାକ୍ସ ରଖାଯାଇଛି। ୨୦୨୩ ମାର୍ଚ୍ଚ ଏବଂ ମେ ମାସରେ ବାଲେଶ୍ୱରସ୍ଥିତ ବାହାବଲପୁର ଏବଂ ଗୋପାଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଆଇସୋପଡ ମିଳିଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଗବେଷଣାଗାରରେ ଏହାକୁ ପ୍ରାଣୀ ବିଜ୍ଞାନ ବିଭାଗ ଏବଂ ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଜେଡ଼ଏସଆଇ) ମିଳିତ ଭାବେ ଅନୁଧ୍ୟାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଡ. ଜୟ କିଶୋର ସେଠ, ଗବେଷକ ସନ୍ଦୀପ କୁମାର ମହାପାତ୍ର, ସଙ୍ଗିତ୍ର ରୟ, ପୁନା ଜେଡ୍‌ଏସ୍‌ଆଇର ବୈଜ୍ଞାନିକ ଡ. ବାସୁଦେବ ତ୍ରିପାଠୀ, ଗୋପାଳପୁର ଜେଡ୍‌ଏସଆଇର ବୈଜ୍ଞାନିକ ଡ. ଅନିଲ ମହାପାତ୍ର ମିଳିତ ଭାବେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଏଥିରୁ ୬ ପ୍ରକାରର ନମୁନା ସଂଗ୍ରହ କରାଯାଇଥିଲା। ବିଶ୍ୱରେ ଏହି ପ୍ରଜାତିର ୩୮୦ ପରଜୀବୀ ରହିଥିବା ବେଳେ ଭାରତରେ ୭୦ ପ୍ରକାର ଏବଂ ଓଡିଶାରେ ପ୍ରାୟ ୨୫ ପ୍ରକାର ଆଇସୋପଡ ଦେଖାଦେଇଥାନ୍ତି। କିନ୍ତୁ ଏହା ଏକ ଭିନ୍ନ ଓ ନୂତନ ପ୍ରଜାତିର ବୋଲି ଜଣାପଡିଛି। ଏମାନେ ସମୁଦ୍ରରେ ରହିଥାନ୍ତି। ସାମୁଦ୍ରିକ ଶାବଳା ମାଛର ପାଟି ଭାଗରେ ରହି ମାଛ ଖାଉଥିବା ଖାଦ୍ୟ ଏବଂ ମାଛର ରକ୍ତ ଏବଂ ଟିସୁ ଓ ମାଂସକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ଏମାନଙ୍କ ମୁଣ୍ଡ ଅର୍ଦ୍ଧ ଗୋଲେଇ ରହିଥିବା ବେଳେ ୨ଟି ଆଖି, ୭ ହଳ ଗୋଡ଼ ଓ ବାଘନଖ ଭଳି ରହିଥିବାରୁ ସେମାନେ ଜାବୁଡି ଧରି ରହିପାରନ୍ତି। ପହଁରା ପାଇଁ ୫ ହଳ ଗୋଡ଼ ବ୍ୟବହାର କରନ୍ତି। ଅଣ୍ଡିରା ପ୍ରଜାତିର ଲମ୍ବ ପ୍ରାୟ ୧.୫ ସେମି ରହିଥିବା ବେଳେ ମାଈର ଲମ୍ବ ୩ ସେମି ପର୍ଯ୍ୟନ୍ତ ରହିଥାଏ। ଏହି ଅମେରୁଦଣ୍ଡି ପ୍ରାଣୀର ପିଠିରେ ଏକ ଲମ୍ବାଳିଆ ଉଚ୍ଚ ରହିଥାଏ। ଏମାନେ ସ୍ତର ସ୍ତର ଖୋଳପାରେ ରହିଥିବାରୁ ମାଛମାନେ ଖାଇପାରନ୍ତି ନାହିଁ। ପୂର୍ବରୁ ମିଳିଥିବା ଏହି ପ୍ରଜାତିର ପରଜୀବୀ ଠାରୁ ଶତକଡା ୩ ଭାଗ ଡିଏନଏ ପରୀକ୍ଷାରେ ଏହା ଭିନ୍ନ ରହିଥିବାରୁ ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଡ. ଜୟ କିଶୋର ସେଠ କହିଛନ୍ତି।



ଆଇସୋପଡ୍ ପ୍ରଜାତିର ପ୍ରାଣୀ।

# ୨ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୨ରେ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିବେ। ମୟୂରଭଞ୍ଜ ଜିଲାରେ ୨ ଦିନିଆ ଗସ୍ତ କାର୍ଯ୍ୟକ୍ରମ ସାରି ୨ ତାରିଖ ପୂର୍ବାହ୍ନ ୧୦ଟା ୧୦ରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅବତରଣ କରିବେ। ସେଠାରେ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ହେଲିକପ୍ଟରରେ ଚମ୍ପୁଆ ଯାଇ ମଧ୍ୟାହ୍ନ ୧୨ଟା୪୫ରେ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବେ। ସେଠାରୁ ହେଲିକପ୍ଟରରେ କେନ୍ଦୁଝର ରିଜର୍ଭ ପଡ଼ିଆକୁ ଆସି ସଡ଼କ ପଥରେ ନିଜ ଗ୍ରାମ ରାଇକଳାକୁ ଯାଇ ଅପରାହ୍ନ ୪ଟାରେ ଏକ କ୍ରିକେଟ ମ୍ୟାଚ ଫାଇନାଲ ଉତ୍ସବରେ ଯୋଗଦେବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ସଡ଼କ ପଥରେ ୬ଟା ୩୦ରେ କେନ୍ଦୁଝର ଫେରିବେ। ସନ୍ଧ୍ୟା ୭ଟା ୧୦ରେ କାଳୀ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାରେ ଯୋଗଦେବେ। ରାତିରେ ସର୍କିଟ ହାଉସରେ ରାତ୍ରିଯାପନ କରି ୩ ତାରିଖ ସୋମବାର ସକାଳ ୯ଟା ୪୦ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଆଜିଠୁ ଛାଡ଼ ପ୍ରାଣିସମ୍ପଦର ଚିକିତ୍ସା, ଟିକାକରଣ ବାବଦ 'ୟୁଜର୍ସ ଫି'

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ପ୍ରାଣିସମ୍ପଦର ଚିକିତ୍ସା ଓ ଟିକାକରଣ ବାବଦ 'ୟୁଜର୍ସ ଫି'କୁ ରାଜ୍ୟ ସରକାର ଛାଡ଼ କରିବା ନେଇ ଘୋଷଣା କରିଛନ୍ତି। ଫଳରେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଆଦିଙ୍କ ଚିକିତ୍ସା ଓ ଟିକାକରଣ ବାବଦରେ ଜନସାଧାରଣଙ୍କୁ ଫି ଦେବାକୁ ପଡ଼ିବ ନାହିଁ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନୁମୋଦନ କରିଛନ୍ତି। ପ୍ରାଣିସମ୍ପଦର ସୁରକ୍ଷା ଓ ଚିକିତ୍ସାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ୟୁଜର୍ସ ଫି ଛାଡ଼ ନିଷ୍ପତ୍ତି ଚଳିତ ଶନିବାର ରାଜ୍ୟରେ ଲାଗୁହେବ। ନିଃଶୁଳ୍କ ସେବା ପ୍ରଦାନ ପାଇଁ ମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ଜନସାଧାରଣ ଅନୁରୋଧ କରିଥିଲେ। ଲୋକମାନଙ୍କ ଅନୁରୋଧ ରକ୍ଷାକରି ସରକାର ଏହି କଲ୍ୟାଣକାରୀ ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷି ଆଦିଙ୍କ ଚିକିତ୍ସା ନିମନ୍ତେ ଲୋକମାନେ ପୂର୍ବରୁ ୧ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ୟୁଜର୍ସ ଫି ଦେଉଥିଲେ। ବିଭିନ୍ନ ଚିକିତ୍ସା ପାଇଁ ଭିନ୍ନ ଭିନ୍ନ ଫି ରହିଥିଲା। ଏଣିକି ଏମାନଙ୍କ ଚିକିତ୍ସା, ଟିକାକରଣ ଓ ଭ୍ରାମ୍ୟମାଣ ସେବା ପ୍ରଦାନ ନିମନ୍ତେ କୌଣସି ୟୁଜର୍ସ ଫି ଦେବାକୁ ପଡ଼ିବ ନାହିଁ। ଫଳରେ ପ୍ରାଣୀ ଚିକିତ୍ସା ସାର୍ବଜନୀନ ହୋଇପାରିବ। ଏନେଇ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ଆଜିଠୁ ରାଶନକାର୍ଡ ଅନ୍‌ଲାଇନ ଆବେଦନ ଆରମ୍ଭ ହେବ: ଯୋଗାଣ ମନ୍ତ୍ରୀ

ସମ୍ବଲପୁର,୨୮।୨ (ପ୍ରମୋଦ ବହିଦାର)

ମାର୍ଚ୍ଚ ୧ରୁ ସମଗ୍ର ରାଜ୍ୟରେ ରାଶନକାର୍ଡ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଠିକ୍‌ଭାବେ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ପ୍ରଦାନ କରାଯିବ ବୋଲି ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଶୁକ୍ରବାର ସମ୍ବଲପୁର ସର୍କିଟ୍ ହାଉସ୍‌ରେ ଜିଲାସ୍ତରୀୟ ପ୍ରଶାସନିକ ସମୀକ୍ଷା ବୈଠକ ପରେ ଅପରାହ୍ନରେ ଖବରଦାତାଙ୍କୁ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ଼ରୁ ବାଦ ଦିଆଯିବ ନାହିଁ। ପୂର୍ବ ସରକାରଙ୍କ ଅପାରଗତାରୁ ବହୁ ସଂଖ୍ୟାରେ ଅଯୋଗ୍ୟ ବା ଭୁତ ରାଶନକାର୍ଡ ଧାରି ରହିଥିଲେ। ସମ୍ବଲପୁରରେ ଚଳିତ ଖରିଫ ଧାନ ସଂଗ୍ରହ ସନ୍ତୋଷ ଜନକ ରହିଛି। ସେ କହିଥିଲେ, ଜିଲାରେ ଇ-କେୱାଇସି ପ୍ରକ୍ରିୟା ୯୨ ପ୍ରତିଶତ ଶେଷ ହୋଇଥିବାବେଳେ ମାର୍ଚ୍ଚ ୩୧ ସୁଦ୍ଧା ଏହି ପ୍ରକ୍ରିୟାକୁ ଶେଷ କରାଯିବ। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଯୋଗାଣ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ, ସମ୍ବଲପୁର ସମବାୟ ସମିତି ସମୂହ ଉପନିବନ୍ଧକ ଗେଜନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଓସିଏସ୍ ପଦବୀ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷା – ୨୦୨୪ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତିରେ ଓଏଏସ୍ ପଦବୀ ସହ ଅନ୍ୟାନ୍ୟ ପଦବୀ ମଧ୍ୟ ପ୍ରକାଶ ପାଇଛି। କିନ୍ତୁ ଓଡ଼ିଶା ପୋଲିସ ସେବା (ଓପିଏସ୍) ପଦବୀ ପାଇଁ ବିଜ୍ଞପ୍ତି ନାହିଁ। ତେବେ ଓସିଏସ୍ ପାଇଁ ପଦବୀ ସଂଖ୍ୟା ୫୦୦ରୁ ୬୦୦କୁ ବୃଦ୍ଧି କରିବାକୁ ଆଶାୟୀ ପ୍ରାର୍ଥୀ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ପଦବୀ ସଂଖ୍ୟା ବୃଦ୍ଧି କରିବାକୁ ସେମାନେ ନିବେଦନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରଣୀଟାଏ,**
**ଦାଣ୍ଡକୁ ବୋଲାଏ ଘରଣୀଟାଏ।**

ଅନେକେ ନିଜର ମନ୍ଦ ପ୍ରକୃତି ଲୁଚାଇବାକୁ ଯାଇ ବାହାରେ ନିଜକୁ ଭଲେଇ ବୋଲି ଦେଖେଇ ହୋଇଥାନ୍ତି। ତାଙ୍କର ବାହାରକୁ ଜଣା ପଡୁଥିବା ଗୁଣ ସହିତ ଭିତର ଗୁଣର କୌଣସି ସମ୍ବନ୍ଧ ନ ଥାଏ। ଚୋରଣୀ ନାରୀ ଭିତରେ ଭିତରେ ଚୋରି କରି ବାହାରକୁ ନିଜର ସଚ୍ଚୋଟ ପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି**
**ଚୋରି ଉପରେ ହେମା ଜୋରୀ।**

କେତେକ ମାନ ସମ୍ମାନ ଭୁଲି ଚୋରି ଭଳି ଘୃଣ୍ୟ ପନ୍ଥା ଆପଣେଇଥାନ୍ତି। ସର୍ବ ସମ୍ମୁଖରେ ତାଙ୍କୁ ଚୋର ବୋଲି ଆଖ୍ୟା ଦେଲେ ନିଜକୁ ସଚ୍ଚୋଟ ଦେଖେଇ ହେବାକୁ ଯାଇ ଗାଲୁ ମାରିଥାନ୍ତି। ଚୋରି କରି ତହିଁରେ ଲଜ୍ଜିତ ନ ହୋଇ ମୁହଁ ଫୁଟାଣି ମାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ଦିନ ପରେ ମୁକୁଳିଲେ ୨ ଯୁବକ

## ଚୋରି ଘଟଣାରେ କଙ୍ଗାରୁ କୋର୍ଟ

ଚାନ୍ଦବାଲି,୨୮।୨ (ଅଶୋକ ପଣ୍ଡା/କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଭୂଇଁବୃତ୍ତି ପଞ୍ଚାୟତର ରାମସେରପୁର କରାଣ୍ଡିମାଳ ଗାଁରେ ଏକ ଚୋରି ଘଟଣାକୁ ନେଇ ବସିଛି କଙ୍ଗାରୁ କୋର୍ଟ। ଏଥିରେ ଦଣ୍ଡ ସ୍ୱରୂପ ଏକ ନିର୍ମାଣାଧୀନ ଅଙ୍ଗନୱାଡି ଗୃହରେ ୩ ଦିନ ଧରି ବନ୍ଧା ହୋଇଥିବା ୨ ଯୁବକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଉଦ୍ଧାର କରିଛି।

ପ୍ରଥମେ ଏକ ଗଛରେ ଉଭୟଙ୍କୁ ବାନ୍ଧି ରଖାଯାଇଥିଲା। ପରେ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରରେ ବାନ୍ଧି ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କ ବାପା ଜାଣିଥିଲେ ମଧ୍ୟ ଚାପରେ କିମ୍ବା ଭୟରେ ପୋଲିସକୁ ଖବର ଦେଇ ନ ଥିଲେ। ଚୋରି ଘଟଣାରେ ପୋଲିସ ତଦନ୍ତ କରି ଦଣ୍ଡ ଦେବା ପାଇଁ ଆଇନ ରହିଥିବା ବେଳେ ଗାଁ ଲୋକେ କାହିଁକି ଆଇନକୁ ନିଜ ହାତକୁ ନେଇଥିଲେ ଓ ୨ ଯୁବକଙ୍କୁ ପଶୁ ଭଳି ବାନ୍ଧି ରଖିଥିଲେ, ଏହାର ଉପଯୁକ୍ତ ନ୍ୟାୟ ଲାଗି ଯୁବକଙ୍କ ପରିବାର ଦାବି କରିଛନ୍ତି। ଏନେଇ ଉକ୍ତ ଯୁବକଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଏଏସ୍‌ଆଇ ପି. କେ. ଜେନା କହିଛନ୍ତି।

# ଜଗମୋହନ ଭୁବନେଶ୍ୱର, ରିଷିକେଶ କଟକର ନୂଆ ଡିସିପି

## ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

### ବଦଳିଲେ ଅବକାରୀ କମିଶନର

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଭୁବନେଶ୍ୱର ଡିସିପି ଥିବା ପିନାକ ମିଶ୍ରଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ କଟକ ଡିସିପି ଥିବା ଜଗମୋହନ ମୀନାଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ସେହିପରି ବଲାଙ୍ଗୀର ଏସ୍‌ପି ଥିବା ଖିଲାରୀ ରିଷିକେଶ ଦ୍ୟାନ୍‌ଦେଓଙ୍କୁ କଟକ ଡିସିପି ଭାବେ ନୂଆ ନିଯୁକ୍ତି ଦିଆଯାଇଛି।

ପ୍ରିଣ୍ଟିଂ, ଷ୍ଟେସନେରି ଏବଂ ପବ୍ଲିକେଶନ ନିର୍ଦ୍ଦେଶକ ଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଏସ୍.ଏମ୍. ନରୱଣେଙ୍କୁ ଓଏସ୍‌ଆର୍‌ସି ସ୍ୱତନ୍ତ୍ର ଡିଜି ଭାବେ ନିଯୁକ୍ତି ମିଳିଛି। ଓଏସ୍‌ଆର୍‌ଟିସି ସିଏମ୍‌ଡି ଥିବା ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଦୀପ୍ତେଶ ପଟ୍ଟନାୟକଙ୍କୁ ବଦଳି କରାଯାଇ ପ୍ରିଣ୍ଟିଂ, ଷ୍ଟେସନେରି ଏବଂ ପବ୍ଲିକେଶନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ୨୦୦୦ ବ୍ୟାଚ୍‌ର ଜତିନ୍ଦ୍ର କୋୟଲଙ୍କୁ ଏଚ୍‌ଆର୍‌ପିସି ଏଡିଜି ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେ ଏଡିଜିପି ପ୍ରୋଭିଜନିଂ ଭାବେ ଦାୟିତ୍ୱ ତୁଲାଉଥିଲେ। ଆଇଜିପି ପର୍ସୋନେଲ ଭାବେ ଦାୟିତ୍ୱ ତୁଲାଉଥିବା ୨୦୦୨ ବ୍ୟାଚ୍‌ର ଏସ୍.ପ୍ରବୀଣ କୁମାରଙ୍କୁ ସେଣ୍ଟ୍ରାଲ ରେଞ୍ଜ, କଟକର ଆଇଜିପି ଭାବେ ନିଯୁକ୍ତି ମିଳିଛି। ଅବକାରୀ କମିଶନର ଥିବା ୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର ନରସିଂହ ଭୋଳ ଭୁବନେଶ୍ୱର-କଟକର ଅତିରିକ୍ତ ପୋଲିସ କମିଶନର ଭାବେ ଦାୟିତ୍ୱ ପାଇଛନ୍ତି। ହୋମ୍‌ଗାର୍ଡ ଏବଂ ଫାୟାର ସର୍ଭିସ୍ ଆଇଜିପି ଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଦୀପକ କୁମାରଙ୍କୁ ଅପରେଶନ ଆଇଜିପି ଭାବେ ବଦଳିକରାଯାଇଛି। ଅପରେଶନ ଆଇଜିପି ଥିବା ୨୦୦୫ ବ୍ୟାଚ୍‌ର ଜୟନାରାୟଣ ପଙ୍କଜ ଗୋଇନ୍ଦା ଆଇଜିପି ଭାବେ ନିଯୁକ୍ତି ପାଇଛନ୍ତି।

ସେହିପରି ବ୍ରହ୍ମପୁର ଆଇଜିପି, ଏସ୍‌ଆର୍ ଭାବେ ଦାୟିତ୍ୱ ତୁଲାଉଥିବା ୨୦୦୭ ବ୍ୟାଚ୍‌ର ସାର୍ଥକ ଷଡ଼ଙ୍ଗୀଙ୍କୁ ସିଆଇଡି-ସିବିର ଆଇଜିପି ଦାୟିତ୍ୱ ଦିଆଯାଇଛି। କୋରାପୁଟରେ ଆଇଜିପି, ଏସ୍‌ଡବ୍ଲ୍ୟୁଆର୍ ଭାବେ ଦାୟିତ୍ୱ ତୁଲାଉଥିବା ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ନୀତିଶେଖରଙ୍କୁ ଦକ୍ଷିଣାଞ୍ଚଳ ରେଞ୍ଜର ଆଇଜିପି, ଭୁବନେଶ୍ୱର-କଟକର ଅତିରିକ୍ତ କମିଶନର ଥିବା ୨୦୦୮ ବ୍ୟାଚ୍‌ର ଉମାଶଙ୍କର ଦାଶଙ୍କୁ ହୋମଗାର୍ଡ ଏବଂ ଅଗ୍ନିଶମ ସେବା ଡିଆଇଜି, ଅପରେଶନ ଡିଆଇଜି ଥିବା ୨୦୦୯ ବ୍ୟାଚ୍‌ର ଅଖିଳେଶ୍ୱର ସିଂଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜର ଡିଆଇଡି, କଟକର ଡିଆଇଜି, ସିଆର୍ ଥିବା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଚରଣ ସିଂ ମୀନାଙ୍କୁ ପ୍ରୋଭିଜନିଂ ଡିଆଇଜି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଡିସିପି ଥିବା ୨୦୧୧ ବ୍ୟାଚ୍‌ର ପିନାକ ମିଶ୍ରଙ୍କୁ ଏସ୍‌ଟିଏଫ୍ ଡିଆଇଜି, ୨୦୧୧ ବ୍ୟାଚ୍‌ର ଯୁଗଳ କିଶୋର କୁମାର ବାନୋଥଙ୍କୁ ଡିଆଇଜି ପର୍ସୋନେଲ, ୨୦୧୧ ବ୍ୟାଚ୍‌ର ବାତୁଲା ଗଙ୍ଗାଧରଙ୍କୁ ସିଆଇଡି, ସିବିର ଡିଆଇଜି, ୨୦୧୩ ବ୍ୟାଚ୍‌ର ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି, ୨୦୧୪ ବ୍ୟାଚ୍‌ର ବିବେକାନନ୍ଦ ଶର୍ମାଙ୍କୁ ରେଲୱେ, କଟକର ଏସ୍‌ପି, ୨୦୧୬ ବ୍ୟାଚ୍‌ର ବଲାଙ୍ଗୀର ଏସ୍‌ପି ଥିବା ଖିଲାରୀ ରିଷିକେଶ ଦ୍ୟାନ୍‌ଦେଓଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି।

ସେହିପରି କଳାହାଣ୍ଡି ଏସ୍‌ପି ଥିବା ୨୦୧୮ ବ୍ୟାଚ୍ ଆଇପିଏସ୍ ଅଫିସର ଅଭିଲାଷ ଜିଙ୍କୁ ବଲାଙ୍ଗୀର ଏସ୍‌ପି, ବୌଦ୍ଧ ଏସ୍‌ପି ଥିବା ୨୦୧୮ ବ୍ୟାଚ୍‌ର ନାଗରାଜ ଦେବରକୋଣ୍ଡାଙ୍କୁ କଳାହାଣ୍ଡି ଏସ୍‌ପି ଭାବେ, କଟକ ରେଲୱେ ଏସ୍‌ପି ଥିବା ୨୦୨୦ ବ୍ୟାଚ୍‌ର ରାହୁଲ ଗୋଏଲଙ୍କୁ ବୌଦ୍ଧ ଏସ୍‌ପି, ଜୟପୁର ଏସ୍‌ଡିପିଓ ଥିବା ୨୦୨୧ ବ୍ୟାଚ୍‌ର ଅଙ୍କିତ କୁମାର ବର୍ମାଙ୍କୁ ଭୁବନେଶ୍ୱର, ୟୁପିଡିର ଅତିରିକ୍ତ ଡିସିପି, ୨୦୨୧ ବ୍ୟାଚ୍‌ର କଶ୍ୟପ ପାର୍ଥ ଜଗଦୀଶଙ୍କୁ ଜୟପୁର ଏସ୍‌ଡିପିଓ, ନୂଆପଡ଼ା ଏସ୍‌ଡିପିଓ ଥିବା ୨୦୨୧ ବ୍ୟାଚର ଅମ୍ରିତପାଲ ସିଂଙ୍କୁ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି, ପଦମ୍‌ପୁର ଏସ୍‌ଡିପିଓ ଥିବା ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତପାଲ କୌରଙ୍କୁ ୟୁପିଡି ଭୁବନେଶ୍ୱରର ଅତିରିକ୍ତ ଡିସିପି ଏବଂ ବଣାଇ ଏସ୍‌ଡିପିଓ ଥିବା ୨୦୨୨ ବ୍ୟାଚ୍ ଆଇପିଏସ୍ ଅଫିସର ସୋନାଲି ସିଂ ପରମାରଙ୍କୁ ଭୁବନେଶ୍ୱର ୟୁପିଡିର ଏସିପି ଭାବେ ନୂଆ ଦାୟିତ୍ୱ ମିଳିଛି।

"ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ, ଶରଣ ଶେଷ

# ଟେସ୍‌ଲା ଆସୁଛି



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଭାରତରେ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବା ପଛରେ ଟେସ୍‌ଲାର ଲକ୍ଷ୍ୟ ବିଷୟରେ ସମସ୍ତେ ଭଲ ଭାବେ ଜାଣନ୍ତି। ବିଶ୍ୱ ଭୂ-ରାଜନୈତିକ ଜଟିଳତାରେ ଏହାର ବଜାର ସମ୍ପ୍ରସାରଣ ମହତ୍ତ୍ୱାକାଂକ୍ଷାକୁ ନେଇ ଏବେ ବିତର୍କ ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଭାରତକୁ ବିଦ୍ୟୁତ୍‌ଚାଳିତ ଯାନ (ଇଭି)ର ଏକ କେନ୍ଦ୍ର କରିବାକୁ ସ୍ୱପ୍ନ ଦେଖୁଛନ୍ତି ଓ ଏଥିପ୍ରତି ଅତ୍ୟନ୍ତ ଆଗ୍ରହୀ ଅଛନ୍ତି। ସୂତ୍ରରୁ ପ୍ରକାଶ, ଟେସ୍‌ଲା ତାହାର ଉତ୍ପାଦନ କେନ୍ଦ୍ର ପାଇଁ ଜାଗା ଖୋଜିବା ସହ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଦେଇଛି। ତେବେ ଭାରତରେ ଟେସ୍‌ଲାର ସମ୍ଭାବ୍ୟ ସମ୍ପ୍ରସାରଣକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚିନ୍ତା ପ୍ରକଟ କରିଛନ୍ତି। ସେ ସତର୍କ କରିଦେଇଛନ୍ତି ଯେ, ଭାରତରେ ଟେସ୍‌ଲା ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିବା ଆମେରିକା ପାଇଁ କ୍ଷତିକାରକ ହୋଇପାରେ। ତେବେ ଭୂ-ରାଜନୈତିକ ଲଢ଼େଇ ମଧ୍ୟରେ ଭାରତୀୟ ବାବୁମାନେ ସମନ୍ୱୟ ରକ୍ଷା କରିବା ପାଇଁ ସତର୍କତାର ସହ ସ୍ଥିତିକୁ ପରିଚାଳନା କରୁଛନ୍ତି। ୱାଶିଂଟନର ଚେତାବନୀକୁ ଦେଖିଲେ ଏକ ସତର୍କତାମୂଳକ ଦୃଷ୍ଟିକୋଣ ଆପଣାଇବାକୁ ହେବ। ଆମେରିକା ସହ କୂଟନୈତିକ ସମ୍ପର୍କ ଉପରେ ସମ୍ଭାବ୍ୟ ଚାପ ତୁଳନାରେ ଟେସ୍‌ଲା ପ୍ରବେଶର ଅର୍ଥନୈତିକ ଲାଭ ଦିଗକୁ ଭାରତ ଆକଳନ କରିବା ଉଚିତ। ଏହି ଘଟଣା ବାସ୍ତବ ରାଜନୀତିକ ସ୍ଥିତିକୁ ଦର୍ଶାଏ, ଯେଉଁଠି ଆର୍ଥିକ ମହତ୍ତ୍ୱାକାଂକ୍ଷାକୁ ରଣନୀତିକ ଅନ୍ତର୍ଜାତୀୟ ସମ୍ପର୍କ ସହ ସତର୍କତାର ସହ ସଞ୍ଚାଳିତ କରିବାକୁ ପଡ଼ିବ। ଭାରତ ସ୍ଥାନୀୟ ଉତ୍ପାଦନକାରୀଙ୍କୁ କ୍ଷତି କରିବ ନାହିଁ କି ଆମେରିକା ସହ ତାହାର ସମ୍ପର୍କକୁ କ୍ଷତି କରିବାକୁ ଚାହିଁବ ନାହିଁ। ଅପରପଟେ ୱାଶିଂଟନକୁ ବିଶ୍ୱ କର୍ପୋରେଟ ସମ୍ପ୍ରସାରଣର ବାସ୍ତବତା ସହ ବାଣିଜ୍ୟ ନୀତିରେ ସମନ୍ୱୟ ରକ୍ଷା କରିବାକୁ ହେବ। ଏଭଳି ଏକ ଲାଭ-କ୍ଷତିର ଖେଳ ମଧ୍ୟରେ ପ୍ରତ୍ୟେକଟି ନିଷ୍ପତ୍ତି ଭାରତରେ ଇଭି ଉତ୍ପାଦନ ଓ ବୈଶ୍ୱିକ ବାଣିଜ୍ୟ ଗତିଶୀଳତାର ଭବିଷ୍ୟତ ନିର୍ଦ୍ଧାରଣ କରିବ।

### ପ୍ରଶାସନିକ ନାଟକ

ନିକଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ମହାଆଡ଼ମ୍ବରରେ କରାଯାଇଥିଲା। ଭାରତୀୟ ଜନତା ପାର୍ଟି (ଭାଜପା) ପାଖାପାଖି ତିନି ଦଶନ୍ଧି ପରେ ଦିଲ୍ଲୀରେ କ୍ଷମତାକୁ ଫେରିଥିବାରୁ ଏଭଳି କରାଗଲା। ରାଜନେତାମାନେ ଖୁସିରେ ବୁଡ଼ି ରହିଥିବାବେଳେ ବାବୁମାନଙ୍କ ପାଇଁ ମଧ୍ୟ ଏହା ଥିଲା ଆନନ୍ଦର କ୍ଷଣ ଏବଂ ସେମାନେ ଦକ୍ଷତା ପ୍ରତିପାଦନ ପାଇଁ ସମୟ ପାଇଗଲେ। ଶପଥ ଗ୍ରହଣ ଉତ୍ସବରେ କେନ୍ଦ୍ରର ବାବୁମାନେ ପୁନର୍ବାର କାମ କରିବାର ସୁଯୋଗ ପାଇଲେ ଏବଂ ସେମାନେ 'ବନ୍ଦୋବସ୍ତ' ବା ସଞ୍ଚାଳନ କାର୍ଯ୍ୟରେ ଲାଗିଗଲେ। ଭିଆଇପିଙ୍କ ଯିବା ଆସିବା, ଯାନ ଯାତାୟାତରେ ସମନ୍ୱୟ ରକ୍ଷା କରିବା ଏବଂ ପ୍ରୋଟୋକଲ ନିଶ୍ଚିତ କରିବା ଭଳି ଦାୟିତ୍ୱ ବହନ କରିବାକୁ ସତେ ଯେମିତି ସେମାନେ ଅପେକ୍ଷା କରି ରହିଥିଲେ! ମାସ ମାସ ଧରି କେବଳ ଫାଇଲ ଓ ନୀତି ପ୍ରସ୍ତୁତିରେ ସୀମିତ ରହୁଥିବା ବାବୁମାନଙ୍କ ପାଇଁ ଏଠାରେ ଏକ ଉନ୍ନତ ପ୍ରଶାସନିକ ନାଟକ କରିବାର ସୁଯୋଗ ରହିଥିଲା। ରାମଲୀଳା ମଇଦାନ ଉଚ୍ଚସୁରକ୍ଷା ଅଞ୍ଚଳରେ ପରିଣତ ହୋଇଥିଲା। ୨୫,୦୦୦ରୁ ଅଧିକ କର୍ମଚାରୀ ରହିଥିଲେ ଏବଂ ୧,୦୦୦ ବସ୍ ଅତିଥିଙ୍କୁ ନେବାଆଣିବା କରୁଥିଲା। ପ୍ରଧାନମନ୍ତ୍ରୀ, ବରିଷ୍ଠ ଭାଜପା ନେତା ଏବଂ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ପ୍ରୋଟୋକଲ ମଧ୍ୟରେ ନିର୍ଦ୍ୱନ୍ଦ୍ୱରେ ଯିବାଆସିବା କରିବା ଥିଲା ଏକ ଚମତ୍କାର ବିଷୟ। ଏହା ନିଶ୍ଚିତ ଯେ, ସବୁକିଛି ଭଲ ଭାବେ ରିହରଶାଲ ହୋଇଥିବା ଏକ ନାଟକ ଭଳି ଚାଲିଥିଲା। ରାଇସିନା ହିଲ୍‌ରେ କେତେଜଣ ବରିଷ୍ଠ ବାବୁ ନୂଆ ରାଜନୈତିକ ନେତୃତ୍ୱ ପ୍ରତି ସେମାନଙ୍କ ଭରସା ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି ଭାବିଥିଲେ। ଦିଲ୍ଲୀରେ ଭାଜପା କ୍ଷମତାକୁ ଫେରିବା ପରେ ବାବୁମାନେ ସେମାନଙ୍କ କାର୍ଯ୍ୟର ସମୟକୁ ଉପଭୋଗ କରିବା ସହ ଶୀଘ୍ର ଶାସନର କ୍ଷମତାକୁ ଫେରିବେ ବୋଲି ଆଶା ବାନ୍ଧିଛନ୍ତି।

### ପରିବର୍ତ୍ତନ ଦରକାର

ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭାବେ ଡ. ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳ ନିକଟରେ ବୃଦ୍ଧି କରାଯାଇଛି। ବିଶେଷକରି ଭାରତର ସାମ୍ପ୍ରତିକ ଆର୍ଥିକ ଦୃଶ୍ୟପଟରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଜିଡିପି ଅଭିବୃଦ୍ଧି ଧିମା ରହି ୫.୪୦ ପ୍ରତିଶତରେ ପହଞ୍ଚିଛି ଓ ପ୍ରାୟ ଦୁଇ ବର୍ଷରେ ଏହା ସବୁଠୁ ମାନ୍ଦା ହେବା ଦେଖାଯାଇଛି। ଏବେ ଡ. ନାଗେଶ୍ୱରନଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରିବାରୁ କିଛି ଲାଭ ହେବ କି। ବିଶେଷକରି ଜଟିଳ ଆର୍ଥିକ ସ୍ଥିତିକୁ ସଞ୍ଚାଳିତ କରିବା ପାଇଁ ନେତୃତ୍ୱରେ ସ୍ଥାୟିତ୍ୱ ରହିବା ଏକ ଭଲ ବିଷୟ ହୋଇପାରେ। ଆର୍ଥିକ ସର୍ଭେ ଆଗାମୀ ବିତ୍ତୀୟ ବର୍ଷ ପାଇଁ ଅଭିବୃଦ୍ଧି ୬.୩%ରୁ ୬.୮ ମଧ୍ୟରେ ହେବ ବୋଲି ଆକଳନ କରିଛି, ଯାହା ଆଶାବାଦୀ ବୋଲି ମନେହେଉଛି। ତେବେ ତୃଣମୂଳ ସ୍ତରର ବାସ୍ତବତା ଏକ ଭିନ୍ନ ବିଷୟ ସାମ୍ନାକୁ ଆଣୁଥିବାବେଳେ ଏହା ଘଟିବାର ସମ୍ଭାବନା ନାହିଁ ବୋଲି ହୃଦ୍‌ବୋଧ ହେଉଛି। ସାମ୍ପ୍ରତିକ ସ୍ଥିତିରେ ଏବକାର ନୀତିଗୁଡ଼ିକୁ ବଦଳାଇ ପରବର୍ତ୍ତୀ ପଦକ୍ଷେପ ନେବାର ଏକ ନୂଆ ଦୃଷ୍ଟିକୋଣ ଆପଣାଇବା ଆବଶ୍ୟକ। ଅର୍ଥ ବ୍ୟବସ୍ଥା ଏକ ମେଶିନ ନୁହେଁ ଯେ ତାହାକୁ ତେଲ ଦେଇ ଭଲରେ ଚାଲିବ ବୋଲି ଆଶା କରିବା। ଡ. ନାଗେଶ୍ୱରନ୍‌ଙ୍କର ଖ୍ୟାତି ଅଛି, ଏଥିରେ ସନ୍ଦେହ ନାହିଁ। ଡ. ନାଗେଶ୍ୱରନ୍ କେତେକ ଦୃଢ଼ ରଣନୀତି ଗ୍ରହଣ କରିବେ ବୋଲି ବିଶେଷଜ୍ଞ ଓ ପର୍ଯ୍ୟବେକ୍ଷକମାନେ ଆଶା କରନ୍ତି। ଆଶା କରାଯାଏ, ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କେବଳ କ୍ଷମତା ଧରି ରଖିବା ପାଇଁ ନୁହେଁ, ବରଂ ପରିବର୍ତ୍ତନ ଆଣିବାର ଏକ ଗୁରୁତ୍ୱପୂର୍ଣ୍ଣ ସମୟ।

Email: dilipcherian@gmail.com

# ଅଙ୍ଗାରକ-ନିରପେକ୍ଷ ପଞ୍ଚାୟତ



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ଭାରତବର୍ଷରେ ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟ ସମ୍ପାଦନକାରୀ ସ୍ଥାନୀୟ ପ୍ରଶାସନିକ ବ୍ୟବସ୍ଥାକୁ 'ପଞ୍ଚାୟତିରାଜ'ର ଆଖ୍ୟା ପ୍ରଦାନ କରାଯାଇଛି। ଏହା ଲୋକମାନଙ୍କ ପଞ୍ଚାୟତ ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ହେବାର କ୍ଷମତା ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଅଂଶଗ୍ରହଣ କରିବାର ସୁଯୋଗ ଅର୍ପଣକରେ। ଏହି ବ୍ୟବସ୍ଥା ଉପରେ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ସାଧନ, ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ଏବଂ ସମ୍ବିଧାନର ଏକାଦଶ ଅନୁସୂଚୀରେ ତାଲିକାଭୁକ୍ତ ଥିବା ୨୯ଟି ବିଷୟ ସମେତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ନିମନ୍ତେ ଦାୟିତ୍ୱନ୍ୟସ୍ତ ରହିଛି। ତେବେ ସାମ୍ପ୍ରତିକ ପରିବର୍ତ୍ତିତ ପରିସ୍ଥିତିରେ ଗ୍ରାମ୍ୟ ସ୍ତରୀୟ ଏହି ପ୍ରଶାସନିକ ସଂସ୍ଥାର ଅନ୍ୟ ଯେଉଁ ଗୁରୁଦାୟିତ୍ୱ ବହନ କରିବା ଅପରିହାର୍ଯ୍ୟ ବୋଧହୁଏ, ତାହା ହେଉଛି କ୍ରମବର୍ଦ୍ଧିଷ୍ଣୁ ପରିବେଶଜନିତ ସମସ୍ୟା ସବୁର ସମାଧାନ ଦିଗରେ ପର୍ଯ୍ୟାପ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା। ବୈଶ୍ୱିକତାପନ ଏବଂ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ସମସ୍ୟା ଏବଂ ତଜ୍ଜନିତ ବର୍ଦ୍ଧିତ ପ୍ରାକୃତିକ ବିପର୍ଯ୍ୟୟ ସବୁର ପ୍ରଳୟଙ୍କରୀ ପରିଣାମ ପରିପ୍ରେକ୍ଷୀରେ ଏସବୁ ପ୍ରମୁଖ କାରକର ମୂଳୋତ୍ପାଟନ ନିମନ୍ତେ ପ୍ରତ୍ୟେକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଅତ୍ୟନ୍ତ ଜରୁରୀ। ସାମ୍ପ୍ରତିକ ସମୟରେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପପରି ଜୀବାଶ୍ମ ଇନ୍ଧନର ଦହନରୁ ନିର୍ଗତ ଅଙ୍ଗାରକାମ୍ଳ ଏବଂ ଅନ୍ୟ ସବୁଜ ଗୃହ ବାଷ୍ପ ସବୁର ବାୟୁମଣ୍ଡଳକୁ ନିର୍ଗମନରେ ସର୍ବାଧିକ ହ୍ରାସ ଘଟାଇବା ଏକାନ୍ତ ପ୍ରୟୋଜନୀୟ। ସହରାଞ୍ଚଳମାନଙ୍କରେ ଅଙ୍ଗାରକ ହ୍ରାସନକୁ ତ୍ୱରାନ୍ୱିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ଏ ଦିଗରେ ପ୍ରଯୁଜ୍ୟ କାର୍ଯ୍ୟକ୍ରମ ଗ୍ରହଣକୁ ଉତ୍ସାହିତ କରାଯିବା ସମୟର ଆବଶ୍ୟକତା। ଏହା ସାମଗ୍ରିକ ଭାବେ ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ ଦିଗରେ ମାନବଜାତିର ଏକ ସମ୍ମିଳିତ ପ୍ରୟାସର ପରିଚୟ ପ୍ରଦାନ କରିବ।

ଅଙ୍ଗାରକ ସମଗ୍ର ଜୀବଜଗତର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥିଲାବେଳେ ବାୟୁମଣ୍ଡଳରେ ମୁକ୍ତ ଅଙ୍ଗାରକାମ୍ଳ ଭାବରେ ଏହାର ପରିମାଣ ହେଉଛି ଯଥେଷ୍ଟ ନ୍ୟୁନ (ମାତ୍ର ୦.୦୪ଶତାଂଶ)। ସମୁଦ୍ର, ମୃତ୍ତିକା, ଜଙ୍ଗଲ ଏବଂ ଆର୍ଦ୍ରଭୂମି ପରି ଅଙ୍ଗାରକ ଭଣ୍ଡାରଗୁଡ଼ିକ (କାର୍ବନସିଙ୍କ) ସାଧାରଣ ଭାବେ ପ୍ରାୟ ୫୮% ଉତ୍ସର୍ଜିତ ଅଙ୍ଗାରକାମ୍ଳକୁ ଶୋଷଣକରି ସେମାନଙ୍କ ମଧ୍ୟରେ ଗଚ୍ଛିତ କରିରଖନ୍ତି। କିନ୍ତୁ ବୃଦ୍ଧିପ୍ରାପ୍ତ ହେଉଥିବା ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ବ୍ୟବହୃତ ଅତ୍ୟଧିକ ଜୀବାଶ୍ମ ଇନ୍ଧନରୁ ନିର୍ଗତ ବର୍ଦ୍ଧିତ ମାତ୍ରାର ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ଏକ ଅଙ୍ଗାରକ-ଯୁକ୍ତ (କାର୍ବନପଜିଟିଭ) ପରିବେଶ ସୃଷ୍ଟି କରୁଛି, ଯାହା ହିଁ ତାପମାତ୍ରା ବୃଦ୍ଧିର ମୁଖ୍ୟକାରକ ସାଜିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପଦ୍ଧତିରେ ଅଙ୍ଗାରକାମ୍ଳ ପରିମାଣରେ ହ୍ରାସ ଘଟାଇ ଏକ



ଅଙ୍ଗାରକ-ନିରପେକ୍ଷ (କାର୍ବନନ୍ୟୁଟ୍ରାଲ) ପରିବେଶର ସ୍ଥାପନ କରିବା ସମ୍ପ୍ରତି ଆମ ସମ୍ମୁଖରେ ଏକ ମୁଖ୍ୟ ଆହ୍ୱାନ ରୂପେ ଦଣ୍ଡାୟମାନ ହୋଇଛି। ଭାରତର ପ୍ରାଣକେନ୍ଦ୍ର ରୂପେ ଆଖ୍ୟାୟିତ ଗ୍ରାମାଞ୍ଚଳରେ ପଞ୍ଚାୟତ ବ୍ୟବସ୍ଥା ମାଧ୍ୟମରେ ଅଙ୍ଗାରକାମ୍ଳ ନିର୍ଗମନର ନିୟନ୍ତ୍ରଣ ଏବଂ ଏହାର ଶୋଷଣ/ଅପସାରଣ (ଅଫସେଟ୍) ଦିଗରେ ସଚେତନତା ବୃଦ୍ଧି ଏବଂ ଯଥୋଚିତ୍ ପଦକ୍ଷେପ ଗ୍ରହଣ ଅଙ୍ଗାରକ ସନ୍ତୁଳନ ହାସଲ କ୍ଷେତ୍ରକୁ ଏକ ସମୟୋପଯୋଗୀ ଅବଦାନ ହେବ। ଆମ ଅଙ୍ଗାରକ ପଦଚିହ୍ନ (ନକାରାତ୍ମକ ପ୍ରଭାବ)କୁ ଶୂନ୍ୟ ସ୍ତରକୁ ହ୍ରାସ କରି ଅଙ୍ଗାରକ ନିରପେକ୍ଷତା ସ୍ଥାପନ କରିବା ହେଉଛି ବ୍ୟକ୍ତି, ଅନୁଷ୍ଠାନ ଏବଂ ସରକାର, ସମସ୍ତଙ୍କ ନିମନ୍ତେ ଏକ ନୈତିକ ଦାୟିତ୍ୱ ନିର୍ବାହନର ପ୍ରସଙ୍ଗ। ଉଲ୍ଲେଖଯୋଗ୍ୟ ଯେ ଜମ୍ମୁ ଅଧୀନ ସାମ୍ବା ଜିଲାର ପାଲିଗ୍ରାମ ଭାରତର ପ୍ରଥମ ଅଙ୍ଗାରକ-ନିରପେକ୍ଷ ପଞ୍ଚାୟତ ହେବାର ମାଇଲଖୁଣ୍ଟ ହାସଲ କରିଛି, ଯେଉଁଠି ପ୍ରଧାନମନ୍ତ୍ରୀ ମୋଦି ୨୦୨୨ ଏପ୍ରିଲରେ ୫୦୦ କିଲୋୱାଟ ଏକ ସୌରପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ।

ଗ୍ରାମପଞ୍ଚାୟତକୁ ଅଙ୍ଗାରକ-ନିରପେକ୍ଷ କରିବା ଲକ୍ଷ୍ୟରେ ସାଧାରଣତଃ ଗୃହୀତ ପଦକ୍ଷେପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଶକ୍ତିଦକ୍ଷତାର ବୃଦ୍ଧି। ବିଦ୍ୟୁତ୍ ଉତ୍ପାଦନ ପାଇଁ ସୌର ଏବଂ ପବନଶକ୍ତି ଭଳି ନବୀକରଣୀୟ/ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ଏକକ କୃଷକ, କୃଷକ ଗୋଷ୍ଠୀ, ସମବାୟ ସମିତି, ପଞ୍ଚାୟତ ଇତ୍ୟାଦିଙ୍କ ନିମନ୍ତେ ପ୍ରଯୁଜ୍ୟ ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ଗ୍ରୀଡ଼ିଂ ଯୁକ୍ତ ଛାତ ଉପର ସୌର କାର୍ଯ୍ୟକ୍ରମ ଇତ୍ୟାଦି, ଶକ୍ତି ବ୍ୟବହାର ହ୍ରାସ କରିବା ଲକ୍ଷ୍ୟରେ ଆଲୋକୀକରଣ ନିମନ୍ତେ ଏଲଇଡି ବଲ୍‌ବର ଉପଯୋଗ, ଉଷ୍ମତା ବୃଦ୍ଧି-ଶୀତଳୀକରଣ ବ୍ୟବସ୍ଥାରେ ଉନ୍ନତି ସାଧନ ଏବଂ ଘରୋଇ, ଗୋଷ୍ଠୀକେନ୍ଦ୍ର ଏବଂ ବ୍ୟବସାୟିକ ସ୍ଥଳୀରେ ବିଭିନ୍ନଶକ୍ତି-ଦକ୍ଷ ଯନ୍ତ୍ରପାତି ବା ଉପକରଣର ବ୍ୟବହାରକୁ ଉତ୍ସାହିତ କରାଯିବା ପ୍ରୟୋଜନୀୟ। ଭାରତର ପ୍ରଥମ ସୌରଚାଳିତ ଗ୍ରାମ ରୂପେ ଖ୍ୟାତ ଗୁଜରାଟର ମୋଧେରା ଗ୍ରାମସବୁ ଶକ୍ତିର ବ୍ୟବହାର, ନିରନ୍ତର ବିକାଶ ଏବଂ ଆତ୍ମ ନିର୍ଭରଶୀଳତାକୁ ପ୍ରଦର୍ଶନ କରେ, ଯାହାକୁ ଜାତିସଂଘର ସେକ୍ରେଟାରି ଜେନେରାଲ ଆଣ୍ଟୋନିଓ ଗୁଟେରସ ଅକ୍ଟୋବର ୨୦୨୨ରେ ପରିଦର୍ଶନ କରିଥିଲେ। ପେଟ୍ରୋଲ, ଡିଜେଲ (ଜୀବାଶ୍ମ ଇନ୍ଧନ) ଚାଳିତ ଯାନ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ସ୍ଥାନୀୟ ଅଞ୍ଚଳରେ ଯାତାୟାତ ନିମନ୍ତେ ବୈଦ୍ୟୁତିକଯାନ (ଇଭି) କିମ୍ବା ସାଇକେଲର ବ୍ୟବହାରକୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ। ସାର୍ବଜନୀନ ପରିବହନରେ ଉନ୍ନତି ଆଣି ଏହାକୁ ଅଧିକ ଗ୍ରହଣୀୟ କରିବାର ପ୍ରୟାସ ହେବା ଆବଶ୍ୟକ। ବର୍ଜ୍ୟ ପଦାର୍ଥ ଦ୍ୱାରା ସୃଷ୍ଟ ପ୍ରଦୂଷଣ ହ୍ରାସ କରିବା ନିମନ୍ତେ ଏକ ଶୂନ୍ୟ-ବର୍ଜ୍ୟନୀତି, ଜୈବିକ ବର୍ଜ୍ୟରୁ କମ୍ପୋଷ୍ଟ ଖତ ଓ ଗୋବର ଗ୍ୟାସ୍ ପ୍ରସ୍ତୁତି, ଅଜୈବିକ ବର୍ଜ୍ୟର ପୁନଃଚକ୍ରଣ କିମ୍ବା ବର୍ଜ୍ୟରୁ ଶକ୍ତି ଉତ୍ପନ୍ନ ପ୍ରଣାଳୀ କାର୍ଯ୍ୟକାରୀ କରାଯିବା ଜରୁରୀ। ଅନ୍ୟପକ୍ଷରେ, ସହନୀୟ କୃଷି ପଦ୍ଧତିର ଅବଲମ୍ବନରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଏବଂ ସବୁଜ ଗୃହ ଗ୍ୟାସ ନିର୍ଗତ କରୁଥିବା ତଥା କୃଷିକ୍ଷେତ୍ରରେ କ୍ଷତି ଘଟାଉଥିବା ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାରକୁ ହ୍ରାସ କରାଯିବା ଆବଶ୍ୟକ। ମୃତ୍ତିକାକୁ ସମୃଦ୍ଧ କରିବା ଏବଂ ଅଙ୍ଗାରକ ଅପସାରଣ ପାଇଁ କୃଷି-ବନୀକରଣକୁ ଉତ୍ସାହିତ ତଥା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳର ଶୋଷଣ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପ୍ରୟୋଜନୀୟ। ଗ୍ରାମାଞ୍ଚଳର ଆର୍ଦ୍ରଭୂମି ଏବଂ ତୋଟା ସମେତ ଅଙ୍ଗାରକ ଭଣ୍ଡାର ଭାବେ କାର୍ଯ୍ୟ କରୁଥିବା ନିକଟସ୍ଥ ଜଙ୍ଗଲ ଏବଂ ଅନ୍ୟ ପ୍ରାକୃତିକ ପରିସଂସ୍ଥାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଉପରେ ଧ୍ୟାନ ପ୍ରଦାନ ଜରୁରୀ। ଜଳବାୟୁ ପରିବର୍ତ୍ତନ ଏବଂ ଅଙ୍ଗାରକ ପଦଚିହ୍ନ ହ୍ରାସ କରାଯିବାର ଗୁରୁତ୍ୱ ସମ୍ପର୍କରେ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି ଅଭିଯାନ ତଥା ବିଦ୍ୟାଳୟ ସ୍ତରରେ ପରିବେଶ ଶିକ୍ଷାକୁ ସାର୍ବଜନୀନ କରିବା ହେଉଛି ଅନ୍ୟ ଏକ ଦିଗ। ସବୁଜଶକ୍ତି ପ୍ରକଳ୍ପରେ ନିବେଶ କରିବା କିମ୍ବା ନିର୍ଗମନ ହ୍ରାସ ନିମନ୍ତେ କାର୍ଯ୍ୟକାରୀ ପ୍ରକଳ୍ପରୁ କାର୍ବନ୍‌କ୍ରେଡିଟ୍‌କିଣିବା ଭଳି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ଯୋଗଦାନ ଏକ ପ୍ରଶଂସନୀୟ ପଦକ୍ଷେପ ହେବ, ଯାହା କିଛିମାତ୍ରାର ସବୁଜ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟତା କରିବ। ପରିଣାମସ୍ୱରୂପ ଏଠାରୁ ନିର୍ଗମନ ଏବଂ ଅପସାରଣ ହେଉଥିବା ଅଙ୍ଗାରକାମ୍ଳ ମଧ୍ୟରେ ସନ୍ତୁଳନ ସ୍ଥାପିତ ହୋଇ ଅଙ୍ଗାରକ-ନିରପେକ୍ଷତା ହାସଲ ସମ୍ଭବପର ହେବ।

ଏପରି ପଦକ୍ଷେପ ଗ୍ରହଣ ଏକ ପ୍ରଦୂଷଣମୁକ୍ତ, ଅଙ୍ଗାରକ-ନିରପେକ୍ଷ ପରିବେଶ ସ୍ଥାପନକରି ଜଳବାୟୁ ପରିବର୍ତ୍ତନ ଦୃଶ୍ୟପଟରେ ଗ୍ରାମ ପଞ୍ଚାୟତକୁ ମାନବ ବସତିର ଏକ ସୁରକ୍ଷିତ, ଆଦର୍ଶ ସ୍ଥାନରେ ରୂପାନ୍ତରିତ କରିବ। ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ଡିଗ୍ରୀ ସେଲ୍‌ସିୟସ ସୀମିତ ରଖିବାର ପ୍ୟାରିସ ଚୁକ୍ତିନାମା (୨୦୧୫) ସାଧନରେ ଏହା ମଧ୍ୟ ନିଜସ୍ୱ ଅବଦାନ ରଖିବ। ପଞ୍ଚାୟତ ସ୍ତରରେ ବହୁ ସକାରାତ୍ମକ ପଦକ୍ଷେପ କାର୍ଯ୍ୟକାରୀ କରିବାରେ ସମଗ୍ର ରାଷ୍ଟ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କେରଳ ଏବଂ ମଧ୍ୟପ୍ରଦେଶ ପରି ରାଜ୍ୟର କାର୍ଯ୍ୟକ୍ରମରୁ ଅନ୍ୟମାନେ ପ୍ରେରଣା ହାସଲ କରାଯାଇପାରେ।

**କାର୍ଯ୍ୟକାରୀସଭାପତି,ଓଡ଼ିଶାପରିବେଶସମିତି**
**ମୋ: ୯୪୩୭୦୭୬୧୦୦**

# ଶୁଭେଚ୍ଛା ବଜାର



**ଇପ୍ସିତା ମହାନ୍ତି**

ବର୍ଷସାରା ଆମେ ବିଭିନ୍ନ ପର୍ବପର୍ବାଣି ପାଳୁ। ଏଗୁଡିକ କେବଳ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ବରଂ ଆମ ଧାର୍ମିକ, ସାମାଜିକ ଏବଂ ଜାତୀୟ ଏକତାର ପ୍ରତୀକ। ପର୍ବପର୍ବାଣି, ସେ ଯେକୌଣସି ଧର୍ମ କିମ୍ବା ସମ୍ପ୍ରଦାୟର ହେଉନା କାହିଁକି ସମସ୍ତ ଭାରତୀୟ ତାହାକୁ ଆନନ୍ଦ ଉଲ୍ଲାସରେ ପାଳନ୍ତି। ଅର୍ଥନୈତିକ ଉଦାରୀକରଣ ପରବର୍ତ୍ତୀ ସମୟରେ ଯେଉଁ ବଜାରବାଦ ମୁଣ୍ଡ ଟେକିଲା, ତାହା ଭାରତୀୟ ଜନଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରିଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କ୍ରୟ ଶକ୍ତି ବୃଦ୍ଧି ସହିତ ଆମ ସାମାଜିକ ଚଳଣି ଏବଂ ସମ୍ପର୍କରେ କୃତ୍ରିମତା ଦେଖାଦେଇଛି। ଆଜି ସମସ୍ତ ଜିନିଷକୁ ଅର୍ଥ(ଟଙ୍କା) ଆଧାରରେ କେବଳ ବିଚାର କରାଯାଉନି ବରଂ ତୁଳନା କରାଯାଉଛି। ଆମ ପର୍ବପର୍ବାଣି ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛି।

କିଛି ବର୍ଷ ପଛକୁ ଫେରିଗଲେ ଜାଣିପାରିବା ଯେ, କୌଣସି ପ୍ରକାରର କୃତ୍ରିମତା ଏହି ପର୍ବପର୍ବାଣିଗୁଡ଼ିକର ପବିତ୍ରତାକୁ ସ୍ପର୍ଶ କରି ନ ଥିଲା। କିନ୍ତୁ ବର୍ତ୍ତମାନ ବଜାରବାଦ ଏବଂ ଟଙ୍କାର ଚମକ ଏଗୁଡ଼ିକୁ ଅତିମାତ୍ରାରେ ଗ୍ରାସ କରିଚାଲିଛି। ପୂର୍ବେ ପଡ଼ୋଶୀ, ସମ୍ପର୍କୀୟ ବନ୍ଧୁବାନ୍ଧବ ଏବଂ ପରିଚିତଙ୍କୁ ଲୋକେ ଅତି ଆତ୍ମୀୟତା ସହକାରେ ଶୁଭେଚ୍ଛାର ବାର୍ତ୍ତା ଓ ଅଭିବାଦନ ଜଣାଉଥିଲେ। ଅତିଥି ଏବଂ ଅତିଥିଙ୍କୁ ପାଛୋଟି ନେଉଥିବା ବ୍ୟକ୍ତି ଦୁହେଁ ଅତି ସ୍ନେହରେ ଆଲିଙ୍ଗନ କରି ପରସ୍ପରକୁ ଅଭିବାଦନ ଏବଂ ଶୁଭେଚ୍ଛା ଆଦାନପ୍ରଦାନ କରୁଥିଲେ। ଅତିଥିଙ୍କୁ ହାତ ଯୋଡି ଖୋଲା ହୃଦୟରେ ସ୍ୱାଗତ କରୁଥିଲେ। ଘରେ ତିଆରି ପିଠାପଣା ଏବଂ ମିଷ୍ଟାନ୍ନ ଦ୍ୱାରା ଅତିଥି ସତ୍କାର ହେଉଥିଲା। ଅତିଥିଗଣ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲି ଗଲାବେଳେ ହାତରେ ମିଷ୍ଟାନ୍ନ ଅବା ପାଚିଲା ଫଳ ନେଇ ଯାଉଥିଲେ। ବୟସ୍କମାନେ ପିଲାଙ୍କୁ ଆଶୀର୍ବାଦ କରିବା ସହିତ ଚକୋଲେଟ ପାଇଁ କିଛି ଟଙ୍କା ସେମାନଙ୍କ ହାତରେ ଧରାଇ ଦେଉଥିଲେ।

ଏକଦା ଆମ ପାରସ୍ପରିକ ସମ୍ପର୍କ ଆତ୍ମୀୟତା, ସ୍ନେହ ଏବଂ ଭାଇଚାରାରେ ପୂର୍ଣ୍ଣ ଥିଲା। ଏଥିରେ କୌଣସି ଖାଦର ଚିହ୍ନବର୍ଣ୍ଣ ନ ଥିଲା। କିନ୍ତୁ ଗତ କିଛି ବର୍ଷ ମଧ୍ୟରେ କମ୍ପାନୀଗୁଡିକ ବିଜ୍ଞାପନ ମାଧ୍ୟମରେ ଭିନ୍ନ ଏକ ପରିବେଶ ସୃଷ୍ଟି କରିଛନ୍ତି। ସେମାନଙ୍କ ଉତ୍ପାଦକୁ 'ଉପହାର' ଭାବରେ ବନ୍ଧୁ, ପରିଜନ ଏବଂ ସମ୍ପର୍କୀୟଙ୍କୁ ଯଦି ନ ଦେବା ତେବେ ତାହା କି ପ୍ରକାର ପର୍ବ, କି ପ୍ରକାର ଅଭିନନ୍ଦନ ଏବଂ କି ପ୍ରକାର ଶୁଭେଚ୍ଛା ହେବ ! ହୋଲି, ଦୀପାବଳି, ରକ୍ଷାବନ୍ଧନ, ନବରାତ୍ରି, ଦଶହରା, ଇଦ୍, ବଡଦିନ, ନୂତନବର୍ଷ ପ୍ରାରମ୍ଭ ସମୟରେ ବଜାରଗୁଡ଼ିକ 'ଉପହାର' ଦ୍ୱାରା ସଜ୍ଜିତ ହୋଇଥାଏ। ଉପହାରଗୁଡ଼ିକ ସର୍ବଦା ଏକପ୍ରକାର ହୋଇଥାଏ, କିନ୍ତୁ ପର୍ବପର୍ବାଣି ସହିତ କମ୍ପାନୀଗୁଡ଼ିକ ତରଫରୁ ଯାହା କେବଳ ଲୋଭନୀୟ ତଥା ଆକର୍ଷଣୀୟ ସ୍ଲୋଗାନ(ବାର୍ତ୍ତା)ଗୁଡ଼ିକ ପରିବର୍ତ୍ତିତ ହୋଇଥାଏ। ଯାହା ଆମ ସମ୍ବେଦନା ଏବଂ ଭାବନାକୁ ଉତ୍ତେଜିତ କରିଥାଏ। ଅନ୍ୟ ଅର୍ଥରେ କହିଲେ ଏହା ଆମ ଭାବନା ସହିତ ଖେଳି ଆମକୁ ନିଜ ଲୋଭନୀୟ ଜାଲରେ ଫସାଇବାକୁ ଉଦ୍ୟମ କରେ।

କିଛି ବର୍ଷ ପୂର୍ବରୁ ରକ୍ଷାବନ୍ଧନ ସମୟରେ ଭାଇମାନେ ନିଜ ଭଉଣୀଙ୍କ ହାତରେ ଯାହା ଧରେଇ ଦେଉଥିଲେ ତାହା ସେମାନଙ୍କ ପାଇଁ ଅମୂଲ୍ୟ ଉପହାର ଥିଲା। ଭଉଣୀ ଜଣଙ୍କ ବୟସରେ ବଡ ଅବା ଜ୍ଞାନୀ ହୋଇଥିଲେ ସେ କହୁଥିଲେ, ଏହାର କି ଆବଶ୍ୟକତା ଥିଲା ? କିନ୍ତୁ ଆଜି ରକ୍ଷାବନ୍ଧନ ପୂର୍ବରୁ ଭଉଣୀମାନେ ପୂର୍ଣ୍ଣ ଅଧିକାର ସହିତ ଭାଇଙ୍କଠାରୁ ଉପହାର ଚାହୁଁଛନ୍ତି। ଏହା ହେଉଛି ସେହି ବଜାରବାଦର ପ୍ରଭାବ। ବଜାରବାଦର ବୁଢିଆଣୀ ଜାଲର ପ୍ରଭାବରେ ଆମେ ଏକଥା ଚିନ୍ତା କରିବା ଆରମ୍ଭ କରିଦେଉ ଯେ ଶୁଭେଚ୍ଛା ଜଣାଇବା ପାଇଁ ଯଦି ଆମକୁ କାହା ଘରକୁ ଯିବାକୁ ପଡେ, ତେବେ ଆମେ କିପରି ଖାଲି ହାତରେ ଯିବା ! ମନରେ ଏଭଳି ଭାବନା ମଧ୍ୟ ଉଙ୍କିମାରେ ଯେ ବିନା ଉପହାରରେ କ'ଣ ଅଭିନନ୍ଦନ କିମ୍ବା ଶୁଭେଚ୍ଛା ଦିଆଯାଇ ପାରେ ? ଅନ୍ୟ ଦିଗରେ ସମ୍ମୁଖରେ ଥିବା ବ୍ୟକ୍ତି ମଧ୍ୟ ଅନୁମାନ ଲଗାଇ ବସେ ଯେ ଯଦି କେହି ଶୁଭେଚ୍ଛା ଦେବାକୁ ମୋ ପାଖକୁ ଆସିବ, ତେବେ ସେ ନିଶ୍ଚିତ ଭାବରେ କିଛି ଉପହାର ନେଇ ଆସିବ। ଉପହାର ଯେତେ ଭାରି, ବଡ ଏବଂ ମହଙ୍ଗା ହୋଇଥାଏ ସମ୍ପର୍କ ସେତେ ଶକ୍ତିଶାଳୀ ବୋଲି ଆଜି ବିବେଚିତ ହେଉଛି। ଯିଏ ଆଦୌ କିଛି ଆଣି ନ ଥାଏ ସେ ସମ୍ପୂର୍ଣ୍ଣ ରୂପେ ଉପେକ୍ଷିତ ହୋଇଥାଏ।



ବଜାରବାଦ କାରଣରୁ ସମାଜର କିଛି ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି ପାଇଛି। ଅର୍ଥର ଆଗମନ କିଛି ଲୋକଙ୍କ ଅହଂକାର ଗୁଣକୁ ବଢାଇ ଦେଇଛି। ଏହି କାରଣରୁ ପୂର୍ବର ସେହି ଆତ୍ମୀୟତା ଏବଂ ଭାବନାରେ ଆଘାତ ପହଞ୍ଚିଛି। ବର୍ତ୍ତମାନ ଲୋକମାନେ ଏକଥା ମଧ୍ୟ ଭାବୁଛନ୍ତି ଯେ ଆଗ ସେ ମୋ ନିକଟକୁ ଅବା ମୋ ଘରକୁ ଆସୁ ତା'ପରେ ମୁଁ ତା' ପାଖକୁ ଅବା ତା' ଘରକୁ ଯିବି। ଅର୍ଥାତ୍ ଯଦି ଜଣେ ମୋ ସୁଖ ଦୁଃଖରେ ମୋ ପାଖରେ ଠିଆ ହେଉନାହିଁ ତେବେ ମୁଁ କାହିଁକି ତା' ଦୁଆରକୁ ଯିବି ? ତାକୁ ଲୋଡିବି ? ଆଜି ପ୍ରାୟତଃ ସମସ୍ତଙ୍କ ଚିନ୍ତାଧାରା ଏହିଭଳି। ଏହାର ପ୍ରଭାବରେ ଲୋକମାନେ ନିଜ ଘରେ ସଙ୍କୁଚିତ ହୋଇ ରହିବାକୁ ପସନ୍ଦ କରୁଛନ୍ତି। ସୀମିତ ପରିସରରେ ପର୍ବପର୍ବାଣି, ଉତ୍ସବ ଆଦି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରିବା ଆରମ୍ଭ କରିଛନ୍ତି।

ପୂର୍ବେ ଉପହାରର ଆଦାନ ପ୍ରଦାନ ଉଚ୍ଚ ଶ୍ରେଣୀର ସମ୍ମାନ ତଥା ମର୍ଯ୍ୟାଦା ରୂପେ ବିବେଚିତ ହେଉଥିଲା। କିନ୍ତୁ ମଧ୍ୟବିତ୍ତମାନେ ଆଜି ଏହାର ସବୁଠାରୁ ବଡ ଶିକାର ହେଉଛନ୍ତି। ମଧ୍ୟବିତ୍ତମାନେ ନିଜ ପରିବାର, ବନ୍ଧୁବର୍ଗ ଏବଂ ପରିଚିତଙ୍କୁ ସମ୍ମାନର ପ୍ରତୀକ ସ୍ୱରୂପ ମହଙ୍ଗା ଉପହାର ଦେଉଛନ୍ତି। ପ୍ରତିବଦଳରେ ମୂଲ୍ୟବାନ ଉପହାର ଫେରି ପାଇବାର ଆଶା ରଖୁଛନ୍ତି।

ପର୍ବପର୍ବାଣିର ପବିତ୍ରତାକୁ ବଞ୍ଚାଇବାକୁ ହେଲେ ଆମକୁ ବଜାରବାଦରୁ ତାହାକୁ ରକ୍ଷା କରିବାକୁ ପଡିବ। ସର୍ବୋପରି ସୁଦୃଢ଼ ସମ୍ପର୍କ ପାଇଁ ପ୍ରଲୋଭନକାରୀ ବିଜ୍ଞାପନଠାରୁ ନିଜକୁ ଦୂରେଇ ରଖିବାକୁ ହେବ। ମନେରଖିବାକୁ ହେବ ଯେ ସମ୍ପର୍କର ମୂଳଭିତ୍ତି ହେଉଛି ପାରସ୍ପରିକ ସ୍ନେହ, ଭଲପାଇବା ଏବଂ ଭାଇଚାରା। ବୁଝିବାକୁ ହେବ ଯେ ପର୍ବପର୍ବାଣିଗୁଡ଼ିକ ଆମ ସମ୍ପର୍କକୁ ଗାଢ କରିଥାଏ। ତେଣୁ ପର୍ବପର୍ବାଣି ଭଳି ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମେ କାହାଠାରୁ କିଛି ଆଶା ନ ରଖି ନିଜ ହୃଦୟର ଗଭୀରତମ ପ୍ରଦେଶରୁ ପରସ୍ପରକୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇବା। ଶୁଭେଚ୍ଛା ବଜାରରୁ ନୁହେଁ ହୃଦୟରୁ ସୃଷ୍ଟି ହେବା ଆବଶ୍ୟକ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

କାର୍ କିମ୍ବା ବସ୍ ଭିତରେ ଏସି ଲାଗିଥିବାର ଅନେକେ ଦେଖିଥିବେ। ହେଲେ ଟ୍ରାକ୍ଟରରେ ଏସି ଲାଗିବା କଥା କେହି କ'ଣ ଚିନ୍ତା କରିପାରେ! କିନ୍ତୁ ଏମିତି ଏକ କାମକୁ ସଫଳତାର ସହ କରି ଦେଖାଇଛନ୍ତି ଯୁବଚାଷୀ ଗୁରଦୀପ ସିଂହ। କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ଛାତ୍ର ଉତ୍ତରପ୍ରଦେଶ ମେରଟର ରାଜପୁରା ଗ୍ରାମର ଗୁରଦୀପ ପାଠ ପଢ଼ିବା ସହିତ ଚାଷ କରନ୍ତି। ଚାଷ କାମରେ ଅନେକ ସମୟରେ ତାଙ୍କୁ ଟ୍ରାକ୍ଟର ଚଳାଇବାକୁ ପଡ଼େ। କିନ୍ତୁ ଅତ୍ୟଧିକ ଖରା ଗରମ ଯୋଗୁ ବେଶି ସମୟ ବିଲରେ କାମ କରିପାରନ୍ତି ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ସେ ଟ୍ରାକ୍ଟରରେ ଏସି ଲଗାଇବାକୁ ଚିନ୍ତା କରି କାମ ଆରମ୍ଭ କରିଥିଲେ। ତାଙ୍କର ଏଭଳି କାମ ଦେଖି ତାଙ୍କୁ ଲୋକେ ସମାଲୋଚନା କରିଥିଲେ। ହେଲେ ସେ ଶେଷରେ ଗାଁର ଜଣେ ମେକାନିକଙ୍କ ସାହାଯ୍ୟରେ ଟ୍ରାକ୍ଟରରେ ଏସି ଲଗାଇବାରେ ସକ୍ଷମ ହୋଇଛନ୍ତି। ଏହାପରେ ଖରାରେ ସେ ଘଣ୍ଟା ଘଣ୍ଟା କାମ କରୁଛନ୍ତି। ସେ ଖରାରେ ୪ରୁ ୫ ଘଣ୍ଟା ପରିଶ୍ରମ କରିପାରୁଥିଲେ କିନ୍ତୁ ଏବେ ଏକ୍ସଟ୍ରାକ୍ଟରେ ୧୦ରୁ ୧୨ ଘଣ୍ଟା କାମ କରିପାରୁଛନ୍ତି। ତେଣୁ ନିଜ ଆବଶ୍ୟକତା ପୂରଣ ପାଇଁ ସେ ଯେଉଁଭଳି ଜ୍ଞାନକୌଶଳ ବ୍ୟବହାର କରିଛନ୍ତି ତାହା ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ମାର୍ଚ୍ଚ ୧୯୭୬**

- କୋଣାର୍କଠାରୁ ୮ କିମି ଦୂରରେ ଥିବା କୁରୁମଠାରେ ଖ୍ରୀଷ୍ଟୀୟ ୯ମ ୧୦ମ ଶତାବ୍ଦୀର ଅନ୍ତର୍ଗତ ବୌଦ୍ଧ ବିହାରର କେତେକାଂଶ ଭୂଗର୍ଭରୁ ଉଦ୍ଧାର କରାଯାଇଛି।
- ଅଦରକାରୀ ଚା'ଗୁଣ୍ଡରୁ 'କାଫିନ' ନାମକ ଏକ ଔଷଧ ତିଆରି କରାଯାଇ ପାରିବ ବୋଲି ବିଜ୍ଞାନ ଓ କାରିଗରୀ ସଂକ୍ରାନ୍ତ ଜାତୀୟ କମିଟି ଗବେଷଣାରୁ ଜଣାପଡ଼ିଛି।
- ବାଂଲାଦେଶ ଭାରତରୁ ୩,୨୫,୦୦୦ ଟନ୍ କୋଇଲା କିଣିବା ନେଇ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

କେତେ ରୂପ ହେଲାଣି ଅରୂପ
ଏ ଜୀବନ-ପଥେ ରଖି ଦାଗ
ନିକଟ ଯେ ହୋଇଯାଏ ଦୂର
ଖାଲି କରି ମୋର ସୁଖ ପୁର
ନିଭିଯାଏ କେତେ ଅନୁରାଗ
ଏ ଜୀବନ-ପଥେ ରଖି ଦାଗ।
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 9 | 7 | | | 1 | | |
| | | | 1 | | | | | |
| | | 5 | | 3 | | 7 | | |
| 8 | 2 | | | 4 | 9 | | | |
| 9 | | 1 | | | | | | 2 |
| | | | 5 | | | | 3 | |
| 4 | | | | 2 | | | | 1 |
| | | | | 5 | | | | |
| | 8 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | 8 | 1 | 7 | 5 | 9 | 2 |
| 5 | 8 | 2 | 3 | 9 | 6 | 4 | 1 | 7 |
| 1 | 9 | 7 | 5 | 4 | 2 | 3 | 6 | 8 |
| 2 | 5 | 8 | 6 | 7 | 3 | 9 | 4 | 1 |
| 6 | 7 | 9 | 4 | 8 | 1 | 2 | 5 | 3 |
| 3 | 4 | 1 | 9 | 2 | 5 | 7 | 8 | 6 |
| 9 | 1 | 4 | 7 | 3 | 8 | 6 | 2 | 5 |
| 8 | 3 | 5 | 2 | 6 | 9 | 1 | 7 | 4 |
| 7 | 2 | 6 | 1 | 5 | 4 | 8 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ରାହ୍ମଣୀକୁ ପ୍ରଦୂଷଣ ମୁକ୍ତ କରାଯାଉ

ମହାଶୟ,

ବ୍ରାହ୍ମଣୀ ନଦୀ କୂଳରେ ବସବାସ କରୁଥିବା ଗ୍ରାମବାସୀ ବର୍ତ୍ତମାନ ତା ଜଳ ବ୍ୟବହାର କରିବାକୁ ଡରିଲେଣି। କାରଣ, ତା ଆଖପାଖରେ ଥିବା କଳ କାରଖାନା ଦୂଷିତ ବର୍ଜ୍ୟ ବସ୍ତୁ ଓ ପାଣିକୁ ବ୍ରାହ୍ମଣୀ ନଦୀରେ ଛାଡୁଛନ୍ତି। ବିଭିନ୍ନ ପ୍ରକାରରେ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଦ୍ୱିତୀୟତଃ, ବ୍ରାହ୍ମଣୀ ନଦୀ ଅବବାହିକ ପୋତି ହୋଇ ଗଲାଣି, ଯାହା ପାଇଁ କୃଷି କାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଛି। ଏ ବିଷୟରେ ବୈଷୟକ ସଂସ୍ଥା ଓ ସରକାରୀସ୍ତରରେ ଅନୁସନ୍ଧାନ ସରିଛି। ବ୍ରାହ୍ମଣୀ ନଦୀକୁ ଡ୍ରେଜିଙ୍ଗ କରିବାକୁ ବୈଷୟିକ କମିଟି ରିପୋର୍ଟ ଦେଇଥିଲେ ସୁଦ୍ଧା କାର୍ଯ୍ୟକାରୀ ହେଉନାହିଁ। କୃଷି କାର୍ଯ୍ୟ ବ୍ୟାହତ ହେଉଛି ଓ ପ୍ରଦୂଷଣ ମୁକ୍ତ କରିବାକୁ ବ୍ରାହ୍ମଣୀ ନଦୀ କୂଳରେ ଥିବା ଅଧିବାସୀଙ୍କ ତରଫରୁ ଡ୍ରେଜିଙ୍ଗ କାର୍ଯ୍ୟ ଓ ପ୍ରଦୂଷଣ ମୁକ୍ତ କରିବାକୁ ବର୍ଷାଋତୁ ପୂର୍ବରୁ ସାରିବାକୁ ଅନୁରୋଧ । ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**-ବିଷ୍ଣୁ ପ୍ରସାଦ ସାହୁ, ବେଙ୍ଗରାପୁର, ବୁରୀ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବନ୍ଦ ଘରୁ ବାପା, ଝିଅଙ୍କ ମୃତଦେହ ଜବତ

## ଆର୍ଥିକ ଚାପରୁ ହତ୍ୟା ପରେ ଆତ୍ମହତ୍ୟା ସନ୍ଦେହ

କଟକ,୨୮।୨(କାର୍ତ୍ତିକ ସାହୁ)

କଟକ ଜିଲା ବାଦାମବାଡ଼ି ଥାନା ଅନ୍ତର୍ଗତ ଜଗନ୍ନାଥ ଲେନ୍‌ରେ ଥିବା ଏକ ବନ୍ଦ ଘର ଭିତରୁ ବାପା, ଝିଅଙ୍କ ମୃତଦେହ ପୋଲିସ ଜବତ କରିଛି। ସେମାନେ ହେଲେ ମାନସ ରଞ୍ଜନ ଦାସ (୬୦) ଓ ତାଙ୍କ ଝିଅ ହରଶ୍ରୀତା ହେମାଙ୍ଗିନୀ (୧୭)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ଉପସ୍ଥିତ ଲୋକଙ୍କୁ ପଚରାଉଚରା କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଦେଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ମୃତକଙ୍କ ଏକ ମୋବାଇଲ ଜବତ ହୋଇଛି। ଆର୍ଥିକ ଚାପରୁ ବାପା ଝିଅକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତ ଅନୁମାନ କରିଛି।

ସୂଚନାନୁସାରେ, ମାନସଙ୍କ ଘର କେନ୍ଦ୍ରାପଡ଼ା ଜିଲା ଗୁଣ୍ଡୁପୁର ଅଞ୍ଚଳରେ ହୋଇଥିବାବେଳେ ସେ ବାଦାମବାଡ଼ି ଜଗନ୍ନାଥ ଲେନ୍‌ରେ ଥିବା ୪ ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଫ୍ଲାଟ୍ ନମ୍ବର୍ ୧/୨ଏ୩ରେ ରହି ବ୍ୟବସାୟ କରୁଥିଲେ। ଉକ୍ତ ଆପାର୍ଟମେଣ୍ଟରେ ପ୍ରାୟ ଦେଢ଼ ବର୍ଷ ହେବ ସେ ତାଙ୍କ ଝିଅ ସହ ରହିଆସୁଥିଲେ। କିଛିବର୍ଷ ତଳୁ ମାନସଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ଝିଅ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ବାପା ସବୁବେଳେ ତାଙ୍କୁ ଘର ଭିତରେ ରଖୁଥିଲେ। କେବେ ବି ବାହାରକୁ ଛାଡୁ ନ ଥିଲେ। ମାନସ ରହୁଥିବା ଘରର ଭଡ଼ା ବାବଦକୁ ସମସ୍ତ ଦେୟ ଗୁରୁବାର ମାଲିକଙ୍କୁ ଦେଇଥିବାବେଳେ ଶୁକ୍ରବାର ଘର ଛାଡ଼ିବାର ଥିଲା। ଅପରପକ୍ଷରେ ବ୍ୟବସାୟିକ କ୍ଷେତ୍ରରେ ଆର୍ଥିକ ବୋଝ ଯୋଗୁ ମାନସ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ପ୍ରାଥମିକ ସ୍ତରରେ ପୋଲିସ ଅନୁମାନ କରୁଛି। ଶୁକ୍ରବାର ସକାଳୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମାନସଙ୍କ ଘରର କବାଟ ବନ୍ଦ ରହିଥିଲା। ଘର ମାଲିକଙ୍କ ଲୋକେ ବହୁ ସମୟ ଯାଏ କବାଟ ବାଡ଼େଇବା ପରେ ବି ଭିତରୁ କିଛି ଉତ୍ତର ଆସି ନ ଥିଲା। ଏଭଳି ଖବର ପାଇବା ପରେ ଘର ମାଲିକ ଏନେଇ ବାଦାମବାଡ଼ି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରେ ପଶିବା ପରେ ମାନସଙ୍କ ମୃତଦେହ ଧୋତି ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲା। ସେହିପରି ଝିଅର ମୃତଦେହ ଘର ଭିତରେ ଥିବା ଖଟ ଉପରେ ପଡ଼ି ରହିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଦ୍ୱୟକୁ ମାନସଙ୍କ ଭଉଣୀ ସସ୍ମିତା ଦାସଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି।



ଝିଅ ହରଶ୍ରୀତା ହେମାଙ୍ଗିନୀଙ୍କ ସହ ମାନସ ରଞ୍ଜନ ଦାସ।

# ବସ୍‌ରେ ମହିଳାଙ୍କୁ ବଳାତ୍କାର ଘଟଣାର ଅଭିଯୁକ୍ତ ଗିରଫ

ପୁଣେ,୨୮।୨

ମହାରାଷ୍ଟ୍ରର ପୁଣେରେ ୨୬ ବର୍ଷୀୟା ମହିଳାଙ୍କୁ ବସ୍ ଭିତରେ ବଳାତ୍କାର କରିଥିବା ଅଭିଯୁକ୍ତ ଦତ୍ତାତ୍ରେୟ ଗଡେଙ୍କୁ ପୋଲିସ ୭୫ ଘଣ୍ଟାର ତନାଘନା ପରେ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ସେ ଲୁଚିଥିବା ସ୍ଥାନକୁ ଚିହ୍ନଟ କରିବାରେ ଡଗ୍ ସ୍କ୍ୱାଡ୍ ସଫଳ ହୋଇଥିଲା। ୩୭ ବର୍ଷୀୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ୧୩ଟି ଟିମ୍ ଗଠନ କରିବା ସହ ଡ୍ରୋନ୍ ନିୟୋଜିତ କରିଥିଲା। ଦତ୍ତାତ୍ରେୟ ଘର ଛାଡ଼ିବା ପୂର୍ବରୁ ବୋତଲେ ପାଣି ନେଇଥିଲେ ଏବଂ ଭୁଲ କରିଥିବା ନେଇ ପରିବାର ନିକଟରେ ସ୍ୱୀକାର କରିଥିଲେ ବୋଲି ଜଣାପଡ଼ିଛି। ପୋଲିସ ଏକ ବଦଳା ଶାର୍ଟ ପାଇ ଡଗ୍‌ସ୍କ୍ୱାଡ୍‌କୁ ଦେଇଥିଲା, ଯାହା ଦତ୍ତାତ୍ରେୟଙ୍କ ଗନ୍ଧ ବାରି ତାଙ୍କୁ ଠାବ କରିବା ପାଇଁ ଯଥେଷ୍ଟ ଥିଲା। ସନ୍ଧାନୀ କୁକୁର ପୋଲିସକୁ ଅଭିଯୁକ୍ତ ଯାଇଥିବା ରାସ୍ତାରେ ନେଇଯାଇଥିଲା। ଦତ୍ତାତ୍ରେୟ ତାଙ୍କ ସମ୍ପର୍କୀୟଙ୍କ ଘର ନକଟ କେନାଲ ପାଖରେ ଥିବା ଆଖୁକ୍ଷେତରେ ଲୁଚିଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ବେକରେ ରଶି ଦାଗ ଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ସନ୍ଦେହ କରୁଛି।



ଦତ୍ତାତ୍ରେୟ ଗଡେ

# ସରକାରୀ ଅର୍ଥ ହଡ଼ପ ଅଭିଯୋଗ ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୨୮।୨(ରାକେଶ କୁମାର ରାଉତ): ସରକାରୀ ଅର୍ଥ ତୋସରପାତ ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜଲା ହରଭଙ୍ଗା ପଞ୍ଚାୟତର କାନ୍ଦ୍ରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର କହଁର। ସୂଚନାଯୋଗ୍ୟ ଯେ, ୨୦୧୯ରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିଲା। ଅଭିଯୁକ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ୨ ଲକ୍ଷ ୯୪୫ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୫/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ଫୁଲବାଣୀ ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ତଥ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ପୁରନ୍ଦର ଦେହୁରୀ ଓ ସାରସ୍ୱତ ମଲିକଙ୍କୁ ଅଦାଲତ ପ୍ରମାଣ ଅଭାବରୁ ନର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପିଭିଜି ରାମଦାସ ପରିଚାଳନା କରୁଥିଲେ।

# ଇଡି ପଞ୍ଝାରେ ଫରେଷ୍ଟ ଗାର୍ଡ: ବାସଭବନରେ ୭ଘଣ୍ଟା ଚଢ଼ାଉ

ଭବାନୀପାଟଣା/କୋକସରା, ୨୮।୨
(ଉତ୍ତମ କୁମାର ଦାଶ/
ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ବନୀକରଣ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଚଢାଉ ସମୟରେ ଇଡିର ଅଧିକାରୀ କାର୍ଯ୍ୟାଳୟର କାଗଜପତ୍ର ଯାଞ୍ଚ କରିବା ସହ କର୍ମଚାରୀଙ୍କୁ ପଚରାଉଚୁରା କରିଥିଲେ। ସେହିପରି ଜୟପାଟଣା ରେଞ୍ଜରେ କାର୍ଯ୍ୟରତ ଥିବା ବେଣାଖମାର ବିଟ୍ ଫରେଷ୍ଟ ଗାର୍ଡ ଅଶୋକ ସାହୁଙ୍କ କୋକସରା ବ୍ଲକ ଲଡୁଗାଁ ବନ୍ଧପଡାସ୍ଥିତ ବାସଭବନରେ ଇଡି ଚଢାଉ କରିଛି। ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚଢ଼ାଉ କରିବା ସହ ଫରେଷ୍ଟ ଗାର୍ଡ ସାହୁଙ୍କୁ ଅଧିକାରୀମାନେ ଜେରା କରିଥିଲେ। ପରେ ଫରେଷ୍ଟ ଗାର୍ଡ ସାହୁଙ୍କୁ ଅଧିକାରୀମାନେ ନିଜ ଗାଡିରେ ନେଇଯାଇଥିଲେ। ଏହି ଖବର ସଂଗ୍ରହ ପାଇଁ ଗଣମାଧ୍ୟମ ପ୍ରତିନିଧି ଦୀର୍ଘ ସମୟ ଧରି ଅଶୋକଙ୍କ ବାସଭବନ ଆଗରେ ଅପେକ୍ଷା କରିଥିଲେ ମଧ୍ୟ ଅଧିକାରୀମାନେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ଜଙ୍ଗଲ ବିଭାଗର ବନୀକରଣ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ବହୁ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ପରେ ଇଡି ପକ୍ଷରୁ ଚଢ଼ାଉ ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ସମ୍ପୃକ୍ତ ଫରେଷ୍ଟ ଗାର୍ଡ ସାହୁଙ୍କ ନାଁରେ ଅନେକ ଅଭିଯୋଗ ରହିଥିବା ଜଣାପଡିଛି।

# ଲାଞ୍ଚ ନେଇ ଧରାପଡ଼ିଲେ କୁନ୍ଦୁଲି ଲ୍ୟାମ୍ପ୍‌ସ ମ୍ୟାନେଜର

କୋରାପୁଟ/ସୁନାବେଡ଼ା/
ସେମିଳିଗୁଡ଼ା,୨୮।୨(ଅମିତାଭ ବେହେରା/
କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲି ଅଞ୍ଚଳର ମଣ୍ଡିରେ ମାଣ୍ଡିଆ ଚାଷୀଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଲ୍ୟାମ୍ପ୍‌ସ ମ୍ୟାନେଜର ସତ୍ୟନାରାୟଣ ଚାଲାଣ ଜୟପୁର ଭିଜିଲାନ୍ସ ହାତରେ ଶୁକ୍ରବାର ଧରାପଡ଼ିଛନ୍ତି। ଦୁଧାରୀ ଗାଁର ତୁଳସୀ ମଣ୍ଡଳ ନାୟକ ୧୧୭ ବସ୍ତା ମାଣ୍ଡିଆ ନେଇ କୁନ୍ଦୁଲି ମଣ୍ଡିକୁ ଯାଇଥିଲେ। ସେଠାରେ ମଣ୍ଡି ପରିଚାଳକ ସତ୍ୟନାରାୟଣ ତାଙ୍କୁ ମାଣ୍ଡିଆ ବିକିବାକୁ ବସ୍ତା ପିଛା ୪୫ ଟଙ୍କା ହିସାବରେ ୫୨୬୫ ଟଙ୍କା ଲାଞ୍ଚ ମାଗିଥିଲେ। ଅର୍ଥ ନ ଦେଲେ ମାଣ୍ଡିଆ କିଣାହେବ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ତୁଳସୀଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ, ସତ୍ୟନାରାୟଣ ତୁଳସୀଙ୍କଠାରୁ ୩୦୦୦ ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ପରେ ସତ୍ୟନାରାୟଣଙ୍କ କୁନ୍ଦୁଲି ଅଫିସ ସହ ନନ୍ଦପୁର ବାସଭବନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏ ନେଇ କେସ୍ ନଂ ୯/୨୫ରେ ମାମଲା ରୁଜୁକରି ତଦନ୍ତ ଜାରି ରହିଛି। ଚଢ଼ାଉ ବେଳେ ଏକ ବାଇକ୍(ଓଡି୧୦-ଏ-୨୪୧୯)କୁ ବିଭାଗ ଜବତ କରିଛି।



ସତ୍ୟନାରାୟଣ ଚାଲାଣ।

# ଫେରାର ଅଭିଯୁକ୍ତ ଗିରଫ

## ଭାଜପା କର୍ମୀଙ୍କୁ ଗୋଡ଼ାଇ ହାଣିବା ଘଟଣା

ଗୋପାଳପୁର,୨୮।୨(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଗତ ୭ ତାରିଖରେ ଭାଜପା କର୍ମୀ ଓ ଅନ୍ୟମାନଙ୍କୁ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ହାଣିବା ଓ ଦୋକାନ ଭଙ୍ଗାରୁଜା କରିବା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହଳଦିଅରପଦର ଗ୍ରାମର ଚନ୍ଦନ ସେଠୀ। ଘଟଣା ପରଠାରୁ ଚନ୍ଦନ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଟିକିନା ପାତ୍ରଙ୍କ ଅଭିଯୋଗକ୍ରମେ ନଂ. ୬୧/୨୫ରେ ଏକ ମାମଲା ରୁଜୁ ହୋଇଛି। ତେବେ ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୭ ତାରିଖ ସନ୍ଧ୍ୟାରେ ଏହି ଥାନା ଅଧୀନ କନିସି ହାଟତଳ ରାସ୍ତାରେ ଭାଜପା କର୍ମୀ ସନତ ନାୟକ ଓ ସନ୍ତୋଷ ସାମଲ, ଅଟୋ ନଗର ଓଭରବ୍ରିଜ ତଳେ ସଲିପ ପାତ୍ର, ହଳଦିଆପଦାରେ ଚିକେନ ଦୋକାନୀ ସାୟଦ ଉମର, ଫାଷ୍ଟଫୁଡ ଦୋକାନୀ ବାବୁଲା ପାଳଙ୍କୁ କେତେ ଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ହାଣିବା ସହ କିଛି ସମୟ ପାଇଁ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଓ ହଳଦିଆପଦର ଗ୍ରାମର ହରିଜନ ସାହିରେ ଆତଙ୍କ ଖେଳାଇଥିଲେ। ୪ଟି ଦୋକାନ ମଧ୍ୟ ଭଙ୍ଗାରୁଜା କରିଥିଲେ। ପୂର୍ବରୁ ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Candidate needed for Survey Blockwise and Districtwise on product basic 70% subsidy available for consumer by Amar Jyoti.
Contact: 6291122660, 6291111691
Location:
Berhampur, Cuttack, Bhubaneswar

ଆବଶ୍ୟକ
କନ୍‌ଷ୍ଟ୍ରକସନ ସାଇଟ୍ ପାଇଁ ଡାଟା ଏଣ୍ଟ୍ରି ଅପରେଟର ଆବଶ୍ୟକ।
ଯୋଗାଯୋଗ:
7381066999 / 7381207777

WALK IN INTERVIEW : 09.03.2025
**Campus Supervisor :** Qualification : +2, Desirable Experience: 01 year in any Housing Society, Salary : Rs. 25,000/pm
**Free accommodation for self**
**Life Guard for Swimming Pool :** Desirable Qualification: Certificate from Competant Authority, Salary: Rs. 15,000/pm,
**Note : Salary is negotiable**
Please forward your Resume: jvtbbsr@gmail.com / 7656016371
Society: Jalvayu Tower, Niladri Vihar, Bhubaneswar-751021

WALK-IN-INTERVIEW
JODA WOMEN'S COLLEGE, JODA, KEONJHAR
Applications are inivted from suitable candidates for the following posts.

| Sl. No. | Name of the Post | No. of Post | Qualification |
|---|---|---|---|
| 1. | LECTURER IN PHILOSOPHY | 01 | PG (55% Min.) |
| 2. | LECTURER IN I.T. | 01 | MCA |

Interested candidates fulfilling the eligibility criteria mentioned above are requested to attend the Walk-in-Interview at Joda Women's College, Joda, Keonjhar on Dt.16.03.2025 (Sunday), 11.00 A.M. The candidates are requested to bring all the original certificates in support of their qualification.
Principal-cum-Secretary
Joda Women's College, Joda, Keonjhar
Contact No.: 9438340548

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ପ୍ରକଳ୍ପ ପ୍ରବନ୍ଧକ (ଜିଏସ୍)/ଜିଏସ୍‌ୟୁ/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ. ୧; ଟେଣ୍ଡର ନଂ.: ସିକେପି-ଜିଏସ୍‌ୟୁ-ଫେନ୍‌ସିଂ-୨୪-୨୫-୦୧; କାର୍ଯ୍ୟର ନାମ:** ଆସନବଣୀ-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ କିମି ୨୩୩.୮୮୦ରୁ ୫୧୫.୧୧୭ (୨୮୧.୨୩୭ ଟିଆର୍. କିମି) ପର୍ଯ୍ୟନ୍ତ ମେଟାଲ୍ ବିମ୍ କ୍ରାଶ୍ ବ୍ୟାରିୟର, ଫିକ୍ସଡ୍ ନଟ୍ ଫେନ୍‌ସିଂ ବେଜିନାଲ-୨୦୦୦, ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ଏବଂ ଆରସିସି କଲମ୍ ସହ ଇଟା କାମ ଦ୍ୱାରା ରେଳଧାରଣା କଡ଼ରେ ସୁରକ୍ଷା ବାଡ଼ର ବ୍ୟବସ୍ଥା କରିବା; **ଟେଣ୍ଡର ମୂଲ୍ୟ:** ₹୨୦୨,୯୪,୮୭,୧୫୦.୦୭; **ଇଏମ୍‌ଡି:** ₹୧,୦୦,୦୦,୦୦୦; **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦୦; **ଖୋଲାଯିବା ତାରିଖ:** ତା୦୪।୦୪।୨୦୨୫ରିଖ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-1196)

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧
ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍
ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ପଟ୍ଟାମୁଣ୍ଡାଇ ଶାଖା ଋଣଗ୍ରହୀତା /ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସୁବ୍ରତ କୁମାର ମଲିକ,** ପିତା: ସୁରେଶ ଚନ୍ଦ୍ର ମଲିକ, ସା/ପୋ: ଆମ୍ରେର, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୫ / **ଋଣଗ୍ରହୀତା: ଶ୍ରୀମତୀ ବାବିନା ମଲିକ,** ମାର୍ଫତ: ସୁବ୍ରତ କୁମାର ମଲିକ, ସା/ପୋ: ଆମ୍ରେର, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୫ | ଶ୍ରୀ ସୁବ୍ରତ କୁମାର ମଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୬୯/୭୭୧, ପ୍ଲଟ୍ ନଂ.: ୧୧୬/୩୩୯୧, କ୍ଷେତ୍ର: ଏକର୦.୦୫୦ ଡିସିମିଲି, କିସମ: ଘରବାରି, ମୌଜା: ମାଟିଆ, ତହସିଲ: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଏସ୍‌ଆରଓ: ପଟ୍ଟାମୁଣ୍ଡାଇ, ଏହାର ଚାରିବାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୧୬/୩୩୯୮, ଦକ୍ଷିଣ: ପ୍ଲଟ୍ ନଂ. ୧୧୬, ପୂର୍ବ: ପ୍ଲଟ୍ ନଂ.: ୧୧୬/୩୩୯୮, ଦକ୍ଷିଣ: ପ୍ଲଟ୍ ନଂ. ୨୪୫୦ | ୧୦.୧୨.୨୦୨୪ / ୧୯.୦୨.୨୦୨୫ / ୨୦.୦୨.୨୦୨୫ / ଟ.୨୪,୫୯,୪୧୨.୯୧ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି । ଏତଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ । ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟାଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ ।
ସ୍ଥାନ: କଟକ, ତାରିଖ: ୨୮.୦୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ୱେବ୍‌ସାଇଟ୍: www.ayush.gov.in
ଆୟୁଷ ମନ୍ତ୍ରଣାଳୟ
"ଆୟୁଷ ଭବନ"
"ବି" ବ୍ଲକ୍, ଜି.ପି.ଓ. କମ୍ପ୍ଲେକ୍ସ / 'B' Block, GPO Complex,
ଆଇ.ଏନ୍.ଏ., ନୂଆଦିଲ୍ଲୀ - ୧୧୦୦୨୩ / INA, New Delhi - 110 023
ଏଫ୍. ନଂ. ଆର୍-୨୧୦୧୧/୧/୨୦୨୫-ଇପି-III
ତାରିଖ: ଫେବୃଆରୀ, ୨୦୨୫
ଅଧିସୂଚନା
**ଜାତୀୟ ହୋମିଓପାଥି ଆୟୋଗ (ଏନ୍‌ସିଏଚ୍)ର ଅଧ୍ୟକ୍ଷ, ଏନ୍‌ସିଏଚ୍ ଅଧୀନରେ ହୋମିଓପାଥି ଶିକ୍ଷା ବୋର୍ଡର ଅଧ୍ୟକ୍ଷ, ଏନ୍‌ସିଏଚ୍ ଅଧୀନରେ ହୋମିଓପାଥି ଚିକିତ୍ସା ମୂଲ୍ୟାୟନ ଏବଂ ରେଟିଂ ବୋର୍ଡର ଅଧ୍ୟକ୍ଷ ଏବଂ ଏନ୍‌ସିଏଚ୍ ଅଧୀନରେ ହୋମିଓପାଥି ସଦାଚାର ଏବଂ ପଞ୍ଜୀକରଣ ବୋର୍ଡର ଅଧ୍ୟକ୍ଷ ନିମନ୍ତେ ପ୍ରତ୍ୟେକ ଗୋଟିଏ ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି ।**
୧. ଦରଖାସ୍ତ ପ୍ରାପ୍ତିର ସମାପ୍ତି ତାରିଖ ସୁଦ୍ଧା ଆବେଦନକାରୀଙ୍କ ବୟସ ୬୫ ବର୍ଷରୁ କମ୍ ହୋଇଥିବା ଜରୁରୀ ।
୨. ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ଖବରକାଗଜରେ ବିଜ୍ଞାପନ ପ୍ରକାଶନ ତାରିଖରୁ ୩୦ ଦିନ ।
୩. ସବିଶେଷ ବିଜ୍ଞାପନ ଏବଂ ଆବେଦନ ଫର୍ମାଟ୍ ଆୟୁଷ ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.ayush.gov.inରେ ସ୍ଥାନିତ ହେବ ଏବଂ ଡାଉନ୍‌ଲୋଡ୍ କରାଯାଇପାରିବ ।
୪. ଏକରୁ ଅଧିକ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କୁ ପ୍ରତ୍ୟେକ ପଦବୀ ଲାଗି ପୃଥକ୍ ପ୍ରୋଫର୍ମା ପୂରଣ କରିବାକୁ ହେବ ।
୫. ନିର୍ଦ୍ଧାରିତ ପ୍ରୋଫର୍ମାରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସମସ୍ତ ସମ୍ବନ୍ଧିତ ପ୍ରମାଣପତ୍ରଗୁଡ଼ିକର ଅନୁପ୍ରମାଣିତ/ସ୍ୱ-ଅନୁପ୍ରମାଣିତ ନକଲକୁ ନିମ୍ନଲିଖିତ ଠିକଣାରେ ପଠାଯିବା ଆବଶ୍ୟକ: ସଚିବ, ଆୟୁଷ ମନ୍ତ୍ରଣାଳୟ, ଆୟୁଷ ଭବନ, ବି-ବ୍ଲକ୍, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ, ୧୧୦୦୨୩ । ଲଫାପାର ଉପରିଭାଗରେ "ଜାତୀୟ ହୋମିଓପାଥି ଆୟୋଗରେ ........................ (ସମ୍ପୃକ୍ତ ପଦବୀ) ପଦବୀ ନିମନ୍ତେ ଦରଖାସ୍ତ" ।
CBC-17201/11/0028/2425

OFFICE OF THE DISTRICT PROJECT COORDINATOR
SAMAGRA SHIKSHA, SUBARNAPUR
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ
E-mail: dpcsonepurssa.opepa@nic.in, pedsonepurssa.opepa@nic.in, Ph.: 06654-220551 / 06654-220514 (Fax)
No. 582 Date: 27.02.2025
NOTICE INVITING TENDER (NIT)
Sealed tenders are invited in prescribed format from the registered firms/suppliers/dealers having PAN, GST and IT Clearance Certificate for supply of TLM & Equipment and Bedding items to 6 Nos. of Kastura Gandhi Balika Vidyalays (KGBV - Type - III) of Subarnapur district. The tender paper will be submitted to District Project Coordinator, Samagra Shiksha, Subarnapur on or before by 17.03.2025. Details bid documents can be downloaded from the official website **www.subarnapur.odisha.gov.in** and **www.osepa.odisha.gov.in**.
By the Order of Collector and Chairman, Samagra Shiksha, Subarnapur.
Sd./- District Project Coordinator
Samagra Shiksha, Subarnapur

GOVERNMENT OF JHARKHAND
OFFICE OF THE EXECUTIVE ENGINEER,
DRINKING WATER & SANITATION DIVISION, PAKUR.
E-Procurement Notice (1st Call)
Tender Notice Reference No.- DWSD/PKR/34/2024-25 Dated : 27.02.2025

| | | |
|---|---|---|
| 1 | Name of the Department | Drinking Water and Sanitation Department, Jharkhand, Ranchi. |
| 2 | Name of the Advertiser | Executive Engineer, Drinking Water & Sanitation, Division, Pakur. |
| 3 | Date of Publication of Tender on Web site | 06.03.2025/ 01.00 PM |
| 4 | Date of Pre- bid Meeting | 13.03.2025 / 01.00 PM |
| 5 | Last date /Time for receipt of Bid | 26.03.2025/04.00 PM |
| 6 | Last date/time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 26.03.2025/ 04.00P.M |
| 7 | Date of opening of Tender | 27.03.2025/04.00 P.M |
| 8 | Name & address of office inviting tender | Executive Engineer, Drinking Wate r & Sanitation Division, Pakur, Jharkhand. |
| 9 | Contact no of Procurement office | 9110073326 |

| Sl. No | Name of Work | Block | Group No. | Estimated Cost (In Rs.) | Earnest money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|
| 1 | Remaining Work of Urban Water Supply Scheme, Pakur | Pakur | 1 | 43462000.00 | 10000.00 | 900000.00 | 06 Month |

➤ Note:- The Work order will be given only after sanction of Administrative Approval.
- अन्य किसी प्रकार की सूचना http://jharkhandtenders.gov.in पर देखा जा सकता है।
- प्राक्कलित राशि घट–बढ़ सकती है, तद्नुसार अग्रधन की राशि एवं परिमाण विपत्र का मूल्य देय होगा।
- आवंटन प्राप्त होने के उपरान्त ही भुगतान किया जायेगा।
- उपरोक्त वर्णित समयावधि के अन्दर ही कार्य करना अनिवार्य है। समय सीमा के अन्दर कार्य पूर्ण नहीं करने पर काली सूची में दर्ज करने की कार्रवई की जायेगी।
- परिमाण विपत्र की राशि लौटाई नहीं जायेगी।

Executive Engineer,
Drinking Water & Sanitation
Division, Pakur.
PR 347379 Drinking Water and Sanitation(24-25)#D

# ଟ୍ରେନ୍‌ରେ କଟି ଅଚିହ୍ନା ଯୁବକଙ୍କ ମୃତ୍ୟୁ

ବାରଙ୍ଗ,୨୮।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ୍ ଗଦେଇକୁଦ ଗ୍ରାମ ସାରଙ୍ଗେଇ ମନ୍ଦିର ନିକଟ ରେଲ୍‌ୱେ ଟ୍ରାକ୍‌ରେ କଟି ଶୁକ୍ରବାର ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ସମୟରେ ନିକଟସ୍ଥ ଗ୍ରାମର କେତେଜଣ ବ୍ୟକ୍ତି ଶୌଚହେବା ପାଇଁ ରେଳଧାରଣା ଅତିକ୍ରାନ୍ତ କରି ଯାଉଥିବାବେଳେ ମୃତଦେହ ପଡ଼ିଥିବା ଦେଖି ରେଲ୍‌ୱେ ଥାନାକୁ ଖବର ଦେଇଥିଲେ। ଖବରପାଇ ରେଲ୍‌ୱେ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ୍ ପଠାଇଛି। ରେଳଧାରଣା କଡ଼ରେ ଏକ (ଓଡି-୦୨-ସିପି-୪୧୨୦) ସ୍କୁଟି ରହିଥିବା ଦେଖିବାକୁ ମିଳିଛି। ଉକ୍ତ ଗାଡ଼ିଟି ମୃତ୍ୟୁବରଣ କରିଥିବା ଯୁବକର ବୋଲି ସନ୍ଦେହ କରାଯାଉଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ଓ କ'ଣ ପାଇଁ ସେ ରେଳଧାରଣା ନିକଟକୁ ଯାଇଥିଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ରେଲ୍‌ୱେ ପୋଲିସ ପକ୍ଷରୁ କୁହାଯାଇଛି।

# ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ହେବ ସ୍ୱତନ୍ତ୍ର ରୋଡ୍‌ମ୍ୟାପ



ମକ୍ ଏକ୍ସରସାଇଜ୍ କାର୍ଯ୍ୟକ୍ରମର ତଦାରଖ କରାଯାଉଛି।


ଏକ ଶିଳ୍ପାଞ୍ଚଳରେ ଅନୁଷ୍ଠିତ ମକ୍ ଏକ୍ସରସାଇଜ୍।

ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)

## ୧୬ ଜିଲାର ୨୪ ଶିଳ୍ପାନୁଷ୍ଠାନରେ ମକ୍ ଏକ୍ସରସାଇଜ୍ ସରିଲା

ରାସାୟନିକ ବିପର୍ଯ୍ୟୟ ଓ ଏଭଳି ଆପଦକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ୧୬ ଜିଲାର ୨୪ଟି ଶିଳ୍ପାନୁଷ୍ଠାନରେ ମକ୍ ଏକ୍ସରସାଇଜ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର କୌଣସି ଶିଳ୍ପାନୁଷ୍ଠାନରେ ରାସାୟନିକ ଗ୍ୟାସ୍ ଲିକ୍, ବିସ୍ଫୋରଣ କିମ୍ବା ଅନ୍ୟ ଆନୁଷଙ୍ଗିକ ଦୁର୍ଘଟଣା ଘଟିଲେ ତାହାକୁ ତୁରନ୍ତ ପ୍ରଭାବଶାଳୀ ଢଙ୍ଗରେ କିପରି ପ୍ରଶମନ କରାଯାଇପାରିବ ସେ ଦିଗରେ ଏହି ଜରୁରିକାଳୀନ ତାଲିମ ପ୍ରଦାନ କରାଯାଇଛି। ଜରୁରିକାଳୀନ ପ୍ରତିକ୍ରିୟାକୁ ଶୃଙ୍ଖଳିତ କରିବା, ଖାଲିଥିବା ସ୍ଥାନ ଚିହ୍ନଟ କରିବା, ପ୍ରାରମ୍ଭିକ ଚେତାବନୀ, ସତର୍କତା, ନିରାପତ୍ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରୁ ମିଳିଥିବା ଅଭିଜ୍ଞତା ଆଧାରରେ ଆଗାମୀ ଦିନରେ ରାସାୟନିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯିବ। ଶିଳ୍ପାନୁଷ୍ଠାନଗୁଡ଼ିକରେ ଗଚ୍ଛିତ ରାସାୟନିକ ପଦାର୍ଥ, ବିପଜ୍ଜନକ ଓ ଦହନଶୀଳ ସାମଗ୍ରୀକୁ ଚିହ୍ନଟ କରି ମକ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ଆପଦକାଳୀନ ପରିସ୍ଥିତିର ସାମ୍ନା କରିବାର ପ୍ରସ୍ତୁତି ସ୍ୱରୂପ ନିକଟସ୍ଥ ଗ୍ରାମବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ସିଆଇଏସ୍‌ଏଫ୍, ଜିଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ଶିଳ୍ପାନୁଷ୍ଠାନ, ପୋଲିସ, ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ, ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧି ଓ ପ୍ରଭାବିତ ହେବାକୁ ଥିବା ଜନସାଧାରଣ ସାମିଲ ହୋଇଥିଲେ। ରାଜ୍ୟସ୍ତରୀୟ ବୈଷୟିକ ପର୍ଯ୍ୟବେକ୍ଷକମାନଙ୍କୁ ନିୟୋଜିତ କରାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବସରପ୍ରାପ୍ତ କମାଣ୍ଡାଣ୍ଟ ଆଦିତ୍ୟ କୁମାର ରାଜ୍ୟ ଜରୁରିକାଳୀନ ଅପରେଶନ ସେଣ୍ଟରଠାରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହିତ ମକ୍ ଏକ୍ସରସାଇଜ୍ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ପରେ ଏଠାରେ ଆୟୋଜିତ ଆଭାସୀ ବୈଠକରେ ୧୬ ଜିଲା ପ୍ରଶାସନର ଅଧିକାରୀ, ଚିହ୍ନଟ ଶିଳ୍ପାନୁଷ୍ଠାନଗୁଡ଼ିକର ପ୍ରତିନିଧି, ମନୋନୀତ ଇନ୍‌ସିଡେଣ୍ଟ କମାଣ୍ଡର ଓ ବୈଷୟିକ ପର୍ଯ୍ୟବେକ୍ଷକମାନେ ଏହି ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ମତ, ଅନୁଭୂତି ଏବଂ ପ୍ରସ୍ତାବ ଆଗତ କରିଥିଲେ। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା ବୈଠକରେ ଅଧକ୍ଷତା କରିଥିଲେ।

# ସୁଭଦ୍ରା ଶକ୍ତି ମେଳା ପରିଦର୍ଶନ କଲେ ୨ଲକ୍ଷ ଦର୍ଶକ



ସୁଭଦ୍ରା ଶକ୍ତି ମେଳା ମଞ୍ଚରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ମିଶନଶକ୍ତି ବିଭାଗ ପକ୍ଷରୁ ଜନତା ମଇଦାନରେ ଚାଲିଥିବା 'ସୁଭଦ୍ରା ଶକ୍ତି ମେଳା' ଶୁକ୍ରବାର ସପ୍ତମ ଦିନରେ ପହଞ୍ଚିଛି। ଇତିମଧ୍ୟରେ ମେଳାରେ ସମୁଦାୟ ୨ ଲକ୍ଷରୁ ଅଧିକ ସଂଖ୍ୟାର ଦର୍ଶକ ଭ୍ରମଣ କରିଥିବା ବେଳେ ୨.୫ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି। ତେବେ ଲାଇଭ୍ ପ୍ରଦର୍ଶନ ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା। ଦର୍ଶକଙ୍କୁ ପ୍ରତ୍ୟେକ୍ଷ ଭାବରେ ଶିଳ୍ପକଳା ଅନୁଭବ କରିବାର ଏକ ଅନନ୍ୟା ସୁଯୋଗ ଦେଇଥିଲା। କାରିଗର ଏବଂ ଏସ୍‌ଏଚ୍‌ଜି ମା'ଙ୍କ ଦ୍ୱାରା ପ୍ରଦର୍ଶିତ କୁମ୍ଭାର ଶିଳ୍ପ, କାଠ ଶିଳ୍ପ, କାଗଜ ମାଚେ, ଗୋଲଡେନ ଗ୍ରାସ, ସବାଇ ଘାସ କଳା ଏବଂ ଲାଖ ଖେଳନା

## ମନ ମୋହୁଛି ମହିଳା କୁମ୍ଭକାରଙ୍କ ଜୀବନ୍ତ ପ୍ରଦର୍ଶନ

ନିର୍ମାଣ ଆଦି ପ୍ରଦର୍ଶନ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଦର୍ଶକମାନେ ଦକ୍ଷ କାରିଗରଙ୍କ ମାର୍ଗଦର୍ଶନରେ ମାଟିକୁ ଆକାର ଦେବା ଏବଂ ପାରମ୍ପରିକ କୁମ୍ଭାର କଳାରେ ନିଜ ହାତ ଚଳାଇବାର ସୁଯୋଗ ପାଇଥିଲେ। ଏଥିସହ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରୂପଶ୍ରୀ ମିଶ୍ର ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପ୍ରଖ୍ୟାତ ବ୍ୟଙ୍ଗ କବି ଜ୍ଞାନ ହୋତା, ଦୁର୍ଗା ମହାପାତ୍ର, ସତ୍ୟନାଶିଆ ଏବଂ ସର୍ବଗିଳାଙ୍କ ଦ୍ୱାରା ବ୍ୟଙ୍ଗାତ୍ମକ କବିତା ପାଠ କରିଥିଲେ।

# ଏସ୍‌ଏଚ୍‌ଜିରୁ ୩.୩୩ ଲକ୍ଷ ଠକେଇ, ସେକ୍ରେଟାରୀ ଗିରଫ

ଭୁବନେଶ୍ୱର,୨୮।୨(ସତ୍ୟଜିତ୍ ରାଉତ)

ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ରୁ ୩ଲକ୍ଷ ୩୩ହଜାର ୮୦୦ ଟଙ୍କା ଠକିବା ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଲକ୍ଷ୍ମୀଶାଗର ଥାନା ଅନ୍ତର୍ଗତ ଉପରସାହିର ପ୍ଲଟ୍ ନଂ.-୧୧୫୨ରେ ରହୁଥିବା ଗୋରଖନାଥ ଏସ୍‌ଏଚ୍‌ଜିର ସେକ୍ରେଟାରୀ ସଞ୍ଜୁକ୍ତା ମହାରଥୀ (୩୦)। ସଞ୍ଜୁକ୍ତାଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୪ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗୋରଖନାଥ ଏସ୍‌ଏଚ୍‌ଜିର ସଭାପତି ଲିଲି ସାମଲ ଓ ଅନ୍ୟ ସଦସ୍ୟାଙ୍କ ଏତଲାକ୍ରମେ ଶୁକ୍ରବାର ପୋଲିସ ଏକ ମାମଲା (ନଂ.୭୭/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତା ସଂଯୁକ୍ତା ଗୋରଖନାଥ ଏସ୍‌ଏଚ୍‌ଜିର ସେକ୍ରେଟାରି ରହିବା ସହ ଅନ୍ୟ ଗ୍ରୁପ୍‌ର ସଦସ୍ୟା ଅଛନ୍ତି। ୨୦୨୨ରୁ ୨୦୨୪ ଡିସେମ୍ବର ଯାଏ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କଠାରୁ ସଞ୍ଜୁକ୍ତା ୩ ଲକ୍ଷ ୩୩ ହଜାର ୮୦୦ ଟଙ୍କା ହଡ଼ପ କରି ନେଇଥିଲେ। ଏଥିମଧ୍ୟରେ ଗୋରଖନାଥ ଏସ୍‌ଏଚ୍‌ଜିର ୫୦ ହଜାର ୮୦୦, ମଙ୍ଗଳା ମଣ୍ଡପ ସାହି ଏସ୍‌ଏଚ୍‌ଜିର ୧୮ ହଜାର, ଓମ୍ ସାଇ ରାମ ଏସ୍‌ଏଚ୍‌ଜିର ୫୦ ହଜାର, ଭଗବତୀ ଏସ୍‌ଏଚ୍‌ଜିର ୧୫ ହଜାର ଏବଂ ଜୟ ଜଗନ୍ନାଥ ଏସ୍‌ଏଚ୍‌ଜିର ୨ ଲକ୍ଷ ଟଙ୍କା ରହିଛି। ଗ୍ରୁପର ସଦସ୍ୟାମାନେ ସଞ୍ଜୁକ୍ତାଙ୍କୁ ବହୁବାର ଟଙ୍କା ଫେରାଇବାକୁ ଯୋଗାଯୋଗ କରିଥିଲେ। ସଞ୍ଜୁକ୍ତା ସବୁ ଟଙ୍କା ଫେରାଇବାକୁ ମୁଚାଲିକା ଲେଖି ପ୍ରତିଶ୍ରୁତି ଦେଇଥିବା ବେଳେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ।


ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରରେ ଶୁକ୍ରବାର ଉତ୍କଳ ସମ୍ମିଳନୀ ଓ ଭିଏସ୍‌ଏସ୍‌ନଗର ଉନ୍ନୟନ ପରିଷଦ ପକ୍ଷରୁ ଭିଏସ୍‌ଏସ୍‌ନଗରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଜେଜେବାପାଙ୍କ ସହ ମହିଳା ଗିରଫ

ଭୁବନେଶ୍ୱର,୨୮।୨(ସୂର୍ଯ୍ୟକାନ୍ତ ବେହେରା)

## ନାତୁଣୀଙ୍କୁ ଚେଙ୍କ ଦେଇ ନିର୍ଯାତନା ଦେଉଥିଲେ

ଜଣେ ମହିଳାଙ୍କ ସହ ମିଶି ୭ ବର୍ଷର ନାତୁଣୀକୁ ଗରମ ଚେଙ୍କ ଦେଇ ମାଡ଼ମାରିବା ଓ ବାରମ୍ବାର ନାନା ନିର୍ଯାତନା ଦେବା ଘଟଣାରେ ଶହୀଦନଗର ଥାନା ପୋଲିସ ପଦକ୍ଷେପ ଗ୍ରହଣ କରିଛି। ଏଥିରେ ସଂପୃକ୍ତ ଅଭିଯୁକ୍ତ ଜେଜେ ବାପା ଓ ମହିଳାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ନୟାଗଡର ଦୈତାରୀ ନାୟକ ଓ ମୈତ୍ରୀବିହାର ଥାନା ଅଞ୍ଚଳର ମାମାଲି ନାୟକ। ଜାମିନ ନ ମିଳିବାରୁ ଉଭୟଙ୍କୁ ଝାରପଡାସ୍ଥିତ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ୭ ବର୍ଷ ଝିଅଟିର ମା ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ସେ ଜେଜେ ବାପାଙ୍କ ସହ ରହୁଥିଲେ। ଏହାରି ଭିତରେ ମହିଳା ଜଣକ ଝିଅର ପରିଚୟ ଦେଇ ଦୈତାରୀଙ୍କ ପାଖରେ ରହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉଭୟ ମିଶି ଉକ୍ତ ଶିଶୁକନ୍ୟାକୁ ଗରମ ଚେଙ୍କ ଦେବା ସହ ମାଡ ମାରୁଥିଲେ। ଫଳରେ ଶିଶୁଟିର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ସୃଷ୍ଟି ହୋଇଥିଲା। ଗୁରୁବାର ଶିଶୁ କନ୍ୟାଟି ଘରୁ ବାହାରି ଆସି ଏକ ମନ୍ଦିର ପାଖରେ କାନ୍ଦୁଥିବା ବେଳେ ଜଣେ ବ୍ୟକ୍ତି ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଏହାପରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ସ୍ୱେଚ୍ଛାସେବୀର ଜଣେ କର୍ମଚାରୀ ଥାନାରେ ଅଭିଯୋଗ କରିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# 'ଅନୁସୂଚିତ ବର୍ଗଙ୍କୁ ଅଣଦେଖା କରାଯାଉଛି'

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

## ରାଜଭବନ ସମ୍ମୁଖରେ ଧାରଣା ଦେବ ମୂଳନିବାସୀ ୟୁନାଇଟେଡ୍ ଫୋରମ

ରାଜ୍ୟରେ କ୍ରମାଗତ ଭାବେ ଅନୁସୂଚିତ ବର୍ଗଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ସମ୍ବେଦନଶୀଳ ଘଟଣାର ସମାଧାନ ପାଇଁ ବାରମ୍ବାର ରାଜ୍ୟ ସରକାର ଏବଂ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ହୋଇପାରୁ ନ ଥିବା ମୂଳନିବାସୀ ୟୁନାଇଟେଡ୍ ଫୋରମ ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ବୁଦ୍ଧମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଅଭିଯୋଗ କରାଯିବା ସହ ସମସ୍ତ ସ୍କୁଲରେ ଏକ ପ୍ରକାର ସିବିଏସ୍‌ଇ ପାଠ୍ୟକ୍ରମ ସହ ସିଲାବସ୍‌ରେ ସମ୍ବିଧାନ ଓ ଆମ୍ବେଦକରଙ୍କ ବିଷୟରେ ପଢାଯିବା ଲାଗି ବ୍ୟବସ୍ଥା କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏନେଇ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସମ୍ମିଳନୀରେ ସ୍ଥିର ହୋଇଛି।

ସଙ୍ଗଠନର ରାଜ୍ୟ ଅଧକ୍ଷ ମନୋରଞ୍ଜନ ଜେନା କହିଛନ୍ତି, ୧୯୮୨ରୁ ଚନ୍ଦକା ଡମପଡାକୁ ଅଭୟାରଣ୍ୟ ଭାବେ ସରକାର ଘୋଷଣା କରିଥିଲେ ହେଁ ଏଠାରେ ବସବାସ କରୁଥିବା ଢୋଲକାଠ, ନୂଆକୁଆ, ବେହେଣ୍ଟାସାହି, ପିଠାଖିଆ ଏବଂ ଡାଆଣିଗାଡ଼ିଆ ଆଦି ୫ଖଣ୍ଡ ଗ୍ରାମର ଆଦିମ ଅଧିବାସୀଙ୍କୁ ଏଯାବତ୍ ଅନ୍ୟତ୍ର ଥଇଥାନ କରିବାରେ ସଫଳ ହୋଇନାହାନ୍ତି। ଖୋର୍ଦ୍ଧା ଜିଲା ନିଜିଗଡ଼ ତାପଙ୍ଗ ବାଘଟାଙ୍ଗୀ ଗ୍ରାମର ଭୂମିହୀନ ଆଦିବାସୀ ପ୍ରଜାଙ୍କ ଜୀବନଜୀବିକା ପାଳିଥିବା କାଜୁଜଙ୍ଗଲ କାଟିପଥର ଖନନ ବନ୍ଦ କରିବା, ଖୋର୍ଦ୍ଧା ଜିଲା ଦଧିମାଛଗାଡ଼ିଆ ଗ୍ରାମ ନିକଟ 'ମାଣ୍ଡିଆ ତଇଲା' ପାହାଡ଼ରେ ଡିନାମାଇଟ୍ ବିସ୍ଫୋରଣ ବନ୍ଦ କରିବା, ଗଞ୍ଜାମ ଜିଲାର ଜଗନ୍ନାଥ ପ୍ରସାଦ ତୁଲଡ଼ି, ଯାଜପୁର ଜିଲାର ବ୍ୟାସନଗର ତୂନଭାଟି ପ୍ଲଟ୍‌ରୁ ଘର ଭଙ୍ଗା, ଦାନଗଦୀ ଉଚ୍ଚବାଲିରେ ଆଦିବାସୀଙ୍କୁ ବିସ୍ଥାପିତ, ଘରୋଇ ଶିଳ୍ପସଂସ୍ଥା ଓ ଠିକା ଏଜେନ୍ସିରେ ଆଦିବାସୀ ଓ ଦଳିତମାନଙ୍କୁ ୪୦% ଭାଗ ସ୍ଥାନ ସଂରକ୍ଷଣ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ସଙ୍ଗଠନର ଇନ୍ଦ୍ରଜିତ୍ ବିଡ଼ିକା, ଦୈତାରୀ ନାୟକ, ପ୍ରକାଶ ନାୟକ, ପ୍ରଦ୍ୟୁମ୍ନ ନାୟକ, ସୁପ୍ରଭା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଘାଟରେ ଚଢ଼ାଉ, ୭ ଗିରଫ

ଭୁବନେଶ୍ୱର/ବାରଙ୍ଗ,୨୮।୨
(ସୂର୍ଯ୍ୟକାନ୍ତ ବେହେରା/ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅନ୍ତର୍ଗତ କୁଆଖାଇ ନଦୀର କଲ୍ୟାଣପୁର ବାଲିଘାଟରେ ଜେସିବି



ଗିରଫ ୭ ଅଭିଯୁକ୍ତ, ଜବତ ଗାଡି ଓ ଜେସିବି।

ଲଗାଇ ବାଲି ଚୋରା ଚାଲାଣ ବେଳେ ସ୍ଥାନୀୟ ପୋଲିସ ଚଢାଉ କରି ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ପଟିଆ ତଳସାହିର ପ୍ରସନ୍ନ କୁମାର ପରିଡ଼ା(୫୪), ମଞ୍ଚେଶ୍ୱର ଚକେଇସିଆଣି ଗ୍ରାମର ବାଦଲ ମହାନ୍ତି(୪୨) ଓ ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମର ତପନ ସ୍ୱାଇଁ (୪୦)। ଏହି ୩ ଜଣ ବାଲି ଚୋରା ଚାଲାଣର ମୁଖ୍ୟ ହୋଇଥିବା ବେଳେ ଅନ୍ୟ ୪ ଜଣ ଡ୍ରାଇଭର। ସେମାନେ ହେଲେ କଟକ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଲେମ୍ବେରି ଗ୍ରାମର ସୁଧାକର ପ୍ରଧାନ(୩୨), ବଡ଼ମ୍ବା ଥାନା ଅଞ୍ଚଳର ଶ୍ରୀଧର ନାୟକ(୪୦), ଢେଙ୍କାନାଳ କାଲୁରିଆ ଗ୍ରାମର ଜଳନ୍ଧର ମହାଳିକ(୪୨) ଓ ନୟାଗଡ଼ର ଡୁନା ଦାସ(୨୭)। ସେମାନଙ୍କଠାରୁ ଏକ ବାଲି ଭର୍ତ୍ତି ହାଇୱା, ଏକ ଟିପର ଟ୍ରକ, ଦୁଇଟି ଜେସିବି ମେସିନ ଓ ଦୁଇଟି କାର ଜବତ ହୋଇଛି। ତଦନ୍ତ ସମୟରେ ଅଭିଯୁକ୍ତମାନେ ଚାଲାଣ ବାଲିର କୌଣସି ଅନୁମତିପତ୍ର ଦେଖାଇ ନ ପାରିବାରୁ ନନ୍ଦନକାନନ ପୋଲିସ ସେମାନଙ୍କ ନାମରେ ଆପରାଧିକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଦେଶରେ ୨୧% ମହିଳା, ୨୯% ପୁରୁଷ ଆର୍ଥିକ ସାକ୍ଷର

ଭୁବନେଶ୍ୱର,୨୮।୨(ଅନୁରାଧା ମହାରଣା)

ନ୍ୟାଶନାଲ ସେଣ୍ଟର ଅଫ୍ ଫାଇନାନ୍ସିଆଲ୍ ଏଜୁକେଶନ(ଏନ୍‌ସିଏଫଇ)ର ରିପୋର୍ଟ ଅନୁଯାୟୀ, ଭାରତରେ ମାତ୍ର ୨୧% ମହିଳା ଆର୍ଥିକ ଭାବେ ସାକ୍ଷର ଥିବାବେଳେ ପୁରୁଷଙ୍କ ଆର୍ଥିକ ସାକ୍ଷରତା ହାର ୨୯% ରହିଛି। ଆର୍‌ବିଆଇର ଆର୍ଥିକ ସାକ୍ଷରତା ସପ୍ତାହ ପାଳନ ଅବସରରେ ଗ୍ୟାରେଜଛକସ୍ଥିତ ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଗାନ୍ଧୀମାର୍ଗରେ ଆୟୋଜିତ 'ମହିଳା ଆର୍ଥିକ ସାକ୍ଷରତା ସଚେତନତା ପଦଯାତ୍ରା'ରେ ଯୋଗଦେଇ ସମ୍ପାଦିକା ସସ୍ମିତା ଦାସ ଏହି ସୂଚନା ଦେଇଛନ୍ତି। ସେ କହିଲେ, ମହିଳା ଓ ପୁରୁଷଙ୍କ ଆର୍ଥିକ ସାକ୍ଷରତା ହାରରେ ଥିବା ଅସମାନତା ଦୂର କରିବା ଆବଶ୍ୟକ। ଏହି ପଦଯାତ୍ରାରେ ଗୃହିଣୀ, କର୍ମଜୀବି ଓ ମହିଳା ଉଦ୍ୟୋଗୀମାନେ ସାମିଲ ହୋଇଥିଲେ। ମଦରର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୋଦ କୁମାର ଦାସ କହିଲେ, ସମାଜରେ ମହିଳାଙ୍କ ବହୁମୁଖୀ ଭୂମିକାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ଆର୍ଥିକ ସାକ୍ଷରତାକୁ ପ୍ରାଥମିକତା ଦେବା ଏହି ଅଭିଯାନର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ମଦର ଦ୍ୱାରା ପରିଚାଳିତ ଫାଇନାନ୍ସିଆଲ ଲିଟେରାସି ପ୍ରୋଗ୍ରାମର ଜୋନାଲ କୋଅର୍ଡିନେଟର ପ୍ରଶାନ୍ତ ରାଉତରାୟଙ୍କଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓୟୁଟିଆର୍‌ରେ ରିସର୍ଚ୍ଚ କନକ୍ଲେଭ୍



ଓୟୁଟିଆର୍ କନ୍‌କ୍ଲେଭ୍‌ରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ରିସର୍ଚ୍ଚ କନ୍‌କ୍ଲେଭ୍-୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରାମାନୁଜନ ନାରାୟଣ, ମୁଖ୍ୟ ବକ୍ତା ଭାବେ ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ସୁନିଲ କୁମାର ଷଡ଼ଙ୍ଗୀ, ଓୟୁଟିଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ଡିନ୍ (ଏକାଡେମୀ) ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ଏବଂ ଡିନ୍ (ପିଜିଏସଆର୍) ପ୍ରଫେସର୍ ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇଥିଲେ। ଏ ଅବସରରେ ୨ଟି ରିସର୍ଚ୍ଚ କନକ୍ଲେଭ୍ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓୟୁଟିଆର ସମେତ ଅନ୍ୟ ବିଶ୍ୱବିଦ୍ୟାଳୟରୁ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କ ୧୨୦ ପୋଷ୍ଟର ପ୍ରଦର୍ଶନ ସହ ଟେକ୍ନିକାଲ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆଗକୁ ଏଭଳି ଗବେଷଣାମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କୁଳପତି ବିଶ୍ୱାଳ ସୂଚନା ଦେଇଥିଲେ।

# ୫ଦଫା ଦାବି ନେଇ ଓସେପା କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ ପକ୍ଷରୁ ୫ଦଫା ଦାବି ନେଇ ଶୁକ୍ରବାର ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କର ପ୍ରମୁଖ ଦାବିଗୁଡିକ ମଧ୍ୟରେ କୌଣସି ପୁରୁଣା ଭିଟି ଆଗକୁ ଇଣ୍ଟରଭିୟୁ ଦେବେ ନାହିଁ। ଯେଉଁ ସ୍କୁଲ ଗୁଡିକରେ କାର୍ଯ୍ୟକରୁଛନ୍ତି ସେଠାରେ ପୁନଃ ନିଯୁକ୍ତି ପାଇବେ। କାହା ସାର୍ଟିଫିକେଟ ଭେରିଫିକେଶନ ହେବ ନାହିଁ। ବେଆଇନ ଭାବେ ଛଟେଇ ହୋଇଥିବା ଭିଟିଙ୍କୁ ପୁନଃନିଯୁକ୍ତି ଦିଆଯିବ। ବକେୟା ଦରମା ପ୍ରଦାନ ସହିତ ପୁରୁଣା ଭିଟିଙ୍କୁ ଘର ପାଖରେ ନିଯୁକ୍ତି ପ୍ରଦାନ କରାଯାଉ। ଆସୋସିଏଶନର ସଭାପତି ସୁନିଲ କୁମାର ଦେବତାଙ୍କ ନେତୃତ୍ୱରେ କର୍ମଚାରୀମାନେ ଓସେପା କାର୍ଯ୍ୟାଳୟ ଘେରାଉ କରିଥିଲେ। ସୁନିଲ କହିଛନ୍ତି, ପ୍ରତି ଜିଲାରେ ୨ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀମାନେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ ପାଠ ପଢ଼ାଉଛନ୍ତି। ୫ ବର୍ଷରୁ ଅଧିକ ସମୟ ଧରି ବିଦ୍ୟାଳୟରେ କାର୍ଯ୍ୟକରି କରୁଥିଲେ ସୁଦ୍ଧା ସେମାନଙ୍କ ପୁନଃବାର ପରୀକ୍ଷା ଦେବାକୁ କୁହାଯାଉଛି। ସେମାନଙ୍କୁ ସଂସ୍ଥା ପକ୍ଷରୁ ଠିକ ଭାବେ ଦରମା ଦିଆଯାଉ ନଥିବା ବେଳେ ବର୍ଦ୍ଧିତ ଦରମା ପ୍ରଦାନ କରାଯାଉନାହିଁ। ବିଭିନ୍ନ ପ୍ରକାରର ବାହାନା କରି ହଇରାଣ କରାଯାଉଛି। ଏଭଳି ସମସ୍ୟାଗୁଡିକ ଉପରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନ୍ୟନ୍ୟା ଦାସଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତୁରନ୍ତ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଆସୋସିଏଶନ ସଭାପତି କହିଛନ୍ତି।



ଓସେପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭଲ ଚିକିତ୍ସା ଆଳରେ ୭୯ ହଜାର ଚଳୁ, ଜଣେ ଗିରଫ

ଭୁବନେଶ୍ୱର,୨୮।୨(ସୂର୍ଯ୍ୟକାନ୍ତ ବେହେରା)

ଏକ ଠକେଇ ମାମଲାରେ ମୈତ୍ରୀ ବିହାର ପୋଲିସ ନିଜକୁ ଜାତୀୟ ମାନବାଧିକାର ଆୟୋଗର ଅଧିକାରୀ ଦାବି କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ଜଗତ୍‌ସିଂହପୁରର ସରୋଜ ବେହେରା। ପବିତ୍ର ମୋହନ ସାହୁଙ୍କ ଝିଅର ଦିଲ୍ଲୀ ଏମ୍‌ସରେ ସହଜ ଓ ସୁବିଧାରେ ଉତ୍ତମ ଚିକିତ୍ସା କରାଇଦେବା ନାଁରେ ୭୯ ହଜାରରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ମୈତ୍ରୀବିହାର ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ପବିତ୍ର ଏକ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ ଏଜେନ୍ସି ଚଳାଉ ଥିବା ବେଳେ ଅଭିଯୁକ୍ତ ସରୋଜ ହେଉଛନ୍ତି ତାଙ୍କର ଗ୍ରାହକ। ପବିତ୍ରଙ୍କ ଝିଅ ଅସ୍ଥିରୋଗରେ ପୀଡିତ ହୋଇ ଏମ୍‌ସରେ ଚିକିତ୍ସିତ ହେଉଥିବା ଜାଣିବା ପରେ ସେ ଠକେଇ ଯୋଜନା କରିଥିଲେ।

# ମହିଳାମାନେ ସଶକ୍ତ ହେବା ସହ ପରିଚୟ ସୃଷ୍ଟି କରନ୍ତୁ

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

## ମା' ରମାଦେବୀ ଚେୟାରର ଆନ୍ତର୍ଜାତିକ ସମ୍ମିଳନୀ

ପ୍ରତ୍ୟେକ ମହିଳା ସଶକ୍ତ ହେବାକୁ ଚେଷ୍ଟା କରନ୍ତୁ। ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ହୁଅନ୍ତୁ ବୋଲି ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ କହିଛନ୍ତି। ମା' ରମାଦେବୀ ଚେୟାରର ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ 'ମହିଳାଙ୍କ ସ୍ଥିରତା, ସଶକ୍ତୀକରଣ ଯାତ୍ରା: ଆଧ୍ୟାତ୍ମିକ ଶକ୍ତିର କାହାଣୀ ଏବଂ ରଣନୀତି' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ରମାବେଦୀ ମହିଳା ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆରମ୍ଭ ହୋଇଯାଇଛି। ଏହି ସମ୍ମିଳନୀକୁ ଏମ୍‌ପି ଷଡଙ୍ଗୀ ଉଦ୍‌ଘାଟନ କରି କହିଲେ, ନୂତନ ଜୀବନ ସୃଷ୍ଟି କରିବା ପାଇଁ ଆଧ୍ୟାତ୍ମିକ ଶକ୍ତିର ବହୁ ଆବଶ୍ୟକତା ରହିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପଢୁଥିବା ପ୍ରତ୍ୟେକ ଛାତ୍ରୀ ନିଜର ସ୍ୱପ୍ନ ପୂରଣ କରିବାକୁ ପ୍ରୟାସ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ ନାରୀ ସଶକ୍ତୀକରଣ, ସମାଜରେ ମହିଳାଙ୍କର ଭୂମିକା ଏବଂ ଜୀବନ ଦର୍ଶନ ଉପରେ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥିଭାବେ ଅଷ୍ଟ୍ରେଲିଆନ ଆନ୍ଥ୍ରୋପୋଲୋଜିଷ୍ଟ ତାନସେନ ରାମସେ, ଇଜିପ୍ଟ, ଆମେରିକା, ସାଉଥ ଆଫ୍ରିକା ସମେତ ନଅଟି ଦେଶର ପ୍ରସିଦ୍ଧ ନେତୃତ୍ୱବୃନ୍ଦ ଯୋଗଦେଇ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସ୍ୱତନ୍ତ୍ର ରଣନୀତି ଏବଂ ସାମାଜିକ ଚିନ୍ତାଧାରାକୁ ପରିବର୍ତ୍ତନ କରିବାରେ ଆଧ୍ୟାତ୍ମିକ ଶକ୍ତିର ଭୂମିକା ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ସମାଜସେବୀ କସ୍ତୁରୀ ଜାଲ ଯୋଗଦେଇ କଳାହାଣ୍ଡି ଜିଲାରେ ଅନାଥ ଛୁଆଙ୍କୁ ନିଜ ଛୁଆ ଭଳି ଲାଳନପାଳନ କରିବା ସହିତ ଜୀବନରେ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ।

ଅଧିବେଶନରେ ରମାଦେବୀ ମହିଳା ମହାବିଦ୍ୟାଳୟର ପ୍ରଫେସର ଡ. ଚଣ୍ଡୀ ଚରଣ ରଥ ଯୋଗଦେଇ ସମାଜରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ନାରିଶକ୍ତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ରମାଦେବୀ ମହିଳା ବିଶବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର୍ ସସ୍ମିତା କର ଛାତ୍ରୀଙ୍କୁ ସମାଜରେ ନାରୀମାନଙ୍କର ଭୂମିକା ବିଷୟରେ ପ୍ରେରଣାତ୍ମକ ଅଭିଭାଷଣ ରଖିଥିଲେ। ରମାଦେବୀ ଚେୟାର ଅଧକ୍ଷା ପ୍ରଫେସର ଶୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସମ୍ମିଳନୀରେ ରମାଦେବୀ ମହିଳା ବିଶବିଦ୍ୟାଳୟର କୁଳସଚିବ ଶ୍ୟାମଳୀ ମହାପାତ୍ର, ସସ୍ମିତା କରଙ୍କ ସମେତ ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରୀମାନେ ଯୋଗଦେଇଥିଲେ।

# ପରିଚୟ ଦେଇଛି ମିଲେଟ୍ ମିଶନ

ସରକାର ମିଲେଟ୍ ମିଶନ ଉପରେ ଗୁରୁତ୍ୱଦେବା ସହ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଉତ୍ପାଦ ଉପରେ ପ୍ରଶିକ୍ଷଣ ନେଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ମିଲେଟ୍ ପ୍ରସ୍ତୁତ ଖାଦ୍ୟସାମଗ୍ରୀର ସବୁଠି ଚାହିଦା ବଢ଼ିଛି। ମାଣ୍ଡିଆ ପ୍ରତି ଲୋକଙ୍କ ଆଗ୍ରହ ମଧ୍ୟ ବଢ଼ିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମିଲେଟ୍ ମିଶନ ଜରିଆରେ ପ୍ରଶିକ୍ଷଣପ୍ରାପ୍ତ ହୋଇ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି। ଖୋର୍ଦ୍ଧା ଜିଲାର ଏକାଧିକ ଏସ୍ଏଚ୍ଜି ଏବଂ ଉତ୍ପାଦକ ଗୋଷ୍ଠୀ ଏଥିରେ ଲାଭବାନ୍ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

**ଖୋର୍ଦ୍ଧା, ୨୮।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଓସ୍ତପୁର ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ବିସ୍କୁଟ, କେକ୍, ପୋଡ଼ପିଠା, ମୁଡ଼କି, ଚକୋଲେଟ, ମାଲ୍‌ପୁଆ, ସ୍ନାକ୍ସ ସମେତ ବରା, ଚପ୍, ସୁପ୍, ପକୋଡ଼ି, ମାଣ୍ଡିଆ ଚପ୍, ଚକୁଳି, ଆରିସା ଆଦି ପ୍ରସ୍ତୁତ କରୁଛନ୍ତି। ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଏହି ସଂଘର ୩୦ଜଣ ମହିଳା ଗତ ଡିସେମ୍ବରରେ ମିଲେଟ୍ ମିଶନରେ ପ୍ରଶିକ୍ଷଣ ନେଇଥିଲେ। ନିକଟରେ ଭୁବନେଶ୍ୱର କୃଷିମେଳାରେ ଯୋଗଦେଇଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ଡବ୍ଲୁଡିଟି(ସୋସିଆଲ) ସୁଜାତା ଶତପଥୀ କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଇଛନ୍ତି। ମାଣ୍ଡିଆରୁ ୨୦ ପ୍ରକାର ବିଭିନ୍ନ ସାମଗ୍ରୀ, ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଆଗକୁ ଓର୍‌ମାସ, ଉଦ୍ୟାନ ଓ କୃଷି ବିଭାଗର ସହଭାଗିତାରେ ଆହୁରି ଅଧିକ ବୈଷୟିକ ଜ୍ଞାନକୌଶଳରେ ପ୍ରଶିକ୍ଷଣ ଦେଇ ବଜାର ଉପଲବ୍ଧ ଉପରେ ଗୁରୁତ୍ୱ ଦିଆଯିବ। ଆଗକୁ ୫୦ ଏକର ଜମିରେ ମାଣ୍ଡିଆ ଚାଷ କରିବା ଯୋଜନା ରହିଛି। ଏହି ସଂଘର ବୋର୍ଡ ସଦସ୍ୟା ଶାନ୍ତିଲତା ବରିସଲ କୁହନ୍ତି, ଏହି ସଂଘରେ ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଶେୟାରହୋଲ୍ଡର ଅଛନ୍ତି। ବେଗୁନିଆ ବ୍ଲକ ଅଧୀନ ୩ ପଞ୍ଚାୟତର ୨୨ଟି ଗ୍ରାମର ୮୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏହି ସଂଘ ଗଠନ କରାଯାଇଛି। ଏଥିରେ ଫୁଲଚାଷ, ଛତୁଚାଷ, ମହୁଚାଷ, ମତ୍ସ୍ୟ ଓ ପଶୁପାଳନ, ପନିପରିବା ଚାଷ, ଆଚାର, ବଡ଼ି, ପାମ୍ପଡ଼, ମସଲା ସାମଗ୍ରୀ, ତନ୍ତବୁଣା କାମ ହେଉଛି। ଦୈନିକ ମହିଳାମାନେ ୮ ଘଣ୍ଟା କାମ କରୁଛନ୍ତି। ସେହି ଅନୁସାରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଉଛି। ମିଲେଟ୍ ପ୍ରତି ଲୋକଙ୍କ ବେଶ୍ ଆଗ୍ରହ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ବ୍ୟାପକ, ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯିବ।


ଜଟଣୀ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ।

ସେହିପରି ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତର ଛାମୁଡିଆ ନୂଆପଲ୍ଲୀ ଗ୍ରାମର ବାଲୁଙ୍କେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ନୂତନ ପରିଚୟ ଦେଇଛି ମିଲେଟ୍ ମିଶନ। ଏହି ଗ୍ରୁପ୍‌ର ସଦସ୍ୟାମାନେ ମାଣ୍ଡିଆରୁ ଭଳିକିଭଳି ସାମଗ୍ରୀ ପ୍ରସ୍ତୁତକରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରଶିକ୍ଷଣ ପରେ ମାଣ୍ଡିଆରୁ ନଡ଼ିଆପୁରଦିଆ କାକରା, ଆରିସା, କାଜୁ ଓ ରାଶି ଲଡୁ, ସେଓ, ବିଭିନ୍ନ ପ୍ରକାର ବିସ୍କୁଟ, ମାଣ୍ଡିଆ ଚା’ ଆଦି ପ୍ରସ୍ତୁତ କରୁଛନ୍ତି। ଚା’, ସେଓ ଏବଂ ଲଡୁର ବେଶ୍ ଚାହିଦା ରହିଛି। ଏହି ଗ୍ରୁପ୍‌ର ୧୦ ସଦସ୍ୟା ୬ଲକ୍ଷ ଟଙ୍କା ଯୋଗାଡ଼କରି ଏହି ଜୀବିକା ଆରମ୍ଭ କରିଛନ୍ତି। ଚଳିତବର୍ଷ ଜାନୁଆରୀରୁ ଆରମ୍ଭ କରିଛନ୍ତି ମାଣ୍ଡିଆ ସାମଗ୍ରୀ ଉତ୍ପାଦନ। ମାର୍କେଟିଂ ଦାୟିତ୍ୱରେ ରହିଥିବା ସୌମ୍ୟରଞ୍ଜନ ବଳିୟାରସିଂହ କୁହନ୍ତି, ଅନ୍ୟ ସାମଗ୍ରୀ ଭଳି ମାଣ୍ଡିଆରୁ ମଧ୍ୟ ବିଭିନ୍ନପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇପାରୁଛି। ଏହି ଗ୍ରୁପ୍‌ର ମହିଳାମାନେ ୫ ପ୍ରକାର ସାମଗ୍ରୀ ଆରମ୍ଭ କରିଥିବା ବେଳେ ଆଗକୁ ଗାଣ୍ଠିଆ, ମିକ୍ସର, ନମ୍‌କିନ୍ କରିବା ଯୋଜନା ରଖିଛନ୍ତି। ପଞ୍ଚାୟତ ସଂଘ ସଭାପତି ପ୍ରତିମା ବଳିୟାରସିଂହ, ସଭ୍ୟା ଚିତ୍ରାଞ୍ଜଳି ବେହେରା ଓ ପ୍ରତିମା ପ୍ରଧାନ କୁହନ୍ତି, ଏକାଧିକ ଏସ୍ଏଚ୍ଜି ଋଣ ନେଇ ଆଚାର, ବଡ଼ି, ପାମ୍ପଡ଼ କରୁଛନ୍ତି। ତେବେ ଆମେ କିଛି ନୂତନ କରିବା ଆଶାନେଇ ମିଲେଟ୍ ମିଶନକୁ ଗୁରୁତ୍ୱ ଦେଇଛୁ। ଏବେ ୫ରୁ ୬ ପ୍ରକାର ସାମଗ୍ରୀ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ କିପରି ଏହାକୁ ଅଧିକ ବ୍ୟାପକ କରାଯିବ, ସେନେଇ ଗୁରୁତ୍ୱ ଦିଆଯିବ।

ଜଟଣୀ ବ୍ଲକ ସ୍ୱୟମ୍ ଶକ୍ତି ଏଏଲ୍ଏଫ୍ ଗ୍ରୁପ୍‌ର ମହିଳାମାନେ ଗତ ଏକବର୍ଷ ହେଲା ଆରମ୍ଭ କରିଛନ୍ତି ମିଲେଟ୍ ମିଶନ। ମାଣ୍ଡିଆରୁ ବରା, ଚପ୍, ପକୁଡ଼ି, ସିଙ୍ଗଡ଼ା, କାକରା, ଆରିସା ଆଦି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏକ ବର୍ଷ ମିଲେଟ୍ ମିଶନ ପ୍ରଶିକ୍ଷଣ ନେବା ପରେ ଏହି ମାଣ୍ଡିଆର ବ୍ୟବସାୟ ଆରମ୍ଭ କରିଥିବା ସୁଜାତା ରାଉତ, ସରୋଜିନୀ ପଲେଇ ଏବଂ ସୁଷମା ସାହୁ କହିଛନ୍ତି। ଲୋକଙ୍କ ଆଗ୍ରହକ୍ରମେ ବିଭିନ୍ନ ସାମଗ୍ରୀକୁ ଯୋଡ଼ାଯାଉଛି। ଆଗକୁ ଏହାର ଅନ୍‌ଲାଇନ୍ ବିକ୍ରିର ଯୋଜନା ରହିଥିବା କହିଛନ୍ତି। ପୂର୍ବରୁ କେବଳ ବଡ଼ି ପାମ୍ପଡ଼ ସହିତ ଏବେ ମିଲେଟ୍ ମିଶନରେ ଯୋଡ଼ିହେବା ଦ୍ୱାରା ଭାଗ୍ୟ ପରିବର୍ତ୍ତନ ଘଟିଛି। ସମସ୍ତ ସଦସ୍ୟା ଗୃହିଣୀ ହୋଇଥିବା ବେଳେ ଦିନକୁ ୨ରୁ ୩ ଘଣ୍ଟା ଉତ୍ପାଦ ପ୍ରସ୍ତୁତରେ ସହଯୋଗ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ସହାୟତାରେ ମିଲେଟ୍ ମିଶନ ଜରିଆରେ ଏହାର ବିଭିନ୍ନ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରିବାର ପ୍ରଶିକ୍ଷଣ ପ୍ରାପ୍ତ କରିଥିଲୁ। ସେଠାରୁ ଆସିବା ପରେ ଏହାର ବ୍ୟବସାୟ ଆରମ୍ଭ କଲୁ। ଗତ କିଛି ମାସ ହେବ ବିଭିନ୍ନ ସ୍ଥାନ ବୁଲିବା ପରେ ଏହାର ଚାହିଦା ବଢ଼ିଯାଇଛି।

## ସଡ଼କ ସୁରକ୍ଷା, ପରିବହନ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବାଣପୁର, ୨୮।୨ (ଦିଲୀପ କୁମାର ସ୍ୱାଇଁ)**

ବାଣପୁର ମଣ୍ଡଳ ଅନ୍ତର୍ଗତ ଡୁମୁରାପୁଟ ପଞ୍ଚାୟତରେ ବାଣପୁର ତାଲୁକ ଆଇନସେବା କମିଟି ପକ୍ଷରୁ ସଡ଼କ ସୁରକ୍ଷା ଓ ପରିବହନ ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଈପ୍ସିତା ପ୍ରିୟା ଇକ୍କା, କମିଟି ସଦସ୍ୟ ଆଇନଜୀବୀ ଜଗଦୀଶ ପଟ୍ଟନାୟକ, ରିଟେନର ଦେବୀ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ବିପ୍ଳବ ମୁଦୁଲି, ସରପଞ୍ଚ ଅକ୍ଷୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା, ପରିବହନ, ଜଳ, ବିଦ୍ୟୁତ୍ ସମ୍ପର୍କିତ ବିଭିନ୍ନ ଆଇନ ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇବା ସହ ଏହାର ଉପଯୋଗିତା ସମ୍ପର୍କରେ କହିଥିଲେ। ରାଷ୍ଟ୍ରୀୟ ଲୋକ ଅଦାଲତ ଏବଂ ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସୂଚନା ଦେବା ସହ ମାମଲାର ତ୍ୱରିତ ସମାଧାନ ପାଇଁ ଲୋକ ଅଦାଲତର ଆଶ୍ରୟ ନେବାକୁ ବିଚାରପତି ମହାପାତ୍ର ପରାମର୍ଶ ଦେଇଥିଲେ। ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୮ ଜଣଙ୍କୁ ଅବସର ଦିବସରେ ପୂର୍ଣ୍ଣାଙ୍ଗ ପେନ୍‌ସନ


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

**ଖୋର୍ଦ୍ଧା, ୨୮।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ୮ ଜଣ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଏବଂ ପୂର୍ଣ୍ଣାଙ୍ଗ ପେନ୍‌ସନ ଶୁକ୍ରବାର ପ୍ରଦାନ କରାଯାଇଛି। ଶିକ୍ଷା ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ସହ ପେନ୍‌ସନ ପ୍ରଦାନ କରିଥିଲେ। ସେମାନେ ହେଲେ କ୍ଷେତ୍ରପଲ୍ଲୀ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପି.କେ. କୃଷ୍ଣବେଣୀ, ପାତ୍ରପଡ଼ା ସରକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ତ୍ରିପାଠୀ, କୁଶଭଦ୍ରା ହାଇସ୍କୁଲ ଶିକ୍ଷକ ରଘୁନାଥ ଲେଙ୍କା, ନୀଳକଣ୍ଠ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ସୁଧାକର ପ୍ରଧାନ, ଦୀକ୍ଷିତପଡ଼ା ମଦ୍ରାସା ଇସ୍‌ଲାମିଆ ବିଦ୍ୟାଳୟର ମୌଲବୀ ଏସ୍.କେ ଅୟୁସୁବିଦ୍ଦିନ, ମିର ସବିର ଅଲ୍ଲୀ ଏବଂ ଗେଡ଼ିଆପଲ୍ଲୀ ହାଇସ୍କୁଲ କର୍ମଚାରୀ ରାମଚନ୍ଦ୍ର ଦାଶ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦେଶୀମଦ ଜବତ, ୪ ଗିରଫ

**ବେଗୁନିଆ, ୨୮।୨ (ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ୍ ୬୪ ଲିଟର ଦେଶୀମଦ ଓ ବାଇକ୍ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଣିବନ୍ଧ ଗ୍ରାମର କୁଶ ନାୟକ, ପିଚୁକୁଳି ଗ୍ରାମର ସୁରେଶ କୁମାର ମହାପାତ୍ର, ଚଣ୍ଡିଆପଲା ଗ୍ରାମର ବସନ୍ତ କୁମାର ନାୟକ ଏବଂ ସାମନ୍ତରାପୁର ଗ୍ରାମର ଅକ୍ଷୟ ସୁବୁଦ୍ଧି। ଏନେଇ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ‘ସବୁବର୍ଗଙ୍କୁ ଦୃଷ୍ଟିରେ ରଖି ବଜେଟ କରାଯାଇଛି’


ସମ୍ମିଳନୀରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି।

**ଖୋର୍ଦ୍ଧା, ୨୮।୨ (ପ୍ରଭାତ ପାଣିଗ୍ରାହୀ)**

ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ଚଳିତବର୍ଷର ବଜେଟ ପ୍ରସ୍ତୁତ କରାଯାଇଛି। ଏହା କେବଳ ୨୦୨୫-୨୬ର ବଜେଟ ନୁହଁ, ବରଂ କେନ୍ଦ୍ର ସରକାରଙ୍କ ସୁଶାସନର ୧୦ ବର୍ଷର ରିପୋର୍ଟ କାର୍ଡ। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ଶୁକ୍ରବାର ଖୋର୍ଦ୍ଧା ଭାଜପା ପକ୍ଷରୁ ଜୟୀ ରାଜଗୁରୁ ଭବନରେ ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ସମ୍ପର୍କିତ ବୁଦ୍ଧିଜୀବୀ ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହା କହିଛନ୍ତି।

ଏହି ସମ୍ମିଳନୀରେ ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ସଭାପତିତ୍ୱ କରିଥିଲେ। ଏମ୍‌ପି ଷଡ଼ଙ୍ଗୀ ଆହୁରି କହିଥିଲେ ଗୋଟିଏ ଦେଶର ସଂସ୍କୃତି, ସରକାରୀ ନୀତିନିୟମ, ସଂଶୋଧନକୁ ଆଧାରକରି ବଜେଟ ପ୍ରସ୍ତୁତ କରାଯାଇଥାଏ। ମୋଦି ସରକାର କ୍ଷମତାକୁ ଆସିବା ପରେ ଭାରତ ଅର୍ଥ ବ୍ୟବସ୍ଥା ଦ୍ରୁତଗତିରେ ବଢ଼ିଚାଲିଛି। ମୋଦି ସରକାରଙ୍କ ୩ୟ ପାଳିର ପ୍ରଥମ ବଜେଟରେ ୫୦ଲକ୍ଷ ୬୫ହଜାର ୩୪୫ କୋଟି ବଜେଟ କରାଯାଇଛି। ଏଥିରେ ସବୁବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ବିକାଶ, ନିବେଶ, ଭିତ୍ତିଭୂମି ବିକାଶ, କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ମଧ୍ୟମବର୍ଗର ଲୋକଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ କରାଯାଇଛି। ଏହାଦ୍ୱାରା ମଧ୍ୟମବର୍ଗ ଲୋକଙ୍କ ଆର୍ଥିକ କ୍ଷେତ୍ରରେ ସୁଧାର, ପରିବାରରେ ଶାନ୍ତି, ସମୃଦ୍ଧି ଆଣିବ। କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ଓଡ଼ିଶାର ବିକାଶ ପାଇଁ ଅର୍ଥ ଯୋଗାଇ ଦେଇଛନ୍ତି। ସେହିପରି ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ, କେନ୍ଦ୍ର ପରି ରାଜ୍ୟ ସରକାର ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ସହିତ ସମସ୍ତ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ମୋହନ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ପାଇଁ ବହୁବିଧ ଯୋଜନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୪୭ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ ଦିଗରେ ମୋହନ ସରକାର ବିକଶିତ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପାଇଁ କେନ୍ଦ୍ର ଏବଂ ରାଜ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଡବଲ ଇଞ୍ଜିନ ସରକାରରେ ଜନସାଧାରଣଙ୍କ ନିକଟରେ ସମସ୍ତ ସୁବିଧା ଉପଲବ୍ଧ ହେବ। ଖୋର୍ଦ୍ଧା ଜିଲାରେ ଶିଳ୍ପ ପର୍ଯ୍ୟଟନ, କୃଷି ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ନିର୍ମାଣ ପାଇଁ ରାଜ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି। ବିକଶିତ ଖୋର୍ଦ୍ଧା ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଓଡ଼ିଆ ଅସ୍ମିତା ଏବଂ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ବଜେଟ ପ୍ରସ୍ତୁତ କରାଯାଇଛି। ଚଳିତ ବଜେଟର ପ୍ରାୟ ୯୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରାଯିବ। ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ, ଦିଲୀପ ହୋତା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍, ୫ ଆହତ

**କୋଣାର୍କ, ୨୮।୨ (ଜ୍ୟୋତିରାଜ ମହାନ୍ତି)**

ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ହୋଣ୍ଡା କାର୍ ଲୋଟସ୍ ରିସର୍ଟ ଠାରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଛି। ଫଳରେ ୫ ପର୍ଯ୍ୟଟକ ଆହତ ହୋଇଥିଲେ। ଆହତମାନଙ୍କୁ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

## ସମୁଦ୍ରରୁ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍ ଗାର୍ଡ

**କୋଣାର୍କ, ୨୮।୨ (ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ି ଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡମାନେ ଉଦ୍ଧାର କରିଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଯୁବକ ଜଣଙ୍କ ହେଲେ କର୍ଣ୍ଣାଟକର ନିଖିଲ ଜମଦାର। କର୍ଣ୍ଣାଟକର ପର୍ଯ୍ୟଟକ ନିଖିଲ ଜମ୍‌ଦାର ସପରିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ପରିଭ୍ରମଣ ଯାଇ ସମୁଦ୍ରରେ ସ୍ନାନ କରିଥିଲେ। ଏହି ସମୟରେ ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଭାସି ଯାଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଯୁକ୍ତ ଲାଇଫ ଗାର୍ଡ ପବନ ବେହେରା, ପ୍ରକାଶ ବେହେରା ଓ ବାବୁ ବେହେରା ପ୍ରମୁଖ ମିଳିତ ଭାବେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପର୍ଯ୍ୟଟକ ନିଖିଲଙ୍କୁ ଚିକିତ୍ସା ନିମନ୍ତେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ, ୨୮।୨ (ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବେଣ୍ଟ ନୀତି ଶୁକ୍ରବାର ଶ୍ରୀଜଗନ୍ନାଥବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ହସ୍ତରେ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ପରେ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ଶ୍ରୀହସ୍ତରେ ଶରଗୁଡ଼ିକୁ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ ରଖାଯାଇଥିଲା। ତନ୍ମଧ୍ୟରୁ ଲେଙ୍କାସେବକ ୫ଟି ପଇଡରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ନୀତିଗତ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ ପ୍ରତାପ

**ବେଗୁନିଆ, ୨୮।୨ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ପ୍ରତାପ କୁମାର ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେ ୨୦୨୨ ଡିସେମ୍ବର ୧୩ରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣକରି ରାଉତପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ନେବା ଦିନଠାରୁ ସେ ନୀତିଗତ ଶିକ୍ଷା ଏବଂ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେଉଥିଲେ।

ଉପଯୁକ୍ତ ଶିକ୍ଷା ଆପଣେଇ ନିଜର ଭବିଷ୍ୟତ ଗଠନ କର ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଉଥିଲେ। ଆୟୋଜିତ ସଭାରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବେଗୁନିଆ ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ପ୍ରଧାନଶିକ୍ଷକ ଗଣେଶ୍ୱର ସ୍ୱାଇଁ, ପ୍ରଧାନଶିକ୍ଷକ ବସନ୍ତ କୁମାର ପ୍ରହରାଜ, ମହାସଚିବ ଏକ୍ସ-କ୍ୟାଡର ଶିକ୍ଷକ ମହାସଂଘ ଓଡ଼ିଶା ଉମାକାନ୍ତ ନାୟକ, ସମ୍ପାଦକ ପିଷ୍ଟା ବେଗୁନିଆ ବ୍ଲକ ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ପ୍ରାଥମିକ ଶିକ୍ଷକ ସଂଘ ବେଗୁନିଆ ଦାଶରଥି ବେହେରା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ଡିଙ୍ଗର କ୍ଲଷ୍ଟର ରିନାଞ୍ଜଳି ସାହୁ, ସମ୍ପାଦକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବେଗୁନିଆ ସରୋଜ କୁମାର ବେହେରା, ସରପଞ୍ଚ ରାଉତପଡ଼ା ପଞ୍ଚାୟତ ଶାନ୍ତିଲତା ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପବନା ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଦୁଃଖିଶ୍ୟାମ ସ୍ୱାଇଁ, ଶିକ୍ଷୟିତ୍ରୀ ରଶ୍ମି ରଞ୍ଜିତା ମହାପାତ୍ର, ମହାମୟୀ ବରାଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେଉଳଟାଙ୍ଗୀ, ସୁଆଙ୍ଗ ସେମିରେ

**ଖୋର୍ଦ୍ଧା, ୨୮।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀରେ ମା’ ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ଦେଉଳଟାଙ୍ଗୀ ଏବଂ ସୁଆଙ୍ଗ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପ୍ରଥମ ମ୍ୟାଚ୍ ଦେଉଳଟାଙ୍ଗୀ ଏବଂ ସାରୁଅ ଟିମ୍ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୪ ଉଇକେଟ ହରାଇ ୨୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ସାରୁଅ ଟିମ୍ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୫୩ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ବିକାଶ ଦଳାଇ ୧୦୭ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କାଇପଦର ଏବଂ ସୁଆଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। କାଇପଦର ଟିମ୍ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଟିମ୍ ୧୫ ଓଭରରେ ୯ ଉଇକେଟ ହରାଇ ୧୮୭ ରନ୍ ସଂଗ୍ରହକରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ରଶ୍ମିରଞ୍ଜନ ବଡ଼ଜେନା ୯୫ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋପୀନାଥ ମାଝୀ ଏବଂ ଝଜ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ସୁଶାନ୍ତ ସୁନ୍ଦରାୟ ସ୍କୋରର, ଶ୍ରଦ୍ଧାନନ୍ଦ ପ୍ରଧାନ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଅବକାଶ ବଡ଼ଜେନା, ବିପିନ ମହାପାତ୍ର, ଶିବ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଦୁଇଟି ମ୍ୟାଚ୍ କଲ୍ୟାଣପୁର ଓ ଦେଉଳଟାଙ୍ଗୀ, ଘାଟିକିଆ ଓ ସୁଆଙ୍ଗ ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକ ମା’ ବଘେଇ କ୍ରିକେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ | ଟିସିସି ଭୁବନେଶ୍ୱର ବିଜୟୀ

**ଯାଁଳା, ୨୮।୨ (ବୁଲା ବାରିକ)**

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଟିସିସି ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି କନିକା ୱାରିଅର୍ସ ବୋଲିଂ ନିଷ୍ପତ୍ତି ନେଇଥିଲା। ଟିସିସି ଭୁବନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ କନିକା ୱାରିଅର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ସୌଭାଗ୍ୟ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଦେବବ୍ରତ ପ୍ରଧାନ ୪୨ ବଲ୍‌ରେ ୬୨ ରନ୍ ସଂଗ୍ରହକରି ବେଷ୍ଟ ବ୍ୟାଟ୍ସମ୍ୟାନ୍ ହୋଇଥିଲେ। ଧୀରଜ ସିଂ ଏବଂ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିଲେ। ସୁଧୀର କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ବିବିବି ୱାରିଅର୍ସ ଏବଂ ଆଇକନିକ୍ ଏକାଦଶ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# 'କୃଷିର ସ୍ଥାୟିତ୍ୱ ପାଇଁ ଜଳ ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ'

## ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା

କଟକ,୨୮।୨(କାର୍ତ୍ତିକ ସାହୁ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଚାଲିଥିବା ପୂର୍ବାଞ୍ଚଳ ଆଞ୍ଚଳିକ କୃଷିମେଳାର ଦ୍ୱିତୀୟ ଦିବସ ଶୁକ୍ରବାର ଚାଷୀଙ୍କ ପାଇଁ ଉତ୍ସାହପ୍ରଦ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ଭାରତୀୟ ଜଳ ପରିଚାଳନା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଅର୍ଜାମଦତ୍ତ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ପରିବେଶର ସ୍ୱାସ୍ଥ୍ୟ ଏବଂ କୃଷିର ସ୍ଥାୟିତ୍ୱ ପାଇଁ ଜଳ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୁନ୍ଦା ଜଳସେଚନ, ଜଳ ଅମଳ, ଜଳସେଚନ ସମୟ ନିର୍ଦ୍ଧାରଣ, ମରୁଡ଼ି ପ୍ରତିରୋଧୀ କିସମ ବିହନ, ଜୈବିକ କୃଷି ଓ କମ୍ପୋଷ୍ଟ ଖତ ପ୍ରୟୋଗ କୌଶଳ ବ୍ୟବହାର କରି ଭଲ ଚାଷ କରାଯାଇପାରିବ। ସେହିପରି ସମ୍ମାନିତ ଅତିଥି ଭୁବନେଶ୍ୱରର କେନ୍ଦ୍ରୀୟ ଉଦ୍ୟାନ କୃଷି ସଂସ୍ଥାର ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, ନୂଆ ଓ ପୁରୁଣା କୀଟପତଙ୍ଗ ସହ ରୋଗଗୁଡ଼ିକୁ ରୋକିବା ପାଇଁ ନୂତନ ଉପାୟ ଆବଶ୍ୟକ। ତାଜା ପନିପରିବା ଓ ଫଳ ଉତ୍ପାଦନ ସାଙ୍ଗକୁ ପରିବେଶ ସୁରକ୍ଷିତ ରଖିବା ପାଇଁ କୀଟନାଶକର ଜଣାଶୁଣା ଏବଂ ସତର୍କ ଉପଯୋଗ ଅତ୍ୟାବଶ୍ୟକ।

କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଅଧ୍ୟକ୍ଷତା କରି କହିଛନ୍ତି, ସ୍ୱାଧୀନତା ସମୟରେ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୫୫ ନିୟୁତ ଟନ୍ ଥିଲା, ଯାହା ଏବେ ପ୍ରାୟ ୩୫୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଗତବର୍ଷ ପର୍ଯ୍ୟନ୍ତ ମୋଟ୍ ଉଦ୍ୟାନ କୃଷି ଉତ୍ପାଦନ ମଧ୍ୟ ପ୍ରାୟ ୩୪୦ ନିୟୁତ ଟନ୍ ଥିଲା। କୃଷି ଏବେ ବି ଆମ ଦେଶର ମେରୁଦଣ୍ଡ ହୋଇରହିଛି। ଏକ ନିର୍ଭରଶୀଳ ଦେଶରୁ ଭାରତ ଏବେ ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକ ଅତିରିକ୍ତ ଦେଶ ପାଲଟିଛି। ଏହି ସମସ୍ତ ସଫଳତାର ଶ୍ରେୟ ଗବେଷଣା ଅନୁଷ୍ଠାନର ବୈଜ୍ଞାନିକ, କୃଷକ ଏବଂ ସବୁଜ ବିପ୍ଳବୀଙ୍କ ଅବଦାନକୁ ଯାଉଛି। ଡକ୍ଟର ଏମ୍.ଜେ. ବେଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମେଳାରେ କୃଷକମାନଙ୍କ ମଧ୍ୟରେ ସକ୍ରିୟତା ଏବଂ ସଚେତନତାକୁ ଉତ୍ସାହିତ କରିବା ପାଇଁ ସ୍ୱଟ୍ କୁଇଜ୍ କାର୍ଯ୍ୟକ୍ରମ ମାଧ୍ୟମରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଅଧିବେଶନରେ ବିଶେଷଜ୍ଞମାନେ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ସହିତ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଉନ୍ନତ ଡିଜିଟାଲ୍ ଉପକରଣ, ସ୍ମାର୍ଟ ଜଳସେଚନ ପ୍ରଯୁକ୍ତିବିଦ୍ୟା, ଜଳବାୟୁ-ପ୍ରତିରୋଧୀ ଫସଲ କିସମ ଏବଂ ଠିକ୍ କୃଷି ପଦ୍ଧତିକୁ ସମନ୍ୱିତ କରିବା ଉପରେ ଚାଷୀଙ୍କୁ ଅବଗତ କରାଇଥିଲେ। ଉନ୍ନତ କୃଷି ସାମଗ୍ରୀ, ଯନ୍ତ୍ରପାତି, ପ୍ରକ୍ରିୟାକରଣ ଏବଂ ବିପଣନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ନବସୃଜନ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଯାହାଦ୍ୱାରା କୃଷି-ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରାଯାଇଥିଲା। ସ୍ଥାୟିତ୍ୱ ଏବଂ ଖାଦ୍ୟ ସୁରକ୍ଷା ପାଇଁ ପ୍ରଯୁକ୍ତିବିଦ୍ୟା ଆଧାରିତ କୃଷି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ମେଳାରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ଚାଷୀ, ଗବେଷକ, ନୀତି ନିର୍ଦ୍ଧାରକ, କୃଷି-ଉଦ୍ୟୋଗୀ ଏବଂ ଶିଳ୍ପ ବିଶେଷଜ୍ଞମାନେ ଯୋଗଦେଇଛନ୍ତି।



କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ନଟରାଜ ନୃତ୍ୟ ପରିଷଦ ରାଉରକେଲାର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ସମ୍ବୋଧନ'ର ଏକ ଦୃଶ୍ୟ।

# ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

କଟକ,୨୮।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ମାଛୁଆ ବଜାରସ୍ଥିତ ଶହୀଦ ପାର୍କଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଇଂରେଜମାନଙ୍କ ଅନ୍ୟାୟ, ଅତ୍ୟାଚାର ବିରୋଧରେ ବୀର ସୁରେନ୍ଦ୍ର ସାଏ ଯୁଦ୍ଧ କରିଥିଲେ। ଦେଶ, ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀରତ୍ୱର ଗରିମା ଇତିହାସରେ ଲିପିବଦ୍ଧ ହୋଇ ରହିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ପ୍ରଶାନ୍ତ ଦାସ, ରବୀନ୍ଦ୍ର ନାଥ ପଣ୍ଡା, ଭୁବନାନନ୍ଦ ମହାନ୍ତି, ନିବାସ ଚନ୍ଦ୍ର ମିଶ୍ର, ଗଜେନ୍ଦ୍ର ପାଣି, ସଚ୍ଚିଦାନନ୍ଦ କର, ବିମଳ କୁମାର ଦାଶ, ବିଦ୍ୟୁତ୍ କୁମାରୀ ଲାଲା, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।




କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ମାଛୁଆ ବଜାରସ୍ଥିତ ଶହୀଦ ପାର୍କଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

# ମାମଲା ବିଚାରାଧୀନ ଥାଇ କାଠଗୋଲା ଉଚ୍ଛେଦ

କଟକ,୨୮।୨(କାର୍ତ୍ତିକ ସାହୁ)

ବାଦାମବାଡ଼ି ଥାନା ଅଞ୍ଚଳରେ ଶୁକ୍ରବାର ଏକ କାଠଗୋଲା ଉଚ୍ଛେଦ କରାଯିବାକୁ ନେଇ ଅଭିଯୋଗ ଉଠାଇଛନ୍ତି କାଠଗୋଲା ବ୍ୟବସାୟୀ ମାଳତୀ ନାୟକ(୯୦)ଙ୍କ ପୁଅ ବିଜୟ କୁମାର ନାୟକ। ଅଭିଯୋଗ ଅନୁଯାୟୀ, ଉକ୍ତ ଜାଗା ଓ କାଠଗୋଲା ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ସିଏମ୍‌ସି ପକ୍ଷରୁ କାଠଗୋଲା ଉଚ୍ଛେଦ କରାଯିବା ନେଇ ପୂର୍ବରୁ ଅବଗତ କରାଯାଇ ନାହିଁ। ଏପରି କି ତାଙ୍କୁ କୌଣସି ସମୟ ମଧ୍ୟ ଦିଆଯାଇ ନାହିଁ। ସିଏମ୍‌ସି ମନମୁଖି କାର୍ଯ୍ୟ କରୁଛି ଏବଂ କମିଶନର ଚାପରେ ଆସି ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ନାୟକ ଅଭିଯୋଗ କରିଛନ୍ତି। ଏନେଇ ସିଏମ୍‌ସି କମିଶନର ଅନାମ ପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବାଦାମବାଡ଼ି ଥାନା ଆଇଆଇସି ଅଜୟ କୁମାର ରାଉଳ କହିଛନ୍ତି, ସିଏମ୍‌ସି ପକ୍ଷରୁ ପୋଲିସ ଫୋର୍ସ ମୁତୟନ ନିମନ୍ତେ ସହଯୋଗ ଲୋଡ଼ା ଯାଇଥିଲା। ଉଚ୍ଛେଦ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଥାନା ପକ୍ଷରୁ ପୋଲିସ ଫୋର୍ସ ଯୋଗାଇ ଦିଆଯାଇଛି।

# ଅଭିଯୁକ୍ତଙ୍କୁ ୪ ବର୍ଷ କାରାଦଣ୍ଡ

## ନାବାଳିକା ଯୌନ ନିର୍ଯ୍ୟାତନା ମାମଲା

କଟକ,୨୮।୨(କାର୍ତ୍ତିକ ସାହୁ)

ସାଲେପୁର ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯ୍ୟାତନା ମାମଲାରେ କଟକ ଆଡହକ୍ ଡିଷ୍ଟ୍ରିକ୍ଟ ଏଣ୍ଡ ଆଡିଶନାଲ୍ ସେସନ୍ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟ-୧ ଜଣେ ଅଭିଯୁକ୍ତଙ୍କୁ ୪ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସାଲେପୁର ଥାନା ଅଧୀନ ରାମକୃଷ୍ଣପୁର ଅଞ୍ଚଳର ଦୁଷ୍ମନ୍ତ ବାରିକ ଓରଫ ନଟିଆ(୩୦)। ଅପରପକ୍ଷରେ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କ ବାପା ରଘୁନାଥ ବାରିକ(୫୫)ଙ୍କୁ କୋର୍ଟ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ଦୁଷ୍ମନ୍ତ ୨୦୨୩ ମାର୍ଚ୍ଚ ୧୧ ତାରିଖ ରାତିରେ ପୀଡ଼ିତା ନାବାଳିକାଙ୍କ ଘରେ ପଶି ତାଙ୍କୁ ଯୌନ ନିର୍ଯ୍ୟାତନା ଦେବା ସହ ଅଶାଳୀନ ବ୍ୟବହାର କରିଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ୨୦୨୩ ମେ' ୬ ତାରିଖରେ ପୋଲିସ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। କୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ୨୦୨୪ ନଭେମ୍ବର ୧୬ରେ ଚାର୍ଜଫ୍ରେମ୍ କରିଥିବାବେଳେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

କଟକ ସଦର, ୨୮।୨(ସୁଶାନ୍ତ କୁମାର ଜେନା)

ପୋଖରୀରେ ବୁଡ଼ି କଟକ ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସୁନୀଲ କୁମାର ବେହେରା(୨୪)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ସେ ପୋଖରୀରେ ଗାଧୋଉଥିବାବେଳେ ଭାରସାମ୍ୟ ହରାଇ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ଲୋକମାନେ ଏ ସମ୍ପର୍କରେ ଜାଣିବା ପରେ ସୁନିଲଙ୍କୁ ପାଣିରୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମଙ୍ଗଳାବାଗ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଚିତ୍ରକଳାରେ ଉତ୍ତମଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,୨୮।୨(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକେ ହୋଇଯାଇଛି। ଭୁବନେଶ୍ୱର ସତ୍ୟନଗରସ୍ଥିତ ଶ୍ମଶାନରେ ଶୁକ୍ରବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଉତ୍ତମଙ୍କୁ ଚିତ୍ରକଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି କଟକ ସିଡ଼ିଏ ସେକ୍ଟର-୬ ଅଞ୍ଚଳର ମନୋଜ କୁମାର ସାହୁ। ସେ ଏକ ପୁରୁଣା ରେଡିଓ ଉପରେ ଉତ୍ତମଙ୍କ ଚିତ୍ର ଆଙ୍କିଛନ୍ତି। ଏହି ଚିତ୍ର ଆଙ୍କିବା ପାଇଁ ତାଙ୍କୁ ପ୍ରାୟ ୧ ଘଣ୍ଟା ସମୟ ଲାଗିଥିବାବେଳେ ଏଥିରେ ସେ ଧଳା ଓ କଳା ରଙ୍ଗ ଦେଇଛନ୍ତି। ଏନେଇ ସେ କହିଛନ୍ତି, ଉତ୍ତମଙ୍କ ପରଲୋକରେ ସିନେ ଜଗତରେ ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ। ଓଡ଼ିଆ ସିନେମା କହିଲେ ଉତ୍ତମ ମହାନ୍ତିଙ୍କୁ ବୁଝାଇଥାଏ। ତାଙ୍କର ସ୍ମୃତିକୁ ମନେ ପକାଇ ଏହି ଚିତ୍ର ଆଙ୍କିଛି।




# ରସାୟନ ବିପର୍ଯ୍ୟୟ ପ୍ରଶମନ ମକ୍‌ଡ୍ରିଲ୍

କଟକ,୨୮।୨(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ଓ ଜିଲା ଆପଦା ପରିଚାଳନା କେନ୍ଦ୍ର ପକ୍ଷରୁ ଜଗତପୁରସ୍ଥିତ ଶୁଭୋକେମ ଆଗ୍ରୋ କେମିକାଲ ଇଣ୍ଡଷ୍ଟ୍ରିଜ ଏବଂ ସିଡିଏସ୍ଥିତ ବର୍ଜ୍ୟଜଳ ବିଶୋଧନାଗାରଠାରେ ରସାୟନ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମକ୍‌ଡ୍ରିଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ୍ରାଫ, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ, ଆପଦା ମିତ୍ର, ଜିଲା ଓ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ, ପୋଲିସ (ସହରାଞ୍ଚଳ) ବିପର୍ଯ୍ୟୟ ସମୟରେ ଆବଶ୍ୟକ ହେଉଥିବା ସେବା କାର୍ଯ୍ୟ ନିମନ୍ତେ ମିଳିତ ଭାବେ ନିଜର ଭୂମିକା ନିର୍ବାହ କରିଥିଲେ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଳ୍ପରେ ରାସାୟନିକ ପଦାର୍ଥ ନିର୍ଗମନଜନିତ ଆକସ୍ମିକ ଦୁର୍ଘଟଣାବେଳେ ଜରୁରିକାଳୀନ ପରିସ୍ଥିତିରେ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ତ୍ୱରିତ ସେବା କାର୍ଯ୍ୟ ସଙ୍ଗଠିତ ହେବ। ଦୁର୍ଘଟଣାକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଓ ସ୍ଥାନାନ୍ତର ବ୍ୟବସ୍ଥା ଏବଂ ଆଶୁ ଚିକିତ୍ସା ଆଦି କାର୍ଯ୍ୟକୁ ବାସ୍ତବରେ କିପରି କରାଯାଇପାରିବ ତାହାର ଏକ ରୂପରେଖ ପ୍ରସ୍ତୁତି କରାଯାଇ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦର୍ଶନ କରଯାଇଥିଲା। ଜିଲାପାଳ ଦତ୍ତାତ୍ରୟ ଭଉସାହେବ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଉପରୋକ୍ତ ଦୁଇଟି ସ୍ଥାନରେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମକ୍‌ଡ୍ରିଲ ହୋଇଥିଲା। ଟାଙ୍ଗୀ ତହସିଲଦାର ପ୍ରଜ୍ଞା ନନ୍ଦ ଏବଂ କଟକ ସଦର ତହସିଲଦାର ସୁଜୟ କୁମାର ପତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଜିଲା ଆପଦା ପରିଚାଳନା କେନ୍ଦ୍ର କଣ୍ଟ୍ରୋଲ ରୁମ୍‌ଠାରେ ଜିଲାର ଶିଳ୍ପ ସଂସ୍ଥା ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ବାସ୍ତବ ରୂପରେଖ ପ୍ରସ୍ତୁତି ସମୀକ୍ଷା କରଯାଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ନିଷ୍ଠା ମହାପାତ୍ର, ଜିଲା ଜରୁରିକାଳୀନ କାର୍ଯ୍ୟକ୍ରମ ଅଧିକାରୀ ବାପି ବିଶ୍ୱଜିତ୍ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



କଟକ ସିଡିଏ ସେକ୍ଟର-୧ସ୍ଥିତ ସ୍ୱେରେଜ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଅନୁଷ୍ଠିତ ମକ୍‌ଡ୍ରିଲ।

# ସିଏମ୍‌ସିରେ ୧୫ ପଞ୍ଚାୟତ ମିଶ୍ରଣକୁ ବିରୋଧ

## ପଞ୍ଚାୟତ ସମିତି ବୈଠକ

କଟକ ସଦର,୨୮।୨(ସୁଶାନ୍ତ କୁମାର ଜେନା)

ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପଗୁଡ଼ିକୁ ମଞ୍ଜୁର ଦେବା ପାଇଁ କଟକ ସଦର ପଞ୍ଚାୟତ ସମିତିର ୭ମ ବୈଠକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକୁ ପ୍ରଥମେ ମଞ୍ଜୁର ଦିଆଯାଇଥିଲା। ପରେ ଆୟତ୍ତପୁର ସରପଞ୍ଚ ରାକେଶ ବେହେରା କଟକ ମହାନଗର ନିଗମ(ସିଏମ୍‌ସି)ରେ ୧୫ ପଞ୍ଚାୟତକୁ ମିଶ୍ରଣ କରିବା ସରକାରଙ୍କ ଯୋଜନାକୁ ବିରୋଧ କରିଥିଲେ। ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ଜନମତ ନ ନେଇ ଏହି କାର୍ଯ୍ୟ କରିବା ପାଇଁ ଉଦ୍ୟମ କଲେ ତାହାକୁ ଜୋର୍‌ଦାର ବିରୋଧ କରାଯିବ। ୧୯୯୭ ମସିହାରେ ଏହି ବ୍ଲକର କେତେକ ପଞ୍ଚାୟତ ମିଶି ସିଏମ୍‌ସିରେ ୪ଟି ୱାର୍ଡ ସୃଷ୍ଟି କରାଗଲା। ହେଲେ ଅଦ୍ୟାବଧି ଏହି ୱାର୍ଡରେ ଗ୍ରାମାଞ୍ଚଳର ଭ୍ରମ ସୃଷ୍ଟି କରୁଛି ବୋଲି ସରପଞ୍ଚ ବେହେରା ଗୁରୁତ୍ୱାରୋପ କରିଥିଲେ। ସେହିପରି ବ୍ଲକର ସମସ୍ତ ବିଭାଗୀୟ କାର୍ଯ୍ୟ କାହା ଜିଠାରେ କରାଯିବ ତାହାକୁ ନେଇ ଉରାଳି ସରପଞ୍ଚ ଅଭିଷେକ ବେହେରା ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହାର ଉତ୍ତର ଦେଇ ପଞ୍ଚାୟତ ସ୍ତରରେ ନିର୍ବାହୀ ଅଧିକାରୀ ଓ ବ୍ଲକ ସ୍ତରରେ କନିଷ୍ଠ କିମ୍ବା ସହକାରୀ ଯନ୍ତ୍ରୀଙ୍କ ନାମରେ କାମ ରଖାଯାଏ ବୋଲି କହିଥିଲେ। ମାତ୍ର ଏଥିରେ ସନ୍ତୁଷ୍ଟ ନ ହୋଇ ବେଣ୍ଟକାର ସରପଞ୍ଚ ଶିବ ମଲ୍ଲିକ ଓ ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର ନିଜ ଭାଷଣରେ ଯନ୍ତ୍ରୀମାନେ ନିଜେ କାମ କରୁ ନ ଥିବାରୁ କାହା ଜିଠାରେ ଛାୟା ଠିକାଦାର କାମ କରିବେ ବୋଲି କହିଥିଲେ। ହେଲେ ବିଧାୟକ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏହାଛଡା କୃଷି ସର୍ଭେକୁ ନେଇ ସମିତିସଭ୍ୟ ବିନୋଦ ବେହେରା, ସନ୍ତୋଷ କୁମାର ସ୍ୱାଇଁ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ସେହିପରି ପାନୀୟଜଳ ଯୋଗାଣ ଓ ସୁଭଦ୍ରା ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଡିଓ ପ୍ରତୀକ ସାହୁ, ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ ଯୋଗଦେଇଥିଲେ। ପ୍ରାରମ୍ଭରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପାରମିତା ସାମଲ ଗତ ବୈଠକର ବିବରଣୀ ପାଠ କରିଥିବାବେଳେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଧନ୍ୟବାଦ ଦେଇଥିଲେ।



ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଅନ୍ୟମାନେ।

## ଫଟୋ ରେ ଖବର



କଟକ ଶ୍ରୀରାମଚନ୍ଦ୍ର ଭବନରେ ବିଶ୍ୱନାଥ ପଣ୍ଡିତ ପାର୍କ ୱାକର୍ସ କ୍ଲବ୍‌ର ଦ୍ୱାଦଶ ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା 'ପ୍ରଭାତ ଭ୍ରମଣ' ଉନ୍ମୋଚନ କରୁଛନ୍ତି।




ବିଭିନ୍ନ ଦାବି ନେଇ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ଶୁକ୍ରବାର ଅରୁଣୋଦୟ ନଗରସ୍ଥିତ ସିଡିଏ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍, ୫ ପର୍ଯ୍ୟଟକ ଆହତ

କୋଣାର୍କ,(ଜ୍ୟୋତିରାଜ ମହାନ୍ତି): ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ହୋଣ୍ଡା କାର୍ ଲୋଟସ୍ ରିସର୍ଟଠାରେ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇଛି। ଫଳରେ ୫ ପର୍ଯ୍ୟଟକ ଆହତ ହୋଇଥିଲେ। ଆହତମାନଙ୍କୁ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତକରି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।




୨୮।୨।୨୦୨୫

| | |
|---|---|
| ୫,୫୫,୨୯୨ ଟଙ୍କା | |
| ସୁନା | ୦.୧୫୦ ଗ୍ରାମ୍ |
| ରୁପା | ୪୬.୪୦୦ ଗ୍ରାମ୍ |

# ‘ପ୍ରତି ଗ୍ରାମରେ ଅନ୍ୟୁନ ୫ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ’

### ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)



ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

ପ୍ରତ୍ୟେକ ମହିଳାଙ୍କ ମଧ୍ୟରେ ପ୍ରତିଭା ଲୁଚିରହିଛି। ଏହାର ଉପଯୋଗ କରି ସେମାନେ ଜଣେ ଜଣେ ଉଦ୍ୟୋଗୀ ହୋଇପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ୯୮ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ବେଳେ ମାର୍ଚ୍ଚ ୮ ତାରିଖରେ ୧ କୋଟି ମହିଳାଙ୍କୁ ସୁଭଦ୍ରା ଅର୍ଥ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ତାଳବଣିଆ ଜିଲା ଷ୍ଟାଡିୟମରେ ଶୁକ୍ରବାର ପୁରୀ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦ୍‌ଘାଟନ କରି କହିଛନ୍ତି, ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନ ଓ ବଜାର ସୃଷ୍ଟି ପାଇଁ ଏହି ମେଳା ଆୟୋଜନ କରାଯାଇଛି। ରାଜଧାନୀ ଭୁବନେଶ୍ୱର ସହ ପୁରୀକୁ ମିଶାଇ ଅନ୍ୟ ୫ ଜିଲାରେ ଏହି ମେଳା ଆୟୋଜନ ହେଉଛି। ମହିଳାଙ୍କୁ ପ୍ରଶିକ୍ଷଣ ସହ ପ୍ରତି ଗ୍ରାମରେ ଅନ୍ୟୁନ ୫ ଜଣ ମହିଳାଙ୍କୁ ଲକ୍ଷପତି ଦିଦି କରିବାର ଲକ୍ଷ୍ୟ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଯୋଗଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାଲ୍ୟକାଳରେ ତାଙ୍କ ମାଆଙ୍କ ସଂଘର୍ଷର ଉଦାହରଣ ଦେଇ ପ୍ରତ୍ୟେକ ମାଆ ଯେପରି ସ୍ୱାବଲମ୍ବୀ ହେବେ ତାହା ହିଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି କହିବା ସହ ଏଥିରେ ମା’ମାନେ ସଶକ୍ତ ହୋଇ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ ଡ. ମୋନିକା ପ୍ରିୟଦର୍ଶିନୀ ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କ ଉତ୍ପାଦକୁ ବିଶ୍ୱ ଦରବାରରେ ପହଞ୍ଚାଇ ମନୋବଳ ବୃଦ୍ଧି କରିବା ଓ ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ସୃଷ୍ଟିର ଲକ୍ଷ୍ୟ ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ସୁଭଦ୍ରା ଶକ୍ତି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମେଳାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ଦ୍ୱାରା ୧୫୦ଟି ଷ୍ଟଲ ଖୋଲାଯାଇଛି। ସଭା ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଅତିଥିମାନେ ପ୍ରାରମ୍ଭରେ ଷ୍ଟଲ ପରିଦର୍ଶନ କରିଥିଲେ। ଏହି ମେଳା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ମାର୍ଚ୍ଚ ୨୫ ସୁଦ୍ଧା ଧାନ ସଂଗ୍ରହ ଶେଷ କର: ପ୍ରଭାତୀ

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ପଞ୍ଜୀକୃତ ୪୮,୯୬୪ କୃଷକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୨,୨୪୮ ଚାଷୀ ଧାନ ବିକ୍ରି କରିସାରିଲେଣି। ଅବଶିଷ୍ଟ ୧୬,୭୧୬ ଚାଷୀଙ୍କଠାରୁ ମାର୍ଚ୍ଚ ୨୫ ସୁଦ୍ଧା ଧାନ କ୍ରୟ ସାରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗାଣ ବିଭାଗ ଓ ମିଲରମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ପୁରୀ ସର୍କିଟ ହାଉସ୍‌ରେ ଜିଲାରେ ଧାନ ସଂଗ୍ରହ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମୀକ୍ଷା କରିଥିଲେ। ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ରାଜ୍ୟର ଚାଷୀଙ୍କୁ କୁଇଣ୍ଟାଲ ପିଛା ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେଉଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୯୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଇନ୍‌ପୁଟ ସବ୍‌ସିଡି ହିସାବରେ ଚାଷୀ ପାଇସାରିଲେଣି। ବର୍ତ୍ତମାନ ସୁଦ୍ଧା ପୁରୀ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୧୬,୭୧୬ ଚାଷୀ ଧାନ ବିକ୍ରୟ ପାଇଁ ରହିଛନ୍ତି। ଏ ସମସ୍ତ ଚାଷୀଙ୍କଠାରୁ ଚଳିତ ମାସ ୨୫ ତାରିଖ ସୁଦ୍ଧା ଧାନ ସଂଗ୍ରହ କରିବା ସହିତ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଇନ୍‌ପୁଟ୍ ସବ୍‌ସିଡି ରାଶି ସହ ପ୍ରଦାନ କରିବା ଲାଗି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଯେମିତି କୌଣସି ଚାଷୀ ତାହାର କଷ୍ଟ ଉପାର୍ଜିତ ଶସ୍ୟ ବିକ୍ରିରେ ସମସ୍ୟାର ସମ୍ମୁଖୀନ ନ ହୁଏ ଓ ଧାନ ବିକ୍ରିରୁ ବଞ୍ଚିତ ନ ହୁଏ ସେଥିପ୍ରତି ସତର୍କ ରହିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।



କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସସ୍ତ୍ରୀକ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବା ସମୟରେ ଏମ୍‌ପି ସମ୍ବିତ୍ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ତାଙ୍କୁ ଉପହାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ପ୍ରେସ୍ କ୍ଲବ୍‌ର ଜରୁରୀ କାଗଜପତ୍ର ନେଇ ଥାନାରେ ଏତଲା

ନିମାପଡ଼ା,୨୮।୨(ରଞ୍ଜନ କୁମାର ପଟ୍ଟନାୟକ)

ନିମାପଡ଼ା ପ୍ରେସ୍ କ୍ଲବ୍‌ର ଜରୁରୀ କାଗଜପତ୍ର କେଉଁଆଡ଼େ ହଜିଯାଇଛି ଅଥବା ଚୋରି ହୋଇଯାଇଥିବା ନେଇ ନିମାପଡ଼ା ଥାନାରେ ଏତଲା ଦିଆଯାଇଛି। ସୂଚନା ମୁତାବକ, ନିମାପଡ଼ା ପ୍ରେସ୍ କ୍ଲବ୍‌ର ରେଜିଷ୍ଟ୍ରେଶନ ସାର୍ଟିଫିକେଟ, ବାଇ-ଲ, ଜମି ପାର୍ଚ୍ଚା ଆଦି ଜରୁରୀ କାଗଜପତ୍ର ନେଇ ସଭାପତି ରଞ୍ଜନ ପଟ୍ଟନାୟକ ଗତ ମାସରେ ଚକବନ୍ଦୀ ଅଫିସ ଯାଉଥିବା ସମୟରେ ବ୍ଲକ୍ ଛକ ନିକଟରେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ନିମାପଡ଼ା ମେଡିକାଲକୁ ନିଆଯାଇଥିଲା। ଏହି ସମୟରେ ତାଙ୍କ ନିକଟରେ ଥିବା ଜରୁରୀ କାଗଜପତ୍ର ବ୍ୟାଗ୍‌ଟି କେଉଁଆଡ଼େ ହଜିଯାଇଥିଲା କିମ୍ବା କେହି ଧୂର୍ତ୍ତ ବ୍ୟକ୍ତି ଚୋରିକରି ନେଇଯାଇଥିଲେ। ପ୍ରେସ୍ କ୍ଲବ୍ ସଭ୍ୟମାନଙ୍କ ଦ୍ୱାରା ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମିଳି ନ ଥିଲା। ଏ ନେଇ ପ୍ରେସ୍ କ୍ଲବ୍ ସଭାପତି ଏବଂ ସଦସ୍ୟମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଷ୍ଟେଶନ ଡାଏରି (ନଂ. ୦୪/୨୦୨୫) କରି ତଦନ୍ତ ଜାରି ରଖିଛି। ହଜିଯାଇଥିବା କାଗଜପତ୍ରର ସାର୍ଟିଫାଇ ନକଲ ପୁନଶ୍ଚ ପାଇବାପାଇଁ ଜିଲାପାଳଙ୍କୁ ଆବେଦନ କରାଯାଇଛି ବୋଲି ପ୍ରେସ୍ କ୍ଲବ୍ ସଭ୍ୟ ଅକ୍ଷୟ ବେହେରା କହିଛନ୍ତି।

### ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

କାକଟପୁର,୨୮।୨(ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ବିୟୋଗରେ କାକଟପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଖୁଣ୍ଟିଆ କନ୍‌ଭେନ୍‌ସନ ସଭାଗୃହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାକଟପୁର ପ୍ରେସ୍ କ୍ଲବ୍ ସଭାପତି କମଳ ଲୋଚନ ଦୀକ୍ଷିତ ସଭାପତିତ୍ୱ କରିଥିଲେ। କାକଟପୁର, ଅସ୍ତରଙ୍ଗ ଓ କୋଣାର୍କ ଅଞ୍ଚଳର ଖବରଦାତାମାନେ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ମହାପାତ୍ରଙ୍କ କାର୍ଯ୍ୟକଳାପ ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଖବରଦାତା ସମରେନ୍ଦ୍ର ଦୀକ୍ଷିତ, ନିରଞ୍ଜନ ଦାସ, ସନ୍ତୋଷ ଦାଶ, ସଞ୍ଜୟ ପତି, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନସ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ପ୍ରଦୀପ ପଣ୍ଡା, ପ୍ରଭାସ କୁମାର ପୃଷ୍ଟି, ନୃସିଂହ ବେହେରା, ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁ, ଲୋକନାଥ ସ୍ୱାଇଁ, ପ୍ରକାଶ ଦାଶ, ବ୍ରଜକିଶୋର ସାହୁ ଏବଂ ଶୁଭଦର୍ଶନ ମିଶ୍ର ପ୍ରମୁଖ ସଭାରେ ଯୋଗଦେଇଥିଲେ।

# ପୁରୀ ଜିଲା କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ସତ୍ୟାଗ୍ରହ




ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ବାର୍ ସମ୍ମୁଖରେ ସତ୍ୟାଗ୍ରହ ଆନ୍ଦୋଳନ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ବାର୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସତ୍ୟାଗ୍ରହ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ଜିଲା ଜଜ୍ କୋର୍ଟ ପରିସର ଐତିହ୍ୟ କୋଠା ଥାଇ ୧୬୦ବର୍ଷ ଧରି ଲୋକଙ୍କ ସେବା କରି ଆସୁଛି। ଜିଲା ବିଭାଜନ ପରେ ଗ୍ରାମ୍ୟ ପରିସର ଓ ବ୍ଲକ୍ ସ୍ତରରେ କୋର୍ଟ ଗଢିଉଠିଲା। ତେବେ ବର୍ତ୍ତମାନ ପୁରୀ ଜିଲା କୋର୍ଟକୁ ବାଲୁଖଣ୍ଡକୁ ସ୍ଥାନାନ୍ତର ଉଦ୍ଦେଶ୍ୟରେ ପାଞ୍ଚ ଏକର ଜମି ଆଇନ ବିଭାଗକୁ ହସ୍ତାନ୍ତର ହୋଇଛି, ଯାହା ସିଆର୍‌ଜେଡ୍, ଇକୋ, ସମ୍ବେଦନଶୀଳ, ମଧୁର ଜଳ ଅଞ୍ଚଳରେ ଯାଉଛି ବୋଲି ତହସିଲଦାରଙ୍କ ରିପୋର୍ଟରୁ ଜଣାପଡ଼େ। ତେବେ କୋର୍ଟ ନିକଟରେ ତହସିଲ, ଡିଆର୍‌ଡିଏ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ କୋଠା ଭଗ୍ନ ଅବସ୍ଥାରେ ଥିବାରୁ କୋର୍ଟ ପାଇଁ ଏହି ଜମିକୁ ସରକାର ଦେଲେ କୋର୍ଟ ପାଇଁ ଆବଶ୍ୟକ ଜମି ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ। ସେଥିପାଇଁ ସଂଘ ପୂର୍ବରୁ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ପୁରୀ ଏମ୍‌ପିଙ୍କୁ ଦାବିପତ୍ର ଦେଇଛି। ଭୁବନେଶ୍ୱର, ଗଞ୍ଜାମ କୋର୍ଟ କିଛି ସରକାରୀ ଅଫିସକୁ ନେଇ ହୋଇଥିବା ବେଳେ ପୁରୀ କୋର୍ଟ କାହିଁକି ଏହି ସ୍ଥାନରେ ନ ହେବ ତାକୁ ନେଇ ସଂଘ ପ୍ରଶ୍ନ ଉଠାଇଛି। ଯେପର୍ଯ୍ୟନ୍ତ କୋର୍ଟ ସ୍ଥାନାନ୍ତର ବାତିଲ ହୋଇ ଏହି ସ୍ଥାନରେ ନ ହୋଇଛି ସେ ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲୁ ରହିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ସତ୍ୟଗ୍ରହ ଅନଶନରେ ସଂଘ ସଭାପତି ଆଦିତ୍ୟ ମିଶ୍ର, ସମ୍ପାଦକ ଦୀପକ କୁମାର ଦାସ, ଜୟଦେବ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, ଅନିଲ ରାୟ, ରୁଦ୍ରନନ୍ଦନ ମିଶ୍ର, ବିଜୟ ମିଶ୍ର, ପ୍ରଶାନ୍ତ ମିଶ୍ର, ପୁଷ୍କର ମହାପାତ୍ର, ଶରତ କୁମାର ରାୟଗୁରୁ, ଭଗବାନ ମିଶ୍ର, ଶୁଭେନ୍ଦୁ ଦାଶ, ପ୍ରେମାନନ୍ଦ ମହାନ୍ତି, ସାରଦା ସାମଲ, ରମେଶ ପ୍ରଧାନ, ବିରଞ୍ଚି ମିଶ୍ର, ସୋମନାଥ ଦାସ, ରମେଶ ପ୍ରସାଦ ସିଂ, ବିଶ୍ୱଜିତ୍ ପ୍ରଧାନ, ତପନ ବାରିକଙ୍କ ସମେତ ଶତାଧିକ ଓକିଲ ସାମିଲ ଥିଲେ।

# ଭାଇବୋହୂଙ୍କୁ ହାଣି ଦେଢ଼ଶୁର ଗିରଫ

### ପୋଲିସ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି

ନିମାପଡ଼ା,୨୮।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଡେଣ୍ଟୁଅଁ ପଞ୍ଚାୟତର ବେହେରା ସାହି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହର ପରିଣାମ ସ୍ୱରୂପ ଦେଢ଼ଶୁର ପବିତ୍ର ବେହେରା(୪୦) ଏକ କୁରାଢ଼ିରେ ଭାଇବୋହୂ ସୁପ୍ରଭା ବେହେରା(୩୩)ଙ୍କୁ ହାଣି ମରଣାନ୍ତକ ଆକ୍ରମଣ କରିଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ସୁପ୍ରଭାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପରେ ପବିତ୍ର ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଦେଢ଼ଶୁର ପବିତ୍ର ବେହେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ଏ ସମ୍ପର୍କରେ ଗୁରୁତର ସୁପ୍ରଭାଙ୍କ ବୋଉ ବଳଙ୍ଗା ଥାନା ଅଧୀନ ଖାଗେଡ଼ା ସାହିର ଲତା ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଆକ୍ରମଣକାରୀ ଦେଢ଼ଶୁର ପବିତ୍ର ବେହେରାଙ୍କ ବିରୋଧରେ କେସ୍ ନଂ. ୫୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ପୁରୀରୁ ସହକାରୀ ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିବାରିକ କଳହର କରୁଣ ପରିଣିତି କେତେ ଭୟଙ୍କର ହୋଇପାରେ ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ ହୋଇଛି।

# ସମୁଦ୍ରରୁ ପର୍ଯ୍ୟଟକଙ୍କୁ ଉଦ୍ଧାରକଲେ ଲାଇଫ୍ ଗାର୍ଡ

କୋଣାର୍କ,୨୮।୨(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡମାନେ ଉଦ୍ଧାର କରିଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଯୁବକ ଜଣଙ୍କ ହେଲେ କର୍ଣ୍ଣାଟକର ନିଖିଲ ଜମ୍‌ଦାର।

କର୍ଣ୍ଣାଟକର ପର୍ଯ୍ୟଟକ ନିଖିଲ ଜମ୍‌ଦାର ସପରିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ପରିଭ୍ରମଣ ଯାଇ ସମୁଦ୍ରରେ ସ୍ନାନ କରିଥିଲେ। ଏହି ସମୟରେ ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଭାସିଯାଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଯୁକ୍ତ ଲାଇଫ ଗାର୍ଡ ପବନ ବେହେରା, ପ୍ରକାଶ ବେହେରା ଓ ବାବୁ ବେହେରା ପ୍ରମୁଖ ମିଳିତ ଭାବେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପର୍ଯ୍ୟଟକ ନିଖିଲଙ୍କୁ ଚିକିତ୍ସା ନିମନ୍ତେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

# ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣାଙ୍କ ସରକାରୀ କାର୍ଯ୍ୟକାଳ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ଜିଲା ଅମଲା କ୍ଲବ୍‌ରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଜିଲା ଡିପିଏମ୍‌ୟୁ ପରାମର୍ଶଦାତା ସିଦ୍ଧାର୍ଥ ରାୟ ସଭାପତିତ୍ୱ କରିଥିଲେ। ସଭାରେ ଜିଲା ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ସମାଜ କଲ୍ୟାଣ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ଯୋଗଦେଇ ଶୁଭ୍ରାଂଶୁ ମହାରଣା ଜଣେ କର୍ମଠ ଓ ଉତ୍ତମ ସରକାରୀ ଅଧିକାରୀ ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟ ପକ୍ଷରୁ ମହାରଣାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର ସୁଭାସ୍ମିତା ମୋହିନୀ ଜେନା, ଦୀପକ କୁମାର ପଲେଇ, ଶ୍ରୀଧର ବେହେରା, ଶିଶିର କୁମାର ସାହୁ, ସ୍ମୃତିମୟୀ ସାହୁ, ବର୍ଷା ମିଶ୍ର, ପ୍ରଭୁ ପଣ୍ଡା, ନିରୁପମା ଆଚାର୍ଯ୍ୟ, ଶୋଭା ବାଙ୍ଗରୀ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ।

# ନିମ୍ନମାନର କାମ: ନଦୀବନ୍ଧ ରାସ୍ତାରେ ଗର୍ତ୍ତ

ଅସ୍ତରଙ୍ଗ,୨୮।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ବ୍ଲକ ବାସିନ୍ଦା ଦୁର୍ବଳ ନଦୀବନ୍ଧକୁ ନେଇ ଛାନିଆ। ବ୍ଲକର କଣମଣଠାରୁ ରାଇବେରୁଆଁ ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ରାସ୍ତାର ଗୋଟିଏ ପାର୍ଶ୍ୱ ଦବିଯାଇଥିବାବେଳେ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ସାରା ଗର୍ତ୍ତ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ୬ ମାସ ମଧ୍ୟରେ ବିରାଟ ଗର୍ତ୍ତ ହେଲାଣି। ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀର ଏକ ପ୍ରମୁଖ ଶାଖା ନଦୀ ହେଉଛି ଦେବୀ। ଜଗତ୍‌ସିଂହପୁର ଜିଲା ଦେଇ ପୁରୀ ଜିଲାରେ ବହିଯାଇଥିବା ଏହି ନଈ ଅସ୍ତରଙ୍ଗଠାରେ ବଙ୍ଗୋପସାଗରରେ ମିଶିଛି। ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେଲେ ସେଥିରୁ ପ୍ରାୟ ଅଧା ଜଳ ଦେବୀନଦୀ ଦେଇ ନିଷ୍କାସନ ହୋଇଥାଏ। ପ୍ରତିବର୍ଷ ନଦୀବନ୍ଧ ସୁରକ୍ଷା ପାଇଁ ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ଠିକାଦାର ଓ ଜଳସମ୍ପଦ ବିଭାଗର କେତେଜଣ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ ହେଉଥିବାରୁ ବାରମ୍ବାର ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ବିଭାଗୀୟ ଅଧିକାରୀ ତାଳିପକା କାମ କରି ରାସ୍ତା ମରାମତି ସାରିଥିଲେ। ହେଲେ ପୁଣି ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି, ଫଳରେ ଲୋକେ ଯାତାୟାତରେ ଅନେକ ସମସ୍ୟା ଭୋଗୁଛନ୍ତି। ଏ ନେଇ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ କହିଛନ୍ତି, କଣମଣରୁ ରାଇବେରୁଆଁ ରାସ୍ତାରେ ପ୍ରତ୍ୟେକ ଦିନ ଭାରିଯାନ ଚଳାଚଳ କରିବାରୁ ଗର୍ତ୍ତ ସୃଷ୍ଟି ହୋଇଛି। ଖୁବ୍‌ଶୀଘ୍ର ତାହା ମରାମତି କରାଯିବ।

# ଖବରଦାତାଙ୍କୁ ହତ୍ୟା ଧମକ ପ୍ରତିବାଦରେ ଧାରଣା

ପିପିଲି,୨୮।୨(ଦୁର୍ଗାମାଧବ ମିଶ୍ର)

ପିପିଲିର କାର୍ଯ୍ୟରତ ଖବରଦାତା ରାଜକିଶୋର ସ୍ୱାଇଁଙ୍କୁ ରାସ୍ତା ଓ ଗୃହ ବିଭାଗର ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା ଦୁର୍ବ୍ୟବହାର ଓ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଖବରଦାତାମାନେ ଧାରଣାରେ ବସିଛନ୍ତି। ସୂଚନାଯୋଗ, ପିପିଲି-ଜଟଣୀ ରାସ୍ତାର ହଂସନପୁର ନିକଟରେ ରାସ୍ତା କାଟି ମରାମତି ଚାଲିଥିବା ବେଳେ ସେଠାରେ ଆପ୍ରୋଚ୍ ରୋଡ୍ ନ କରି ଲୋକଙ୍କୁ ଜାଣିଶୁଣି ମରଣଯନ୍ତାକୁ ନିମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଏହି ବାବଦରେ ପ୍ରତିକ୍ରିୟା ନେବା ପାଇଁ ବରିଷ୍ଠ ଖବରଦାତା ସହକାରୀ ଯନ୍ତ୍ରୀଙ୍କୁ ଫୋନ୍ କରିଥିଲେ। ସହକାରୀ ଯନ୍ତ୍ରୀ ପ୍ରତିକ୍ରିୟା ବଦଳରେ ଖବରଦାତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଖବରଦାତାମାନେ ରାସ୍ତା ଓ ଗୃହ ବିଭାଗ କାର୍ଯ୍ୟାଳୟଠାରେ ଧାରଣ ଦେଇଛନ୍ତି। ଧାରଣାର ପ୍ରାୟ ୩ଘଣ୍ଟା ପରେ ବିଭାଗୀୟ ଏସ୍‌ଡିଓ ପହଞ୍ଚି ଉଚ୍ଚପଦସ୍ଥ ଅଧିକାରୀଙ୍କ ପରାମର୍ଶ ଲୋଡ଼ି ଶନିବାର ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଧାରଣା

### ପ୍ରଶାସନର ମନମୁଖି କାର୍ଯ୍ୟର ପ୍ରତିବାଦ

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଉମାକାନ୍ତ ସାମନ୍ତରାୟ ଓ ଅନ୍ୟମାନଙ୍କ ଧାରଣା।

ଜିଲା ପ୍ରଶାସନ ଅଧିକାରୀଙ୍କ ମନମୁଖୀ ଆଚରଣ ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଅନେକ ସମସ୍ୟାକୁ ନେଇ ବାରମ୍ବାର ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ନ ମିଳୁଥିବାରୁ ଏହାର ପ୍ରତିବାଦରେ ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉପଜିଲାପାଳ ପହଞ୍ଚି ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେବା ପରେ ସାମନ୍ତରାୟ ଧାରଣାରୁ ଉଠିଥିଲେ। ସାମନ୍ତରାୟ କହିଛନ୍ତି, ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣାସ ବ୍ଲକ୍ ଗୋପିନାଥପୁର ପଞ୍ଚାୟତରେ ୧୦ ଜଣ ୱାର୍ଡମେମ୍ବର ଅଛନ୍ତି। ତେବେ ସେଠାରେ ଥିବା ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ନେଇ ୮ଜଣ ୱାର୍ଡମେମ୍ବର ବୈଠକ କରି ଲିଖିତ ଆକାରରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ନେଇ ଗତ ୩ତାରିଖରେ ଉପଜିଲାପାଳଙ୍କୁ ଜଣାଇଥିଲେ। ତେବେ ପ୍ରାୟ ଏକ ମାସ ବିତିବାକୁ ଯାଉଥିବା ବେଳେ ଏପର୍ଯ୍ୟନ୍ତ ନୋଟିସ୍ ଜାରି କରାଗଲା ନାହିଁ। ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ତେଣୁ ପ୍ରଶାସନର ଏପରି କାର୍ଯ୍ୟକୁ ବିରୋଧ କରି ନୋଟିସ୍ ହେବା ପର୍ଯ୍ୟନ୍ତ ଧାରଣାରେ ବସିବା ନେଇ ନିଷ୍ପତ୍ତି ହୋଇଥିଲା। ସମ୍ପୃକ୍ତ ୮ୱାର୍ଡ ମେମ୍ବରଙ୍କ ସହ ସ୍ଥାନୀୟ କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ।

# ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ହୋ-ହାଲ୍ଲା

### ଗୋପ ବ୍ଲକ୍‌ରେ ୨ ଯୋଜନାକୁ ନେଇ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ଗୋପ,୨୮।୨(ଭାରତୀ ଭୂଷଣ ଉପାଧ୍ୟାୟ)



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ସରକାରୀ ଅଧିକାରୀମାନେ।

ଗୋପ ବ୍ଲକ ବୈଠକ ଗୃହରେ ଶୁକ୍ରବାର ଅପରାହ୍ନରେ ୨ଟି ସରକାରୀ ଯୋଜନାକୁ ନେଇ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ହୋହାଲ୍ଲା ହୋଇଥିଲା। ପୂର୍ବରୁ କେତେକ ସରକାରୀ ଯୋଜନାରେ ଲୋକପ୍ରତିନିଧି ଖର୍ଚ୍ଚ କରିଥିବା ଅର୍ଥ ପାଇ ନ ଥିବାବେଳେ ଏହା କିପରି ହେବ ବୋଲି କହିଥିଲେ। ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ, ତହସିଲ୍‌ଦାର ଅନୀଲ କୁମାର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ସମନ୍ୱିତ ମହିଳା ଶିଶୁ ବିକାଶ ଅଧିକାରିଣୀ ମିନାକ୍ଷୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ବିଡିଓ ଛବିରାଣୀ ସାହୁ ବିକଶିତ ଗାଁ ବିକଶିତ ଓଡ଼ିଶା ଓ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସହିତ ଅନ୍ତ୍ୟୋଦୟ ଗୃହ ଯୋଜନାର ସୁପରିଚାଳନା ସମ୍ପର୍କରେ ବୁଝାଇଥିଲେ। ସୁଭଦ୍ରା ଯୋଜନାର ପ୍ରଚାର ପ୍ରସାର କରିବା ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ଅର୍ଥ ଆମକୁ ନ ଦେଇ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ କରନ୍ତୁ ବୋଲି ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ଶୀର୍ଷରଞ୍ଜନ ନାୟକ ଓ ମହେଶ୍ୱର ସ୍ୱାଇଁ ପ୍ରମୁଖ ବିରୋଧ କରିଥିଲେ। ଏହାକୁ ନେଇ ଅନ୍ୟ ଲୋକପ୍ରତିନିଧିମାନେ ହୋହାଲ୍ଲା କରିଥିଲେ। ଖରାଦିନ ଆରମ୍ଭରୁ ଜଳ ସଙ୍କଟ, ନଳକୂପ ପାଇଁ ଯନ୍ତ୍ରାଂଶ ନ ମିଳିବା, ବ୍ଲକ୍ ପରିସରରେ ମହିଳା ଲୋକପ୍ରତିନିଧିଙ୍କ ସହ ସାଧାରଣ ଲୋକଙ୍କ ଲାଗି ପରିସ୍ରାଗାର ନ ରହିବା ଏକ ବଡ଼ ଦୁଃଖ ବୋଲି ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଯଦି ଦୃଷ୍ଟି ନ ଦିଏ ତେବେ ବ୍ଲକ ପ୍ରଶାସନ ନିମନ୍ତେ ଥିବା ପରିସ୍ରାଗାର, ପାଇଖାନା ତାଲା ପକାଇ ଦିଆଯିବ ବୋଲି ଗୋପ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଜଣାଇ ଦିଆଯାଇଛି। ବିଡିଓ ତୁରନ୍ତ ଏ ସମ୍ପର୍କରେ ଦୃଷ୍ଟି ଦେବେ ବୋଲି ମଧ୍ୟ କହିଥିଲେ। ଏହି ସ୍ୱତନ୍ତ୍ର ବୈଠକରେ ବହୁ ବିଭାଗୀୟ ଅଧିକାରୀ ଯୋଗ ନ ଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ବିଏମ୍‌ସିର ହଜାରେ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମାସିକିଆ ବୈଠକରେ ଶୁକ୍ରବାର ହଜାରେ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରୁ ମୋଟ୍ ଆୟ ୧୦୨୨କୋଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧୦୦୧ କୋଟି ବ୍ୟୟ ଆକଳନ କରାଯାଇଛି। ସବୁଠାରୁ ଅଧିକ ଆୟ ରାଜସ୍ୱ ଅନୁଦାନ ଏବଂ ସବ୍‌ସିଡ୍‌ରୁ ୪୬୯ କୋଟି ଟଙ୍କା ମିଳିବା ନେଇ ଆକଳନ କରାଯାଇଥିବାବେଳେ ପୁଞ୍ଜିଭୁକ୍ତ ଅନୁଦାନରୁ ୨୫୫କୋଟି ଏବଂ ରାଜସ୍ୱ ଓ ଅନ୍ୟାନ୍ୟ ଆୟରୁ ୨୮୦କୋଟି ରହିଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ସ୍ଥାୟୀ ସମ୍ପତ୍ତି ଅଧିଗ୍ରହଣ ଓ କ୍ରୟ ବାବଦରେ ସର୍ବାଧିକ ୩୭୯ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ବାବଦରେ ମୋଟ ୩୦୧କୋଟି ଟଙ୍କା ରଖାଯାଇଛି। ଚଳିତ ବର୍ଷ ଆୟ ୧୦୨୨କୋଟି ଏବଂ ୨୦୨୩-୨୪ ଆର୍ଥିକ ବର୍ଷରୁ ବଳକା ଥିବା ୧୪୭କୋଟିକୁ ମିଶାଇ ମୋଟ ୧୧୬୯କୋଟି ଟଙ୍କା ଆୟ ଆକଳନ କରାଯାଇଛି। ସେହିପରି ବିଭିନ୍ନ ବାବଦରେ ମୋଟ ୧୦୦୧କୋଟି ବ୍ୟୟ ବରାଦ କରାଯାଇଛି। ବୈଠକରେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ ବଜେଟ ଉପସ୍ଥାପନ କରିଥିଲେ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଶନର ରାଜେଶ ପ୍ରଭାକର ପାଟିଲ, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସାଧାରଣ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ବାର୍ଦ୍ଧକ୍ୟ ଭତ୍ତା ଏବଂ ୱାର୍ଡ ଅଫିସ୍ ନିର୍ମାଣକୁ କେନ୍ଦ୍ର କରି କର୍ପୋରେଟରମାନେ ହୋହଲ୍ଲା କରିଥିଲେ। ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩ହଜାର ଟଙ୍କା ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ନେଇ କର୍ପୋରେଟର ମହାମାୟା ସ୍ୱାଇଁ ପ୍ରଥମେ ଅଭିଯୋଗ କରିଥିଲେ। କେବଳ ବିଏମ୍‌ସିର ଅପାରଗତା ପାଇଁ ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଥିବ ସେ କହିଥିଲେ। ଏହାକୁ ଅନ୍ୟ କର୍ପୋରେଟରମାନେ ମଧ୍ୟ ସମର୍ଥନ କରିଥିଲେ। ସେହିପରି ମହାନଗର ନିଗମରେ ମୋଟ୍ ୬୭ଟି ୱାର୍ଡ ଥିବାବେଳେ ପ୍ରାୟ ଅଧା ୱାର୍ଡରେ ୱାର୍ଡ ଅଫିସ୍ ଗୃହ ନାହିଁ। କେତେକ ୱାର୍ଡରେ ଏଥିପାଇଁ ଜାଗା ଚିହ୍ନଟ ହୋଇ କାମ ଆରମ୍ଭ ହୋଇଥିଲେ ମଧ୍ୟ ପରେ ତାହାକୁ ବିଭିନ୍ନ କାରଣ ଦର୍ଶାଇ ବନ୍ଦ କରାଯାଇଛି। ଫଳରେ ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏନେଇ ମଧ୍ୟ ଉଭୟ ଦଳର କର୍ପୋରେଟରମାନେ ଅଭିଯୋଗ କରି ହୋହଲ୍ଲା କରିଥିଲେ। ତେଣୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୱାର୍ଡ ଅଫିସ୍ ନିର୍ମାଣ ପ୍ରସଙ୍ଗ ଉପରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହାବାଦ୍ ବୈଠକରେ କଠିନ ବର୍ଜ୍ୟ ପରିଚାଳନା, ଡ୍ରେନଗୁଡ଼ିକରେ ଭାଙ୍ଗିଯାଇଥିବା ସ୍ଲାବ ନିର୍ମାଣ ଉପରେ କେତେଜଣ କର୍ପୋରେଟର ପ୍ରଶ୍ନ କରିଥିଲେ। ମୋଟ ୧୬ଟି ପ୍ରସ୍ତାବ ଗୃହରେ ଉପସ୍ଥାପନ କରାଯାଇଥିଲା। ସେହିପରି ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପର ଉନ୍ନତୀକରଣ, ଯାତ୍ରୀ ନିବାସର ନବୀକରଣ ଏବଂ ଶହୀଦନଗରରେ ଅଡିଟୋରିୟମ ନିର୍ମାଣ କାମ ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏବେ ସହରର ବିଭିନ୍ନ ସ୍ଥାନରେ ବୋରୱେଲ୍ ଖୋଳାଯାଉଥିବାବେଳେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କମିଶନର ରାଜେଶ ପ୍ରଭାକର ପାଟିଲ୍ ସୂଚନା ଦେଇଥିଲେ।


ମେୟର ଓ କମିଶନରଙ୍କ ଉପସ୍ଥିତିରେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ ବଜେଟ ଉପସ୍ଥାପନ କରୁଛନ୍ତି।

■ଆୟ ୧୦୨୨କୋଟି, ବ୍ୟୟ ୧୦୦୧କୋଟି
■ବାର୍ଦ୍ଧକ୍ୟ ଭତ୍ତା, ୱାର୍ଡ ଅଫିସ୍ ନିର୍ମାଣ ପ୍ରସଙ୍ଗରେ ହୋହଲ୍ଲା

## ଶହୀଦନଗର ସ୍ଥାୟୀ ହାଟ ପାଇଁ ଜମି ଦେଲେ ସରକାର


ହାଟ ବ୍ୟବସାୟୀମାନେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଧନ୍ୟବାଦ ଜଣାଉଛନ୍ତି।

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

ଦୀର୍ଘଦିନର ଅପେକ୍ଷା ପରେ ଶହୀଦନଗର ବ୍ୟବସାୟୀମାନଙ୍କୁ ସ୍ଥାୟୀ ହାଟ ପାଇଁ ଜମି ମିଳିଛି। ୧୯୬୭ ମସିହାରୁ ଶହୀଦନଗରରେ ଏକ ହାଟ ଚାଲିଥିବାବେଳେ ଏହା ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୦ହଜାର ଲୋକ ନିର୍ଭର କରନ୍ତି। ତେବେ ସ୍ଥାୟୀ ହାଟ ପାଇଁ ନିର୍ଦ୍ଦିଷ୍ଟ ଜମି ନ ଥିବାରୁ ବ୍ୟବସାୟୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ସେମାନଙ୍କ ଦୋକାନକୁ ଜବରଦଖଲ ଦର୍ଶାଇ ଉଠାଇ ଦିଆଯାଉଥିଲା ଓ ଭାଙ୍ଗିଦିଆଯାଉଥିଲା। ଦୀର୍ଘଦିନରୁ ରହିଆସିଥିବା ଏହି ସମସ୍ୟାର ସମାଧାନ ପାଇଁ ବ୍ୟବସାୟୀଙ୍କ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ଭେଟି ଏନେଇ ଅବଗତ କରିଥିଲେ। ଏମ୍‌ପି ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସହିତ ଜାନୁଆରୀ ୪ରେ ଆଲୋଚନା କରିଥିଲେ। ଏଥିସହ ସ୍ଥାୟୀ ହାଟ ପାଇଁ ଜମି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗକୁ ୨ଏକର ଜମି ଶହୀଦନଗର ସ୍ଥାୟୀ ହାଟ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଫଳରେ ଏଣିକି କ୍ଷୁଦ୍ର ବ୍ୟବସାୟୀମାନେ ହାଟରେ ସ୍ଥାୟୀଭାବେ ବ୍ୟବସାୟ କରିପାରିବେ। ଏହାଦ୍ୱାରା ପ୍ରାୟ ୪୦୦ ବ୍ୟବସାୟୀ ଉପକୃତ ହେବେ ବୋଲି ଶୁକ୍ରବାର ଏମ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏନେଇ ଅପରାଜିତା କହିଛନ୍ତି, ଜମି ପ୍ରଦାନ କରି ସରକାର ପ୍ରାୟ ୨୦ବର୍ଷର ସମସ୍ୟାର ସମାଧାନ କରିଛନ୍ତି। ବିଗତ ୨୫ ବର୍ଷ ଭିତରେ ଉଠା ଦୋକାନୀଙ୍କ ପ୍ରତି ବହୁ ଅନ୍ୟାୟ ହୋଇଛି। ୨୦୦୪ରେ ଭବାନୀ ମଲ ହେବା ଯୋଗୁ ଏକାଧିକ ଦୋକାନୀଙ୍କୁ ହଟାଯାଇଥିଲା। ସେତେବେଳେ ହିଁ ଶହୀଦନଗରରେ ହାଟ ହୋଇଥିଲା। ଏବେ ୫୦୦ରୁ ଉର୍ଦ୍ଧ୍ୱ ଦୋକାନୀ ସେଠାରେ ଦୋକାନ କରିଛନ୍ତି। ପ୍ରତି ଦୋକାନୀଙ୍କ ସୁରକ୍ଷାକୁ ନେଇ ଜମି ହସ୍ତାନ୍ତର ସହ ଏହାର ଉନ୍ନତୀକରଣ ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ୨୦୦୪ରୁ ନିବେଦନ ହୋଇଥିଲା। ୨୦୦୯ରେ ତତ୍କାଳୀନ ବିଧାୟକ ଏହାକୁ ନେଇ ଦାବି କରିଥିଲେ ହେଁ ତତ୍କାଳୀନ ସରକାର ଏହାକୁ ଗ୍ରହଣ କରି ନଥିଲେ। ମାତ୍ର ନୂତନ ସରକାର ଏହାକୁ ଗୁରୁତ୍ୱର ସହ ନେଇ ସମାଧାନ କରିଛନ୍ତି। ଏବେ ୫ଟି ପ୍ଲଟରେ ୨ନ୍ଏକର ଜମି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ହସ୍ତାନ୍ତର ହୋଇଛି। ଏଥିସହ ବିଏମ୍‌ସିକୁ ରକ୍ଷଣାବେକ୍ଷଣ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅପରାଜିତା କହିଛନ୍ତି।

## ଆଇଏଚ୍‌ଏମ୍ ଭୁବନେଶ୍ୱରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୮।୨

**ଇଆଇସିଏ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍) ଭୁବନେଶ୍ୱରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଇଷ୍ଟର୍ନ ଇଣ୍ଡିଆ କଲିନାରି ଆସୋସିଏଶନ(ଇଆଇସିଏ) ର ଓଡ଼ିଶା ଚାପ୍ଟରର ଶୁଭାରମ୍ଭ କରାଯାଇଛି। ଆତିଥ୍ୟ ଶିକ୍ଷାକ୍ଷେତ୍ରରେ ଶିକ୍ଷାନୁଷ୍ଠାନର ଉତ୍କର୍ଷ ଯାତ୍ରାରେ ଆଉଏକ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ, ଆଇଏଫ୍‌ସିଏର ସଭାପତି ସେଫ୍ ମନଜିତ ସିଂହ ଗିଲ୍, ସ୍ୱସ୍ତି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଅଧ୍ୟକ୍ଷ ଡ. ଜେ.କେ. ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଇଆଇସିଏର ପ୍ରତିନିଧିତ୍ୱ କରୁଥିବା ସାରା ଦେଶରୁ ୧୨ରୁ ଅଧିକ ସେଫ୍, ସହରର କେତେଜଣ ପ୍ରମୁଖ ସେଫ୍, ନିମନ୍ତ୍ରିତ ବ୍ୟକ୍ତି ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆଇଏଚ୍‌ଏମ୍ ଭୁବନେଶ୍ୱରର ଅଧ୍ୟକ୍ଷା ଶାରଦା ଘୋଷ ତାଙ୍କ ଅଭିଭାଷଣରେ ଉଦ୍ୟୋଗ ପାଇଁ ପ୍ରସ୍ତୁତ ବୃତ୍ତିଜୀବୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା କ୍ଷେତ୍ର-ଉଦ୍ୟୋଗ ସମ୍ପର୍କ ବୃଦ୍ଧି ପାଇଁ ଅନୁଷ୍ଠାନର ଦୃଷ୍ଟିକୋଣ ସମ୍ପର୍କରେ ଦୋହରାଇଥିଲେ। ଆତିଥେୟତା ଶିକ୍ଷାରେ ସୃଜନଶୀଳତା, ଶିକ୍ଷା ଏବଂ ଉତ୍କର୍ଷର ଭାବନାକୁ ପାଳନ କରିବାରେ ଇଆଇସିଏ ଓଡ଼ିଶା ଚାପ୍ଟର ଏବଂ ବାର୍ଷିକ ଦିବସର ମହତ୍ତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଇଆଇସିଏ ଓଡ଼ିଶା ଚାପ୍ଟରର ଉଦ୍‌ଘାଟନ ସହ ଆଇଏଚ୍‌ଏମ୍ ଭୁବନେଶ୍ୱର ପୁଣି ଥରେ ଆତିଥ୍ୟ ଶିକ୍ଷାର ମାନକୁ ଆଗକୁ ବୃଦ୍ଧି କରିବା ଏବଂ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ଅଭିବୃଦ୍ଧି ଓ ଉତ୍କର୍ଷ ପାଇଁ ଅତୁଳନୀୟ ସୁଯୋଗ ପ୍ରଦାନ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି।



ଆଇଏଚ୍‌ଏମ୍ ଭୁବନେଶ୍ୱରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।



ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶରେ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଣେ କିଶୋରୀଙ୍କୁ ପୁରସ୍କୃତ କରୁଛନ୍ତି।

## ରାଜ୍ୟର ଅନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ: ମୁଖ୍ୟମନ୍ତ୍ରୀ

### ‘ଉତ୍କଳିକା-ଏ ଶୋ ଅଫ୍ ମଡର୍ଣ୍ଣ ଆର୍ଟ’ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୨ (ସୌମ୍ୟରଞ୍ଜନ ରାଉତ)

ନ୍ୟାଶନାଲ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ(ଏନ୍‌ଜିଏମ୍‌ଏ) ମୁମ୍ବାଇର ସ୍ଥାୟୀ ଚିତ୍ରକଳାକୁ ନେଇ ଲଳିତକଳା ଏକାଡେମୀଠାରେ ଚାଲିଥିବା ସ୍ୱତନ୍ତ୍ର ପ୍ରଦର୍ଶନୀ ‘ଉତ୍କଳିକା-ଏ ଶୋ ଅଫ୍ ମଡର୍ଣ୍ଣ ଆର୍ଟ’ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ଏଭଳି ଏକ ପଦକ୍ଷେପ ଓଡିଆ କଳାକାରଙ୍କୁ ଏକ ସୁବର୍ଣ୍ଣ ମଞ୍ଚ ପ୍ରଦାନ କରିବା ସହ ରାଜ୍ୟର ଅନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଏନ୍‌ଜିଏମ୍‌ଏ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡ. ସଞ୍ଜୀବ କିଶୋର ଗୌତମ ଯୋଗଦେଇ କହିଲେ, ଭାରତୀୟ ମଡର୍ଣ୍ଣ ଓ କଣ୍ଟେମ୍ପରାରୀ ଆର୍ଟ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରିବା ପାଇଁ ଏହା ହେଉଛି ଏକ ଅଭିନବ ପଦକ୍ଷେପ। ଉତ୍କଳିକା କେବଳ ଏକ ପ୍ରଦର୍ଶନୀ ନୁହେଁ, ବରଂ ଏହା ଭାରତର ସମୃଦ୍ଧ କଳାତ୍ମକ ବିରାସତର ଏକ ଉତ୍ସବ। ଏହା ସୃଜନଶୀଳତାକୁ ଅନୁପ୍ରାଣିତ କରିବା, ଶିକ୍ଷାକୁ ତ୍ୱରାନ୍ୱିତ କରିବା ଏବଂ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସଂଯୋଗ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। ଏହି ପ୍ରଦର୍ଶନୀ ପ୍ରୋଗ୍ରେସିଭ ଆର୍ଟିଷ୍ଟସ୍ ଗ୍ରୁପର ସମୃଦ୍ଧ ବିରାସତ, କଣ୍ଟେମ୍ପରାରୀ ମାଷ୍ଟରଙ୍କ ଦୂରଦୃଷ୍ଟିସମ୍ପନ୍ନ ଅଭିବ୍ୟକ୍ତି ଏବଂ ୧୯ଶହ ଶତାବ୍ଦୀର କଳାକାରଙ୍କ ପ୍ରମୁଖ କାରୁକାର୍ଯ୍ୟଗୁଡିକୁ ପ୍ରଦର୍ଶିତ କରିଥିଲା।

## ବିଏମ୍‌ସିର ଆବର୍ଜନା ପରିଚାଳନା ବୁଲି ଦେଖିଲେ ହିଞ୍ଜିଳିକାଟୁ ପୌର ପରିଷଦର ପ୍ରତିନିଧି ଦଳ

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

ହିଞ୍ଜିଳିକାଟୁ ପୌର ପରିଷଦର ୨୮ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମର ଦିନିକିଆ ପରିଦର୍ଶନରେ ଆସିଥିଲେ। ଏହି ପ୍ରତିନିଧିଦଳରେ ପୌର ପରିଷଦର କନିଷ୍ଠ ଯନ୍ତ୍ରୀ, ପ୍ଲାଣ୍ଟ ମ୍ୟାନେଜର, କନିଷ୍ଠ ପରିମଳ ବିଶେଷଜ୍ଞ, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ କର୍ମୀମାନେ ସାମିଲ୍ ଥିଲେ। ବିଏମ୍‌ସିର ବର୍ଜ୍ୟ ପରିଚାଳନା ସମ୍ପର୍କରେ ଜାଣିବା ପାଇଁ ଏମସିସି, ଏମଆର୍‌ଏଫ ଏବଂ ମଳ ପରିଚାଳନା କେନ୍ଦ୍ର, ପବ୍ଲିକ ଟଏଲେଟ ଆଦି ବୁଲି ଦେଖିଥିଲେ। ଘରୁ ପୃଥକୀକୃତ ବର୍ଜ୍ୟ ସଂଗ୍ରହ ଏବଂ ପରେ ଏମ୍‌ସିସି, ଏମଆର୍‌ଏଫରେ କିଭଳି ଆବର୍ଜନା ପ୍ରକ୍ରିୟାକରଣ ହେଉଛି ସେନେଇ ଜ୍ଞାନ ଆହରଣ କରିଥିଲେ। ୱାର୍ଡୱାରି ବର୍ଜ୍ୟ ସଂଗ୍ରହ ହୋଇ ସଂପୃକ୍ତ ୱାର୍ଡ ପାଇଁ ଥିବା ଏମ୍‌ସିସି ଓ ଏମ୍‌ଆର୍‌ଏଫର ସ୍ୱଚ୍ଛସାଥୀ କିପରି ପରିଚାଳନା ସହଯୋଗୀ ହୋଇପାରିଛନ୍ତି ଏବଂ ସେମାନଙ୍କର ଗୋଷ୍ଠୀ ସଂପର୍କକୁ ଦୃଢ କରି ବର୍ଜ୍ୟ ପରାଚାଳନାକୁ ସୁଗମ କରିଛନ୍ତି, ତାହା ପଚାରି ବୁଝିଥିଲେ। ସେହିପରି ବାସୁଆଘାଇସ୍ଥିତ ମଳ ପରିଚାଳନା କେନ୍ଦ୍ର (ଏଫଏସଟିପି)କୁ ତୃତୀୟଲିଙ୍ଗୀ ଗୋଷ୍ଠୀ (ଟିଜି ସ୍ୱିକୃତି) ଦ୍ୱାରା ପରିଚାଳିତ ହେଉଥିବା ଦେଖି ବିଏମ୍‌ସିର ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିନିଧିଦଳଙ୍କୁ ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହକାରୀ କମିଶନର ଏନ. ଗଣେଶ ବାବୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ୬ଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଯାପିତ


ଓଡ଼ିଶା ଟ୍ରାଭେଲ ବଜାରର ଉଦ୍‌ଯାପନ ଅବସରରେ ଅତିଥିଙ୍କ ସହ **ଘରୋଇ ଓ ଅନ୍ତର୍ଜାତୀୟ ଟୁର୍ ଅପରେଟରମାନେ।**

ଭୁବନେଶ୍ୱର,୨୮।୨(ଅଭୟ ଦାସ)

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭାରତୀୟ ଶିଳ୍ପ ମହାସଂଘ (ଫିକି) ସହଭାଗିତାରେ ଚାଲିଥିବା ୬ଷ୍ଠ ଓଡ଼ିଶା ଟ୍ରାଭେଲ ବଜାର (ଓଟିବି) ଉଦ୍‌ଯାପିତ ହୋଇଯାଇଛି। ଏହି ୪ ଦିବସୀୟ ସ୍ୱତନ୍ତ୍ର ପ୍ରଦର୍ଶନୀ ବିଶ୍ୱବ୍ୟାପୀ ହିତାଧିକାରୀମାନଙ୍କୁ ଏକାଠିକରିବା ସହ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସାର୍ଥକ ଆଲୋଚନା, ବ୍ୟବସାୟିକ ସହଭାଗିତା ଏବଂ ନୀତିଗତ ଅଗ୍ରଗତିକୁ ଏକ ଅଗ୍ରଣୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ କରିଛି। ଏହାର ଉଦ୍‌ଯାପନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ଲୋକ ଓ ସମୁଦାୟର ଯୋଗଦାନ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ଆଗକୁ ବଢାଇବ। ଆମେ ସମୁଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛୁ। ଓଡ଼ିଶା ହୋମ୍‌ଷ୍ଟେ ସ୍କିମ୍‌ର ଶୁଭାରମ୍ଭ କରି ଆମେ ସମୁଦାୟ-ଭିତ୍ତିକ ପର୍ଯ୍ୟଟନର ବିକାଶ ପାଇଁ ଲକ୍ଷ୍ୟ ରଖିଛୁ, ଯାହା ପରିଦର୍ଶକମାନଙ୍କୁ ପ୍ରକୃତ ଓଡିଆ ଆତିଥ୍ୟର ଅନୁଭୂତି ପାଇବା ପାଇଁ ଅନୁମତି ଦେବ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରିବ। ସମାନ ରୂପେ ଆଡ୍‌ଭେଞ୍ଚର ଟୁରିଜମ୍ ଗାଇଡ୍‌ଲାଇନ୍ସର ଉନ୍ମୋଚନକରି ଆମେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ସହ ଏକ ପ୍ରମୁଖ ଦୁଃସାହସିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଓଡିଶାକୁ ଅବସ୍ଥାପିତ କରିବୁ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଆୟୁକ୍ତ ତଥା ସଚିବ ବଲୱନ୍ତ ସିଂହ କହିଛନ୍ତି, ଆମେ ଭ୍ରମଣକାରୀ ଓ ନିବେଶକଙ୍କ ପାଇଁ ଓଡ଼ିଶାକୁ ଏକ ପ୍ରାଥମିକ ଗନ୍ତବ୍ୟସ୍ଥଳୀ ଭବେ ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରଗତିଶୀଳ ନୀତି, ଉନ୍ନତ ଭିତ୍ତିଭୂମି ଓ ରଣନୈତିକ ସହଯୋଗିତା ସହିତ ଓଡ଼ିଶା ଏମ୍‌ଆଇସିଇ, ଆଡ୍‌ଭେଞ୍ଚର, ଇକୋ ଓ ୱେଲ୍‌ନେସ୍ ଟୁରିଜମ୍ କ୍ଷେତ୍ରରେ ନୂଆ ସୁଯୋଗଗୁଡ଼ିକୁ ଉନ୍ମୋଚନ କରୁଛି। ଗତ ୪ ଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ହିତାଧିକାରୀ ଏବଂ ଅଗ୍ରଣୀ ଘରୋଇ ଓ ଅନ୍ତର୍ଜାତୀୟ ଟୁର୍ ଅପରେଟଙ୍କ ମଧ୍ୟରେ ୪୫୦୦ରୁ ଅଧିକ ବି୨ବି ବୈଠକ କରିଛୁ। ଏହା ସାର୍ଥକ ସଂଯୋଗ, ନୂଆ ବ୍ୟବସାୟିକ ସୁଯୋଗ ଓ ସହଭାଗିତାକୁ ସୁଗମ କରିଛି, ଯାହା ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ପରିଚାଳନା କରିବ। ୬ଷ୍ଠ ଓଡ଼ିଶା ଟ୍ରାଭେଲ ବାଜାର ସଫଳତାର ସହ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ବିବିଧ ଉତ୍ପାଦ ଓ ସେବାଗୁଡ଼ିକୁ ଅନ୍ତର୍ଜାତୀୟ ଦର୍ଶକଙ୍କ ନିକଟରେ ପ୍ରଦର୍ଶିତ କରିଛି।

## ଚାର୍ଜ ବେଳେ ଜଳିଗଲା ବ୍ୟାଟେରି ସ୍କୁଟି

ବାରଙ୍ଗ/ତ୍ରିଶୁଳିଆ,୨୮।୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):ବାରଙ୍ଗ ଥାନା ଅଧୀନସ୍ଥ ବଡ଼ମୁଣ୍ଡଳି ଗ୍ରାମର ଅକ୍ଷୟ କୁମାର ରାଉତ ଶୁକ୍ରବାର ପୂର୍ବାହ୍ନରେ କୌଣସି ଏକ କାମରେ ଯିବା ପାଇଁ ତାଙ୍କର ବ୍ୟାଟେରି ସ୍କୁଟିକୁ ଚାର୍ଜ ବସାଇଥିଲେ। କିଛି ସମୟ ପରେ ଗାଡ଼ିରେ ଅଚାନକ ନିଆଁ ଲାଗି ଜଳିବା ଆରମ୍ଭ କରିଥିଲା। ଏହା ଜାଣିପାରି ଅକ୍ଷୟ କୌଶଳକ୍ରମେ ଗାଡ଼ିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିବାରୁ ବଡ଼ ଅଘଟଣରୁ ପରିବାର ଲୋକ ବର୍ତ୍ତି ଯାଇଛନ୍ତି। ଏହାପରେ ଗାଡ଼ିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା। ପରିବାର ଲୋକ ଓ ପଡ଼ୋଶୀ ମିଶି ଗାଡ଼ିରେ ଲାଗିଥିବା ନିଆଁକୁ ଲିଭାଇଥିଲେ।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
CBC 07101/11/0020/2425

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in
**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

**ଏତଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା।** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ୍ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ: ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ୍, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କ୍‌ସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍‌ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି। |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ଚୌଦ୍ୱାର,୨୮।୨(ଆଶୁତୋଷ ଦାସ):** ଝୋଟେଶ୍ୱର ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଚାଟେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରିଫା ବେଗମ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆର୍‌ସିସି ଦୀପକ କୁମାର ସାହୁ, ପରିଚାଳନା କମିଟି ସଦସ୍ୟ ବିମଳ କୁମାର ବେଉରା, ଧୀରେନ୍ଦ୍ର କୁମାର ସିଂ, ନୃସିଂହ ଚରଣ ମହାରଣା, ପରିଚାଳନା କମିଟି ସଭାପତି ଫାତିମା ବିବି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକୋତ୍ସବ ସହିତ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର, ସୌଦାମିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟ୍ରେନ୍‌ରେ କଟି ଅଚିହ୍ନା ଯୁବକଙ୍କ ମୃତ୍ୟୁ

**ବାରଙ୍ଗ,୨୮।୨(ଲିଙ୍ଗରାଜ ରାଉତ) :** ବାରଙ୍ଗ ବ୍ଲକ୍ ଗଦେଇକୁଦ ଗ୍ରାମ ସାରଙ୍ଗେଇ ମନ୍ଦିର ନିକଟ ରେଲ୍‌ୱେ ଟ୍ରାକ୍‌ରେ କଟି ଶୁକ୍ରବାର ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ସମୟରେ ନିକଟସ୍ଥ ଗ୍ରାମର କେତେଜଣ ବ୍ୟକ୍ତି ଶୌଚହେବା ପାଇଁ ରେଳଧାରଣା ଅତିକ୍ରମ କରି ଯାଉଥିବାବେଳେ ମୃତଦେହ ପଡ଼ିଥିବା ଦେଖି ରେଲ୍‌ୱେ ଥାନାକୁ ଖବର ଦେଇଥିଲେ। ଖବରପାଇ ରେଲ୍‌ୱେ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି। ରେଳଧାରଣା କଡ଼ରେ ଏକ ସ୍କୁଟି ରହିଥିବା ଦେଖିବାକୁ ମିଳିଛି। ଉକ୍ତ ଗାଡ଼ିଟି ମୃତ୍ୟୁବରଣ କରିଥିବା ଯୁବକର ବୋଲି ସନ୍ଦେହ କରାଯାଉଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ରେଲ୍‌ୱେ ପୋଲିସ ପକ୍ଷରୁ କୁହାଯାଇଛି।

### ଚାର୍ଜ ବେଳେ ଜଳିଗଲା ବ୍ୟାଟେରି ସ୍କୁଟି

**ବାରଙ୍ଗ/ତ୍ରିଶୁଳିଆ,୨୮।୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):** ବାରଙ୍ଗ ଥାନା ଅଧୀନସ୍ଥ ବଡ଼ମୁଣ୍ଡଳି ଗ୍ରାମର ଅକ୍ଷୟ କୁମାର ରାଉତ ଶୁକ୍ରବାର ପୂର୍ବାହ୍ନରେ କୌଣସି ଏକ କାମରେ ଯିବା ପାଇଁ ତାଙ୍କର ବ୍ୟାଟେରି ସ୍କୁଟିକୁ ଚାର୍ଜ ବସାଇଥିଲେ। କିଛି ସମୟ ପରେ ଗାଡ଼ିରେ ଅଚାନକ ନିଆଁ ଲାଗି ଜଳିବା ଆରମ୍ଭ କରିଥିଲା। ଏହା ଜାଣିପାରି ଅକ୍ଷୟ କୌଶଳକ୍ରମେ ଗାଡ଼ିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିବାରୁ ବଡ଼ ଅଘଟଣରୁ ପରିବାର ଲୋକ ବର୍ତ୍ତି ଯାଇଛନ୍ତି। ଏହାପରେ ଗାଡ଼ିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା। ପରିବାର ଲୋକ ଓ ପଡ଼ୋଶୀ ମିଶି ଗାଡ଼ିରେ ଲାଗିଥିବା ନିଆଁକୁ ଲିଭାଇଥିଲେ।

### ଓମ୍‌ଫେଡ୍ କର୍ମଚାରୀଙ୍କ କ୍ୱାର୍ଟର୍ସ ଉଦ୍‌ଘାଟିତ

**ବାଙ୍କୀ,୨୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରିଲୋଠାରେ ରାଜ୍ୟ ଦୁଗ୍ଧ (ଓମ୍‌ଫେଡ୍) କର୍ମଚାରୀଙ୍କ ନିମନ୍ତେ ନିର୍ମିତ କ୍ୱାର୍ଟର୍ସ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ଓମ୍‌ଫେଡ୍ ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗ୍ରାମସଭା ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଅନୁମୋଦନ

**ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବୈଠକ**

- ଆସିଲେନି ବିଧାୟକ
- ସୁରକ୍ଷା ଦୃଷ୍ଟିରୁ ୫ ପ୍ଲାଟୁନ ଫୋର୍ସ ମୁତୟନ


ବିକଶିତ ଗାଁ ବିକଶିତ ଓଡ଼ିଶା ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧିମାନେ।

**ଟିଗିରିଆ, ୨୮।୨(ଜାଫର ଖାଁ)**

ଟିଗିରିଆ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଶୁକ୍ରବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ଦୃଷ୍ଟିରୁ ୫ ପ୍ଲାଟୁନ ଫୋର୍ସ ସହ କଟକ ଜିଲା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଉପସ୍ଥିତ ଥିଲେ। ମାତ୍ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଗଦେଇ ନ ଥିଲେ।

ଖବର ଅନୁଯାୟୀ, ବିକଶିତ ଓଡ଼ିଶା ବିକଶିତ ଗାଁର ପ୍ରକଳ୍ପ ଅନୁମୋଦନ ପାଇଁ ସମିତି ସଭାଗୃହରେ ଏକ ବୈଠକ ଡକାଯାଇଥିଲା। ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ସମିତି ଅଧୀନ ୧୪ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମରେ ହୋଇଥିବା ଗ୍ରାମସଭା ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଅନୁମୋଦନ ଲାଭ କରିଥିଲା।

ଏଥିରେ ବାଲିପୁଟ ପଞ୍ଚାୟତ ସରପଞ୍ଚ ରଞ୍ଜନ ସୂତାର ଯୋଗଦେଇ କ୍ଷୋଭ ପ୍ରକାଶ କରିବା ସହ ଗ୍ରାମସଭାରେ ଦିଆଯାଇଥିବା ପ୍ରକଳ୍ପ ଠିକ୍‌ରେ ସାମିଲ କରାଯାଇନଥିବା କହିଛନ୍ତି। ସେହିପରି ଭିରୁଡ଼ା ସରପଞ୍ଚ ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଭତ୍ତା ବିଷୟରେ ପ୍ରଶ୍ନ କରିଥିଲେ। ବୈଠକରେ ବିଡିଓ ପ୍ରଣବ କୁମାର ବେହେରା, ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ବ୍ଲକ ଉପାଧକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, କଟକ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଓ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କିନ୍ତୁ ବିଧାୟକ ସ୍ୱାଇଁ ନ ଆସିବାରୁ ବିଜେଡି ସମର୍ଥିତ କର୍ମୀମାନେ ହତାଶ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଠଗଡ଼ ଏସ୍‌ଡିପିଓ ନିରଞ୍ଜନ ଶବର, କଟକ ଜିଲା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ଉପସ୍ଥିତ ଥିଲେ।

## ଆଠଗଡ଼ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ଆଠଗଡ଼,୨୮।୨ (ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ପଞ୍ଚାୟତ ସମିତି କକ୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନ ନିମନ୍ତେ ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଠଗଡ଼ ପଞ୍ଚାୟତ ସମିତି ଅଧକ୍ଷା ମିନତି ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପରିଡ଼ା, ଭାରପ୍ରାପ୍ତ ବିଡିଓ ପ୍ରଣବ କୁମାର ବେହେରା, ମଣ୍ଡଳବିତ୍ତ ଅଧିକାରୀ ନବକୁମାର କଟକିଆ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରଶ୍ମିରେଖା ନାଏକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋ, ସମସ୍ତ ଜିଲା ପରିଷଦ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ସଭ୍ୟାସଭ୍ୟ ସରପଞ୍ଚଙ୍କ ସମେତ ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

ଅଧକ୍ଷା ମିନତୀ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବିକଶିତ ଗାଁ ବିକଶିତ ଓଡିଶାର ଯେଉଁ ପ୍ରକଳ୍ପ ଗୁଡିକ ଗ୍ରାମ ସଭାରେ ପାରିତ ହୋଇଆସିଲା ପରେ ସେଗୁଡିକ ପରବର୍ତ୍ତୀ ସ୍ତରରେ କିପରି ଜିଲା ପରିଷଦ ଦ୍ୱାରା ଅନୁମୋଦିତ ହେବ ତାର ନିୟମାବଳୀ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ପଞ୍ଚାୟତ ଗ୍ରାମ ସଭାରୁ ପାରିତ ହୋଇ ଆସିଥିବା ପ୍ରକଳ୍ପଗୁଡିକ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା। ଆସନ୍ତା ମହିଳା ଦିବସ ଉପଲକ୍ଷେ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମ ସଭା ଏବଂ ରାଲି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅନ୍ୟାନ୍ୟ କାର୍ଯ୍ୟକାରୀ ପ୍ରକଳ୍ପଗଡ଼ିକ ବିଷୟରେ ଆଲୋଚନା କରାଯିବା ସହ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ଗୁଡିକର ବିଲ ବିଷୟରେ ଚର୍ଚ୍ଚା ହୋଇଥୁଲା। ବରିଷ୍ଠ ନିର୍ବାହୀ ଅଧିକାରୀ ମନୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ଅନ୍ୟମାନେ।


କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଅବସରରେ ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

## ବାଲିଘାଟରେ ଚଢ଼ାଉ, ୭ ଗିରଫ

**ବାରଙ୍ଗ,୨୮।୨(ଲିଙ୍ଗରାଜ ରାଉତ):**

ରାଜଧାନୀ ଉପକଣ୍ଠ କଲ୍ୟାଣପୁର ବାଲିଘାଟରେ ନନ୍ଦନକାନନ ପୋଲିସ୍ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ପଟିଆ ତଳସାହିର ପ୍ରସନ୍ନ କୁମାର ପରିଡ଼ା(୫୪), ବୈଦେଶ୍ୱର ଥାନା ଅଧୀନସ୍ଥ କଳାପଥର ଲେମ୍ବେରି ଗ୍ରାମର ସୁଧାକର ପ୍ରଧାନ(୩୨), ବଡ଼ମ୍ବା ଥାନା ଅଧୀନସ୍ଥ ପଦ୍ମନାଭପୁର ଗ୍ରାମର ଶ୍ରୀଧର ନାୟକ(୪୦), ଢେଙ୍କାନାଳ କଲୁରିଆ ଗ୍ରାମର ଜଳନ୍ଧର ମହାଲିକ (୪୨), ନୟାଗଡ଼ କାଇନଫୁଲିଆ ଗ୍ରାମର ଡୁନା ଦାସ(୨୭), ମଞ୍ଚେଶ୍ୱର ଥାନା ଅଧୀନସ୍ଥ ଚକେଇସିଆଣି ଗ୍ରାମର ବାଦଲ ମହାନ୍ତି(୪୨) ଓ ନନ୍ଦନକାନନ ଥାନା ଅଧୀନସ୍ଥ କଲ୍ୟାଣପୁର ଗ୍ରାମର ତପନ ସ୍ୱାଇଁ (୪୦)। ଘଟଣାସ୍ଥଳରୁ ପୋଲିସ ଏକ ହାଇୱା, ଟିପ୍ପର, ୨ଟି ଜେସିବି ମେଶିନ ଏବଂ ୨ଟି କାର ଜବତ କରିଛି। ପ୍ରକାଶ ଯେ, କଲ୍ୟାଣପୁର ବାଲିଘାଟରୁ ବେଆଇନ ଭାବେ ମାଫିଆମାନେ ବାଲି ଉଠାଉଥିବାର ବିଶ୍ୱସ୍ତ ସୂତ୍ରରୁ ନନ୍ଦନକାନନ ଥାନାକୁ ସୂଚନା ମିଳିଥିଲା। ଖବରପାଇ ନନ୍ଦନକାନନ ଥାନାଧିକାରୀ ସମିତା ମିଶ୍ରଙ୍କ ନିର୍ଦ୍ଦେଶରେ ଏକ ସ୍ପେଶାଲ୍ ଟିମ୍ କୁଆଖାଇ ନଦୀପଠାରେ ଅତର୍କିତ ଚଢ଼ାଉ କରିଥିଲେ। ଏନେଇ ପୋଲିସ ୭୦/୨୫ରେ ଏକ ମାମଲା ରୁଜୁ କରି ଶୁକ୍ରବାର ୭ଜଣଙ୍କୁ କୋର୍ଟଚାଲାଣ କରିଛି।

## ବିଜ୍ଞାନ ସହ ବେଦ ଜଡ଼ିତ

**ଜାତୀୟ ବିଜ୍ଞାନ ଦିବସ ପାଳିତ**

**ବଡମ୍ବା, ୨୮।୨ (ମାୟାଧର ମଲ୍ଲିକ) :**

ବଡ଼ମ୍ବାସ୍ଥିତ କର ବିଜ୍ଞାନ ଓ ବୈଷୟିକ ଏକାଡେମୀ ପରିସରରେ ଜାତୀୟ ବିଜ୍ଞାନ ଦିବସ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଣ ଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁବାଷ ଚନ୍ଦ୍ର ଆସ, ସମ୍ମାନିତ ଅତିଥିଭାବେ 'ଭିନ୍ନ ମଣିଷ ଭିନ୍ନ ପୃଥିବୀ ସଂସ୍ଥା' ର ସମ୍ପାଦକ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର ଓ ଏକାଡେମୀ ଅଧକ୍ଷ ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ଭେଙ୍କଟ ରମଣ ଆଲୋକର ବିଚ୍ଛୁରଣ ସଂଦର୍ଭ ଗବେଷଣା ଉପରେ ଆଲୋକପାତ କରିଥିଲେ। ପ୍ରବୀଣା ମହାନ୍ତି ସଭା ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଆଶୁତୋଷ ସ୍ୱାଇଁ, ସ୍ୱାତିଲଗ୍ନା ସେନାପତି, ସୁଶ୍ରୀ ନିବେଦିତା ଦାସଙ୍କୁ ପ୍ରତିଭା ସ୍ୱିକୃତୀପତ୍ର ଓ ଉତ୍ତରୀୟ ଦିଆଯାଇ ପୁରସ୍କୃତ କରାଯାଇଥିଲା ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ରୋଗଗ୍ରସ୍ତ କଏଦୀଙ୍କୁ ମିଳୁନି ଆଶୁ ଚିକିତ୍ସା

**ଆଠଗଡ଼ ତାଲୁକ ସେବା ଅଧକ୍ଷଙ୍କୁ ଅଭିଯୋଗ କଲେ ବିଚାରାଧୀନ କଏଦୀଙ୍କ ମା'**

**ଟିଗିରିଆ,୨୮।୨ (ଜାଫର ଖାଁ)**

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ରାଣିବଣିଆ ଆଦର୍ଶ କାରାଗାରରେ ରୋଗଗ୍ରସ୍ତ କଏଦୀଙ୍କୁ ଠିକ୍ ସମୟରେ ଚିକିତ୍ସାସେବା ମିଳିପାରୁନାହିଁ। ଗୁରୁତର ଅସୁସ୍ଥ ଅବସ୍ଥାରେ ବି ଚିକିତ୍ସା ସେବା ନ ପାଇବାରୁ ଦୁଇଦିନ ତଳେ ଏହି କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସମ୍ପ୍ରତି ଆଉ ଜଣେ କଏଦୀ ଗୁରୁତର ଅବସ୍ଥାରେ ମୃତ୍ୟୁକୁ ଅପେକ୍ଷା କରିଛନ୍ତି। ଏଭଳି ଅଭିଯୋଗ କରି ପୁଅ ପାଇଁ ଚିକିତ୍ସା ସେବା ଦାବି କରିଛନ୍ତି ବିଚାରାଧୀନ କଏଦୀଙ୍କ ମା'। ଏନେଇ ପୁଅର ଚିକିତ୍ସା ପାଇଁ ଆଠଗଡ଼ ତାଲୁକ୍ ଆଇନ ସହାୟତା କେନ୍ଦ୍ର ଅଧକ୍ଷଙ୍କ ନିକଟରେ ମା' ବସିଦା ବେଗମ୍ ଅନୁରୋଧ କରିଛନ୍ତି।

ଏକ ମାମଲାରେ ଛନ୍ଦିହୋଇ ଟିଗିରିଆ ଥାନା ଅଧୀନ ପଙ୍କାଳ ଗ୍ରାମର ସିଦ୍ଦିକ ଅହମ୍ମଦ ଖାଁ ଏହି କାରାଗାରରେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ ୨ ମାସ ହେବ ଖରାପ ରହିଛି। ଏନେଇ ଆଶୁ ଚିକିତ୍ସାର ଆବଶ୍ୟକତା ଦର୍ଶାଇ ସିଦ୍ଦିକଙ୍କ ଓକିଲ ଗୋପରଞ୍ଜନ ପ୍ରଧାନ ଟିଗିରିଆ ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଥିଲେ। ଏହାପରେ ଟିଗିରିଆ ଜେଏମ୍‌ଏଫ୍‌ସି କୋର୍ଟଙ୍କ ପକ୍ଷରୁ ସିଦ୍ଦିକଙ୍କ ଚିକିତ୍ସା କରାଇବାକୁ ଆଦେଶ ଦିଆଯାଇଥିଲା। ସିଦ୍ଦିକଙ୍କ ଓକିଲ ଏ ସଂକ୍ରାନ୍ତରେ ଜେଲ କର୍ତ୍ତୃପକ୍ଷଙ୍କୁ ଭେଟି ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ ହେଁ ଏପର୍ଯ୍ୟନ୍ତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କିମ୍ବା ଉପଯୁକ୍ତ ଚିକିତ୍ସାସେବା ଯୋଗାଇ ଦିଆଯାଇନାହିଁ। ଫଳରେ ଦିନକୁ ଦିନ ସିଦ୍ଦିକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରେ ଲାଗିଛି। ସେ ଦୀର୍ଘଦିନ ହେବ ପେଟ ଓ ଛାତିରେ ଯନ୍ତ୍ରଣା ଭୋଗୁଥିବା ସୂଚନା ହସ୍ତଗତ ହୋଇଛି। ଗତ ୨୬ ତାରିଖରେ ଜେଲ୍‌ର ବିଚାରାଧୀନ କଏଦୀ ମହମ୍ମଦ ତୟବ(କୁନା)ଙ୍କ ମୃତ୍ୟୁ ଘଟିବା ପରେ ପୁଅ ସିଦ୍ଦିକଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ବେଗମ ଚିନ୍ତାପ୍ରକଟ କରିଛନ୍ତି। ଏନେଇ ପୁଅର ଚିକିତ୍ସା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ବାଙ୍କୀ,୨୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଚକୁଳେଶ୍ୱର ଗ୍ରାମର ବାଟ ଗୋସେଇଁଙ୍କ ପୀଠରେ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ବ୍ୟାପି ଚାଲିଥିବା ଏହି ଯଜ୍ଞରେ କଳସ ଶୋଭାଯାତ୍ରା, ଦେବ ଆବାହନ, ଯୁଗ ସଙ୍ଗୀତ ପ୍ରବଚନ, ବିବିଧ ସଂସ୍କାର, ବିଶାଳ ଦୀପଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜେଶ ପଣ୍ଡା ପ୍ରବଚନ ପ୍ରଦାନ କରିଥିଲେ। ଗାୟତ୍ରୀ ପରିବାରର ବାଙ୍କୀ ଶାଖା ସଭାପତି ଆଇନଜୀବୀ ଜିତେନ କୁମାର ରଥ, ମୁଖ୍ୟଟ୍ରଷ୍ଟି ଅରୁଣ କୁମାର ବେହେରା, ସୁଶାନ୍ତ କୁମାର ଭଞ୍ଜ, ବସନ୍ତ କୁମାର ସାହୁ, ରଜନୀ ନାୟକ, ମୁକେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରି ସହଯୋଗ କରିଥିଲେ।

## ମହୁମାଛି ଆକ୍ରମଣ: ବୃଦ୍ଧ ମୃତ

**ବାଙ୍କୀ,୨୮।୨( ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବ୍ଲକ କଳାପଥର ପଞ୍ଚାୟତ ଅଧୀନ ଲେମ୍ବେରୀ କୃଷ୍ଣପଲ୍ଲୀ ରାସ୍ତାରେ ବାଘୁଆ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧ ମୃତଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଏହି ଗ୍ରାମର ଗୁଣ୍ଡୁଚି ପ୍ରଧାନ (୭୨)।ଗୁଣ୍ଡୁଚି ଓ ଅନ୍ୟ ୩ ଜଣ ସକାଳୁ ମୁଗ ଜମିକୁ ଯାଉଥିବାବେଳେ ମହୁମାଛି ଆକ୍ରମଣ କରିଥିଲା। ଅନ୍ୟ ୩ ଜଣ ଜୀବନ ବଞ୍ଚାଇ ଦୌଡି ପଳାଇଯାଇଥିବାବେଳେ ଗୁଣ୍ଡୁଚି ତଳେ ପଡ଼ି ଗୁରୁତର ହୋଇଥିଲେ। ଗ୍ରାମର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି କଳାପଥର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଗୁଣ୍ଡୁଚିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ **୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା)** ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
CBC 07101/11/0020/2425

# ଶାନ୍ତି, ସଂହତି ପ୍ରତିଷ୍ଠା କରୁଛି ଜାଗର ମହୋତ୍ସବ

**ବାଙ୍କୀ,୨୮।୨ ( ଶୁଭେନ୍ଦୁ ମହାପାତ୍ର) :**

ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତରେ ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶିମିଳିପୁର-ହରିରାଜପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ମହୋତ୍ସବ ଲୋକମାନଙ୍କ ଭିତରେ ଶାନ୍ତି, ସଂହତି ବଜାୟ ରଖିବା ସହ ଭାଇଚାରା ପ୍ରତିଷ୍ଠା କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, କାଉନସିଲର ସନାତନ ବେହେରା, କ୍ରେଡିଟ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ତୈତ୍ୟତ୍ରିକ କଳା ସଂସଦର ସଭାପତି ଦେବୀଦତ୍ତ ବିଭୂତିରାୟ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ସାମଲ ଅତିଥି ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟସ୍ତରୀୟ କନିଷ୍ଠ ବିଭାଗରେ ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ତ୍ରିପାଠୀ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରସନ୍ନ ନାୟକ, ବିଶ୍ୱଜିତ ସାମଲ, କାହ୍ନୁଚରଣ ନାୟକ ପରିଚାଳନା କରିଥିଲେ। ଗ୍ରାମାଞ୍ଚଳର କୁନି କଳାକାରଙ୍କ ଦାରା ପରିବେଷିତ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିମୋହିତ ହୋଇ ଉଠିଥିଲେ। ବିଶିଷ୍ଟ ଶିକ୍ଷାବିତ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର ମହାକାଳ ଡ୍ୟାନ୍ସ ଗ୍ରୁପ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ।



ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା **୧୩(୪)** ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ **ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର,** ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ ସଫି କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, **(୨)ଶ୍ରୀ ରାଜୀବ କୁମାର ପାତ୍ର,** ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, **(୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା),** ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | **୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | **୧୮.୧୦.୨୦୨୪ / ୨୪.୦୨.୨୦୨୫** | **ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ:ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି। |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ୧.୩୪ ଲକ୍ଷରୁ ଅଧିକ ଲୋକଙ୍କୁ ମିଳିବ ପିଇବା ପାଣି

■ ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

■ ଉପକୃତ ହେବେ ୪ ବ୍ଲକ୍‌ର ୨୮ ପଞ୍ଚାୟତ

ଗୋପ,୨୮।୨
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ବନ୍ତଳି ପଞ୍ଚାୟତ ନିକଟସ୍ଥ ପଡ଼ିଆରେ ଶୁକ୍ରବାର ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏକ ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପାନୀୟ ଜଳପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ସହିତ ପୁରୀ ଜିଲାର ୪ଟି ବ୍ଲକର ୨୮ ପଞ୍ଚାୟତର ୧୫୭ ଗାଁର ୧.୩୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇପାରିବେ। ଉକ୍ତ ମେଗା ପାନୀୟ ଜଳ ପ୍ରକଳ୍ପ ଲାଗି ରାଜ୍ୟ ସରକାର ୨୧୩.୫୮ କୋଟି ଟଙ୍କା ମଞ୍ଜୁର କରିଥିବା ବିଭାଗ ପକ୍ଷରୁ କୁହାଯାଇଛି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ମନ୍ତ୍ରୀ ରବି ନାରାୟଣ ନାଏକ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ମୋହନ ସରକାର ୯ ମାସ ମଧ୍ୟରେ ବିକାଶର ସ୍ୱପ୍ନ ଦେଖୁଥିବାବେଳେ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ଏକ ବିକଶିତ ଭାରତ ଗଠନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ଗୋଟିଏ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସଙ୍କଳ୍ପବଦ୍ଧ ବୋଲି ସୂଚନା ଦେଇଥିଲେ। ରାଜ୍ୟର ସବୁ ଜିଲା ଅପେକ୍ଷା ପୁରୀ ଜିଲା ପିଇବା ପାଣି ସଙ୍କଟ ମଧ୍ୟରେ ଗତି କରୁଥିବା ବେଳେ ନିମାପଡ଼ା ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଗୋପ, ନିମାପଡ଼ା ବ୍ଲକର ସମସ୍ତ ପଞ୍ଚାୟତରେ ପିଇବା ପାଣି ସଙ୍କଟ ଅଧିକ ଦେଖାଦେଇଛି। ଶହଶହ ନଳକୂପ ଅଚଳ ହୋଇପଡ଼ିଛି। ସାଧାରଣ ଲୋକେ ପିଇବା ପାଣି ସମ୍ପର୍କରେ ଅଭିଯୋଗ କଲେ ଅଧିକାରୀମାନେ ଦୁର୍ବ୍ୟବହାର କରୁଛନ୍ତି। ତେଣୁ ଯେଉଁ ଅଧିକାରୀମାନେ ଏଭଳି କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ ବଦଳି କରିବାକୁ ପାନୀୟ ଜଳବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ମେଗା ପାନୀୟ ଜଳ ପ୍ରକଳ୍ପ ୨୦୨୬ ଜୁନ୍ ସୁଦ୍ଧା ଶେଷ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଥିବା ବେଳେ ଚଳିତବର୍ଷ ପିଇବା ପାଣି ସଙ୍କଟ ଉପରେ ସରକାର ଦୃଷ୍ଟି ଦେଇଥିବା ସମୟରେ ଗୋପ ବ୍ଲକର ଅଚଳ ହୋଇଥିବା ନଳକୂପ ସ୍ଥାନରେ ନୂତନ ନଳକୂପ ବସାଯିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ଭାଜପା ସରକାର ଆଜି ଆମ ରାଜ୍ୟ ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଶିବପ୍ରସାଦ ସ୍ୱାଇଁ, ବସନ୍ତ କୁମାର ସେନାପତି, ରାଜେଶ କୁମାର ପଣ୍ଡା, ରାଜକିଶୋର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଦର୍ଶ ଅଧ୍ୟକ୍ଷଙ୍କ ସମ୍ବର୍ଦ୍ଧନା ସଭା

ଅସ୍ତରଙ୍ଗ,୨୮।୨
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ସାମଲ ନିଜ ଚାକିରିରୁ ଅବସର ନେଇଛନ୍ତି। ଶୁକ୍ରବାର କଲେଜ ପରିସରରେ ଅଧ୍ୟାପକ ହରିଶଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅବସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଭାତ ବାରିକି, ଭୋବନି ପ୍ରଧାନ, ରାଜକିଶୋର ସାହୁ ଓ ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧ୍ୟକ୍ଷା କୁନିଲତା ରାଉତ ପ୍ରମୁଖ ଉପସ୍ଥିତ ରହି ଡ. ସାମଲଙ୍କ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ହେବା ଦିନଠାରୁ ନିଃସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରି ଲକ୍ଷ୍ୟଆଡ଼କୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ସେ ନେଇ ଗୁଣଗାନ କରିଥିଲେ। ଅଧ୍ୟକ୍ଷା କୁନିଲତା ରାଉତ କହିଛନ୍ତି, ଡ. ସାମଲ ଛାତ୍ରୀଛାତ୍ରମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମାଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଛନ୍ତି। ଡକ୍ଟର ସାମଲ ଏକାଧାରରେ ଥିଲେ ଛାତ୍ରବତ୍ସଳ, ସରଳ ନିଷ୍କପଟ ମଣିଷ, ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଉପସ୍ଥିତ ଅତିଥି ଅଭିଭାଷଣରେ ଉପସ୍ଥାପନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଡ. ସାମଲଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ଜୟନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ଉତ୍ତମ ଛାତ୍ର ଗଠନରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି



ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ପିଲାମାନେ।

### ଉତ୍ତରାଶାସନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ପିପିଲି,୨୮।୨
(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଉତ୍ତରାଶାସନ ପ୍ରକଳ୍ପ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାରଥିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟା ସଙ୍ଗୀତା ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିପ୍ରଭା ଦାସ, ସମିତିସଭ୍ୟ ଚନ୍ଦ୍ରମଣି ବେହେରା, କୌଶଲ୍ୟାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତାଜ ବେହେରା ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ୱାର୍ଡ ସଭ୍ୟ ଗୋପବନ୍ଧୁ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଜ କିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୋନାଲି ପ୍ରିୟଦର୍ଶିନୀ ସେନାପତି, ନିରୁପମା ସାହୁ, ଶର୍ମିଷ୍ଠା ଦାସ, ରୀତା ସାବୁତ୍ ଓ ବିଷ୍ଣୁପ୍ରିୟା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

## 'ଭଲ ମଣିଷ ହୁଅ' ଶୀର୍ଷକ ଆଲୋଚନାଚକ୍ର

ପୁରୀ,୨୮।୨
(ଅଜିତ୍ କୁମାର ମହାନ୍ତି)

ଆଚାର୍ଯ୍ୟ ବ୍ୟାୟାମ ଓ କ୍ରୀଡ଼ା ଅନୁଷ୍ଠାନ ଏବଂ ଆଚାର୍ଯ୍ୟ ହରିହର ବିଦ୍ୟାନିକେତନର ମିଳିତ ଆନୁକୂଲ୍ୟରେ ରବିବାର ବିଦ୍ୟାଳୟରେ 'ଭଲ ମଣିଷ ହୁଅ' ଶୀର୍ଷକ ଆଲୋଚନାଚକ୍ର ଓ ପଞ୍ଚସଖାଙ୍କ ସ୍ମୃତିରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାରେ ବିଦ୍ୟାନିକେତନର ସଭାପତି ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ସୌଭାଗ୍ୟ କୁମାର ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଡ. ପ୍ରମୋଦ କୁମାର ଦଳାଇ ଯୋଗଦେଇ ଆଚାର୍ଯ୍ୟ ହରିହର ପ୍ରତ୍ୟେକ ଛାତ୍ରୀଛାତ୍ର ଓ ବ୍ୟକ୍ତିଙ୍କଠାରେ ଭଲ ମଣିଷ ହେବାର ସମ୍ଭାବନାକୁ ଉଜ୍ଜୀବିତ କରିବା ପାଇଁ ଆହ୍ୱାନ କରିଯାଇଛନ୍ତି ବୋଲି କହିଥିଲେ। ସମ୍ପାଦକ ଅନାମ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆର୍ତ୍ତତ୍ରାଣ ମାନସିଂହ, ସୁଦୀପ୍ତା ମିଶ୍ର, ରେଣୁକା ମିଶ୍ର, ଭବାନୀ ଶଙ୍କର ମହାପାତ୍ର, ଜିତୁ ଭୋଇ, କରୁଣାକର ଭୋଳ, ସହଦେବ ସାହୁ, ବିଶ୍ୱବନ୍ଧୁ ଦାସ, ମୀରା ମହାନ୍ତି ଏବଂ ଅନନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସଙ୍କ ସ୍ୟାଣ୍ଡ ଆନିମେଶନ।

## ସାହିତ୍ୟ ଆସର, ସମ୍ବର୍ଦ୍ଧନା ଉତ୍ସବ

ଅସ୍ତରଙ୍ଗ,୨୮।୨(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମର ବିଶ୍ୱନାଥ ଦେବଙ୍କ ପୀଠରେ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କବି ହୃଦାନନ୍ଦ ସାସମଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ଦିଲୀପ ଜେନା, ମୁଖ୍ୟବକ୍ତା ଭାବେ କବି ସମ୍ପଦ ରଥ, ସମ୍ମାନିତ ଅତିଥି ଭାବେ କବୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ପଙ୍କଜିନୀ ଦେଇ, ପ୍ରବୀଣ ସୁବୁଦ୍ଧି, ଗୋବିନ୍ଦ ପ୍ରହରାଜ, ଆରତୀ ପ୍ରହରାଜ, ନବକୃଷ୍ଣ ପ୍ରହରାଜ, ରମେଶ ଚନ୍ଦ୍ର ପ୍ରହରାଜ, ସୁନନ୍ଦା ରାଉତ, ଗୀତାଞ୍ଜଳି ବିଶ୍ୱାଳ, ଅଶୋକ ପ୍ରହରାଜ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବକ୍ତା ଦିବାକର ଦାସଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସୁବାସ ପ୍ରହରାଜ ଓ ଟୁକୁନା ଭାଇନା ଉତ୍ସବକୁ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଯୋଗେଶ୍ୱରପୁର,୨୮।୨
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ସରକାରୀ ହରିଜନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ସେଠୀଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୟାହାଟ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ମୁଖ୍ୟବକ୍ତା ଭାବେ କାକଟପୁର ବ୍ଲକର ପୂର୍ବତନ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ସିଆର୍‌ସି ଅରବିନ୍ଦ ସାହୁ, ଗୋପ ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିଙ୍ଗପାନିଆଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଦେବୀ ପ୍ରସାଦ ପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଜବାହର ଖାଁ ଶିକ୍ଷକଙ୍କ ଉପରେ ଏକ କବିତା ପାଠ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାୟାବର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

ବଳଙ୍ଗା,୨୮।୨
(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଶୁକ୍ରବାର ବାୟାବର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ମଲ୍ଲିକ, ବଳଙ୍ଗା ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ କୁମାର ସାହୁ, ସିଆର୍‌ସିସି କୃଷ୍ଣଚନ୍ଦ୍ର ରାଉତ, କମିଟିର ଅଧ୍ୟକ୍ଷା ମଞ୍ଜୁ ପରିଡ଼ା, ବଳଙ୍ଗା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନଗୋବିନ୍ଦ ସେଠୀ, ସାମାଜିକ କର୍ମୀ ଜଗତବନ୍ଧୁ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କର ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଶଙ୍କର୍ଷଣ ବେହେରା, ସନ୍ତୋଷ କୁମାର ଜେନା, ବିନୋଦ କୁମାର ସାହୁ, ସାଗର କୁମାର ଦାସ, ନିରୁପମା ଭଞ୍ଜ, ରଶ୍ମିରାଣୀ ନାୟକ, ଲକ୍ଷ୍ମୀପ୍ରିୟା ସାହୁ ଓ ଭାନୁମତୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଛାତ୍ରୀଛାତ୍ର ବିଦ୍ୟାଳୟର ଅମୂଲ୍ୟ ସମ୍ପତ୍ତି

### ଅଲଗୁମ ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତିଥିମାନେ 'ଆମ ଗାଁ ଆମ ବିଦ୍ୟାଳୟ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ସାକ୍ଷୀଗୋପାଳ,୨୮।୨
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ଅଲଗୁମ ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଅଲଗୁମ ସରପଞ୍ଚ ସରସ୍ୱତୀ ବିଶ୍ୱାଳ ଓ ସମିତିସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମୁଖ୍ୟବକ୍ତା ଡ. ଶ୍ରୀକାନ୍ତ ମହାନ୍ତି, ଅନ୍ୟତମ ଅତିଥି ଭାବେ ଗାଳ୍ପିକ ପରେଶ ପଟ୍ଟନାୟକ, କବି ଡ. ଯୋଗେନ୍ଦ୍ର ନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଧର ସେଠୀ, ବିଦ୍ୟାଳୟ ପୁରାତନ ଛାତ୍ର ପ୍ରଫେସର ବେଣୁଧର ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟର ଅମୂଲ୍ୟ ସମ୍ପତ୍ତି। ଏହି ସମୟରୁ ସେମାନଙ୍କୁ ଠିକ୍‌ଭାବେ ଗଢ଼ିତୋଳିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅଲଗୁମ ଐତିହ୍ୟ ଓ ସଂସ୍କୃତିକୁ ନେଇ ପ୍ରକାଶିତ ପୁସ୍ତକ 'ଆମ ଗାଁ ଆମ ବିଦ୍ୟାଳୟ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶେନ୍ଦୁ ଜେନାମଣି ଓ ପୁରାତନ ଛାତ୍ରସଂଘ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ। ଉତ୍ସବରେ ଅତିଥିମାନେ କବିଦୀନକୃଷ୍ଣ ପ୍ରଧାନଙ୍କ ରଚିତ ଅନ୍ୟ ଏକ ପୁସ୍ତକ ଉନ୍ମୋଚିତ କରିଥିଲେ। ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ ଓ ବିଜୟ କୁମାର ପରିଡ଼ା, ଡ. ବ୍ରଜକିଶୋର ଜେନା, ଡ. ଅଶୋକ ମହାନ୍ତି, ସଚିନ ରାଉତରାୟ, ଜୟକଷ୍ଟ ସାହୁ, ସାମାଜିକ କର୍ମୀ ପ୍ରଶାନ୍ତ ବିଶ୍ୱାଳ, ରମେଶ ଚନ୍ଦ୍ର ପ୍ରଧାନ, ସୁକାନ୍ତ ଜେନା, ଅନିରୁଦ୍ଧ ବିଶ୍ୱାଳ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବାବା ଭୋଳାନାଥ ଯୁବପରିଷଦ, ପାଠାଗାରର ବାର୍ଷିକୋତ୍ସବ

ପିପିଲି,୨୮।୨ (ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଆରୁହା ପାଟଶାଣିପୁର ଗ୍ରାମର ବାବା ଭୋଳାନାଥ ଯୁବ ପରିଷଦ ଏବଂ ପାଠାଗାରର ୨୬ତମ ବାର୍ଷିକ ଉତ୍ସବ ୨ଦିନ ବ୍ୟାପୀ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଯୁବ ପରିଷଦର ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୌଦାମିନୀ ଦାସ, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ଏକ ନିଶାମୁକ୍ତ ସମାଜ ଗଠନରେ ଆଜିର ଯୁବକ ଏବଂ ମିଶନ ଶକ୍ତି ମହିଳାମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ସ୍ଥାନୀୟ ସମିତି ସଭ୍ୟା କବିତା ଖଟେଇ, ଯୁବ ପରିଷଦର ପରାମର୍ଶଦାତା ଆଡ୍‌ଭୋକେଟ ସୁରେଶ ରଥ ଏବଂ ସାହିତ୍ୟିକ ପ୍ରଭୁ ଚରଣ ପତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବ ପରିଷଦର ସମ୍ପାଦକ ଅଜିତ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ଅଞ୍ଚଳର କୃତୀ ଛାତ୍ରୀଛାତ୍ର ଏବଂ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ଏବଂ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର
(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)
ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ଣ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
CBC 07101/11/0020/2425

# ବୈଜ୍ଞାନିକ ମନୋବୃତ୍ତିକୁ ପ୍ରସ୍ଫୁଟିତ କରାଇବା ଲକ୍ଷ୍ୟ




ଜଣେ କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

### ଜାତୀୟ ବିଜ୍ଞାନ ଦିବସ ପାଳିତ

ଡେଲାଙ୍ଗ,୨୮।୨
(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଗଡେଶ୍ୱର ଦେବ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, କୃପାସିନ୍ଧୁ ଦାସ, ସତ୍ୟନାରାୟଣ ସୋରେନ୍, ପରିଚାଳନା କମିଟି ସଭାପତି ମହେନ୍ଦ୍ର ବିଶ୍ୱାଳ, ଉପସଭାପତି ସନ୍ଧ୍ୟାରାଣୀ ପରିଡ଼ା, ସଙ୍ଗୀତା ବିଶ୍ୱାଳ, କରୁଣାକର ଭୋଇ ପ୍ରମୁଖ ଉପସ୍ଥିତ ରହି ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଜୀବନୀ, ଆଦର୍ଶ ଓ ବିଜ୍ଞାନ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କର ରଷ୍ଟ୍ରୀୟ ଆବିଷ୍କାର ଅଧୀନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ଓ ଗଣିତ ପ୍ରତି ଆଗ୍ରହ ସୃଷ୍ଟି କରିବା, ବୈଜ୍ଞାନିକ ମନୋବୃତ୍ତିକୁ ପ୍ରସ୍ଫୁଟିତ କରାଇବା ଏହାର ମୂଳଲକ୍ଷ୍ୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ବେହେରା ମତପ୍ରକାଶ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ଡେଲାଙ୍ଗ ଉନ୍ନତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରଭୃତି ବିଦ୍ୟାଳୟ ଗୁଡ଼ିକରେ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି।

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in
ଦଖଲ ନୋଟିସ୍

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ:ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ୍, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି। |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ମେଡିକାଲରୁ ନବଜାତ କନ୍ୟାଙ୍କୁ ନେଇ ମା' ଗାଏବ

**ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ନବଜାତ କନ୍ୟାଙ୍କୁ ନେଇ ତାଙ୍କ ମା' ମେଡିକାଲରୁ କେଉଁଆଡ଼େ ପଳାଇଛନ୍ତି। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଟାଉନ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗୁରୁବାର ଭଦ୍ରକ ଅଞ୍ଚଳର ଜଣେ ମହିଳା ପ୍ରସବ ବେଦନା ହେବାରୁ ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ରରେ ଭର୍ତ୍ତିହେବା ସହ ସନ୍ଧ୍ୟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ବିଳମ୍ବିତ ରାତିରେ ମେଡିକାଲରୁ ନବଜାତ କନ୍ୟାଙ୍କୁ ଧରି ସେ କେଉଁଆଡ଼େ ପଳାଇଛନ୍ତି। ଶୁକ୍ରବାର ସକାଳେ ଏ ସମ୍ପର୍କରେ ଜଣାପଡ଼ିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ

**ବେଗୁନିଆ,୨୮।୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗରଯାତ୍ରା ଉପଲକ୍ଷେ ବାଲୁଙ୍କେଶ୍ୱର ଦେବ ନାଟ୍ୟସଂସଦ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ ହୋଇଯାଇଛି। ଏଥିରେ 'ହା କୃଷ୍ଣ ବୋଲି ଜୀବ ଯାଉ' ଏବଂ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ନାଟକ ଗ୍ରାମର କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଉପଦେଷ୍ଟା ସଦାଶିବ ମହାପାତ୍ର, ଦୀପକ ପ୍ରଧାନ ସଂଯୋଜନା କରିଥିଲେ। ଗୋକୁଳାନନ୍ଦ ଜେନା, କାଳନ୍ଦୀ ଜେନା, ସୌମେନ୍ଦ୍ର ସାମନ୍ତରାୟ, ଅଜୟ ପ୍ରଧାନ, ଅଜିତ୍ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନିଶଙ୍କ ଓ ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭଲ ଚିକିତ୍ସା ଆଳରେ ୭୯ ହଜାର ଚଳୁ, ଜଣେ ଗିରଫ

**ଭୁବନେଶ୍ୱର,୨୮।୨(ସୂର୍ଯ୍ୟକାନ୍ତ ବେହେରା):** ଏକ ଠକେଇ ମାମଲାରେ ମୈତ୍ରୀ ବିହାର ପୋଲିସ ନିଜକୁ ଜାତୀୟ ମାନବାଧିକାର ଆୟୋଗର ଅଧିକାରୀ ଦାବିକରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ଜଗତ୍‌ସିଂହପୁରର ସରୋଜ କୁମାର ବେହେରା। ପବିତ୍ର ମୋହନ ସାହୁଙ୍କ ଝିଅର ଦିଲ୍ଲୀ ଏମ୍‌ସରେ ସହଜ ଓ ସୁବିଧାରେ ଉତ୍ତମ ଚିକିତ୍ସା କରାଇଦେବା ନାଁରେ ୭୯ ହଜାରରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ମୈତ୍ରୀବିହାର ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ପବିତ୍ର ଏକ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ ଏଜେନ୍ସି ଚଳାଉଥିବା ବେଳେ ଅଭିଯୁକ୍ତ ସରୋଜ ହେଉଛନ୍ତି ତାଙ୍କର ଜଣେ ଗ୍ରାହକ। ପବିତ୍ରଙ୍କ ଝିଅ ଅସ୍ଥିରୋଗରେ ପୀଡିତ ହୋଇ ଏମ୍‌ସରେ ଚିକିତ୍ସିତ ହେଉଥିଲେ। ଅଭିଯୁକ୍ତ ନିଜକୁ ଜାତୀୟ ମାନବାଧିକାର ଆୟୋଗର ଜଣେ ଅଧିକାରୀ ଭାବେ ମିଥ୍ୟା ପରିଚୟ ଦେଇ ଦିଲ୍ଲୀ ଏମ୍ସରେ ଝିଅର ସୁବିଧାରେ ଉତ୍ତମ ଚିକିତ୍ସା କରାଇଦେବାକୁ କହିଥିଲେ। ତେଣୁ ଯିବା ଆସିବା ଖର୍ଚ୍ଚ ବାବଦକୁ ୟୁପିଆଇ ମାଧ୍ୟମରେ ମୋଟ ୭୯ ହଜାର ୩୭୨ ଟଙ୍କା ଠକି ନେଇଥିଲେ। ମାତ୍ର ସେ କୌଣସି ସୁବିଧା ନ କରିବାରୁ ଟଙ୍କା ଫେରାଇବାକୁ ପବିତ୍ର କହିଥିଲେ। ତେବେ ଅଭିଯୁକ୍ତ ସରୋଜ ଦୁଇଟି ଚେକ ଦେଇଥିଲେ ମଧ୍ୟ ବାଉନ୍ସ ହୋଇଯାଇଥିଲା। ଏନେଇ ପବିତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ନଂ ୪୮୭/୨୦୨୪ ରୁଜୁ କରି ଅଭିଯୁକ୍ତଙ୍କୁ ଡମଣା ଅଞ୍ଚଳରୁ ଗିରଫ କରିଥିଲା ।

# ତ୍ୱରାନ୍ୱିତ ହେବ ଉନ୍ନୟନମୂଳକ କାର୍ଯ୍ୟ

**ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ)**



ଷଷ୍ଠ ସାଧାରଣ ଅଧିବେଶନରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜନପ୍ରତିନିଧି ଏବଂ ଅଧିକାରୀମାନେ।

ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଷଷ୍ଠ ସାଧାରଣ ଅଧିବେଶନ ବୈଠକ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଅଧ୍ୟକ୍ଷତା କରିଥିଲେ। ବିଡିଓ କ୍ଷୀରାବ୍ଧି ତନ୍ମୟା ସାହୁ ବିବରଣୀ ପାଠ କରିଥିଲେ। ଆରମ୍ଭରେ କେତେଜଣ ଜନପ୍ରତିନିଧି, ସରପଞ୍ଚ କୌଣସି ଏକ ବିଷୟକୁ ନେଇ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ବେଳେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ହଠାତ୍ ରାଗିଯାଇ ପଳାଇଥିଲେ। ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ବୁଝାଶୁଝା ପରେ ବିଧାୟକ ପୁଣି ଆସିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ତ୍ୱରାନ୍ୱିତ ଉପରେ ଆଲୋଚନା କରାଯାଇଥିଲା।

ଏକାଧିକ ସରପଞ୍ଚ, ସମିତିସଭ୍ୟ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଉପେକ୍ଷିତ କରାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପଞ୍ଚାୟତର ଗ୍ରାମସଭାରୁ ଆସିଥିବା ବିକଶିତ ଗାଁ, ବିକଶିତ ଓଡିଶା ବିଭିନ୍ନ ପ୍ରକଳ୍ପ କିଭଳି ଠିକ୍‌ଭାବେ ମଞ୍ଜୁର ହେବ, ତାହା ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଜଳଯୋଗାଣ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଯୋଜନାର ରୂପରେଖ ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗକୁ ଗ୍ରୀଷ୍ମପ୍ରବାହ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ନଳକୂପ ମରାମତି ଏବଂ ନୂତନ ନଳକୂପ ଖନନ, ଜଳାଶୟ ପୁନରୁଦ୍ଧାର ଉପରେ ବିଭାଗ ଗୁରୁତ୍ୱ ଦେବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ। ସେହିପରି ଗ୍ରାମାଞ୍ଚଳରେ ଅର୍ଦ୍ଧନିର୍ମିତ ଓଭରହେଡ୍ ଟ୍ୟାଙ୍କ ନିର୍ମାଣରେ ବିଳମ୍ବ ନେଇ ଅନେକେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ଯୋଜନାରେ ଅଟକି ରହିଥିବା ପ୍ରକଳ୍ପ ତୁରନ୍ତ ସାରିବାକୁ ଏକାଧିକ ଜନପ୍ରତିନିଧି ଦାବି କରିଥିଲେ। ଖୋର୍ଦ୍ଧା ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଥିବା ବେଳେ ଏହାକୁ ନିୟନ୍ତ୍ରଣ ଦିଗରେ ବନ ବିଭାଗର ଅବହେଳାକୁ ଦାୟୀ କରିଥିଲେ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ। ଏଥିସହିତ ଗ୍ରାମାଞ୍ଚଳରେ ମେଗା ଟ୍ୟାପ୍ ୱାଟର ଯୋଜନା ମନ୍ଥରଗତି, ଗାଁସାରା ରାସ୍ତା ଖନନକୁ ନେଇ ବିଭାଗୀୟ ଅଧିକାରୀ ତୁରନ୍ତ କାମ ସାରିବାକୁ କହିଥିଲେ। ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟଙ୍କ ସମେତ ବ୍ଲକର ୨୨ ସରପଞ୍ଚ, ସମିତିସଭ୍ୟ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଖୋର୍ଦ୍ଧା ବ୍ଲକ ଷଷ୍ଠ ସାଧାରଣ ଅଧିବେଶନ**
**ସରପଞ୍ଚଙ୍କ ପ୍ରଶ୍ନକୁ ନେଇ ରାଗି ଉଠିଗଲେ ବିଧାୟକ**

## ନଦୀପଠାରୁ ବେଆଇନ ବାଲି ଚାଲାଣ, ୭ ଗିରଫ

**ଭୁବନେଶ୍ୱର,୨୮।୨(ସୂର୍ଯ୍ୟକାନ୍ତ ବେହେରା)**

ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମ ନିକଟ କୁଆଖାଇ ନଦୀକୂଳରେ ଜେସିବି ଲଗାଇ ଗୁରୁବାର ରାତିରେ ବାଲି ଚୋରା ଚାଲାଣ ବେଳେ ପୋଲିସ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ପଟିଆ ତଳସାହିର ପ୍ରସନ୍ନ କୁମାର ପରିଡ଼ା, ମଞ୍ଚେଶ୍ୱରର ଚକେଇସିଆଣି ଗ୍ରାମର ବାଦଲ ମହାନ୍ତି ଓ ନନ୍ଦନକାନନ ଥାନା ଅଧୀନ କଲ୍ୟାଣପୁର ଗ୍ରାମର ତପନ ସ୍ୱାଇଁ। ଏହି ୩ଜଣ ବାଲି ଚୋରା ଚାଲାଣର ମୁଖ୍ୟ ହୋଇଥିବା ବେଳେ ଅନ୍ୟ ୪ଜଣ ଡ୍ରାଇଭର। ସେମାନେ ହେଲେ କଟକ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଲେମ୍ବେରି ଗ୍ରାମର ସୁଧାକର ପ୍ରଧାନ, ବଡ଼ମ୍ବା ଥାନା ଅଞ୍ଚଳର ଶ୍ରୀଧର ନାୟକ, ଢେଙ୍କାନାଳ କାଲୁରିଆ ଗ୍ରାମର ଜଳନ୍ଧର ମହାଳିକ ଓ ନୟାଗଡ଼ର ଡୁନା ଦାସ। ଏମାନଙ୍କଠାରୁ ଏକ ବାଲି ଭର୍ତ୍ତି ହାଇୱା, ଏକ ଟିପର ଟ୍ରକ, ଦୁଇଟି ଜେସିବି ଓ ଦୁଇଟି କାର ଜବତ ହୋଇଛି। ଅଭିଯୁକ୍ତମାନେ ବାଲିର କୌଣସି ଅନୁମତିପତ୍ର ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କ ନାମରେ ଆପରାଧିକ ମାମଲା ରୁଜୁ ହୋଇଛି।

## ରାସ୍ତା, ଡ୍ରେନ୍ ନିର୍ମାଣ ପାଇଁ ଅଧିକାରୀଙ୍କ ଅଞ୍ଚଳ ପରିଦର୍ଶନ


ତହସିଲଦାର ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଜଟଣୀ,୨୮।୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳରେ ରାସ୍ତା ଏବଂ ଡ୍ରେନ୍ ନିର୍ମାଣ ପାଇଁ ଶୁକ୍ରବାର ଅଧିକାରୀମାନେ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଗୋଡ଼ାଧର୍ମଶାଗର ଅଞ୍ଚଳରେ ଜନସାଧାରଣଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ଗମନାଗମନ ପାଇଁ ଉପଯୁକ୍ତ ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବିହୋଇଆସୁଥିଲା। ସ୍ଥାନୀୟ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଉକ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ୱାର୍ଡ ନମ୍ବର ୧୨ କାଉନ୍‌ସିଲର ପ୍ରତିନିଧି ଲକ୍ଷ୍ମୀଧର ସ୍ୱାଇଁ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ ବୋଲି ଅଧିକାରୀଦ୍ୱୟ କହିଛନ୍ତି।


ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଜାତୀୟ ବିଜ୍ଞାନ ଦିବସ ପାଳିତ

**ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣର ଅଧ୍ୟକ୍ଷ ଡ. ତାପସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ବିଜ୍ଞାନ ପରିଚାଳକ ସରୋଜ କୁମାର ସିଂ, ପ୍ରାଣନାଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଏବଂ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚେୟାରମ୍ୟାନ ଡ. ଧୀରେନ୍ଦ୍ର ନନ୍ଦ ଯୋଗଦେଇଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜ୍ଞାନର ଉପାଦେୟତା ଏବଂ ବିଜ୍ଞାନ କିଭଳି ବିକଶିତ ଭାରତବର୍ଷର ମୁଖ୍ୟ ପରିଚାୟକ ହେବ ସେନେଇ ମୁଖ୍ୟ ଅତିଥି ଆଲୋଚନା କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ଦାସ, ପୁଷ୍ପଲତା ପାତ୍ର, ଅନୁପମା ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ସୀମାରାଣୀ ବେହେରା, ପ୍ରିୟଦର୍ଶିନୀ ସାହୁ, ସ୍ନିଗ୍ଧାମୟୀ ଦାସ, ଶିକ୍ଷକ ବିଭୁପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଜଗନ୍ନାଥ ରାଉତ, ଚିନ୍ମୟ ମାର୍ଥା, ନୀଳାମ୍ବର ନାୟକ, ସୁଶୀଲ କୁମାର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ।

## ଡାକ ବିଭାଗର ସଚେତନତା କାର୍ଯ୍ୟକ୍ରମ

**କଳାପଥର,୨୮।୨(ଗଙ୍ଗାଧର ସାହୁ)**

ଖୋର୍ଦ୍ଧା ଉପ ଡାକମଣ୍ଡଳ ଅନ୍ତର୍ଗତ ଠଣାପଲ୍ଲୀ ଏବଂ ଗେଡିଆପଲ୍ଲୀ ଶାଖା ଡାକଘର ଅଧୀନ ବିଭିନ୍ନ ଗ୍ରାମରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ବିପଣୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଖୋର୍ଦ୍ଧା ଉପ ଡାକମଣ୍ଡଳର ସହକାରୀ ଡାକ ଅଧୀକ୍ଷକ ଦେବଦତ୍ତ ଜେନା ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ ଡାକ ଜୀବନବୀମା, ଡାକଘର ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ ସୁକନ୍ୟା ସମୃଦ୍ଧି, ମହିଳା ସଞ୍ଚୟ ପତ୍ର, ସଞ୍ଚୟ ଖାତା, ପୁନଃ ସଞ୍ଚୟ ଖାତା, ଡାକ ବ୍ୟାଙ୍କ ଖାତା(ଆଇପିପିବି) ଆଧାର ସଂଯୋଗୀକରଣ, ବାଳଆଧାର ସଂଯୋଗ, ମୋବାଇଲ ସଂଯୋଗୀକରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଭାରତ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ସେବା ସମ୍ବନ୍ଧୀୟ ଯୋଜନାର ରୂପାୟନ କିପରି ଗ୍ରାମାଞ୍ଚଳରେ ସହଜରେ ପହଞ୍ଚିପାରୁଛି, ସେ ବିଷୟରେ ଲୋକମାନଙ୍କୁ ଅବଗତ କରାଯିବା ସହିତ ଉକ୍ତ ସେବା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଆଲୋକପାତ କରାଯାଇଥିଲା। ଉକ୍ତ କର୍ମଶାଳାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ହେଇ ବିଭିନ୍ନ ସେବା ଓ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଶେଷରେ ସହକାରୀ ଡାକପାଳ ଭାସ୍କର ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୨୮।୨(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷା ମମତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜୁଲିତା ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷକ ଅଖିଳେଶ ମହାପାତ୍ର, ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରଧାନଶିକ୍ଷକ ଗଣେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ବଳିୟାରସିଂହ, ଦୀନବନ୍ଧୁ ସାମନ୍ତରାୟ, ବିଜୟକେତନ ପଟ୍ଟନାୟକ, ଭାରତୀ ପଟ୍ଟନାୟକ, ସନ୍ତୋଷ ଜୟସିଂହ, ମାନସ କର ପ୍ରମୁଖ ଉପସ୍ଥିତ ଥିଲେ। ଉପଯୁକ୍ତ ଶିକ୍ଷାକୁ ପ୍ରାଥମିକତା ଦେଇ ନିଜର ଜ୍ଞାନ ଓ କୌଶଳକୁ ଉପଯୋଗ କରାଇବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦାସ ବାର୍ଷିକ ବିବରଣୀ ପାଠ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରାଜପ୍ରଭା ମଙ୍ଗରାଜ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

# ସରୁନି ରାସ୍ତା କାମ, ଲୋକେ ହଇରାଣ

**ବାଣପୁର,୨୮।୨(ଦିଲୀପ କୁମାର ସ୍ୱାଇଁ)**

ବାଣପୁରଠାରୁ ଆୟଉପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଅବଧି ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ସରିନାହିଁ। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ସହ ତୁରନ୍ତ ରାସ୍ତାକାମ ଶେଷ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି।

ସୂଚନାଥାଉ କି, ବାଣପୁର ପୌରାଞ୍ଚଳରେ ଲାଗିରହିଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାର ବାଣପୁରଠାରୁ ଆୟଉପୁର ଯାଏ ଦୀର୍ଘ ୧୦ କିଲୋମିଟର ରାସ୍ତାର ପୁନଃନିର୍ମାଣ ପାଇଁ ୧୩ କୋଟି ୬୬ ଲକ୍ଷ ୧୪ ହଜାର ୭୮୦ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ। ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଟେଣ୍ଡର ମାଧ୍ୟମରେ


ନିର୍ମାଣାଧୀନ ରାସ୍ତା।

ଏକ ସଂସ୍ଥା କାର୍ଯ୍ୟାଦେଶ ପାଇଥିଲା। ଉକ୍ତ ରାସ୍ତାକାମ ୨୦୨୪ ମାର୍ଚ୍ଚ ୧୫ରେ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ୧୪ରେ ସରିବା ଅବଧି ଥିଲା। ମନ୍ଥର ଗତିରେ କାମ ହେବା ସହ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ସମୟରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ନିମ୍ନମାନର କାର୍ଯ୍ୟ ହେଉଥିବା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ରାସ୍ତାପାର୍ଶ୍ୱରେ ଚାଲିଥିବା ଡ୍ରେନ୍ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଏହା ମୁକୁଳା ଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅନ୍ୟପଟେ ନିର୍ମାଣସ୍ଥଳରେ ଠିକ୍ ସୂଚନାଫଳକ ନ ଥିବା ବେଳେ ନିର୍ମାଣରେ ବ୍ୟବହୃତ ଲୁହାରଡ୍ ବିଭିନ୍ନ ସ୍ଥାନରେ ବାହାରିଥିବାରୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏପରିକି ଆବଶ୍ୟକ ପାଣି ଦିଆଯାଉ ନ ଥିବାରୁ କଂକ୍ରିଟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଆରଆଣ୍ଡବିର ଯନ୍ତ୍ରୀଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।
CBC 07101/11/0020/2425

# ଯକ୍ଷ୍ମା ବିଲୋପ ନେଇ ସଚେତନତା ଅଭିଯାନ


ସଚେତନତା କାର୍ଯ୍ୟକ୍ରମରେ ରେଲୱେ ଅଧିକାରୀ ଏବଂ ଅନ୍ୟମାନେ।

**ଜଟଣୀ,୨୮।୨(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ମେଡିକାଲ ବିଭାଗ ଦ୍ୱାରା ଶୁକ୍ରବାର ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଯକ୍ଷ୍ମା ବିଲୋପ ନେଇ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା, ଖୋର୍ଦ୍ଧାରୋଡ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ଶରଥ ବାବୁ, ଖୋର୍ଦ୍ଧାରୋଡ୍ ରେଲ୍‌ୱେ ହସ୍ପିଟାଲର ଡାକ୍ତର, ପାରାମେଡିକାଲ କର୍ମଚାରୀ, ଶାଖା ଅଧିକାରୀ ଏବଂ ସ୍କାଉଟ୍ ଗାଇଡ୍ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭରତ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ଯକ୍ଷ୍ମା ଲକ୍ଷଣ ଠିକ୍ ସମୟରେ ଚିହ୍ନଟ, ଉପଯୁକ୍ତ ଚିକିତ୍ସା ଏବଂ ରୋଗର ସମ୍ପୂର୍ଣ୍ଣ ଉପଶମ କିପରି ହୋଇପାରିବ ସେନେଇ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ଏଥିସହ ଷ୍ଟେଶନରେ ଅନୁଷ୍ଠିତ ରାଲିରେ ପ୍ଲାକାର୍ଡ ପ୍ରଦର୍ଶନ ଏବଂ ଯକ୍ଷ୍ମା ଦୂର ଉପରେ ସ୍ଲୋଗାନ ଦିଆଯାଇଥିଲା। ବିଭିନ୍ନ ରେଳ ଷ୍ଟେଶନରେ ଜିଙ୍ଗଲସ ମାଧ୍ୟମରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଥିବା ମଣ୍ଡଳ ରେଲ୍‌ୱେ ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଦଖଲ ନୋଟିସ୍**

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ ବନ୍ଧକଦାତା/ ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧ । | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ:ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କ୍‌ସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍‌ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି । |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ୧୧ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୨(ସୂର୍ଯ୍ୟକାନ୍ତ ବେହେରା)

ଅଧିକ ସୁଧ ଫେରସ୍ତର ଲୋଭ ଦେଖାଇ ଯଶୋବନ୍ତ ବେଜ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୧୧ ଲକ୍ଷରୁ ଅଧିକ ଟଙ୍କା ଠକେଇ ମାମଲାରେ ଫେରାର ଥିବା ଆଉଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସାଇବର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ କଟକ ସଦର ଥାନା ଅଞ୍ଚଳରେ ରହୁଥିବା ଢେଙ୍କାନାଳର ମନୋଜ କୁମାର ସାହୁ ଓରଫ ମଣ୍ଟୁ। ତାଙ୍କଠାରୁ ମୋବାଇଲ ଓ ଲାପଟପ ଜବତ ହୋଇଛି। ଅଭିଯୁକ୍ତ ମନୋଜ କ୍ରିପ୍ଟୋ କରେନ୍ସି କାରବାର କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଏହି ମାମଲାରେ ପୂର୍ବରୁ ମୟୂରଭଞ୍ଜର ସିଦ୍ଧେଶ୍ୱର ଜେନା ଓ ଅସିମ ମିଶ୍ର ଏବଂ ବାଲେଶ୍ୱରର ପ୍ରଫୁଲ୍ଲ କୁମାର ବେଜ ଗିରଫ ହୋଇଥିଲେ।

# ଅଲିଭ ରିଡ୍‌ଲେ ସଚେତନତା ମାସ ପାଳନ କରିବ ଓଡ଼ିଶା

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

**ଓଡ଼ିଶା ଉପକୂଳରେ ୬, ୯୮,୭୧୮ ଅଲିଭ୍ ରିଡ୍‌ଲେ**

ଫେବୃଆରୀ ୨୩ ସୁଦ୍ଧା ଓଡ଼ିଶା ଉପକୂଳରେ ୬, ୯୮, ୭୧୮ କଇଁଛ ବସା ବାନ୍ଧିଛନ୍ତି, ଯାହା ପୂର୍ବ ବର୍ଷର ୬,୩୭,୦୦୦ ରେକର୍ଡକୁ ଅତିକ୍ରମ କରିଛି। ଏପରିସ୍ଥିତିରେ ପ୍ରଥମଥର ପାଇଁ ଓଡ଼ିଶା ଚଳିତ ମାର୍ଚ୍ଚ ମାସକୁ ଅଲିଭ ରିଡ୍‌ଲେ କଇଁଛ ଏବଂ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ସଚେତନତା ମାସ ଭାବେ ପାଳନ କରିବାକୁ ଯାଉଛି। ଏଥିସହ ସାମୁଦ୍ରିକ ସଂରକ୍ଷଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପିସିସିଏଫ୍ (ବନ୍ୟଜନ୍ତୁ) ଏବଂ ମୁଖ୍ୟ ବନ୍ୟଜନ୍ତୁ ୱାର୍ଡେନ ଓଡ଼ିଶା କାର୍ଯ୍ୟାଳୟର ନେତୃତ୍ୱରେ ଏହି ପଦକ୍ଷେପ ବ୍ରହ୍ମପୁର, ଚିଲିକା, ପୁରୀ, ରାଜନଗର, ଭଦ୍ରକ ଏବଂ ବାଲେଶ୍ୱରର ପ୍ରମୁଖ ଉପକୂଳ ଡିଭିଜନକୁ ବିସ୍ତାର କରିବ। ଏଥିରେ ସ୍ଥାନୀୟ ଗୋଷ୍ଠୀ, ମତ୍ସ୍ୟଜୀବୀ, ଛାତ୍ର, ଗବେଷକ, ବୈଜ୍ଞାନିକ, ସ୍ୱେଚ୍ଛାସେବୀ ଓ ସଂରକ୍ଷଣବାଦୀଙ୍କୁ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା ପାଇଁ ମିଳିତ ପ୍ରୟାସରେ ନିୟୋଜିତ କରାଯିବ। ବିଭିନ୍ନ ଅଂଶୀଦାରମାନଙ୍କୁ ତାଲିମ ଏବଂ ନିୟୋଜିତ କରିବା ପାଇଁ ଏକାଧିକ ଜନସମ୍ପର୍କ ଅଭିଯାନ, ଡିଜିଟାଲ ଇଣ୍ଟରାକ୍ଟିଭ ଅଧିବେଶନ ଏବଂ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ କର୍ମଶାଳା ପ୍ରଦର୍ଶିତ ହେବ। ବେଳାଭୂମି ଶୋଭାଯାତ୍ରାରେ ପ୍ରଦୂଷଣମୁକ୍ତ ଉପକୂଳ ଆବାସ ଏବଂ ନିରାପଦ ବାଇ-କ୍ୟାଚ୍ କୌଶଳକୁ ପ୍ରୋତ୍ସାହନ ଦିଆଯିବ। ମତ୍ସ୍ୟଜୀବୀ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ଦୁର୍ଘଟଣାଜନିତ ଜଟିଳତାକୁ ହ୍ରାସ କରିବା ପାଇଁ ବାଇ-କ୍ୟାଚ ହ୍ରାସ, ସ୍ଥାୟୀ ମାଛଧରା ଅଭ୍ୟାସ ଏବଂ କଇଁଛ ଏକ୍ସକ୍ଲୁଡର୍ ଡିଭାଇସ (ଟିଇଡି)ର କାର୍ଯ୍ୟକାରିତା ଉପରେ ଧ୍ୟାନ ଦିଆଯିବ। ସେହିପରି ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ଏବଂ ଡଲ୍‌ଫିନ ବିଷୟରେ ଜନସାଧାରଣ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଇନ୍-ଫଟୋଗ୍ରାଫିକ ପ୍ରତିଯୋଗିତା, ଇଣ୍ଟରାକ୍ଟିଭ କୁଇଜ ଅଧିବେଶନ (ଅନ୍‌ଲାଇନ ଏବଂ ଅଫ୍‌ଲାଇନ) ଏବଂ 'ସପ୍ତାହର ପ୍ରଜାତି' ବିଭାଗ ଅନ୍ତର୍ଭୁକ୍ତ ରହିବ। ଗୋଷ୍ଠୀ ପରିଚାଳିତ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରିବା ଏବଂ ପ୍ରମୁଖ ଅଂଶୀଦାରମାନଙ୍କୁ ନିୟୋଜିତ କରି ଏହି ପଦକ୍ଷେପ ଓଡ଼ିଶାର ଉପକୂଳବର୍ତ୍ତୀ ଅଲିଭ ରିଡ୍‌ଲେ କଇଁଛ ଏବଂ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କ ଦୀର୍ଘକାଳୀନ ବଞ୍ଚିବା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିନିଧିତ୍ୱ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶିବରାମ



@ ଶୈଳେନ



@ ଆନନ୍ଦ



@ ଆଶିଷ



@ ଅମୃତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଚ୍ଚତର ଶିକ୍ଷା କ୍ଷେତ୍ରରେ ସମାନୁପାତିକ ଆନ୍ତର୍ଜାତିକୀକରଣକୁ ଗୁରୁତ୍ୱ



କିସ୍‌ରେ ଅନୁଷ୍ଠିତ କେନ୍ଦ୍ରାଞ୍ଚଳ କୁଳପତି ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୮।୨(ଅନୁରାଧା ମହାରଣା)

**କିସ୍‌ରେ କେନ୍ଦ୍ରାଞ୍ଚଳ କୁଳପତି ସମ୍ମିଳନୀ ଉଦ୍‌ଯାପିତ**

କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ସହଯୋଗରେ କେନ୍ଦ୍ରାଞ୍ଚଳ କୁଳପତି ସମ୍ମିଳନୀ କିସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବହୁ ଚିନ୍ତାନାୟକ, ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକ ଯୋଗଦେଇ ଉଚ୍ଚତର ଶିକ୍ଷାର ଜଗତୀକରଣ ନେଇ ବ୍ୟାପକ ଆଲୋଚନା କରିଥିଲେ। ଏଆଇୟୁ ସଭାପତି ବିଜୟ କୁମାର ପାଠକ ଯୋଗଦେଇ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ସମାନୁପାତିକ ଆନ୍ତର୍ଜାତିକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଆଇୟୁ ମହାସଚିବ ପଙ୍କଜ ମିତ୍ତଲ ଭାରତୀୟ ଉଚ୍ଚଶିକ୍ଷାକୁ ନୂଆ ରୂପ ଦେବାରେ ଏଆଇୟୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ବୋଲି ସୂଚନା ଦେଇଥିଲେ। ଏଆଇୟୁ ହେଉଛି ବିଶ୍ୱର ସର୍ବବୃହତ ବିଶ୍ୱବିଦ୍ୟାଳୟ ସଂଘ। ଏଥିରେ ୧୯ଟି ବିଦେଶୀ ଶିକ୍ଷାନୁଷ୍ଠାନ ସମେତ ୧୦୬୮ ବିଶ୍ୱବିଦ୍ୟାଳୟ ସଦସ୍ୟ ରହିଛନ୍ତି। ଏହା ଉଚ୍ଚତର ଶିକ୍ଷା ପାଇଁ ଏକ ଥିଙ୍କ୍ ଟ୍ୟାଙ୍କ ଭାବେ କାର୍ଯ୍ୟ କରୁଥିବା ବେଳେ ଉଚ୍ଚତର ଶିକ୍ଷାର ଆନ୍ତର୍ଜାତିକୀକରଣ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟକୁ ଦିଗ୍‌ଦର୍ଶନ ପ୍ରଦାନ କରିଆସୁଛି ବୋଲି ସେ କହିଥିଲେ। ୟୁନେସ୍କୋ ଚେୟାର ଅନ୍ ଇନ୍‌କ୍ଲୁସିଭ୍ ମ୍ୟୁଜିୟମ ଆଣ୍ଡ୍ ସଷ୍ଟେନେବଲ ହେରିଟେଜ ଡେଭଲପମେଣ୍ଟର ପ୍ରଫେସର ଅମରେଶ୍ୱର ଗାଲା, ଇଲିନୋଇସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ୱିଲିୟମ କୋପେ ଏବଂ ପ୍ରଫେସର ମ୍ୟାରୀ କାଲାଞ୍ଜିସ ପ୍ରମୁଖ ଯୋଗଦେଇ ବିଶ୍ୱ ଶ୍ରେଣୀଗୃହ ଓ ଅନ୍ତର୍ଜାତୀୟ ଶୈକ୍ଷିକ ବିନିମୟ ଉପରେ ମତ ରଖିଥିଲେ। ଏହି ସମ୍ମିଳନୀରେ ଏଆଇୟୁର ମିଟିଂ ଡିଭିଜନ ମୁଖ୍ୟ ବିଜେନ୍ଦ୍ର କୁମାର, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ କୁଳପତି, ଏଆଇସିଟି, ନାକ୍, ଆଇସିଏଆର୍‌ର ପ୍ରତିନିଧିମାନେ ଯୋଗଦେଇଥିଲେ। ସମ୍ମିଳନୀର ସୁପାରିସଗୁଡ଼ିକ କୁଳପତିଙ୍କ ରାଷ୍ଟ୍ରୀୟ ସମ୍ମିଳନୀରେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ନିମନ୍ତେ ଉପସ୍ଥାପନ କରାଯିବ ବୋଲି ସୂଚନା ଦିଆଯାଇଛି। କିଟ୍ କୁଳପତି ଶରଣଜିତ ସିଂହ ସ୍ୱାଗତ ଭାଷଣ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# କିଆ ଶୋ'ରୁମ୍ ଫ୍ରାଞ୍ଚାଇଜ୍ ନାମରେ ୪୦.୨ ଲକ୍ଷ ସାଇବର ଠକେଇ

କଟକ,୨୮।୨(କାର୍ତ୍ତିକ ସାହୁ)

**ବିହାରରୁ ୩ ଗିରଫ**

ସମ୍ବଲପୁରରେ କିଆ କମ୍ପାନୀର ଶୋ'ରୁମ୍ ଖୋଲିବା ନିମନ୍ତେ ଫ୍ରାଞ୍ଚାଇଜ୍ ଦେବାକୁ ନେଇ ଏକ ବଡ଼ଧରଣର ସାଇବର ଠକେଇ ହୋଇଛି। ଠକେଇର ଶିକାର ହୋଇଛନ୍ତି କଟକ ସିଡିଏର ଜଣେ ବ୍ୟବସାୟୀ। ସାଇବର ଠକମାନେ ତାଙ୍କଠାରୁ ୪୦ ଲକ୍ଷ ୨୦ ହଜାର ଟଙ୍କା ଠକିନେବା ଘଟଣାର ପର୍ଦ୍ଦାଫାଶ କରିଛି କଟକ ସାଇବର ଥାନା ପୋଲିସ। ଏହି ଠକେଇରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ବିହାରରୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବିହାର ପାଟନା ଜିଲା ଦିଲନ ବଜାର ଅଞ୍ଚଳର ଅଜିତ୍ କୁମାର(୨୦), ଅଭିଷେକ କୁମାର(୨୦) ଓ ଅଜୟ କୁମାର(୪୫)। ସେମାନଙ୍କ ନିକଟରୁ ୨୦ଟି ବ୍ୟାଙ୍କ ଆକାଉଣ୍ଟ, ୪ଟି ବ୍ୟାଙ୍କ ପାସ୍‌ବୁକ୍, ୨ଟି ଏଟିଏମ୍ କାର୍ଡ, ୪ଟି ମୋବାଇଲ ଫୋନ୍ ଓ ଗୋଟିଏ ଟାବ୍‌ଲେଟ୍ ଜବତ କରାଯାଇଛି। ଏଥିସହ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭ ଲକ୍ଷ ୫୦୦ ଟଙ୍କା ମଧ୍ୟ ଜବତ ହୋଇଛି।

ସୂଚନା ଅନୁଯାୟୀ, ସିଡିଏର ଜଣେ ବ୍ୟବସାୟୀ ସମ୍ବଲପୁରରେ କିଆ କମ୍ପାନୀର ଶୋ'ରୁମ୍ ଖୋଲିବାକୁ ଚେଷ୍ଟା କରିଥିଲେ। ସେ ଗୁଗଲରେ କିଆ କମ୍ପାନୀର ଯୋଗାଯୋଗ ନମ୍ବର ପାଇଥିଲେ। ସେହି ନମ୍ବରରେ ଫୋନ୍ କରିବାରୁ ତାଙ୍କୁ କିଆ କମ୍ପାନୀର ଅଧିକାରୀ ପରିଚୟ ଦେଇ ଜଣେ ବ୍ୟକ୍ତି କଥା ହୋଇଥିଲେ। ଉକ୍ତ ବ୍ୟକ୍ତିଙ୍କ କଥା ଅନୁସାରେ ଫ୍ରାଞ୍ଚାଇଜ୍ ନେବା ପୂର୍ବରୁ ସିକ୍ୟୁରିଟି ବାବଦରେ ୪୦ ଲକ୍ଷ ୨୦ ହଜାର ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ନେଇଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟୀ ଜଣଙ୍କ ସେହି ମୋବାଇଲ ନମ୍ବରରେ ଆଉ ଯୋଗାଯୋଗ କରିପାରିଲେ ନାହିଁ। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ୨୦୨୪ ଡିସେମ୍ବର ୧୭ରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏଥିରେ ବଡ଼ ସାଇବର ଅପରାଧୀ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଅଜିତ୍ ଓ ଅଭିଷେକ ପାଟଣାର ଏକ କଲେଜରେ ଯୁକ୍ତ ୩ ପାଠ ପଢ଼ନ୍ତି। ହେଲେ ଅଜୟ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨। ଏହି ଗ୍ୟାଙ୍ଗ ସିଡିଏର ବ୍ୟବସାୟୀଙ୍କୁ ଠକିବା ପାଇଁ ଅଜୟ ଓ ମହାରାଷ୍ଟ୍ରର ଜଣେ ସାଇବର୍ ଅପରାଧୀଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥିଲେ। ଏହି କାରବାର ପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଅଜୟ, ତାଙ୍କ ପୁଅ ଓ ଅଭିଷେକ ପାଟନାରେ ଏକ ସାଇବର କାଫେ ଏବଂ ଜନସେବା କେନ୍ଦ୍ର ଚଳାନ୍ତି। ସେଠାରେ ଏମାନେ ବଡ଼ ବଡ଼ ଗାଡ଼ି କମ୍ପାନୀର ନାଁ ବ୍ୟବହାର କରି ନକଲି ଇମେଲ ପ୍ରସ୍ତୁତ କରୁଥିଲେ। ଏହା ସହିତ ନମ୍ବରକୁ ଗୁଗ୍‌ଲରେ ଅପ୍‌ଲୋଡ୍ କରୁଥିଲେ। ଯେଉଁ ବ୍ୟକ୍ତି ଗାଡ଼ି ଶୋ'ରୁମ୍ ପାଇଁ ଫ୍ରାଞ୍ଚାଇଜ ନେବାକୁ ଗୁଗଲରେ ଖୋଜୁଥିଲେ, ସେମାନେ ଏହି ଠକ ଗ୍ୟାଙ୍ଗର ଜାଲରେ ପଡ଼ିଯାଉଥିଲେ। ଏହି ଗ୍ୟାଙ୍ଗ ୨୦୨୪ ନଭେମ୍ବର ୨୮ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ସାରା ଦେଶରେ ଠକେଇ କରିଛି। ଅଜୟ ଓ ମହାରାଷ୍ଟ୍ରର ସାଇବର ଅପରାଧୀ ୨୦୨୪ ନଭେମ୍ବର ୧୧ରେ ଆକାଉଣ୍ଟ ଖୋଲିଥିଲେ। ପରେ ଏହି ଆକାଉଣ୍ଟକୁ ଗାଡ଼ି କମ୍ପାନୀର ବୋଲି ଜଣାଇବାକୁ ଗୁଗଲରେ ଅପ୍‌ଲୋଡ୍ କରିଥିଲେ।




ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ ପାଇଁ ବିଶ୍ୱବ୍ୟାପୀ ଉଦ୍ୟମ ଲୋଡ଼ା

ଭୁବନେଶ୍ୱର, ୨୮।୨ (ବନ୍ଦନା ସେଠୀ)

**ଭାରତୀୟ ଜଳବାୟୁ କଂଗ୍ରେସର ଜାତୀୟ ଆଲୋଚନାଚକ୍ର**

ଭାରତୀୟ ଜଳବାୟୁ କଂଗ୍ରେସ ଓ ସିନର୍ଜି ଇଞ୍ଜିନିୟରିଂ କଲେଜ ପକ୍ଷରୁ ତ୍ରୟୋଦଶ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଜୟ କୁମାର ସାହୁ ଯୋଗଦେଇଥିଲେ। ଡ. ପ୍ରଦୀପ କୁମାର ପଟ୍ଟନାୟକ, ଇଂ. ପ୍ରମୋଦ କୁମାର ନାୟକ, ପ୍ରଫେସର ଚିତ୍ରସେନ ଜଗଦେଓ, ନୀହାର ରଞ୍ଜନ ଆଚାର୍ଯ୍ୟ, ଡ. ସୁଶୀଳ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ଗୌରାଙ୍ଗ ଚରଣ ସ୍ୱାଇଁ, ଡ. ସୁଧାମୟୀ ବେହୁରା, ଡ. ପ୍ରିୟଙ୍କା ମିଶ୍ର, ଡ. ମୋନାଲିସା ପଟ୍ଟନାୟକ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ଡ. ସମରେନ୍ଦ୍ର ମହାପାତ୍ର ଗବେଷଣାମୂଳକ ସନ୍ଦର୍ଭ ପାଠ କରିଥିଲେ। ଶେଷ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜଳବାୟୁ ଓ ପାଣିପାଗ ସଂସ୍ଥାର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ଏବଂ ଜୈବ ବିବିଧତାର ସୁରକ୍ଷା କରିବା ପାଇଁ ବିଶ୍ୱବ୍ୟାପୀ ଉଦ୍ୟମର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ଏହି ଅବସରରେ ଭାରତୀୟ ଜଳବାୟୁ କଂଗ୍ରେସ ତରଫରୁ ଡ. ସାମନ୍ତରାୟଙ୍କ ଲିଖିତ ପୁସ୍ତକ 'ବିକଶିତ ଭାରତ ଓ ବିଜ୍ଞାନ ତଥା ଜଳବାୟୁ ପରିବର୍ତ୍ତନର ନିରାକରଣ ଦିଗରେ ଭାରତୀୟ ଯୁବପିଢ଼ିଙ୍କ ସଶକ୍ତୀକରଣ' ଲୋକାର୍ପିତ ହୋଇଥିଲା। ଡ. ଅଜୟ କୁମାର ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିଥିଲାବେଳେ ଡ. ଯୋଗେଶ୍ୱରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କ ପାର୍ଥିବ ଶରୀର ଶୁକ୍ରବାର ଦିଲ୍ଲୀରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ବରମୁଣ୍ଡା ଜଗନ୍ନାଥ ବିହାରସ୍ଥିତ ତାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶେଷଦର୍ଶନ କରିବା ସହ ଉତ୍ତମଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଅପରାଜିତା ଓ ପୁଅ ଅଭିନେତା ବାବୁସାନଙ୍କୁ ସମବେଦନା ଜଣାଉଛନ୍ତି।



ଉତ୍ତମଙ୍କ ଶେଷଦର୍ଶନ ପାଇଁ ତାଙ୍କ ବାସଭବନ ସମ୍ମୁଖରେ ଲୋକଙ୍କ ଭିଡ଼।

# ସ୍ତ୍ରୀଙ୍କ ନିର୍ଯାତନାରୁ ଆତ୍ମହତ୍ୟା

## ପୁରୁଷଙ୍କ କଥା ଚିନ୍ତାକର: ଆଉ ଜଣେ ଅତୁଲ ସୁଭାଷ

**ଉତ୍ତର ପ୍ରଦେଶର ଆଗ୍ରାରେ ଆଇଟି କମ୍ପାନୀ ଟିସିଏସ୍‌ର ରିକ୍ରୁଇଟ୍‌ମେଣ୍ଟ ମ୍ୟାନେଜର ମାନବ ଶର୍ମା ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ବେକରେ ରଶି ଲଗାଇ ଝୁଲିପଡ଼ିବା ପୂର୍ବରୁ ରାତିରେ ମାନବ ଲାଇଭ୍ ଭିଡିଓ କରି ନିଜ ମୃତ୍ୟୁ ପାଇଁ ସ୍ତ୍ରୀ ନିକିତାଙ୍କୁ ଦାୟୀ କରିଛନ୍ତି। ଏଥିସହ ପୁରୁଷମାନଙ୍କ ସୁରକ୍ଷା ଲାଗି ଆଇନ ଆଣିବା ପାଇଁ ସେ ନିବେଦନ କରିଛନ୍ତି। ୭ ମିନିଟ ଅବଧିର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ଡିସେମ୍ବରରେ ବେଙ୍ଗାଲୁରୁରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା କରିବା ପୂର୍ବରୁ ନିଜ ସ୍ତ୍ରୀଙ୍କୁ ଏଭଳି ଭାବେ ଦାୟୀ କରିଥିଲେ। ସଦ୍ୟ ଘଟଣା ଅତୁଲଙ୍କ କଥାକୁ ମନେପକାଇଦେଇଛି। ଏତିକି ନୁହେଁ, ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଯୌତୁକ ନିରୋଧୀ ଆଇନର ଦୁରୁପଯୋଗକୁ ରୋକିବା ସକାଶେ ପୁରୁଷଙ୍କ ଅଧିକାର ପ୍ରସଙ୍ଗରେ ଦେଶରେ ଏକ ବଡ଼ ବିତର୍କକୁ ଜନ୍ମ ଦେଇଛି।**


ମାନବ ଶର୍ମା


ନିକିତା ଶର୍ମା

ଆଗ୍ରା,୨୮।୨

ଆଗ୍ରା ଡିଫେନ୍ସ କଲୋନୀର ନରେନ୍ଦ୍ର ଶର୍ମା ଭାରତୀୟ ବାୟୁସେନାରେ କାର୍ଯ୍ୟ କରୁଥିଲେ। ଅବସର ପରଠୁ ସେ ଆଗ୍ରାରେ ପରିବାର ସହ ରହିଆସୁଛନ୍ତି। ତାଙ୍କ ପୁଅ ମାନବ ଶର୍ମା(୩୦) ମୁମ୍ବାଇରେ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ମାନବ ୨୦୨୪ ଜାନୁଆରୀ ୩୦ରେ ନିକିତା(୨୮)ଙ୍କୁ ବିବାହ କରିଥିଲେ। ନରେନ୍ଦ୍ର କହିଛନ୍ତି, ବିବାହ ପରଠୁ ନିକିତା ନିଜ ବୟଫ୍ରେଣ୍ଡଙ୍କ ସହ ରହିବାକୁ ଜିଦ୍ କରୁଥିଲେ। ଏଥିସହ ପୁଅ ମାନବଙ୍କୁ ମିଥ୍ୟା ଯୌତୁକ ନିର୍ଯାତନା ମାମଲାରେ ଫସାଇବାକୁ ଧମକ ଦେଉଥିଲେ। ଗତ ୨୩ ତାରିଖରେ ଏହି ଦମ୍ପତି ମୁମ୍ବାଇରୁ ଆଗ୍ରା ଫେରିଥିଲେ। ମାନବ ନିକିତାଙ୍କୁ ତାଙ୍କ ବାପଘରେ ଛାଡ଼ିଦେବା ପରେ ସେମାନେ ତାଙ୍କୁ ଧମକ ଦେଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ୨୪ ତାରିଖ ରାତିରେ ସେ ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଇଥିଲେ। ମାନବ ନିଜ ବେକରେ ରଶି ଲଗାଇ ଝୁଲିପଡ଼ିବା ପୂର୍ବରୁ ୬ ମିନିଟ ୫୭ ସେକେଣ୍ଡ୍ ଅବଧିର ଲାଇଭ୍ ଭିଡିଓ କରିଥିଲେ। ସେ ନିଜ ମୃତ୍ୟୁ ପାଇଁ ସ୍ତ୍ରୀଙ୍କୁ ଦାୟୀ କରିଥିଲେ। ମାନବ କହିଥିଲେ, ପୁରୁଷମାନେ ବଞ୍ଚିବା ପାଇଁ କିପରି ସଂଘର୍ଷ କରୁଛନ୍ତି ତା' ଉପରେ ସଚେତନା ସୃଷ୍ଟି କରାଯାଉ। ଦୟାକରି କେହି ପୁରୁଷଙ୍କ ବିଷୟରେ ଚିନ୍ତା କରନ୍ତୁ। ପୁରୁଷମାନେ ନିଃସଙ୍ଗ ହୋଇଗଲେଣି। ମୋ ଭଳି ଅନେକ ପୁରୁଷଙ୍କ କାହାଣୀ ରହିଛି। ଅନ୍ୟ ଜଣେ ଯୁବକ ସହ ମୋ ସ୍ତ୍ରୀଙ୍କ ସମ୍ପର୍କ ରହିଛି। କିନ୍ତୁ ମୁଁ କ'ଣ କରିପାରିବି ? ଅତୁଲ ସୁଭାଷଙ୍କ ଘଟଣା ଭଳି ଏଥିରେ କାହାରି କିଛି ଯାଏଆସେ ନାହିଁ। ମା'ବାପା ମୋତେ କ୍ଷମା କରିଦିଅନ୍ତୁ କହି ମାନବ ଶେଷରେ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ନିକିତା ଶର୍ମା ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ମାନବ ସବୁବେଳେ ଅତ୍ୟଧିକ ମଦ ପିଉଥିଲେ। ଏପରି କି ସେ ପୂର୍ବରୁ ମଧ୍ୟ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନିଶାସକ୍ତ ଅବସ୍ଥାରେ ସେ ନିକିତାଙ୍କୁ ବହୁବାର ମାରପିଟ୍ କରିଥିଲେ। ଏହି ବିଷୟରେ ସେ ନିଜ ବାପଘର ଲୋକଙ୍କୁ ସବୁକଥା ଜଣାଇଥିଲେ। କିନ୍ତୁ ବାପଘର ଲୋକେ ଏହାକୁ ଦାମ୍ପତ୍ୟ ପ୍ରସଙ୍ଗ କହି ଏଡ଼ାଇ ଯାଇଥିଲେ। ଇତିମଧ୍ୟରେ ମାନବଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯିବା ପରେ ଆଗ୍ରା ପୋଲିସ ତଦନ୍ତ ଆରମ୍ଭ କରିଛି। ଗୁରୁବାର ରାତିରେ ହ୍ୱାଟ୍ସଆପ୍‌ରେ ଅଭିଯୋଗ କରାଯିବାରୁ ପୋଲିସ ପ୍ରଥମେ ମାମଲା ରୁଜୁ କରିବାକୁ ମନା କରିଦେଇଥିଲା। ଭିଡିଓ ବହୁଳ ପ୍ରସାରିତ ହେବା ପରେ ଏନେଇ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ମାନବ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ଜାଣିବା ପାଇଁ ପୋଲିସ ଉକ୍ତ ଭିଡିଓ ଏବଂ ଅନ୍ୟ ପ୍ରମାଣଗୁଡ଼ିକୁ ଯାଞ୍ଚ କରୁଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଡିସେମ୍ବର ୯ରେ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ବେଙ୍ଗାଲୁରୁରେ ଆତ୍ମହତ୍ୟା ପୂର୍ବରୁ ଏଭଳି ଲାଇଭ୍ ଭିଡିଓ ରେକର୍ଡିଂ କରିଥିଲେ। ଅତୁଲ ମଧ୍ୟ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ।


୨୦୨୪ ଡିସେମ୍ବର ୯ରେ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ବେଙ୍ଗାଲୁରୁରେ ଆତ୍ମହତ୍ୟା ଲାଇଭ୍ ଭିଡିଓ ରେକର୍ଡିଂ କରି ନିଜ ସ୍ତ୍ରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ।

# ଭାରତର ଜିଡିପି ଅଭିବୃଦ୍ଧି ୬.୨%

ନୂଆଦିଲ୍ଲୀ,୨୮।୨

୨୦୨୪-୨୫ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୨ ପ୍ରତିଶତକୁ ଖସିଆସିଛି। ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଏଭଳି ଦୁର୍ବଳ ପ୍ରଦର୍ଶନ ପାଇଁ ବିଶେଷ କରି ବିନିର୍ମାଣ ଏବଂ ଖଣି ସେକ୍ଟରର ଖରାପ ପ୍ରଦର୍ଶନକୁ ଦାୟୀ କରାଯାଇଛି।

୨୦୨୪ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହାର ୬.୨ ପ୍ରତିଶତ ରେକର୍ଡ କରାଯାଇଛି। ପୂର୍ବବର୍ଷ ଏହା ୯.୫ ପ୍ରତିଶତ ରହିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଦ୍ୱିତୀୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର)ରେ ଜିଡିପି ଅଭିବୃଦ୍ଧି ୫.୬ ପ୍ରତିଶତ ରହିଥିଲା। ପରବର୍ତ୍ତୀ ତ୍ରୈମାସିକରେ ଏହା ୬.୩ ପ୍ରତିଶତ ରହିବା ନେଇ ପୂର୍ବରୁ ଅନୁମାନ କରାଯାଉଥିବାବେଳେ ସଦ୍ୟ ରିପୋର୍ଟ ଅର୍ଥନୀତିଜ୍ଞ ଓ ବିଶ୍ଳେଷକଙ୍କୁ ନିରାଶ କରିଛି। ଇତିମଧ୍ୟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ନୂଆ ରିପୋର୍ଟ ଜାରି କରାଯାଇଛି। ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତିରୁ ଉଚ୍ଚ ଆୟକାରୀ

### ୨୦୪୭ ସୁଦ୍ଧା ଉଚ୍ଚ ଆୟକାରୀ ଅର୍ଥନୀତି ପାଇଁ ୭.୮% ଲୋଡ଼ା: ବିଶ୍ୱବ୍ୟାଙ୍କ

ରାଷ୍ଟ୍ରରେ ପରିଣତ ହେବାକୁ ହେଲେ ୨୦୪୭ ସୁଦ୍ଧା ଭାରତକୁ ହାରାହାରି ୭.୮ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ ବୋଲି ଏଥିରେ ଦର୍ଶାଯାଇଛି। ବିଶ୍ୱବ୍ୟାଙ୍କ ଏହାର 'ବିକମିଂ ଏ ହାଏ-ଇନ୍‌କମ୍ ଇକୋନୋମି ଇନ୍ ଏ ଜେନେରେଶନ' ଶୀର୍ଷକ ଇଣ୍ଡିଆ କଣ୍ଟ୍ରି ମେମୋରେଣ୍ଡମ୍ ରିପୋର୍ଟରେ ଆହୁରି କହିଛି, ଆର୍ଥିକକ୍ଷେତ୍ର ସଙ୍ଗେ ସଙ୍ଗେ ଭୂମି ଓ ଶ୍ରମ ବଜାରରେ ମଧ୍ୟ ଭାରତକୁ ସଂସ୍କାର ଆଣିବାକୁ ପଡ଼ିବ। ୨୦୦୦ରୁ ୨୦୨୪ ମସିହା ମଧ୍ୟରେ ଭାରତର ହାରାହାରି ୬.୩ ପ୍ରତିଶତ ଅଭିବୃଦ୍ଧିକୁ ଉକ୍ତ ରିପୋର୍ଟରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଦେଶର ଭବିଷ୍ୟତ ଲକ୍ଷ୍ୟର ମୂଳଦୁଆ ସ୍ଥାପନରେ ଅତୀତର ଏହି ସଫଳତା ସହାୟକ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ବର୍ତ୍ତମାନର ବ୍ୟବସାୟିକ ଓ ଚିରାଚରିତ ଦୃଶ୍ୟପଟ୍ଟକୁ ଦେଖିଲେ ୨୦୪୭ ସୁଦ୍ଧା ଏକ ଉଚ୍ଚ ଆୟକାରୀ ଅର୍ଥନୀତିରେ ପରିଣତ ହେବା ନେଇ ଭାରତର ରହିଥିବା ଲକ୍ଷ୍ୟ ସମ୍ଭବ ହୋଇ ନ ପାରେ ବୋଲି ମଧ୍ୟ ଏଥିରେ ଆଶଙ୍କା ବ୍ୟକ୍ତ କରାଯାଇଛି। ମୁଣ୍ଡପିଛା ଗ୍ରସ୍ ନ୍ୟାଶନାଲ ଇନ୍‌କମ୍ (ଜିଏନ୍‌ଆଇ) କୁ ବର୍ତ୍ତମାନର ସ୍ତରଠାରୁ ୮ ଗୁଣା କରିବାକୁ ପଡ଼ିବ। ଅଭିବୃଦ୍ଧି ହାର ବଢ଼ାଇବା ସହ ଆଗାମୀ ୨ ଦଶନ୍ଧି ପର୍ଯ୍ୟନ୍ତ ତାକୁ ବଳବତ୍ତର ରଖିବାକୁ ପଡ଼ିବ, ଯାହାକି କେତେକ ଦେଶ ହାସଲ କରିପାରି ନାହାନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୱାର୍ଲ୍ଡବ୍ୟାଙ୍କ ଇଣ୍ଡିଆ ନିର୍ଦ୍ଦେଶକ ଅଗଷ୍ଟେ ଟାନୋ କୁଆମେ କହିଛନ୍ତି, ଚିଲି, କୋରିଆ ଓ ପୋଲାଣ୍ଡ ଭଳି ମଧ୍ୟମ ଆୟକାରୀ ଦେଶ କିଭଳି ଭାବେ ଉଚ୍ଚ ଆୟକାରୀ ରାଷ୍ଟ୍ରରେ ପରିଣତ ହୋଇ ବୈଶ୍ୱିକ ଅର୍ଥନୀତିରେ ଯୋଡ଼ିହୋଇଛନ୍ତି, ସେହି ସଫଳତାରୁ ଭାରତକୁ ଶିକ୍ଷାଲାଭ କରିବାକୁ ପଡ଼ିବ।

# ଇଂଲିଶ ଆମେରିକାର ସରକାରୀ ଭାଷା ହେବ

ୱାଶିଂଟନ,୨୮।୨

ଆମେରିକାରେ ସଂଘୀୟ ସ୍ତରରେ କୌଣସି ଭାଷାକୁ ସରକାରୀ ମାନ୍ୟତା ଦିଆଯାଇ ନାହିଁ। ଇଂଲିଶକୁ ବହୁଳ ଭାବେ ବ୍ୟବହାର କରାଯାଉଥିବାବେଳେ ଏହାକୁ ସରକାରୀ ଭାଷା ମାନ୍ୟତା ଦେବା ପାଇଁ ଅନେକ ରାଜ୍ୟରେ ଦାବି ଉଠୁଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତ ଏକ ଅର୍ଡରରେ ସ୍ୱାକ୍ଷର କରିବାକୁ ଯାଉଛନ୍ତି ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଇଂଲିଶ ଆମେରିକାର ସରକାରୀ ଭାଷା ମାନ୍ୟତା ପାଇବା ପରେ ସଂଘୀୟ ପାଣ୍ଠିରେ ଚାଲିଥିବା ସରକାରୀ ଅଫିସ୍ ଓ ସଂସ୍ଥାଗୁଡ଼ିକରେ ଇଂଲିଶ ଭାଷା ବ୍ୟବହାର ହେବ। ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଅମଳରେ ଅଣଇଂଲିଶଭାଷୀଙ୍କୁ ଭାଷାଗତ ସହାୟତା ନିମନ୍ତେ ଦିଆଯାଉଥିବା ସଂଘୀୟ ପାଣ୍ଠି ଉଚ୍ଛେଦ ହେବ। ଇଂଲିଶ ଜାତୀୟ ଭାଷା ରୂପେ ବିବେଚିତ ହେବା ପରେ ଏକତାକୁ ପ୍ରୋତ୍ସାହନ ମିଳିବା ସହ ସରକାରୀ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ଏବଂ ନାଗରିକଙ୍କ ଯୋଗାଯୋଗ ନିମନ୍ତେ ପଥ ଖୋଲିଯିବ ବୋଲି ହ୍ୱାଇଟ୍ ହାଉସ୍ କହିଛି। ଉଲ୍ଲେଖଯୋଗ୍ୟ, ଇଂଲିଶକୁ ସରକାରୀ ଭାଷାର ମାନ୍ୟତା ନେଇ ୩୦ରୁ ଉର୍ଦ୍ଧ୍ୱ ରାଜ୍ୟ ଆଇନ ପ୍ରଣୟନ କରିସାରିଛନ୍ତି।

## ୧୭ ପିଲାଙ୍କୁ ଚୋରା ଚାଲାଣ କରିଥିବା ମହିଳାଙ୍କୁ ଚାଇନାରେ ଫାଶୀ

ବେଜିଂ,୨୮।୨(ପି.ଟି.)

ଦକ୍ଷିଣ-ପଶ୍ଚିମ ଚାଇନାର ଗୁଇଝୋଉ ପ୍ରଦେଶର ଗୁଇୟାଙ୍ଗରେ ଜଣେ ମହିଳାଙ୍କୁ ପିଲା ଚୋରାଚାଲାଣ ମାମଲାରେ ଫାଶୀ ଦିଆଯାଇଛି। ୧୯୯୩ରୁ ୨୦୦୩ ମଧ୍ୟରେ ୟୁ ହୁଆୟିଙ୍ଗ୍ (୬୨) ୧୭ ପିଲାଙ୍କୁ ଚୋରି କରି ଅନ୍ୟତ୍ର ଚାଲାଣ କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଚାଇନା ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡକୁ ଅନୁମୋଦନ କରିବା ପରେ ଗୁଇଝୋଉ ପ୍ରଦେଶର ଗୁଇୟାଙ୍ଗ ଇଣ୍ଟରମିଡିଏଟ୍ ପିପୁଲ୍ସ କୋର୍ଟ ତାଙ୍କ ଦଣ୍ଡାଦେଶକୁ କାର୍ଯ୍ୟକାରୀ କରିଛି। ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ଜବତ କରିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପିଲା ଚୋରାଚାଲାଣ ଅଭିଯୋଗରେ ହୁଆୟିଙ୍ଗ୍ ୨୦୨୨ରୁ ଗିରଫ ହୋଇ ଜେଲରେ ଥିଲେ।

## ନେପାଳରେ ଭୂକମ୍ପ: ବିହାରରେ ଝଟକା

ପାଟନା,୨୮।୨

ନେପାଳରେ ଶୁକ୍ରବାର ସକାଳେ ୫.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଛି। ଏହାର ଝଟ୍‌କା ବିହାରର ମୁଜାଫରପୁର, ସମସ୍ତିପୁର ଓ ଅନ୍ୟ କେତେକ ସୀମାନ୍ତ ଜିଲାରେ ଅନୁଭୂତ ହୋଇଛି। ରାତି ପ୍ରାୟ ୨ଟା ୩୫ରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି। ନେପାଳର ବାଗ୍‌ମତି ଅଞ୍ଚଳରେ ଏହାର କେନ୍ଦ୍ରସ୍ଥଳ ରହିଥିବାରୁ ସୀମାନ୍ତ ଅଞ୍ଚଳରେ କମ୍ପନ ହୋଇଥିଲା।


**PANCHAYAT RAJ & DRINKING WATER DEPARTMENT**
GOVERNMENT OF ODISHA
**OFFICE OF THE PANCHAYAT SAMITI, CHANDAHANDI**
INVITATION FOR BIDS
No. BDO/PR/04/2024-25 Dated: / /2024

No. i-523: The Block Development Officer, Chandahandi on behalf of Governor of Odisha invites Percentage Rate bid through tender in Single Cover System according to norm of Tender system in Online mode.

1. Name of Works : As mentioned in Table "A" which includes construction of GPLF Building at Different GP of Chandahandi Block
2. No. of Works : 05 (Five) Nos. (Detailed in Tender Call Notice available in the website)
3. Estimated Cost: : As mentioned in Table "A"
4. Tender Paper Cost : Rs.6000/- per each work
5. Class of Contractor : B & C Class
6. Period of Completion : 180 Days
7. Critical Dates : * Further details can be seen in the bidding documents, which is available in the tender portal **https://www.nabarangpur.nic.in**.
* Subsequent corrigendum if required shall be appeared in the website.
* Authority reserves the right to reject any or all tenders without assigning any reason thereof.

| Tendering Officer | Bid Identification No. | Availability of Tender Online for Bidding | | Last date | Date of Opening of Bid |
|---|---|---|---|---|---|
| | | From | To | | |
| BDO, Chandahandi | BDO / PR / CHD / 04 / 2024-25 | 25.02.2025 at 10.00 A.M. | 10.03.2025 at 04.00 P.M. | 10.03.2025 upto 4.00 P.M. | 11.03.2025 at 11.00 A.M. |

Sd./- Block Development Officer, Chandahandi
OIPR-19439/11/0001/2425

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/PO- BARINIPUT, DIST: KORAPUT- 764006, Phone-06854-242001, Fax: 06854242038,
E-mail:sgmel_ukhep@ohpcltd.com, CIN:U40101OR1995SGC003963
E-Tender NOTICE No.-10/2024-25, Dated 27.02.2025

**No.CAD-2704:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document Tender Paper Cost | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Repair of Peripheral Drains of Power House Colony by providing R.C.C. Drains, UKHEP, Bariniput | 61,46,280/- | 61,500/- | 11,800/- (Rs.10000+18% GST) | "B" Class | From 10.00 AM of Dt.04.03.2025 to 13.00 Hrs of Dt.18.03.2025 | At 12.30 Hrs. of 19.03.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.
OIPR-04002/11/0055/2425 Sd./- Unit Head, UKHEP, Bariniput

idco ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)**
**IDCO, IDCO TOWER, BHUBANESWAR**
No. CAD-2701
Tender Call Notice No. BBSR/ELECT/E-4551/23-24/534 Dated: 24.02.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the Work : Construction of 11KV OH and UG Line for providing power supply to Worker's Hostel at Choudwar under Electrical Section Choudwar - 1, Cuttack.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-125/24-25 | 03.03.2025 at 17.00 Hrs. | 13.03.2025 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0112/2425 Sd./- Divisional Head (Elect), IDCO, Bhubaneswar

**SUPERINTENDENT, PRM MCH, BARIPADA MAYURBHANJ**
Notice No. 1020 Date : 25.02.2025
TENDER CALL NOTICE
**No.CAD-792** : Sealed tenders are invited from interested/ Wholesale/ Retail/ Distributor/ registered agency for supply of Bio Medical Waste Bins to PRM Medical College & Hospital, Baripada. The details regarding specification, terms & conditions may be downloaded from district website www.mayurbhanj.odisha.nic.in. The bids in sealed envelope should reach the office of the undersigned by 11.03.2025 till 5.30 P.M. along with all relevant documents. The tender will be opened on Dt. 12.03.2025 at 11.30 A.M. in the presence of bidders or authorized representatives. In case of absence of any bidder then bid document will be opened by the committee members. The undersigned reserves the right to reject any or all the tenders without assigning any reason thereof.
Sd./- Superintendent PRM MCH
OIPR-10120/11/0012/2425 Baripada, Mayurbhanj

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
ORMAS BHUBANESWAR
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and DW Department, Government of Odisha
No. 654 Date : 28.02.2025
File No. : ORMAS-Mkt-Event-0001-2024
**Corrigendum Notice to the RFP No. 341, dtd. 14.02.2025**
Selection of an Event Management Agency for Designing, Fabricating, Erection of stall with other allied works and Management of Event for SISIR SARAS- 2025 in Bhubaneswar, Odisha
**No.CAD-2713** : In referring to the RFP No. 341, dated 14.02.2025, and subsequent to the pre-bid meeting held on 21.02.2025 at 4 PM in the ORMAS Conference Hall, the queries were clarified and the modifications have been made. The detailed pre-bid clarifications and the Corrigendum Notice can be referred to and downloaded from these websites www.ormas.org/panchayat.odisha.gov.in/ www.tendersodisha.gov.in
OIPR-19004/11/0010/2425 Sd./- Chief Executive Officer, ORMAS

**ORISSA STATE AIDS CONTROL SOCIETY** OSACS
Department of Health & Family Welfare, Govt. of Odisha
No. 4910/OSACS Date: 24.02.2025
File No. : XV-Proc.- 28/2024
NOTICE INVITING TENDER
HIRING OF MANPOWER SERVICE PROVIDER AGENCY FOR PROVIDING ATTENDANTS & CLEANING STAFF ON OUTSOURCING BASIS
**No.E-787** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible tenderers for **providing services of manpower (Attendants, Cleaning Staff) on outsourced basis for a period of two years, Initially, the contract shall be signed for a period of one year which shall be renewed further** on same terms and conditions, with mutual consent of both parties & performance of the bidder. The tender documents in prescribed formats should be submitted to the address as mentioned above through **Registered Post, Speed Post, Courier** only. For more details, please visit website of OSACS (**https://osacs.odisha.gov.in**) tender documents may be downloaded from the above said websites and the date of availability of Tender Document is **01.03.2025 11.00 A.M.** & Closing Date & Time of Receiving of Sealed Tender **21.03.2025 upto 5.00 P.M.**
OIPR-10009/11/0038/2425 Sd./- Project Director

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE EXECUTIVE ENGINEER, MECHANICAL DIVISION, KHATIGUDA**
No.A-1132: Email Address: exengeer123@gmail.com
e-Procurement Notice-Bid Identification No.- EE-MDK-09/2024-25
1. Name of the Work : Painting of the Walkway Bridge with its allied Components of Bhaskel Dam for the Financial Year 2024-25
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates
4. Bid Identification No. : EE-MDK-09/2024-25
5. Estimated Cost : Rs.16,97,761.00
6. Period of Completion : 01 (One) Calendar Month/30 days
7. Date & Time of availability of bid documents in the Portal : From dt.01.03.2025 (10.00 AM) to Dt.10.03.2025 (5.00 PM)
8. Last date & time of availability of bid documents in the portal : Dt.10.03.2025 (upto 5.00 PM)
9. Date and Place of opening of Online Bids : Dt.11.03.2025 (12.00 PM onwards) in the O/o the undersigned
10. Name of the Officer Inviting Tender : Executive Engineer, Mechanical Division, Khatiguda

Further details can be seen from the e-Procurement portal **https://tendersodisha.gov.in**
Sd./- Executive Engineer
OIPR-32511/11/0008/2425 Mechanical Division, Khatiguda

**OFFICE OF THE NOTIFIED AREA COUNCIL, KUCHINDA**
E-PROCUREMENT NOTICE
BID Identification No. KCDA/NAC-11/2024-25
No.339/NAC Date : 25.02.2025
**No.C-1764** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app
1. Name of the work : Construction of Civil Works
2. No. of works : 10 (ten) nos.
3. Estimated Cost : As per work list
4. Period of Completion : 1 (one) / 2 (two) / 3 (three) Calendar Months
5. Date & time of availability of bid documents in the portal : From 10.00 hours of 03.03.2025
6. Last date / Time of received of Bids in portal : 17.30 Hours of 13.03.2025
7. Date & time of opening of Bid : 10.00 hours of 17.03.2025
8. Name & Address of the office Inviting bid : Executive Officer, NAC, Kuchinda

Further details can be seen from the e-procurement portal - www.tendersorissa.gov.in
OIPR-13121/11/0009/2425

**OFFICE OF THE MUNICIPAL COUNCIL, BELPAHAR**
No.C-1763 "e" PROCUREMENT NOTICE
Ph:06645-356292, Fax:06645-250236, Email:municipalitybelpahar@gmail.com
BID REFERENCE NO.EO/BPHM/04/24-25
BID IDENTIFICATION NO.2025_ORULB_111174
TENDER CALL NOTICE NO.367, DT.27.02.2025
Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**

| | | |
|---|---|---|
| Name of the Work | : | Individual Civil Construction Works |
| No. of Works | : | 04 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.01.03.2025 at 10.00 A.M. to dt.12.03.2025 upto 5.00 P.M. |
| Bids received online shall be opened on | : | 11.00 A.M. onwards on dt.13.03.2025 |
| Name & Address of the Officer inviting Bid | : | Executive Officer, Belpahar Municipality |

Further the details can be seen from the procurement portal: www.tendersorissa.gov.in. If any addendum/ Corrigendum/ Cancellation of tender shall be publish in the above website only.
Sd./- Executive Officer, Belpahar Municipality
OIPR-13050/11/0012/2425

No.JJ-60
**Directorate of Ports & Inland Water Transport**
Fortune Tower, Ground Floor, Zone - A, Chandrasekharpur, Bhubaneswar, Phone : 0674-2300885, Email : portsniwt.od@nic.in
e-PROCUREMENT NOTICE
Bid Identification No. DPIWT - 13/2024-25

| | | | |
|---|---|---|---|
| 01. | Name of work | : | Construction of Swimming Pool at Crew Training Institute (Campus-I), Chandbali in Bhadrak District. |
| 02. | No. of works | : | 1 (One) No. |
| 03. | No. of Covers | : | Double cover |
| 04. | Value of works | : | Rs.3,40,70,000.00 |
| 05. | Bid Cost | : | Rs.10,000.00 |
| 06. | Period of Completion | : | 04 (Four) Calendar Months |
| 07. | Date & Time of availability of bid document in the portal | : | 04.03.2025 to 20.03.2025 upto 05.00 P.M. |
| 08. | Date & Time of Bid Clarification | : | 04.03.2025 to 10.03.2025 upto 03.00 P.M. |
| 09. | Date & Time of Pre-Bid meeting | : | 12.03.2025 at 03.00 P.M. |
| 10. | Last date & time for receipt of bids in the portal | : | 20.03.2025 up to 05.00 P.M. |
| 11. | Date of opening of bid document (Cover-I) | : | 21.03.2025 at 11.30 A.M. |
| 12. | Date of transparent lottery process (If situation arises) | : | Intimation will be given through online |
| 13. | Class of Contractor | : | "A" Class Contractor |
| 14. | Name and address of Officer Inviting Tender (OIT) | : | Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, PIN-751023 Phone : 0674-2390355, Fax - 2396885, e-Mail : portsniwt.od@nic.in |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.
Sd./- Director
OIPR-38035/11/0023/2425 Ports & IWT, Odisha

See Career Appointment on every Wednesday & Saturday

No.MM-508:
**OFFICE OF THE DIVISIONAL FOREST OFFICER, KALAHANDI NORTH DIVISION**
NEAR OLD GOVT. BUS STAND, BHAWANIPATNA, KALAHANDI, ODISHA- 766001
E-mail ID: north_kalahandi@yahoo.co.in, dfo.kalahandinorth@odisha.gov.in, Phone No.06670-230526
Bid Identification No.DFO, KLD 08/2024-2025, dated 28.02.2025
NOTICE INVITING SHORT TENDER

| Sl. No. | Name of the Work | Details |
|---|---|---|
| 1 | Purpose of the Tender | Procurement of Various items for the Kalahandi North Forest Division |
| 2 | Estimated Cost | Based on fund allocation |
| 3 | Date & Time of availability of the bid document | 01.03.2025 to 10.03.2025 |
| 4 | Last date/time for receipt of bids in the portal | Upto 5.00 PM of 10.03.2025 |
| 5 | Date & Time of bid opening | 11.00 AM on Dated 11.03.2025 |
| 6 | Name & Address of the Officer inviting Bid | Divisional Forest Officer, Kalahandi North Forest Division, Pin-766001 |

Further details can be found in the Detailed Notice Inviting Tenders, available on the district website:- https://kalahandi.odisha.gov.in. Corrigendum if any, shall only be published on the above website.
Sd./-Divisional Forest Officer
OIPR-08107/11/0013/2425 Kalahandi North Division

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ପ୍ରାୟ ୯ ଲକ୍ଷ କୋଟି

- ସେନ୍‌ସେକ୍ସ ୧୪୦୦ ପଏଣ୍ଟ ହ୍ରାସ
- ୨୨,୦୦୦ ଉପରେ ନିଫ୍ଟି

ମୁମ୍ବାଇ,୨୮।୨



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ ରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ପୁଞ୍ଜି ବଜାର ଏବଂ ଷ୍ଟକ ମାର୍କେଟ କାରବାର ଉପରେ ପଡୁଛି। ଏପରି କି ଘରୋଇ ଶେୟାର ବଜାରର ନିବେଶକ ପ୍ରତିଦିନ ବହୁ ଲକ୍ଷ କୋଟି ଟଙ୍କାର ନିବେଶ ହରାଉଛନ୍ତି। ଗୋଟିଏ ପଟରେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଓ ନିଷ୍ପତ୍ତି ବୈଶ୍ୱିକ ବଜାରରେ ବେଶ ପ୍ରଭାବ ପକାଉଥିବାବେଳେ ଅନ୍ୟପଟରେ ବିଦେଶୀ ନିବେଶକମାନେ ଘରୋଇ ପୁଞ୍ଜି ବଜାରରୁ ବହୁ ପରିମାଣର ନିବେଶ ପ୍ରତ୍ୟାହାର କରିବା ସହିତ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇବା ଯୋଗୁ ଷ୍ଟକ ବଜାରର କାରବାର ବିଶେଷ ଭାବେ ପ୍ରଭାବିତ ହେଉଛି। ସେହିଭଳି ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର କ୍ରମାଗତ ଭାବେ ହ୍ରାସ ଘଟୁଛି। ଫଳରେ ନିବେଶକ ନିରାଶ ଓ ଆଶଙ୍କା ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏପରି କି ପୂର୍ବ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୩୯୩ ଲକ୍ଷ କୋଟିରୁ ଅଧିକ ଥିଲା। ଶୁକ୍ରବାରର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୯ ( ୮.୯ ଲକ୍ଷ କୋଟି) ଲକ୍ଷ କୋଟି ହ୍ରାସ ପାଇ ୩୮୪.୨୨ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ୩୦ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ୧.୯୦% ହ୍ରାସ ଘଟି ୭୩,୧୯୮.୧୦ ଅଙ୍କରେ ରହିଥିଲାବେଳେ ଏନଏସଇ ନିଫ୍ଟିର କାରବାର ୧.୮୬% କମି ୨୨,୧୨୪.୭୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରି କି ବିଏସଇ ସେନସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାରରେ ୨.୨% ପଏଣ୍ଟ ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୧୨୨୧.୫୫ ପଏଣ୍ଟ କମି ୪୭,୯୧୫.୨୦ ଅଙ୍କ ଏବଂ ସ୍ମଲକ୍ୟାପ ୩.୧୧% ହ୍ରାସ ଘଟି ୭୦୯୫.୭୫ ଅଙ୍କରେ ଥିଲାବେଳେ ନିଫ୍ଟି ବ୍ୟାଙ୍କର କାରବାର ୩୯୯.୧୦ ପଏଣ୍ଟ ହ୍ରାସ ଘଟି ୪୮,୩୪୪.୭୦ ଅଙ୍କରେ କାରବାର ବନ୍ଦ ହୋଇଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୧୪୧୪ (୧୪୧୪.୩୩) ପଏଣ୍ଟ ହ୍ରାସ ଘଟି ୭୩,୧୯୮ (୭୩,୧୯୮.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୪୨୦ (୪୨୦.୩୫) ପଏଣ୍ଟ ହ୍ରାସ ଘଟି ୨୨,୧୨୫(୨୨,୧୨୪.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର ମହୋତ୍ସବ



ମହୋତ୍ସବରେ ନିମନ୍ତ୍ରିତ ଅତିଥି ଓ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୮।୨ (ଅଭୟ ଦାଶ)

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ମହୋତ୍ସବ (କୃଷି, ଏମ୍‌ଏସ୍‌ଏମ୍‌ଇ ଓ କାସା କାର୍ନିଭାଲ) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ସଂଯୋଜକ ଗୌତମ ପାତ୍ରଙ୍କ ସମେତ ବ୍ୟାଙ୍କର କୋଲକାତା ପ୍ରଧାନ କାର୍ଯ୍ୟାଳୟରୁ ମହାପ୍ରବନ୍ଧକ ଅଙ୍କିତ ରାଣା, ଓଡିଶା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ସ୍ୱରଜିତ ମହାନ୍ତି ଏବଂ ୟୁକୋ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଚିନ୍ମୟ କୁମାର ସାହୁ ଏବଂ ଏମ୍‌ଏସ୍‌ଏମ୍‌ଇ, କୃଷି ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବ୍ୟାଙ୍କ ମିତ୍ରମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଚିନ୍ମୟ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

ସେହିଭଳି ପାତ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ ଏବଂ ଚଳିତ ଆର୍ଥିକ ବର୍ଷ ପାଇଁ ବ୍ୟାଙ୍କର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ଏମ୍‌ଏସ୍‌ଏମ୍‌ଇ, କୃଷି ଓ ସମ୍ବଳ କ୍ଷେତ୍ରରେ ଥିବା ସୁଯୋଗ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ସେହିପରି ରାଣା ଅଂଶଗ୍ରହଣକାରୀ ଏବଂ ଗ୍ରାହକଙ୍କୁ ବ୍ୟାଙ୍କ ସହ ସେମାନଙ୍କ ଦୀର୍ଘକାଳୀନ ସମ୍ପର୍କ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଉନ୍ନତ ଗ୍ରାହକ ସେବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, କୃଷି ଗ୍ରାହକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା ଏବଂ ଏହି ମହୋତ୍ସବ ଅଭିଯାନ ଅବସରରେ ବ୍ୟାଙ୍କ ମିତ୍ରମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ରିଲାଏନ୍ସ ଜିଓର ନୂଆ ମାଇଲଷ୍ଟୋନ୍

ମୁମ୍ବାଇ,୨୮।୨




ରିଲାଏନ୍ସ ଜିଓର ୫ଜି ନେଟ୍‌ୱର୍କ ନିକଟରେ ଏକ ନୂଆ ମାଇଲଷ୍ଟୋନ୍ ହାସଲ କରିଛି। ଏପରିକି 'ମହାକୁମ୍ଭ'ର ସାହିସ୍ନାନ ଦିନ ଜିଓର ୫ଜି ନେଟ୍‌ୱର୍କରେ ୨କୋଟିରୁ ଅଧିକ କଲ କରାଯାଇଥିଲାବେଳେ ୪୦କୋଟି ଥର ନେଟ ସର୍ଫିଂ କରାଯାଇଥିଲା। ଅର୍ଥାତ୍ ଜିଓର ୫ଜି ନେଟୱାର୍କ ମହାକୁମ୍ଭରେ ଗୋଟିଏ ଦିନରେ ୪୦ କୋଟି ଥରରୁ ଅଧିକ ଡାଟା ସଂଯୋଗ ଅନୁରୋଧ ଗ୍ରହଣ କରିଛି। ସେହିଭଳି ବିଶ୍ୱରେ ଏହା ପ୍ରଥମ ଥର ଯେ ଏତେ ସଂଖ୍ୟକ ଲୋକ ଏକ ଛୋଟ ଅଞ୍ଚଳରେ କୌଣସି ଏକ ନେଟୱାର୍କ ବ୍ୟବହାର କରିଛନ୍ତି। ଏହି ସଂଖ୍ୟା କେବଳ ଜିଓ ୫ଜି ନେଟ୍‌ୱର୍କ ବ୍ୟବହାର କରିଥିବା ଉପଭୋକ୍ତାଙ୍କ ଏବଂ ଏଥିରେ ଜିଓର ୪ଜି ନେଟ୍‌ୱର୍କ ବ୍ୟବହାରକାରୀଙ୍କ ସଂଖ୍ୟାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଜିଓର ୫ଜି ନେଟ୍‌ୱର୍କ ଏରିକ୍ସନ୍ ଉପକରଣରେ ଚାଲିଥାଏ। ସୂଚନାଯୋଗ୍ୟ, ମହାକୁମ୍ଭ ୨୦୨୫ ଜାନୁଆରୀ ୧୩ ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା, ଯେଉଁଥିରେ ୬୬ କୋଟିରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଅବଧି ମଧ୍ୟରେ ବାରାଣସୀ ଏବଂ ଅଯୋଧ୍ୟାରେ ମଧ୍ୟ ଅଭୂତପୂର୍ବ ଡାଟା ଟ୍ରାଫିକ୍ ଅଭିବୃଦ୍ଧି ଦେଖାଯାଇଥିଲା। ଏ ନେଇ ଏରିକ୍ସନରେ ରିଲାଏନ୍ସ ଜିଓର ଗ୍ରାହକ ୟୁନିଟ୍ ମୁଖ୍ୟ ବିଜୟ ଶର୍ମା କହିଛନ୍ତି, ମହାକୁମ୍ଭ ଅବସରରେ ଜିଓ ସହଭାଗିତାରେ ଆହ୍ୱାନମୂଳକ ପରିସ୍ଥିତିରେ ମଧ୍ୟ ଉତ୍ତମ ଗ୍ରାହକ ସେବା ଯୋଗାଇଥିବାରୁ ଆମେ ଗର୍ବିତ। ଏରିକ୍ସନ୍ ଏବଂ ଜିଓ ମଧ୍ୟରେ ସହଭାଗିତା ହେଉଛି, ନବସୃଜନ ଏବଂ ଉମ ଯୋଜନାର ଏକ ପ୍ରକୃଷ୍ଟ ଉଦାହରଣ। ଜିଓ ଟ୍ରୁ ୫ଜି ଷ୍ଟାଣ୍ଡାଲୋନ୍ (ଏସଏ) ନେଟ୍‌ୱର୍କ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସର୍ବବୃହତ୍ ଆଧ୍ୟାତ୍ମିକ ସମାଗମ ଆୟୋଜନ ମହାକୁମ୍ଭ ୨୦୨୫ରେ ବହୁ କୋଟି ଶ୍ରଦ୍ଧାଳୁଙ୍କୁ ଶ୍ରେଷ୍ଠ ଗ୍ରାହକ ଅନୁଭୂତି ପ୍ରଦାନ କରିଛି।

# ସେବି ଦାୟିତ୍ୱ ନେଲେ ତୁହିନକାନ୍ତ

ନୂଆଦିଲ୍ଲୀ,୨୮।୨


ତୁହିନକାନ୍ତ ପାଣ୍ଡେ

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ର ମୁଖ୍ୟ ଭାବେ ବରିଷ୍ଠ ପ୍ରଶାସକ ତୁହିନକାନ୍ତ ପାଣ୍ଡେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦାୟିତ୍ୱରେ ସେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଗୁରୁବାର କେନ୍ଦ୍ରୀୟ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ଅଧିକାରୀ ପାଣ୍ଡେ ଉଭୟ ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଅପରପକ୍ଷରେ ପାଣ୍ଡେ କେନ୍ଦ୍ର ସରକାରଙ୍କ ଦିପମ ଏବଂ ଅର୍ଥ ବିଭାଗରେ ବିଗତ କିଛି ବର୍ଷ ହେବ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି।


# Classified Everyday

0674-2580101, 9692975378


REAL ESTATE
SALE

ଚନ୍ଦନପୁରରୁ ମାତ୍ର 4.5 କିଲୋମିଟର ନିରାକାରପୁର ରାସ୍ତା ପାତେଳି ଛକ ପାଖରେ ନୂଆ ଜଗନ୍ନାଥ ସଡ଼କକୁ ଲାଗି ଘର କରିବାଯୋଗ୍ୟ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1150/- ଓ 2500 ବର୍ଗଫୁଟ Commercial Plot 2600/- ଟଙ୍କା ପଥର ପାଚେରି, 30 ଫୁଟ ପିଚୁ ରାସ୍ତା ଓ ଅନ୍ୟାନ୍ୟ ସୁବିଧା ଦେଇ ବିକ୍ରୟହେବ। ଯୋଗାଯୋଗ- 9438220432/ 8144658008. D-3108

G+2 Storied Building, opposite Hyundai Showroom, Uttara, Bhubaneswar. Call- 8917520527. D-3080

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9937846404, 9437192512.** D-3107


CONSTRUCTION

Construct your home with branded material completed start 1250/- per sqft. 9827152441 D-75599




To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Positively health benefited spa by expert therapist. 7750040475. D-76199

Full body massage by odia therapist in homely atmosphere. 9556498382. D-75361

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

ମୋର ନାମ- ଅରୁପାନନ୍ଦ ଦାସ, ସା/ପୋ- ଚନ୍ଦ୍ରଶେଖର ପ୍ରସାଦ, ଭାୟା- ଭାପୁର, ଜିଲ୍ଲା- ଢେଙ୍କାନାଳ, ପିନ୍- ୭୫୯୦୧୫ । ମୁଁ ଗତ ୨୦ରେ ମୋ ପରିବାର ସହିତ ପୁରୀ ଦୁର୍ଗ ଏକ୍ସପ୍ରେସ ଯୋଗେ ଯାତ୍ରା କରୁଥିବା ସମୟରେ ମୋ ପତ୍ନୀଙ୍କର ଭ୍ୟାନିଟି ବ୍ୟାଗ୍‌ଟି ତାଳଚେର ରୋଡ୍‌ରୁ ତାଳଚେର ଷ୍ଟେସନ ମଧ୍ୟରେ ପଡ଼ିଯାଇଛି । ସେଥିରେ ମୋ ନିଜର ବହୁ ଜରୁରୀ କାଗଜପତ୍ର ଥିଲା। ଆର୍ମି ବିଭାଗୀୟ ପରିଚୟ ପତ୍ର, ଲିକର ଓ ଗ୍ରୋସରୀ କାର୍ଡ଼, ପାନ୍, ଭୋଟର ପରିଚୟପତ୍ର ଏବଂ ଡ୍ରାଇଭିଙ୍ଗ୍ ଲାଇସେନ୍ସ ଇତ୍ୟାଦି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ତା ହେଲେ ମୋ.ନଂ. ୯୭୯୭୭୩୪୫୦୫, ୬୩୭୨୮୨୯୪୦୪ ରେ ଯୋଗାଯୋଗ କରି ଫେରାଇବାକୁ ଅନୁରୋଧ । ବି:ଦ୍ର- ପୁରସ୍କାର ରାଶି ୧୦,୦୦୦ ଟଙ୍କା । D-3103

## AFFIDAVIT

I, Kabita Sethi, W/o- Jagannath Sethi, resident of Anjira P.O.- Kanas, P.S.- Gadishagoda, Dist.- Puri, PIN- 752017, Odisha declare by this affidavit No.- 1145 dtd 20.02.2025 that now onwards I shall be known as KABITA SETHY for all future purposes. D-3109

Affidavit No.- C.F. No.- 20/ dt 18.02.2025 before the Court of Executive Magistrate, Bhubaneswar, I Prabhati Pradhan Aged- 34 years, D/o- Kulamani Pradhan and W/o- Rashmi Kanta Jena, at present residing at Barunapada, P.O.-Kalupada, P.S.- Tangi, Dist.- Khordha, Odisha have changed my name from Prabhati Pradhan to Debi Jena according to my husband's surname i.e. Rashmikanta Jena for all future purposes. D-3110

By virtue of an affidavit sworn before the Executive Magistrate, Talcher on dtd 27.02.2025 declare that I Jasmin Naik, D/o- Bimbadhar Naik, resident Karadagadia, P.O./ P.S./ Dist.- Angul, that in my HSC Certificate my name has been mentioned Jasmin Naik, D/o- Bimbadhar Naik, but in my Aadhaar my name has been mentioned Rita Naik, D/o- Bimbadhar Naik, Jasmin Naik, D/o- Bimbadhar Naik and Rita Naik, D/o- Bimbadhar Naik is one and same person. Henceforth, I shall be known as Jasmin Naik, D/o- Bimbadhar Naik for all purposes. D-3105

By virtue of an affidavit No.- 1421, dt- 27.02.2025 sworn before Executive Magistrate, Dhenkanal, I, Samarendra Kumar Behera, S/o- Late Gadadhar Behera, Vill- Balijoranda, P.O.- Bainsia, P.S.- Gondia, Dist.- Dhenkanal, Odisha- 759014 declare that I have change my son's name from Sai Swayamjit Behera to Sai Swayamjeet Behera. Henceforth, he will be known as Sai Swayamjeet Behera for all pueposes.
Samarendra Kumar Behera. D-75493

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Sundargarh, dated 27.02.2025 I Ganesh Dansena, Address: Vill- Rebdamal, P.O.- Gangpurgarh, P.S.- Sadar, Dist.- Sundargarh, Odisha- 770020 declare that I have change my daughter name from Asmita Dansena to Janani Dansena. Henceforth, she shall be known as Janani Dansena for all purposes. D-3106

I, Rafik Raheman, S/o- Late Syed Raheman, Mathasahi, Station Bazar, P.O.- College Square, Dist.- Cuttack-753003, Odisha declare by this affidavit No.-624, dt. 27.01.25 that in my son Samsur Rahman Passport my name has been wrongly recorded as Rafique Rahman instead of Rafik Raheman, it should be corrected as Rafik Raheman. Rafik Raheman and Rafique Rahman is one and same person. Henceforth, I shall be known as Rafik Raheman for all purposes. D-3113

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


୰ପ୍ରଫେସର ଡ. ତ୍ରିଲୋଚନ ମିଶ୍ର
ପୂର୍ବତନ କୁଳପତି
ଆବିର୍ଭାବ: ୨୩।୧୧।୧୯୨୪
ତିରୋଧାନ: ୦୧।୦୩।୨୦୧୬
ଅମର ମରଣ ଯାର ନାହିଁ ନାହିଁ ମୃତ୍ୟୁ ତାର
ନ ଛୁଇଁବ କାଳ ତାକୁ ନ ଛୁଇଁବ ମସି ।
ତାର ନିଷ୍ଠା ତାର ଜ୍ଞାନ ତା ଜୀବନ ନିର୍ଦ୍ଦେଶନ
କରିଅଛି ତାକୁ ଆଜି କାଳଜୟୀ ଋଷି ।
ସେହି ଅମର ଆତ୍ମାର ପାଦରେ ଶ୍ରଦ୍ଧାଞ୍ଜଳି ।
ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ ।
ପ୍ଲଟ୍-୩୧୬ ଏ, ସହିଦନଗର, ଭୁବନେଶ୍ୱର
ଧ-୩୦୭୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତା ବ୍ରଜେଶ୍ୱରୀ ଧଳ
ଗୁହାଳି, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୦୧।୦୨।୧୯୫୦
ତିରୋଧାନ: ୧୧।୦୨।୨୦୨୫
ନୈନଂ ଛନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ହେ ପୁଣ୍ୟାତ୍ମା ଆପଣଙ୍କ ଅବର୍ତ୍ତମାନ ଚାହୁଁ ଚାହୁଁ ଦଶଦିନ ବିତିଗଲାଣି । ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଅଛୁ । ଆଜିର ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର: ଚନ୍ଦ୍ରଶେଖର ଧଳ, ଶିବସୁନ୍ଦର ଧଳ, ବନ୍ଧୁ ଓ ପରିବାରବର୍ଗ
ଧ-୩୧୧୧

### ୨୫ତମ ଶ୍ରାଦ୍ଧବାର୍ଷିକୀ


ସ୍ୱର୍ଗତ ଡ. ପ୍ରଭାକର ରାଉତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, ୨୫ବର୍ଷର ସମର୍ପଣ । ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
ବନ୍ଧୁ ଓ ପରିବାରବର୍ଗ ।
ଧ-୩୦୭୮

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ବୈଜୟନ୍ତଙ୍କୁ ଭେଟିଲେ ରେଖା, ରେଖାଙ୍କୁ ଭେଟିବାକୁ ଗଲେ ଧର୍ମେନ୍ଦ୍ର



ଦିଲ୍ଲୀ ବିଧାନସଭା ନିର୍ବାଚନରେ ପ୍ରଭାରୀ ଥିବା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କୃତଜ୍ଞତା ଜଣାଉଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଗୁରୁବାର ତାଙ୍କ ପ୍ରକୋଷ୍ଠରେ ଭେଟି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ଅଭିନନ୍ଦନ ଜଣାଉଛନ୍ତି।

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ଭାରତର ରାଜଧାନୀ ଦିଲ୍ଲୀରେ ଏବେ ଓଡ଼ିଆଙ୍କ ପ୍ରଭାବକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସମାନ ବିଷୟ ବର୍ତ୍ତମାନ ଓଡ଼ିଶାରେ ମଧ୍ୟ ଶୁଣିବାକୁ ମିଳିଲାଣି। ଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଗୁରୁତ୍ୱ ବଢୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତିଆରାରେ ହ୍ରାସ ପାଉଥିବା କୁହାଯାଉଛି। ପୂର୍ବରୁ ଭାଜପା ନେତାମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ରଙ୍କ ପତିଆରା ଦିଲ୍ଲୀରେ ରହିଥିଲେ ମଧ୍ୟ ସେଠାରେ ଭାଜପା ୨୭ବର୍ଷ ପରେ କ୍ଷମତାକୁ ଫେରିବା ପଛରେ ବୈଜୟନ୍ତଙ୍କ ରଣନୀତିକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଏଭଳି ଆଲୋଚନା ଚାଲିଛି। ବୈଜୟନ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବାରୁ ତାଙ୍କ ପ୍ରତି ଦଳ ଏବେ ଅଧିକ ନିର୍ଭରଶୀଳ ଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ଗତ ୨୦ ତାରିଖରେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ବୈଜୟନ୍ତଙ୍କ ଉପସ୍ଥିତିକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଥିଲା। ହେଲେ ପରବର୍ତ୍ତୀ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବୈଜୟନ୍ତଙ୍କୁ ଭେଟିବା ଲାଗି ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନକୁ ଯାଇଥିଲେ। ଧର୍ମେନ୍ଦ୍ର ପ୍ରଧାନ କିନ୍ତୁ ରେଖା ଗୁପ୍ତାଙ୍କୁ ତାଙ୍କ ପ୍ରକୋଷ୍ଠକୁ ଯାଇ ସାକ୍ଷାତ୍ କରିବା ଘଟଣାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଧର୍ମେନ୍ଦ୍ରଙ୍କ ପ୍ରଭାବ ଅପେକ୍ଷା ଏବେ ବୈଜୟନ୍ତ ଦିଲ୍ଲୀ ରାଜନୀତିରେ ଅଧିକ ପ୍ରଭାବଶାଳୀ ପରିଲକ୍ଷିତ ହେଲେଣି ବୋଲି ରାଜନୈତିକ ବିଶାରଦମାନେ ମତ ରଖିବା ଆରମ୍ଭ କରିଦେଇଛନ୍ତି। ଓଡ଼ିଶାରେ ଯଦି ଧର୍ମେନ୍ଦ୍ର ଆଗ ଭଳି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦେଖାଯାଉଥାଆନ୍ତେ, ତେବେ ଓଡ଼ିଶାର ଏକଥା ସେତେଟା ଗୁରୁତ୍ୱ ରଖି ନ ଥାଆନ୍ତା। ହେଲେ ରାଜ୍ୟରେ ଯେତେବେଳେ ସେହି କଥାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ଦିଲ୍ଲୀର ବିଷୟ ବିଶେଷ ଚର୍ଚ୍ଚା ହେବାରେ ଲାଗିଛି। ଶୁକ୍ରବାର ଏହି ନୂଆ କଥାକୁ ନେଇ ରାଜନୈତିକ ମହଲରେ ଭିନ୍ନ କଥା ଉଠିଲାଣି। ଏହି ଘଟଣାକୁ ନେଇ ରାଜନୈତିକ ବିଶାରଦ ରାଜନୀତିର ନୂଆ ଅଙ୍କ କଷୁଛନ୍ତି।

ଏହି ଘଟଣା ପରଠାରୁ ଦିଲ୍ଲୀରେ ବୈଜୟନ୍ତଙ୍କ ପଲା ଭାରି ହେଉଥବାବେଳେ ଧର୍ମେନ୍ଦ୍ରଙ୍କ ପ୍ରଭାବ କମୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଧର୍ମେନ୍ଦ୍ର ଏବେ ରାଜ୍ୟରେ କୋଣଠେସା ହୋଇ ରହିଯାଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଲାଣି। ୨୦୧୯ ପୂର୍ବରୁ ଧର୍ମେନ୍ଦ୍ର ଯେପରି ଓଡ଼ିଶା ମଙ୍ଗ ଧରିଥିଲେ ସେଭଳି ଆଉ ତାଙ୍କ ପ୍ରଭାବ ରାଜ୍ୟ ରାଜନୀତିରେ ଦେଖିବାକୁ ମିଳୁନାହିଁ। ଯେତେବେଳେ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି ସେ କେବଳ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଭିତରେ ସୀମିତ ରହୁଛନ୍ତି। ଏହାକୁ ଦେଖିବା ପରଠାରୁ ଧର୍ମେନ୍ଦ୍ର ବର୍ତ୍ତମାନ ଓଡ଼ିଶାର ସକ୍ରିୟ ରାଜନୀତିରୁ ଦୂରକୁ ଚାଲି ଯାଇଛନ୍ତି ବୋଲି ମଧ୍ୟ କୁହାଯାଉଛି। ଅନେକ ନେତା କଂଗ୍ରେସ ଓ ଆଞ୍ଚଳିକ ଦଳରୁ ଯାଇ ଭାଜପାରେ ନିଜର ନେତୃତ୍ୱ ବିକାଶ କରିପାରିଛନ୍ତି। ଭାଜପାରେ ନିଷ୍ଠାପର ଭାବେ କାର୍ଯ୍ୟକଲେ ପରବର୍ତ୍ତୀ ସମୟରେ ଅନ୍ୟ ଦଳରୁ ଆସିଥିଲେ ମଧ୍ୟ ନେତାଙ୍କ ସମ୍ମାନ ବୃଦ୍ଧି ହେଉଥିବା ପରିଲକ୍ଷିତ ହେଉଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହାର ଏକ ବଡ଼ ଉଦାହରଣ। କିଛିଦିନ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ନେତାମାନଙ୍କୁ ଦଳରେ ଗଢୁଥିବା ଦେଖିବାକୁ ମିଳୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କୌଣସି ରାଜନୈତିକ ଲିଗାସି ନ ଥିବା ନେତା ଭାବେ ପରିଗଣିତ। ତଥାପି ପ୍ରଧାନମନ୍ତ୍ରୀ ନୂଆ ନେତୃତ୍ୱ ସୃଷ୍ଟିରେ ବିଶ୍ୱାସ ରଖିବା ଯୋଗୁ ଏବେ କିଛି ନୂଆ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଯାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆଗକୁ ଦିଲ୍ଲୀରେ ବୈଜୟନ୍ତ ଏବଂ ଧର୍ମେନ୍ଦ୍ରଙ୍କ ମଧ୍ୟରୁ କାହାକୁ ପ୍ରଧାନମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଉଛନ୍ତି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ନଡ୍ଡା ଫେରିବା ପରେ ରାଜ୍ୟ ସଭାପତି ଘୋଷଣା ନେଇ ବଢୁଛି ଚର୍ଚ୍ଚା

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

## ସଙ୍ଗଠନ ସମ୍ପର୍କରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦଳୀୟ ନେତାଙ୍କ ସହ ଆଲୋଚନା



ଜେ.ପି. ନଡ୍ଡା

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶୁକ୍ରବାର ପ୍ରାୟ ଏକ ଘଣ୍ଟା ଧରି ଦଳର କେତେଜଣ ବରିଷ୍ଠ ନେତାଙ୍କ ସହ ରାଜ୍ୟ ଅତିଥି ଭବନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦଳର ସାଂଗଠନିକ ନିର୍ବାଚନୀ ପ୍ରକ୍ରିୟା ଜାରି ରହିଥିବା ବେଳେ ଭାଜପାର ନୂଆ ରାଜ୍ୟ ସଭାପତି କିଏ ହେବ ତାକୁ ନେଇ କଳ୍ପନା ଜଳ୍ପନା ଚାଲିଛି। ଏଭଳି ସ୍ଥିତିରେ ନଡ୍ଡାଙ୍କ ଓଡ଼ିଶା ଗସ୍ତ ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ନିକଟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସରକାରୀ ବାସଭବନରେ ଭାଜପା କୋର୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦଳର ରାଜ୍ୟ ସଭାପତି ଚୟନ ନେଇ ଆଲୋଚନା ହୋଇଥିବା ଶୁଣିବାକୁ ମିଳୁଥିଲା। ୨୮ରେ ନଡ୍ଡା ଓଡ଼ିଶା ଗସ୍ତରେ ଆସିଲେ ଏନେଇ ସବୁକିଛି ଚୂଡ଼ାନ୍ତ ହେବ ବୋଲି ଚର୍ଚ୍ଚା ହେଉଥିଲା। ନଡ୍ଡା ତାଙ୍କ ଦୁଇ ଦିନିଆ ଗସ୍ତ କାଳରେ ଦଳୀୟ ନେତାଙ୍କୁ ରାଜ୍ୟ ଅତିଥି ଭବନରେ ଭେଟିବା ବିଷୟ ସେହି କଥାରେ ଏକ ପ୍ରକାର ସତ୍ୟତା ରହିଥିବା କୁହାଯାଉଛି।

ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ପୂର୍ବରୁ ଦଳର ରାଜ୍ୟ ସଭାପତି ଚୟନ ବିଷୟକୁ ନେଇ ଭାଜପାରେ ଏକାଧିକ ବୈଠକ ଅନୁଷ୍ଠିତ ହୋଇସାରିଛି। ପୁଣିଥରେ ମନମୋହନ ସାମଲଙ୍କୁ ଏହି ପଦରେ ବସାଯିବ ନା ନୂଆ ଚେହେରାଙ୍କୁ ଦାୟିତ୍ୱ ମିଳିବ ଏହା ଉପରେ ନଡ୍ଡା ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ନଡ୍ଡା ପୁରୀ କାର୍ଯ୍ୟକ୍ରମ ଶେଷ କରିବା ପରେ ସେଠାରୁ ସିଧାସଳଖ ଅପରାହ୍ନ ୫ଟା ସମୟରେ ରାଜ୍ୟ ଅତିଥି ଭବନରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ଏକ ଘଣ୍ଟା ସମୟ ରହିଥିଲେ। ଏହାରି ଭିତରେ ତାଙ୍କୁ ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଭେଟି ଆଲୋଚନା କରିଥିଲେ। ଏହାପରେ ସେ ୬ଟା ବେଳକୁ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ସେଠାରେ କିଛି ସମୟ ବିତାଇବା ପରେ ବିମାନବନ୍ଦରରେ ପହଞ୍ଚି ପ୍ରାୟ ଅଧଘଣ୍ଟା ପାଖାପାଖି ଆଉ କେତେଜଣ ରାଜ୍ୟ ନେତାଙ୍କ ସହ ସେଠାରେ ଆଲୋଚନା କରିଥିଲେ। ତେବେ ନଡ୍ଡା ଦିଲ୍ଲୀରେ ପହଞ୍ଚିବା ପରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହୋଇପାରେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ଆସିବାର ୮ ମାସ ପୂରିଲାଣି। ରାଜ୍ୟରେ ଶାସନ କ୍ଷମତାକୁ ଆସିବା ପରେ ଭାଜପା ରାଜ୍ୟରେ ପ୍ରଥମ ଥର ଲାଗି ନୂଆ ସଭାପତି ଚୟନ କରିବାକୁ ଯାଉଛି। ଶାସକ ଦଳ ହୋଇଥିବାରୁ ଏହି ପଦରେ ଦଳ କାହାକୁ ବସାଇବ ତାକୁ ନେଇ ବହୁ ତର୍ଜମା ଚଳାଇଛି। ତେଣୁ ଏହି ଶୀର୍ଷ ପଦରେ କାହାକୁ ବସାଯିବ ତାକୁ ନେଇ ଦଳର ସବୁସ୍ତରର ନେତାଙ୍କ ମଧ୍ୟରେ ଏକ ପ୍ରକାର ଚର୍ଚ୍ଚା ଚାଲିଛି।

# ପୋଲିସ, ଭାଜପା କର୍ମୀଙ୍କୁ ନେଇ ହୋହଲ୍ଲା

ପାଲଲହଡ଼ା,୨୮।୨ (ଦିବ୍ୟଜ୍ୟୋତି ଦାଶ)

## ପାଲଲହଡ଼ା ପଞ୍ଚାୟତ ସମିତି ବୈଠକ

ପାଲଲହଡ଼ା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ପୂର୍ବରୁ ସଭାଗୃହ ମଧ୍ୟରେ ପୋଲିସ ଏବଂ କେତେଜଣ ଭାଜପା କର୍ମୀଙ୍କ ଉପସ୍ଥିତିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପୋଲିସ ଓ ଭାଜପା କର୍ମୀ ଗୃହରୁ ବାହାରିଯିବା ପରେ ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଥିଲା। ଏଥିରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝୀ ଏବଂ ବୁଦ୍ଧୁରାମ ବୋଇପାଇ ମଞ୍ଚାସୀନ ଥିଲେ। ବିଡିଓ ନିଶାନ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକ ଆରମ୍ଭରେ ଗୃହରେ ବ୍ୟାପକ ପୋଲିସ ମୁତୟନକୁ ବ୍ଲକ ଅଧ୍ୟକ୍ଷା ନାଏକ ଏବଂ ଜିଲା ପରିଷଦ ସଦସ୍ୟା ମାଝୀ ବିରୋଧ କରିଥିଲେ। ଅନ୍ୟପଟେ ଗୃହ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସମେତ ବହୁ କର୍ମୀଙ୍କ ଉପସ୍ଥିତିକୁ କେତେଜଣ ସମିତି ସଭ୍ୟାସଭ୍ୟା ଏବଂ ସରପଞ୍ଚ ବିରୋଧ କରିଥିଲେ। ଶେଷରେ ପୋଲିସ, ଭାଜପା ନେତା ଏବଂ କର୍ମୀ ଗୃହ ମଧ୍ୟରୁ ବାହାରିଯିବା ପରେ ବୈଠକ ଚାଲିଥିଲା। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ନାଏକ କହିଛନ୍ତି, ବୈଠକରେ କେବଳ ବିଧାୟକ, ଏମ୍‌ପିଙ୍କ ପ୍ରତିନିଧି, ବ୍ଲକର ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧି ରହିବା କଥା। କିନ୍ତୁ ପୋଲିସ ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ବୈଠକ ଗୃହରେ ବସିଥିବାରୁ ସେମାନଙ୍କୁ ବିରୋଧ କରାଯାଇଥିଲା। ଅନ୍ୟପଟେ ବିଡିଓ ପୋଲିସ ମୁତୟନ ପାଇଁ ଅନୁରୋଧ କରିଥିଲେ ବୋଲି ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ବିଧାୟକ ଅଶୋକ ମହାନ୍ତି ପୋଲିସ ମୁତୟନ ବିଷୟରେ ଜାଣି ନ ଥିବା କହିଥିବା ବେଳେ ସମସ୍ତେ ମିଳିମିଶି ବ୍ଲକର ଉନ୍ନତି ପାଇଁ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

# ରାଜ୍ୟରେ ଏକ କୃଷକବିରୋଧୀ ସରକାର ଚାଲିଛି: ଭକ୍ତ

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

## ନବନିର୍ମାଣ କୃଷକ ସଙ୍ଗଠନ ଅନଶନ ସ୍ଥଳକୁ ଗଲେ ପିସିସି ସଭାପତି

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟ ଗସ୍ତ କରିଛନ୍ତି। ସେଠାରେ ଚାଷୀମାନଙ୍କ ସମସ୍ତ ଧାନ ବିନା କଟ୍‌ନୀ ଛଟ୍‌ନୀ, ନିର୍ଦ୍ଧାରିତ ମୂଲ୍ୟ ଓ ଦୁର୍ନୀତି ବିବର୍ଜିତ କ୍ରୟ କରିବା ଦାବିରେ ଅନଶନରତ ନବନିର୍ମାଣ କୃଷକ ସଙ୍ଗଠନର ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରି କଂଗ୍ରେସ ସମର୍ଥନ ଜ୍ଞାପନ କରିଛି। ଏହି ଅବସରରେ ପିସିସି ସଭାପତି କହିଛନ୍ତି, କଂଗ୍ରେସ ସଦାସର୍ବଦା ଚାଷୀର ସ୍ୱାର୍ଥ ପାଇଁ ସଂଗ୍ରାମ କରିଆସିଛି। ଓଡ଼ିଶାରେ ଏକ କୃଷକବିରୋଧୀ ସରକାର ଚାଲିଛି। ନିର୍ବାଚନ ପୂର୍ବରୁ କୃଷକମାନଙ୍କୁ ଏ ସରକାର ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାସୀନ ହେଲା ପରେ ଭାଜପା ସରକାର କୃଷକମାନଙ୍କୁ ପ୍ରତାରିତ କରୁଛନ୍ତି। ପ୍ରତାରିତ ଓ ଅବହେଳିତ କୃଷକ ଓ କୃଷି ଶ୍ରମିକ ପାଇଁ ରାଜ୍ୟ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ଭକ୍ତ ଦାସ କହିଛନ୍ତି। ଏହି ଅବସରରେ ପିସିସି ସଭାପତିଙ୍କ ସହ ଅନଶନସ୍ଥଳକୁ ମାନସ ଚୌଧୁରୀ, ବିଶ୍ୱଜିତ ଦାସ, ୟାସିର ନୱାଜ, ରଞ୍ଜିତ ପାତ୍ର, ରଜନୀ ମହାନ୍ତି ପ୍ରମୁଖ ଗସ୍ତ କରିଥିଲେ।




ପିସିସି ସଭାପତି ଭକ୍ତଚରଣ ଦାସ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟଠାରେ ଅନଶନରତ ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କୁ ଭେଟୁଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟ ପାଲଟିଲା ରଣକ୍ଷେତ୍ର

- ବାଲିଆପାଳ: ବିକଶିତ ଗାଁ ବିକଶିତ ଓଡ଼ିଶା ବୈଠକରେ ଉତ୍ତେଜନା
- ଠେଲାପେଲା, ଫାଟିଲା ସରପଞ୍ଚଙ୍କ ମୁଣ୍ଡ

ବାଲିଆପାଳ, ୨୮।୨(ଗୋପାଳ ଚନ୍ଦ୍ର ସାହୁ)



ବାଲିଆପାଳ ପଞ୍ଚାୟତ ସମିତି ବୈଠକରେ ଧସ୍ତାଧସ୍ତି।



ଆହତ ସରପଞ୍ଚ ସତ୍ୟାନନ୍ଦ।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସଭା ଗୃହରେ ଶୁକ୍ରବାର ଆୟୋଜିତ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟକାରିତା ନେଇ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ବ୍ଲକ ପରିସର ପାଲଟିଥିଲା ରଣକ୍ଷେତ୍ର। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ବୈଠକରେ ଯୋଗ ଦେବାକୁ ନେଇ ଆରମ୍ଭ ହୋଇଥିଲା ତୁମୁଳକାଣ୍ଡ। ବିଜେଡି ସରପଞ୍ଚ ଓ ଜିଲା ପରିଷଦ ସଦସ୍ୟ ତାଙ୍କୁ ବିରୋଧ କରିବାରୁ ଭାଜପା, କଂଗ୍ରେସ ଓ ବିଜେଡି ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଠେଲାପେଲା ସହ ଚେୟାର ଫିଙ୍ଗାଯିବା ପର୍ଯ୍ୟନ୍ତ କଥାଯାଇଥିଲା। ଆକ୍ରମଣରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ମୁଣ୍ଡ ଫାଟିଯାଇଥିଲା। ପଞ୍ଚାୟତ ସମିତି ବୈଠକ ଆରମ୍ଭରୁ ଏଭଳି ଅପ୍ରୀତିକର ପରିସ୍ଥିତି ଦେଖାଦେବାରୁ ବୈଠକ ବନ୍ଦ ହୋଇଯାଇଥିଲା।

ରାଜ୍ୟ ସରକାରଙ୍କ ନୂଆ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମ ସଭା ମାଧ୍ୟମରେ ଯୋଜନାଗୁଡ଼ିକ ଅନୁମୋଦନ ହୋଇଥାଏ। ଏହା ପରେ ପଞ୍ଚାୟତ ସମିତିରୁ ଅନୁମୋଦନ ହୋଇ ଜିଲା ପରିଷଦ ସଭାଗୃହକୁ ଅନୁମୋଦନ ପାଇଁ ଯାଇଥାଏ। ତଦନୁଯାୟୀ ଶୁକ୍ରବାର ବାଲିଆପାଳ ପଞ୍ଚାୟତ ସମିତିରେ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଶରତ କୁମାର ମୁଦୁଲି, ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଲ ବାରିକ, ଜିପିଇଓ ପ୍ରିୟବ୍ରତ ଗିରି, ଜିଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ବାବାଜୀ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗଦେବା କ୍ଷଣି ସରପଞ୍ଚ ଦେବକୁମାର ଦେ, ସତ୍ୟାନନ୍ଦ ମହାନ୍ତି, ଜିଲା ପରିଷଦ ନିଶାକର ସେଠୀ, ବେଣୁଧର ଜେନା ପ୍ରମୁଖ ବିରୋଧ କରି ଏବିଡିଓଙ୍କୁ ଏମ୍‌ପିଙ୍କ ଲିଖିତ ଚିଠି ମାଗିଥିଲେ। ମାତ୍ର ଲିଖିତ ଚିଠି ଆସିନାହିଁ ମୋବାଇଲକୁ ମେସେଜ ଆସିଥିବା କଥା ଏବିଡିଓ କହିଥିଲେ। ଏହାକୁ ନେଇ ଯୁକ୍ତିତର୍କ ଓ କଥା କଟାକଟି ହୋଇଥିଲା। ୧୦ମିନିଟ୍ ମଧ୍ୟରେ ଇଣ୍ଟରନେଟରୁ ଚିଠି ପ୍ରିଣ୍ଟ କରାଯିବା, ସଭାକାର୍ଯ୍ୟ ଆରମ୍ଭ କରାଯାଉ ବୋଲି ଅଧ୍ୟକ୍ଷା କହିଥିଲେ। କଂଗ୍ରେସ ସଦସ୍ୟ ଶାନ୍ତନୁ ମହାପାତ୍ର, ଅଧ୍ୟକ୍ଷା ନାୟକଙ୍କୁ ସଭା ଆରମ୍ଭ କରିବାକୁ ନିବେଦନ କରୁଥିବା ବେଳେ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ କଂଗ୍ରେସ ସଦସ୍ୟ ମହାପାତ୍ରଙ୍କୁ ଧକ୍କା ଦେବାରୁ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଦସ୍ୟ ଓ ଜିଲା ପରିଷଦଙ୍କ ମଧ୍ୟରେ ଠେଲାପେଲା ଓ ହୋହଲ୍ଲା ହୋଇଥିଲା। ଗଣ୍ଡଗୋଳରେ କେତେକ ଜନପ୍ରତିନିଧି ମଧ୍ୟ ଆହତ ହୋଇଥିଲେ। ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ଅତିରିକ୍ତ ତହସିଲଦାର ସୁବ୍ରତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷାଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବାଲିଆପାଳ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଛତ୍ରପୁର: ଭୁଶୁଡୁଛି ବିଜେଡି

ଛତ୍ରପୁର,୨୮।୨(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଦୀର୍ଘବର୍ଷ ଧରି ସିପିଆଇ କବ୍‌ଜାରେ ଥିଲା। ସିପିଆଇର ଏହି ଗଡ଼କୁ ଭାଙ୍ଗି ବିଜେଡି ୨୦୧୪ ଓ ୨୦୧୯ ନିର୍ବାଚନରେ ନିଜ ଦଖଲକୁ ଆଣିଥିଲା। ୨୦୨୪ ନିର୍ବାଚନରେ ଏଠାରେ ଭାଜପା ବାଜିମାତ କରିଥିଲା। ଭାଜପାରୁ କୃଷ୍ଣଚନ୍ଦ୍ର ନାୟକ ବିଧାୟକ ନିର୍ବାଚିତ ହେବା ପରଠୁ ବିଜେଡିର ବହୁ ଆଗଧାଡ଼ିର ଓ ପୁରୁଖା ନେତା, ସେମାନଙ୍କ ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ଏବଂ ବହୁ କର୍ମୀ ଦଳ ଛାଡି ଭାଜପାରେ ସାମିଲ ହେଉଛନ୍ତି। ଫଳରେ ଭାଜପା ସୁଦୃଢ ହେଉଥିବା ବେଳେ ବିଜେଡି ଗଡ଼ ଭୁଶୁଡୁଥିବା ଚର୍ଚ୍ଚା ହେଉଛି। ନିର୍ବାଚନମଣ୍ଡଳୀ ଅଧୀନ ୩ ଏନ୍‌ଏସି ଯଥା ଛତ୍ରପୁର, ଗଞ୍ଜାମ ଓ ରମ୍ଭାରେ ଅଧ୍ୟକ୍ଷା ଭାଜପାର ଅଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଛତ୍ରପୁରରୁ ସୁବାସଙ୍କୁ ପ୍ରାର୍ଥୀ କରିବା ଏବଂ ବ୍ରହ୍ମପୁର ଲୋକ ସଭା ଆସନରେ ଭାଜପାରୁ ଆସିଥିବା ତଥା ବାହାର ଜିଲ୍ଲାର ଭୃଗୁ ବକ୍ସିପାତ୍ରଙ୍କୁ ପ୍ରାର୍ଥୀ କରିବାରୁ ଦଳରେ ବିରୋଧାଭାସ ଦେଖାଯାଇଥିଲା। ଏପରିକି କେତେଜଣ ଦଳ ମଧ୍ୟ ଛାଡିଥିଲେ। ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ଛତ୍ରପୁର ବିଧାୟକ ରାମଚନ୍ଦ୍ର ପଣ୍ଡା ଓ ତାଙ୍କର ବହୁ ସମର୍ଥକ ଦଳ ଛାଡି ଭାଜପାରେ ମିଶିବା ବିଜେଡିକୁ ଶକ୍ତ ଧକ୍କା ଦେଇଥିଲା। ନିର୍ବାଚନ ପରେ ଭାଜପା ପକ୍ଷରୁ ସୁନ୍ଦରପୁର ଓ ଛତ୍ରପୁର ସହରରେ ଆୟୋଜିତ ୨ଟି ମିଶ୍ରଣ ପର୍ବରେ ବିଜେଡିର ବହୁ ନେତା ଓ ପଞ୍ଚାୟତ ଜନପ୍ରତିନିଧି ପଦ୍ମ ଧରିଛନ୍ତି। ତେଣୁ ଏଠାରେ ବିଜେଡି ଗଡ଼ ଭୁଶୁଡ଼ିଲାଣି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ବିଧାୟକ କୃଷ୍ଣଚନ୍ଦ୍ର ପ୍ରତିଦିନ ନିର୍ବାଚନମଣ୍ଡଳୀ ବୁଲୁଥିବା ଦେଖିବାକୁ ମିଳୁଛି। କିନ୍ତୁ ନିର୍ବାଚନ ହାରିବା ପରେ ପୂର୍ବତନ ବିଧାୟକ ସୁବାସ ଆଉ ସେଭଳି ନିର୍ବାଚନ ମଣ୍ଡଳୀରେ ବୁଲୁନାହାନ୍ତି। କାଁ ଭାଁ ହାତଗଣତି କାର୍ଯ୍ୟକ୍ରମରେ ସେ ଯୋଗ ଦେଉଛନ୍ତି।

# ଯୋଗଦେଲା ବିଜେଡି, ଦୂରେଇ ରହିଲା କଂଗ୍ରେସ

## ପୋଲାଭରମ ପ୍ରକଳ୍ପ ବିରୋଧୀ ଜନସମାବେଶ

ମାଲକାନଗିରି/ଏମ୍.ଭି.-୭୯, ୨୮।୨
(ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)



ମୋଟୁଠାରେ ଆୟୋଜିତ ପୋଲାଭରମ ପ୍ରକଳ୍ପ ବିରୋଧୀ ସମାବେଶରେ ବିଜେଡି ନେତା ଏବଂ ଅନ୍ୟମାନେ।

ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ଶୁକ୍ରବାର ଏକ ବିରାଟ ଜନ ସମାବେଶ ଅନୁଷ୍ଠିତ ହୋଇଛି। ପୋଲାଭରମ୍ ପ୍ରକଳ୍ପ ପ୍ରତିବାଦ ମିଳିତ କ୍ରିୟାନୁଷ୍ଠାନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ନେତା ଦେବୀ ମିଶ୍ର, ଭୃଗୁ ବକ୍ସିପାତ୍ର, ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି, ବହୁଜନ ସମାଜପାର୍ଟି ସଭାପତି ଜାରାଶବର ମାଢ଼ି, ପୋଲାଭରମ୍ ପ୍ରକଳ୍ପ ପ୍ରତିବାଦ ମିଳିତ କ୍ରିୟାନୁଷ୍ଠାନ ଆବାହକ ପ୍ରଭାକର ହନ୍ତାଳ, ବିଜେଡି ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ପ୍ରିତପାଲ ସିଂ, ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ପୂର୍ବତନ ସଭାପତି ଘନଶ୍ୟାମ ମାଡକାମିଙ୍କ ସହ ୧୪ଟି ଜନଜାତି ସଂଘର ସଭାପତି ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏଥିସହ ପ୍ରତିବାଦରେ ବିଭିନ୍ନ ରାଜନୈତିକ ଦଳ ସହ ପଡୋଶୀ ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ର ବିଭିନ୍ନ ସଂଗଠନ ଜନ ସମାବେଶରେ ଯୋଗ ଦେଇଥିଲେ। ହେଲେ ପୋଲାଭରମ ପ୍ରକଳ୍ପ ପ୍ରତିବାଦ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ କଂଗ୍ରେସ ଯୋଗ ଦେଇ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ବନ୍ଧରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି, ପୋଲାଭରମ ପ୍ରକଳ୍ପକୁ କଂଗ୍ରେସ ସବୁବେଳେ ବିରୋଧ କରି ଆସୁଛି। ଦଳ ନିଜେ ଆଗାମୀ ଦିନରେ ପ୍ରକଳ୍ପ ବିରୋଧରେ ଲୋକଙ୍କୁ ଅବଗତ କରିବା ସହ ତୀବ୍ର ଅନ୍ଦୋଳନ କରିବ । ଏହି ଆନ୍ଦୋଳନ ମାଲକାନଗିରିରୁ ଦିଲ୍ଲୀ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଏଲୁରୁ ଜିଲା ଗୋଦାବରୀ ନଦୀ ଉପରେ ପୋଲାଭରମ ପ୍ରକଳ୍ପ ନିର୍ମାଣାଧୀନ ରହିଥିବା ବେଳେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା ଥିବାରୁ ଏହାକୁ ବିରୋଧ କରାଯାଉଛି। ପୂର୍ବରୁ ଏହି ପ୍ରକଳ୍ପକୁ ବିରୋଧ କରାଯାଉଥିବାରୁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିଲା। ରାଜ୍ୟରେ ଭାଜପା ସରକାର ଗଠନ ପରେ କେନ୍ଦ୍ର ସରକାର ଚଳିତ ବର୍ଷ ବଜେଟରେ ପୋଲାଭରମ୍ ପ୍ରକଳ୍ପକୁ ଆସନ୍ତା ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖି ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅର୍ଥ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏହା ପରେ ପ୍ରକଳ୍ପ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି।

# ୟୁବା ଓପନ ବାସ୍କେଟବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)

ସନ୍‌ସାଇନ୍ ୟୁବ ଆସୋସିଏଶନ ଆନୁକୂଲ୍ୟରେ ୧୪ଶ ଓପନ ବାସ୍କେଟବଲ ପ୍ରତିଯୋଗିତା ଇଙ୍ଗା ପାର୍କ ବାସ୍କେଟବଲ କୋର୍ଟରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ, ସ୍ଥାନୀୟ କର୍ପୋରେଟର ରାଜ କିଶୋର ଦାସ, ଉପଦେଷ୍ଟା ବିଶ୍ୱପ୍ରସାଦ ମହାନ୍ତି, ସରୋଜ କୁମାର ପାତ୍ର, ଅଜୟ ପ୍ରଧାନ, ସଭାପତି ବିଶ୍ୱଜିତ ମହାନ୍ତି, ସଚ୍ଚିଦାନନ୍ଦନ ନାୟକ, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ବିଭୁଦତ୍ତ ବିଶ୍ୱାଳ, ଦେବାଶିଷ ସାହୁ, ମିଥୁନ ବିଷୋୟୀ, ସିଦ୍ଧାନ୍ତ ଦାଶ, ଆଦର୍ଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ୟୁବା ଦଳ ୬୨-୪୧ ପଏଣ୍ଟରେ ଆଉଟଲଜ୍‌କୁ ପରାସ୍ତ କରିଛି। ସେହିପରି ଅନ୍ୟ ଏକ ମ୍ୟାଚରେ କୋଲକାତାର ମେଟ୍ରୋ ରେଲୱେ ଦଳ ୫୮-୩୬ରେ ଅଲ୍‌ଷ୍ଟାରକୁ ହରାଇ ଦେଇଛି।


ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

## ସ୍ୱତନ୍ତ୍ର ଅଲିମ୍ପିକ୍ସ ପାଇଁ ପ୍ରକାଶ ରଥ ଆମନ୍ତ୍ରିତ



ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ): ଇଟାଲୀର ତୁରିନ୍‌ଠାରେ ମାର୍ଚ୍ଚରେ ହେବାକୁ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ ବିଶ୍ୱ ଶୀତକାଳୀନ ପ୍ରତିଯୋଗିତାପାଇଁ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ (ଏସ୍‌ଓବି) ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥଙ୍କୁ ଆମନ୍ତ୍ରଣ କରାଯାଇଛି। ସେଠାରେ ସେ ସ୍ୱେଚ୍ଛାସେବୀ ପରିଚାଳନା ଓ ପ୍ରତିଯୋଗୀ ଏବଂ ଦର୍ଶକ ସହାୟତା କାର୍ଯ୍ୟକୁ ସୁଚାରୁ ରୂପେ ଆଗେଇ ନେବାରେ ସହାୟକ ହେବେ। ପ୍ରକାଶଙ୍କଠାରୁ ପ୍ରଚୁର ଅଭିଜ୍ଞତା ଥିବାରୁ ସେଠାକାର ସ୍ଥାନୀୟ ଆୟୋଜକ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରଣ କରାଯାଇଛି। ସେ ସେଠାରେ ମାର୍ଚ୍ଚ ୪ରୁ ୧୭ ପର୍ଯ୍ୟନ୍ତ ରହି କାର୍ଯ୍ୟ ପରିଚାଳନା କରିବେ। ଉଲ୍ଲେଖଯୋଗ୍ୟ ଯେ ଏହି ବିଶ୍ୱ କ୍ରୀଡ଼ାରେ ୧୦୩ଟି ଦେଶର ୧୫୦୦ ପ୍ରତିଯୋଗୀ, ୬୨୧ ପ୍ରଶିକ୍ଷକ, ୩୨୦୦ ସ୍ୱେଚ୍ଛାସେବୀ ଓ ପ୍ରାୟ ୧ ଲକ୍ଷ ଦର୍ଶକ ଉପସ୍ଥିତ ରହିବେ। ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତ ଏହା ପୂର୍ବରୁ ହୋଇଥିବା ୧୧ଟି ସଂସ୍କରଣରେ ୧୬୭ ପଦକ ହାସଲ କରିଛି। ଏହା ମଧ୍ୟରେ ୭୩ ସ୍ୱର୍ଣ୍ଣ, ୪୯ ରୌପ୍ୟ ଓ ୪୫ଟି ବ୍ରୋଞ୍ଜ ପଦକ ସାମିଲ। ଏହା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ଏସଓବି ଓଡ଼ିଶାର ଅଧ୍ୟକ୍ଷା ସୁନିତା ମୁଣ୍ଡ ପ୍ରକାଶ କରିଛନ୍ତି। ଏସଓବି ଓଡ଼ିଶାର ସମସ୍ତ ବୋର୍ଡ ସଦସ୍ୟ ଓ ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ରଥଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସର୍ବଭାରତୀୟ ବେସାମରିକ ଟିଟି

ଭୁବନେଶ୍ୱର,୨୮।୨(ଅନାଦି କର): ଆସନ୍ତା ୧୬ରୁ ୨୦ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ତ୍ୟାଗରାଜ ଷ୍ଟାଡିୟମଠାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ସର୍ବଭାରତୀୟ ବେସାମରିକ ଟେବୁଲ ଟେନିସ(ଟିଟି) ପ୍ରତିଯୋଗିତା ହେବାକୁ ଯାଉଛି। ଏଥିଲାଗି ଆସନ୍ତା ୨ ତାରିଖ ଅପରାହ୍ନ ୪ଟାରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବୁଲ ଟେନିସ ଏକାଡେମୀରେ ଖେଳାଳିଙ୍କ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ।

# ଅମୃତଜୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୨୮।୨ (ବିଜୟ ରଣା)

ମିଶନ ଅଲିମ୍ପିକ ସ୍ପୋର୍ଟ୍ସ ଫେଡେରେଶନ (ଏମ୍‌ଓଏସ୍‌ଏଫ୍) ୧ ଲକ୍ଷ ଟଙ୍କା ପୁରୁଷ ଟେନିସ ଚାମ୍ପିୟନଶିପ୍ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ରିସୋର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଉଦୀୟମାନ ଟେନିସ ଷ୍ଟାର ଅମୃତଜୟ ମହାନ୍ତି ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ବିଜେତା ହୋଇଛନ୍ତି। ଅମୃତଜୟ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଛତିଶଗଡ଼ର ସୌର୍ଯ୍ୟ ମାନିକ୍‌ଙ୍କୁ ୨-୬, ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅମୃତଜୟ ପରେ ତାଙ୍କ ପାର୍ଟନର ଓଡ଼ିଶାର ଶୁଭ୍ରନିଲ ବର୍ମନ ଡବଲ୍ସ କାଟେଗୋରୀରେ ପଶ୍ଚିମବଙ୍ଗର ୟାତ୍ ଓବ୍ରିଆନ ଓ ଅନୁରାଗ ଅଗ୍ରୱାଲଙ୍କୁ ୬-୪, ୧-୬, ୧୦-୬ରେ ପରାସ୍ତ କରିଥିଲେ। ମ୍ୟାଚ ପରେ ଅମୃତଜୟ କହିଛନ୍ତି, ଟୁର୍ନାମେଣ୍ଟରେ ଉଭୟ ଟାଇଟଲ ଜିତିବା ତାଙ୍କ ପାଇଁ ଏକ ବହୁତ କିଛି। ପିତାମାତା, କୋଚ୍ ଚିନ୍ମୟ ପ୍ରଧାନ ଏବଂ ଟିମ୍ ଗୁରକୂଳ ଟେନିସ ଏକାଡେମୀ ସହଯୋଗ ଯୋଗୁ ସେ ଏହି ସଫଳତା ହାସଲ କରିଛନ୍ତି। ଏଥିପାଇଁ ସେ ସେମାନଙ୍କ ନିକଟରେ କୃତଜ୍ଞ।


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

# ଉଦ୍‌ଘାଟନୀ ମ୍ୟାଚରେ ପ୍ରଗତି ବିଜୟୀ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

### ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)

ଟାଉନ୍ କ୍ଲବ ଆନୁକୂଲ୍ୟରେ ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୨୩ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୫ ଓଭରରେ ୪ ଉଇକେଟ ହରାଇ ୨୪୧ ରନ କରିଥିଲା। ଦଳ ପକ୍ଷରୁ ଶତକ ହାସଲକାରୀ ଆୟୁଷ ସୂତାର ସର୍ବାଧିକ ୧୦୪, ଟୁକୁନା ସାହୁ ୭୧ ଓ ରଘୁନାଥ ମଲ୍ଲ ୪୮ ରନ କରିଥିଲେ। ୨୪୨ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ୩୫ ଓଭରରେ ୮ ଉଇକେଟ ହରାଇ ୨୧୮ ରନ କରିବାକୁ ସକ୍ଷମ ହୋଇଥିଲା। ସାରାଂଶ କୁମାର ୭୨ ଓ କରନ ମହାପାତ୍ର ୩୮ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ସୁମନ ବାଗ ୩ଟି ଏବଂ ରଘୁନାଥ ମଲ୍ଲ ଓ ସୌମ୍ୟରଞ୍ଜନ ପାଣ୍ଡିଆ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ଆୟୁଷଙ୍କୁ ଅତିଥି ଦିଲୀପ କୁମାର ଜେନା ଓ ନୀହାରକାନ୍ତ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଟାଉନ୍ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଉପଦେଷ୍ଟା ସମୀର ମହାନ୍ତି, ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ନୀହାରକାନ୍ତ ପଟ୍ଟନାୟକ, କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଓ ବିରଞ୍ଚି ନାରାୟଣ ମହାସୂପକାର ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ଇଣ୍ଡିଆନ ୟୁନିଭର୍ସିଟି ଦଳର ଚୟନ ଟ୍ରାଏଲ୍

ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇଏସ୍‌ୟୁ) ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜର୍ମାନୀରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟି ଦଳର ଚୟନ ଟ୍ରାଏଲ୍ ଓ କୋଚିଂ କ୍ୟାମ୍ପ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ମନୋନୀତ କରାଯାଇଛି। ଏଠାରେ ଆଥଲେଟିକ୍ସ, ଆର୍ଚେରୀ, ଟେନିସ ଓ ଭଲିବଲରେ ଉଭୟ ମହିଳା ଓ ପୁରୁଷ ଦଳର କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ୱାର୍ଲ୍ଡ ଗେମ୍ସ ପାଇଁ ଚୟନ ଟ୍ରାଏଲ୍ ମାର୍ଚ୍ଚ ୨୫ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲିବ। ମନୋନୀତ ଖେଳାଳିଙ୍କୁ ନେଇ କିଟ୍ ପରିସରରେ ୨ ମାସଧରି କୋଚିଂ କ୍ୟାମ୍ପ ଚାଲିବ। ଜର୍ମାନୀ ଯାତ୍ରା ପୂର୍ବଦିନ ଏହି କ୍ୟାମ୍ପ ଉଦ୍‌ଯାପିତ ହେବ। ଆସନ୍ତା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜର୍ମାନୀର ୬ଟି ସହର ବୋଚୁମ୍, ଡୁସବର୍ଗ, ଇସେନ, ମୁଲହେମ ଓ ଡେର ରୁହର, ହାଗେନ ଓ ବର୍ଲିନରେ ଅନୁଷ୍ଠିତ ହେବ। ଏଥିରେ ୧୫୦ ଦେଶରୁ ପାଖାପାଖି ୮,୫୦୦ ଛାତ୍ରୀଛାତ୍ର ଆଥଲେଟ୍ ଓ ଅଫିସିଆଲ ଅଂଶଗ୍ରହଣ କରିବେ। ମୋଟ ୧୮ଟି କ୍ରୀଡ଼ା ଇଭେଣ୍ଟରେ ପ୍ରତିଯୋଗିତା ହେବ।

FISU WORLD UNIVERSITY GAMES SUMMER
RHINE-RUHR 2025

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ୱାର୍ଲ୍ଡ ଗେମ୍ସରେ ଆର୍ଚେରୀ, ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଡାଇଭିଂ, ଫେନ୍‌ସିଂ, ଜୁଡୋ, ରିଦମିକ ଜିମ୍ନାଷ୍ଟିକ୍ସ, ସୁଇମିଂ, ଟାଏକୋଣ୍ଡୋ, ଟେନିସ, ଟେବୁଲ ଟେନିସ, ଭଲିବଲ ଓ ୱାଟରପୋଲୋ ଇଭେଣ୍ଟ ଅନୁଷ୍ଠିତ ହେବ। ୩x୩ ବାସ୍କେଟବଲ, ବିଚ୍ ଭଲିବଲ ଓ ରୋଇଂକୁ ଇଚ୍ଛାଧିନ କ୍ରୀଡ଼ାଭାବେ ରଖା ଯାଇଛି। ପ୍ରଥମଥରପାଇଁ ୩x୩ ହୁଇଲଚେୟାର ବାସ୍କେଟବଲକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଦେଶର ପ୍ରତିଷ୍ଠିତ କୋଚ୍‌ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ କୋଚିଂ ପ୍ରଦାନ କରାଯିବ। ଅନ୍ତର୍ଜାତୀୟ ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ ଆଥଲେଟିକ୍ସ ଦାୟିତ୍ୱରେ ରହିଥିବାବେଳେ ଅର୍ଜୁନ ପୁରସ୍କାରପ୍ରାପ୍ତ ଅଲିମ୍ପିଆନ ରାହୁଲ ବାନାର୍ଜୀ, ଅର୍ଜୁନ ପୁରସ୍କାର ବିଜୟିନୀ ତଥା ଅଲିମ୍ପିଆନ ଡୋଲା ବାନାର୍ଜୀ ଓ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ରାଜେଶ ହାଁସଦା ଆର୍ଚେରୀ କୋଚ୍ ରହିବେ। ସେହିପରି ଅଷ୍ଟ୍ରେଲିଆର ଟଡ୍ କ୍ଲାର୍କ ଟେନିସ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ଜି.ଇ. ଶ୍ରୀଧରନ ଭଲିବଲ୍ କୋଚ୍ ଦାୟିତ୍ୱ ତୁଲାଇବେ। ୱାର୍ଲ୍ଡ ଗେମ୍ସ ପାଇଁ ବାସ୍କେଟବଲ କ୍ୟାମ୍ପ କେରଳର ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ, ଜୁଡୋ, ଫେନ୍‌ସିଂ ଓ ରୋଇଂ ରୋହତକର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ସୁଇମିଂ ଜୈନ ବିଶ୍ୱବିଦ୍ୟାଳୟ ଓ ବିଚ୍ ଭଲିବଲ୍ କ୍ୟାମ୍ପ ଓ ଚୟନ ଟ୍ରାଏଲ୍ ଏସଆରଏମ୍ ଓ ଆଇଏମଏଟି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

## ସେମିରେ ଅଷ୍ଟ୍ରେଲିଆ

ଲାହୋର,୨୮।୨

ଶୁକ୍ରବାର ଆଫଗାନିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ବର୍ଷା ଯୋଗୁ ବିନା ଫଳାଫଳରେ ଶେଷ ହୋଇଛି। ଏଥିଯୋଗୁ ଉଭୟ ଦଳକୁ ଏକ ଲେଖାଏ ପଏଣ୍ଟ ପ୍ରଦାନ କରାଯାଇଛି। ଫଳରେ ଅଷ୍ଟ୍ରେଲିଆ ଗ୍ରୁପ-ବି'ରୁ ପ୍ରଥମ ଓ ମୋଟ ଉପରେ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନର ସେମିଫାଇନାଲ ଆଶା ପ୍ରାୟତଃ ଶେଷ ହୋଇଯାଇଛି। ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ପାଖରେ ଏବେ ୩ ଲେଖାଏ ପଏଣ୍ଟ ରହିଛି। କିନ୍ତୁ ଭଲ ନେଟ ରନରେଟ କାରଣରୁ ଆଫଗାନିସ୍ତାନଠାରୁ ଦକ୍ଷିଣ ଆଫ୍ରିକା ଖୁବ୍ ଆଗରେ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୫୦ ଓଭରରେ ୨୭୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସେଦିକୁଲା ଅତଲ ୮୫, ଆଜମାତୁଲା ଓମାରଜାଇ ୬୭, ଇବ୍ରାହିମ ଜାଦ୍ରାନ ୨୨ ଓ ଅଧିନାୟକ ହାଶମାତୁଲା ଶାହିଦି ୨୦ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ବେନ ଡ୍ୱାରଶୁଇସ ୩ ଉଇକେଟ ନେଇଥିବା ବେଳେ ସ୍ପେନସର ଜନସନ ଓ ଆଡାମ ଜାମ୍ପା ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ମ୍ୟାଚ ବାଧାପ୍ରାପ୍ତ ହେଲା ବେଳକୁ ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳ ପକ୍ଷରୁ ଟ୍ରାଭିସ ହେଡ ୫୯ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୭୩/ଅଲଆଉଟ (ସେଦିକୁଲା ଅତଲ-୮୫, ଆଜମାତୁଲା ଓମାରଜାଇ-୬୭, ଇବ୍ରାହିମ ଜାଦ୍ରାନ-୨୨, ବେନ ଡ୍ୱାରଶୁଇସ-୩/୪୭, ଆଡାମ ଜାମ୍ପା-୨/୪୮, ସ୍ପେନସର ଜନସନ-୨/୪୯)। ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧୦୯/୧ (ଟ୍ରାଭିସ ହେଡ-୫୯*, ଷ୍ଟିଭ ସ୍ମିତ-୧୯*, ମାଥ୍ୟୁ ଶର୍ଟ-୨୦, ଆଜମାତୁଲା ଓମାରଜାଇ-୧/୪୩)।

## ସୌଭାଗ୍ୟ-ସାଗରିକାଙ୍କ କିଲିମାଞ୍ଜାରୋ ଆରୋହଣ



କିଲିମାଞ୍ଜାରୋ ଆରୋହଣ ପରେ ସାଗରିକା ମିଶ୍ର ଓ ସୌଭାଗ୍ୟ ରଥ।

ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)

ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ କରିଛନ୍ତି ଓଡ଼ିଶା ଦମ୍ପତି ସୌଭାଗ୍ୟ ରଥ ଓ ସାଗରିକା ମିଶ୍ର। ସ୍ଥାନୀୟ ସମୟ ସକାଳ ୭ଟା (ଭାରତୀୟ ସମୟ ପୂର୍ବାହ୍ନ ୯ଟା ୩୦)ରେ ଦୁହେଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ସୌଭାଗ୍ୟ ପ୍ରକାଶ କରିଛନ୍ତି। ରୋନଗାଇ ଗେଟ୍‌ଦେଇ ସେମାନେ ଅଭିଯାନ ଆରମ୍ଭ କରିଥିଲେ ଏବଂ କିବୋ ହଟ୍ ବେସ୍ କ୍ୟାମ୍ପରୁ ୫୬୮୧ ମିଟର ଉଚ୍ଚତା ବିଶିଷ୍ଟ ଗିଲମାନ୍ସ ପଏଣ୍ଟରେ ସଫଳତାର ସହ ପହଞ୍ଚିଥିଲେ। ତାପମାତ୍ରା -୧୫ ଡିଗ୍ରୀ ସେଲ୍‌ସିୟସ ସହ ତୁଷାରଝଡ଼ ହୋଇଥିଲେ ହେଁ ସେମାନେ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ନ ଥିଲେ। ପାରମ୍ପରିକ ଓଡ଼ିଆ ପୋଷାକ ପିନ୍ଧି ସେମାନେ କିଲିମାଞ୍ଜାରୋ ଶିଖରରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପ୍ରକାଶଯୋଗ୍ୟ, ୩ ଦିନ ପୂର୍ବରୁ ଅନୁଷ୍ଠିତ କିଲିମାଞ୍ଜାରୋ ଅନ୍ତର୍ଜାତୀୟ ମାରାଥନ୍‌ରେ ସୌଭାଗ୍ୟ ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ, କିଲିମାଞ୍ଜାରୋ ଆରୋହଣ ଅଭିଯାନରେ ଗତ ସପ୍ତାହରେ ତାଞ୍ଜାନିଆ ଅଭିମୁଖେ ଯାତ୍ରା କରିଥିଲେ ସୌଭାଗ୍ୟ ଓ ତାଙ୍କ ସ୍ତ୍ରୀ ସାଗରିକା। ଓଡ଼ିଶାର ପ୍ରଥମ ଦମ୍ପତିଭାବେ କିଲିମାଞ୍ଜାରୋ ଆରୋହଣ କରିଥିବା ସୌଭାଗ୍ୟ ଦାବି କରିଛନ୍ତି। ଭାରତରେ ଟ୍ରେକିଂରେ ଏହି ଦମ୍ପତିଙ୍କର ବହୁ ଅଭିଜ୍ଞତା ରହିଛି। ସୌଭାଗ୍ୟ ଇତିମଧ୍ୟରେ ୨ ଥର ଆଇରନ ମ୍ୟାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସାରିଛନ୍ତି ଓ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁଶ ଆରୋହଣ କରିଛନ୍ତି। ସାଗରିକା ସମ୍ବଲପୁର ରେଙ୍ଗାଲି ବ୍ଲକରେ ଭେଟେରିନାରି ସର୍ଜନ ଥିବାବେଳେ ସୌଭାଗ୍ୟ ଆକାଶବାଣୀ ସମ୍ବଲପୁରରେ ପ୍ରସାରଣ ନିଷ୍ପାଦକ ଭାବେ କାର୍ଯ୍ୟରତ।

## ଫୁର୍‌ସତ୍

# କ୍ଷମା ମାଗିଲେ କଙ୍ଗନା


କଙ୍ଗନା ରାଣାଓ୍ୱତ

**ମୁମ୍ବାଇ:** ବ୍ୟକ୍ତିଗତ ହେଉ କି ଅଭିନୟ ଜୀବନ, ଚର୍ଚ୍ଚାରେ ରହିବାକୁ ଭଲ ପାଆନ୍ତି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ। ଯେକୌଣସି ପ୍ରସଙ୍ଗରେ ବେଶ୍ ଖୁଲମ୍‌ଖୁଲ୍ଲା ଭାବେ ବୟାନ ଦେଇଥାନ୍ତି ସେ। ଏହାକୁ ନେଇ ବିବାଦ ଉପୁଜିଥାଏ। ଏମିତି ଏକ ବିବାଦ କ୍ରମେ ୨୦୨୦ରେ ଜାଭେଦ ଅଖତର ତାଙ୍କ ନାମରେ ମାନହାନି ମାମଲା ଦାୟର କରିଥିଲେ। ଦୀର୍ଘ ପାଞ୍ଚ ବର୍ଷ ପରେ ଏଥିରେ ପଡ଼ିଛି ପୂର୍ଣ୍ଣଚ୍ଛେଦ।

କଙ୍ଗନା ନିଜର ସୋସିଆଲ ଆକାଉଣ୍ଟରେ ଷ୍ଟୋରୀ ଶେୟାର କରି ତାହା ଜଣାଇଛନ୍ତି। ଏଥିରେ ସେ ଜାଭେଦ ଅଖତରଙ୍କ ସହ ପୋଜ୍ ଦେଇଥିବା ଏକ ଫଟୋ ଶେୟାର କରି ଲେଖିଛନ୍ତି, 'ଆଜି ଆମେ ଆପୋସ ବୁଝାମଣାରେ ଆଇନଗତ ମାମଲାକୁ ସମାଧାନ କରିଛୁ। ଜାଭେଦ ବହୁତ ଦୟାଳୁ ଏବଂ ଭଦ୍ର ବ୍ୟକ୍ତି। ସେ ମୋର ପରବର୍ତ୍ତୀ ଚଳଚ୍ଚିତ୍ର ଲାଗି ଗୀତ ଲେଖିବାକୁ ମଧ୍ୟ ରାଜି ହୋଇଛନ୍ତି। ମୁଁ ମୋର ସମସ୍ତ ବୟାନ ଫେରାଇ ନେଉଛି। ଆଉ କେବେ ସେଭଳି ବୟାନ ଦେବି ନାହିଁ।'

୨୦୧୬ରେ କଙ୍ଗନା ଏବଂ ଜାଭେଦଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ବିବାଦ । ସେହି ସମୟରେ ଅଭିନେତ୍ରୀ ଏବଂ ହ୍ରିତିକ୍ ରୋଶନଙ୍କ ମଧ୍ୟରେ ଅନେକ କଥାକୁ ନେଇ ମତଭେଦ ଚାଲିଥିଲା। ମାମଲା ଗମ୍ଭୀର ହେବା ପରେ ଜାଭେଦ ହ୍ରିତିକଙ୍କ ପାରିବାରିକ ବନ୍ଧୁ ଭାବେ ବିବାଦର ଅନ୍ତ କରିବା ଲାଗି କଙ୍ଗନାଙ୍କୁ ତାଙ୍କ ଘରକୁ ଡାକିଥିଲେ। ହ୍ରିତିକଙ୍କ ସହ ମାମଲା ଶେଷ କରିବାକୁ ଅଭିନେତାଙ୍କୁ କ୍ଷମା ମାଗିବାକୁ କହିଥିଲେ। ହେଲେ କଙ୍ଗନା କିଛି କହି ନ ଥିଲେ।

୨୦୨୦ରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ କଙ୍ଗନା ଏହି ପ୍ରସଙ୍ଗ ଉଠାଇଥିଲେ। ଏକ ସାକ୍ଷାତ୍‌କାରରେ ସେ ଅନେକ ତାରକାଙ୍କ ବିରୋଧରେ ବୟାନ ଦେଇଥିଲେ, ଯେଉଁଥିରେ ଜାଭେଦଙ୍କ ନାମ ଥିଲା। ସଂଗୀତକାର ତାଙ୍କୁ ଘରକୁ ଡାକି ଧମକ ଦେଇଥିବା କଙ୍ଗନା କହିଥିଲେ। ଏହାକୁ ନେଇ ଜାଭେଦ ମାନହାନି ମାମଲା ଦାୟର କରିଥିଲେ। ଏବେ ଅଭିନେତ୍ରୀ ତାଙ୍କୁ କ୍ଷମା ମାଗି ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ଆତ୍ମରକ୍ଷା ପାଇଁ ନିଜେ ଅଣ୍ଟା ଭିଡ଼ିବା

### ବିଶ୍ୱ ନାଗରିକ ସୁରକ୍ଷା ଦିବସ



ବିଶ୍ୱର ସବୁ ନାଗରିକଙ୍କ ସୁରକ୍ଷା ଅତ୍ୟାବଶ୍ୟକ। ନାଗରିକଙ୍କ ସୁରକ୍ଷା ଦ୍ୱାରା ବିକାଶର ମାର୍ଗ ପ୍ରଶସ୍ତ ହୋଇଥାଏ। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ବିଶ୍ୱ ନାଗରିକ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ୧୯୯୦ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ (ଆଇସିଡିଓ) ଏହି ଦିନକୁ ବିଶ୍ୱସ୍ତରୀୟ ପାଳନ କରିବାକୁ ଘୋଷଣା କରିଥିଲା। ୫୯ଟି ଦେଶ ଆଇସିଡିଓର ସଦସ୍ୟ। ଏହି ସଂଗଠନ ସମ୍ପୃକ୍ତ ସଦସ୍ୟ ଦେଶରେ ନାଗରିକ ପ୍ରତିରକ୍ଷା ବାହିନୀର ମାନବ ସମ୍ବଳ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଯଥାସମ୍ଭବ ତାଲିମ କାର୍ଯ୍ୟକ୍ରମ ଚଳାଇଥାଏ।

ବିପଦରୁ ସରଳରେ ଓହରିବା ପାଇଁ ଏନେଇ ଲୋକଙ୍କୁ ସଚେତନ କରିବା ଲାଗି ବିଶ୍ୱ ନାଗରିକ ପ୍ରତିରକ୍ଷା ଦିବସ ପାଳନ କରାଯାଏ। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ପ୍ରସ୍ତୁତି, ପ୍ରତିରୋଧ ଏବଂ ଆତ୍ମରକ୍ଷା ବିଷୟରେ ସଚେତନତା ବୃଦ୍ଧି କରିବା। ତେବେ ବିଶ୍ୱ ନାଗରିକ ସୁରକ୍ଷା ଦିବସ ୨୦୨୫ର ଥିମ୍ ରହିଛି, ବିପଦ ବିରୋଧରେ ସାହସର ସହ ଲଢ଼ିବା । ନିଜ ଆତ୍ମରକ୍ଷା ପାଇଁ ନିଜେ ଅଣ୍ଟା ଭିଡ଼ିବା ।

ଯୁଦ୍ଧ ସମୟରେ ସାଧାରଣ ନାଗରିକ ସୁରକ୍ଷା ସମସ୍ୟା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ। ୨୮ ମେ ୧୯୩୧ରେ ଫରାସୀ ସର୍ଜନ-ଜେନେରାଲ ଜର୍ଜ ସେଣ୍ଟ-ପାଲ ପ୍ୟାରିସରେ 'ଜେନେଭା ଜୋନ' ଆସୋସିଏଶନ ପ୍ରତିଷ୍ଠା କରିଥିଲେ। ଯାହା ତାଙ୍କୁ ପ୍ରଥମେ ମାନବ ସୁରକ୍ଷା ପାଇଁ ଏହି ଧାରଣା ଦେଇଥିଲା। ଏହି ଜୋନ ମୁଖ୍ୟତଃ ମହିଳା, ଶିଶୁ, ବୃଦ୍ଧ ତଥା ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କୁ ଯୁଦ୍ଧ ସମୟରେ ଆଶ୍ରୟ ଦେଉଥିଲା। ୧୯୩୬ରେ ଯେତେବେଳେ ସ୍ପେନରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା, ଆସୋସିଏଶନ ଚାଇନାରେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୁନର୍ବାର ଫ୍ରାନ୍ସରେ ଶରଣାର୍ଥୀ ଶିବିର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲା। ୧୯୫୮ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ଭାବରେ ଆରମ୍ଭ ହେବା ଦିନଠାରୁ, ଆଇସିଡିଓ ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ମଧ୍ୟରେ ଏକ ସେତୁ ସୃଷ୍ଟି କରିବା, ଜନସଂଖ୍ୟା ସୁରକ୍ଷା ଅନୁସନ୍ଧାନ କରିବା ସହ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିକ୍ରିୟାର ସମନ୍ୱୟ ସମେତ ଅନେକ ଦିଗରେ କାର୍ଯ୍ୟ କରିଆସୁଛି।

# ଶୋକପାଳନ

## ଗଳ୍ପ

**ଅଲେଖ ଚରଣ ପଟ୍ଟନାୟକ**



ବିଜ୍ଞାନର କାରିଗରି କୌଶଳ ବଳରେ ଆଜିର ସଭ୍ୟ, ଶିକ୍ଷିତ ମଣିଷ ଚନ୍ଦ୍ର ଉପଗ୍ରହରେ ପାଦ ଥାପିଲାଣି। ମଙ୍ଗଳ ଗ୍ରହରେ ଜଳର ଅବସ୍ଥିତି ସମ୍ପର୍କରେ ବୈଜ୍ଞାନିକମାନେ ସୂଚନା ପ୍ରଦାନ କଲେଣି। ଅଧିକରୁ ଅଧିକ ଜ୍ଞାନ ଅର୍ଜନ କରି ଆମ୍ଭେମାନେ ମହାକାଶ ଯାତ୍ରା ଗବେଷଣାରେ ନିମଗ୍ନ। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ଆମ ପଡ଼ୋଶୀ ଆମ ପାଇଁ ଅଚିହ୍ନା, ଅଲୋଡ଼ା, ଅନାବଶ୍ୟକ। ସେମାନଙ୍କ ଭଲମନ୍ଦ, ହାଲ୍‌ଚାଲ ସମ୍ବନ୍ଧରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ। କାହା ବିଷୟରେ ଭାବିବା ନିମନ୍ତେ ଆମ ପାଖରେ ସମୟ ନାହିଁ। ଆଗ୍ରହ ହିଁ ନାହିଁ।

ଥରେ ଶୁଣିବାକୁ ପାଇଲି ପଡ଼ୋଶୀଙ୍କର ଜଣେ କେହି ଆତ୍ମୀୟ ମୃତ୍ୟୁବରଣ କରିଛନ୍ତି। ସାଇପଡ଼ୋଶୀ ହେଲେ ହେଁ ଜଣାଶୁଣା ନ ଥାଏ। ମୋ' ବୋଉ ପରିବାରର ଗୁରୁଜନ ହିସାବରେ ପରାମର୍ଶ ଦେଲେ ଯେ, ଏପରି ସମୟରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ସମବେଦନା ଜଣାଇବା ଆବଶ୍ୟକ। ଏହା ସାମାଜିକ ନିୟମ ଓ ଶୃଙ୍ଖଳା। ବୋଉର ମତକୁ ସମ୍ମାନ ଜଣାଇ ଭାବିଲି ଫୋନ୍‌ରେ କଥା ହୋଇ ସମବେଦନା ଜଣାଇଦେବି।

ସାରା ଦିନର କାର୍ଯ୍ୟବ୍ୟସ୍ତତା ଏବଂ ରାତିରେ ଢେର୍ ବିଳମ୍ବରେ ଫୋନ କରିବା ଠିକ୍ ହେବ ନାହିଁ ବୋଲି ଭାବିଦିଏ। ସମୟ ଗଡ଼ିଚାଲେ। ଅଧିକ ବିଳମ୍ବ ହେତୁ ନିଜକୁ ଦୋଷୀ ମନେକଲି।

ଆଜି ରବିବାର। ଆକାଶ ବେଶ୍ ନିର୍ମଳ ଓ ପରିଷ୍କାର। ପାଗ ଭଲ ଅଛି, ପଡ଼ୋଶୀଙ୍କ ଘରକୁ ଯିବା ଉପକ୍ରମରେ ତାଙ୍କ ଗେଟ୍ ଖୋଲିଲି। ଘରର ସମ୍ମୁଖ ବଗିଚା ବେଶ୍ ଆକର୍ଷଣୀୟ। ସୁନ୍ଦର ରଙ୍ଗବେରଙ୍ଗର ଫୁଲଗଛ। ବନ୍ଧୁ ପରିଜନ ସିମେଣ୍ଟ ତିଆରି ବେଞ୍ଚରେ ବସି ପରସ୍ପର କଥୋପକଥନରେ ମସ୍‌ଗୁଲ। ଘର ଭିତରୁ ଆଧୁନିକ ସଙ୍ଗୀତର ପ୍ରଚଣ୍ଡ ଶବ୍ଦ।

ଘରର ପରିବେଶ ଓ ମାହୋଲ ଦେଖି ମୁଁ ସନ୍ଦେହରେ ପଡ଼ିଲି। ମୁଁ ଭୁଲ୍ ଠିକଣାରେ ଆସିଯାଇନି ତ! ଏଇ କ'ଣ ସେଇ ଘର, ଯେଉଁଠାରେ ବୟସ୍କ ଜଣେ ମୃତ୍ୟୁବରଣ କରିଛନ୍ତି। ଚିନ୍ତା କଲି, ଘରକୁ ଯାଇ ବୁଝିବି ଏହା ସଠିକ୍ ଘର କି ନାହିଁ!

ଏଇ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଠିକ୍ ସମୟରେ ଗୃହକର୍ତ୍ତା ବାହାରି ଆସିଲେ 'ଆସନ୍ତୁ! ଆସନ୍ତୁ! କି ଭାଗ୍ୟ, ଆପଣ ବୋଧହୁଏ ପ୍ରଥମ ଥର ଆମ ଘରକୁ ଆସୁଛନ୍ତି।' ଗୃହକର୍ତ୍ତା ଗୃହ ମଧ୍ୟକୁ ପାଛୋଟି ନେଲେ। ଭିତରର ସାଜସଜ୍ଜା ଦେଖି ମୁଗ୍ଧ ହୋଇଗଲି। ବୈଠକଖାନା ବହୁତ ବଡ଼।

ହାଲୁକା ଗୋଲାପୀ ରଙ୍ଗର କାନ୍ଥରେ ତୈଳଚିତ୍ରର ବଡ଼ ବଡ଼ ପେଣ୍ଟିଂ ଝୁଲୁଥିଲା। ଟିଭି ଓ ଭିସିଆର ଥିଲା। ଲୋକପ୍ରିୟ ଚଳଚ୍ଚିତ୍ର 'ବାହୁବଳୀ' ଟିଭିରେ ପ୍ରଦର୍ଶିତ ହେଉଥିଲା। ବନ୍ଧୁଙ୍କର ପିଲାମାନେ ସୋଫା ଏବଂ କାର୍ପେଟରେ ବସି ସିନେମା ଉପଭୋଗ କରୁଥିଲେ। ଆନନ୍ଦରେ ତାଳି ମାରି ମାରି ଗଡ଼ିଯାଉଥିଲେ।

ଗୃହକର୍ତ୍ତା ମୋ' ପାଇଁ ସୋଫାରେ ବସିବା ନିମନ୍ତେ ବ୍ୟବସ୍ଥା କଲେ। ସେଥିପାଇଁ କିଛି ପିଲା ସୋଫାରୁ ଉଠି ଚଟାଣରେ ବିଛାଯାଇଥିବା କାର୍ପେଟ ଉପରକୁ ଗଲେ। ଇତ୍ୟବସରରେ ଘରେ କାମ କରୁଥିବା ବାଳକଟି ଗୋଟିଏ ବଡ଼ ଟ୍ରେରେ କିଛି ଜଳଖିଆ ଏବଂ କପ୍‌ରେ ଚା' ମୋ ପାଇଁ ଆଣି ପହଞ୍ଚିଲା। ମୁଁ ସମସ୍ୟାରେ ପଡ଼ିଗଲି। ଖାଦ୍ୟ ଗ୍ରହଣ କରିବି ନା ନାହିଁ ଭାବିଲି। ବହୁତ ଚିନ୍ତା କରି, ସ୍ନାନ ପରେ ହିଁ ମୁଁ ଖାଦ୍ୟ ଖାଇଥାଏ ବୋଲି ବୁଝାଇଦେଲି ଏବଂ ସମସ୍ୟାରୁ ରକ୍ଷା ପାଇଗଲି।

ବାତାବରଣ ବହୁତ ଖୁସି ମିଜାଜର ଥିଲା। ସତେ ଯେପରି କାହାର 'ଜନ୍ମଦିନ' ଅଥବା ବାହାଘର ପୂର୍ବର 'ନିର୍ବନ୍ଧ' ଉତ୍ସବ ଅନୁଷ୍ଠିତ ହେଉଛି, ଏହିପରି ଜଣାଯାଉଥିଲା।

'ଶୋକ କଥା' କିପରି ପଚାରିବି, ମୁଁ ମାନସିକ ଦ୍ୱନ୍ଦ୍ୱରେ ଥିଲି।

ଗୃହକର୍ତ୍ତାଙ୍କ ଧର୍ମପତ୍ନୀ ସୌଜନ୍ୟମୂଳକ ଅଭିବାଦନ ଜଣାଇଲେ। କହିଲେ, ଆମେ ଖୁସି ଆପଣ ଆମ ଘରକୁ ଆସିଛନ୍ତି, ଆପଣ ଭଲ ମଣିଷ। ଆପଣଙ୍କ ଲୋକହିତକର କାର୍ଯ୍ୟ ଅନେକ। ଆପଣଙ୍କ ପରି ପଡ଼ୋଶୀ ପାଇ ଆମେ ଗର୍ବିତ। ଏହିପରି ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗପସପ ଚାଲିଲା।

କ'ଣ କହି ମୃତବ୍ୟକ୍ତିଙ୍କ କଥା ପଚାରିବି? ସେ ବୃଦ୍ଧ ନା ବୃଦ୍ଧା, ସ୍ୱାମୀଙ୍କର ନା ସ୍ତ୍ରୀଙ୍କର ସମ୍ପର୍କୀୟ! ମୁଁ ଦ୍ୱନ୍ଦ୍ୱରେ ଥିଲି। ଅନେକ ସମୟ ବାର୍ତ୍ତାଳାପ ପରେ ମୁଁ ଉଠିବାକୁ ବାଧ୍ୟ ହେଲି। ସେମାନେ ମୋତେ ଗେଟ୍ ପର୍ଯ୍ୟନ୍ତ ବଳେଇ ଦେବାକୁ ଆସିଲେ। ହଠାତ୍ ଆରମ୍ଭ କଲି, 'ଆପଣଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ ବୋଲି ଶୁଣିଲି।' ଗୃହକର୍ତ୍ତା କିଛି କହିବା ପୂର୍ବରୁ ତାଙ୍କ ପତ୍ନୀ କହିଲେ, 'ହଁ ଆଜ୍ଞା, ମୋ' ଶାଶୁ ଦୀର୍ଘଦିନ ଧରି ଅସୁସ୍ଥ ଏବଂ ଶଯ୍ୟାଶାୟୀ ଥିଲେ। ତାଙ୍କର ଏହି ଅସୁସ୍ଥତା ଆମ ପାଇଁ ବହୁତ ସମସ୍ୟା ସୃଷ୍ଟି କରୁଥିଲା। ଚାକିରିଆ ସ୍ୱାମୀ ତ କର୍ମକ୍ଷେତ୍ରକୁ ବାହାରି ଯାଉଥିଲେ। ସଦାସର୍ବଦା ଘରେ ରହୁଥିବା ସ୍ତ୍ରୀ ଲୋକଟି କେତେ ଯେ ସମସ୍ୟା ଦେଇ ଗତି କରୁଛି, ତାହା ବାବୁଙ୍କୁ କ'ଣ ଜଣାଥିଲା? ଶାଶୁମା' ବ୍ୟକ୍ତିଗତ ଭାବରେ ମୋର କୌଣସି କାର୍ଯ୍ୟରେ ସନ୍ତୁଷ୍ଟ ନ ଥିଲେ। ଏକମାତ୍ର ନଣନ୍ଦ ଥିଲେ। ସେ ବି ଶାଶୁ ପକ୍ଷ ନେଇ ମୋତେ ନିୟମିତ ସମାଲୋଚନା କରୁଥିଲେ। ଏବେ ସେ ବିବାହିତା। କଥା ଛଳରେ ପରଲୋକଗତ ଶାଶୁଙ୍କ ସମ୍ବନ୍ଧରେ ଅନେକ ବିରୋଧ ମନ୍ତବ୍ୟ ଦେଉଥିଲେ। ବିଚରା ସ୍ୱାମୀ ନିରବରେ ସବୁ ଶୁଣି ଯାଉଥିଲେ।

"ରୋଗୀର ସେବା ଯତ୍ନ ପାଇଁ ସହରରେ ନର୍ସଟିଏ ନିଯୁକ୍ତି ଦେବା କେତେ ଯେ ବ୍ୟୟସାପେକ୍ଷ, ଆପଣ ଜାଣିଥିବେ। ଶାଶୁଙ୍କର ସମସ୍ତ ସେବା ମୋତେ ହିଁ କରିବାକୁ ପଡୁଥିଲା। ଶାଶୁଙ୍କ ଦେହାନ୍ତ ପରେ ଗୃହର ଅନେକ ସମସ୍ୟା ଆପେ ଆପେ ସମାଧାନ ହୋଇଗଲା।" ଏ ପର୍ଯ୍ୟନ୍ତ ନିରବରେ ଶୁଣିଯାଉଥିବା ଗୃହସ୍ୱାମୀ ମୁହଁ ଖୋଲିଲେ, "ଭଗବାନ୍‌ଙ୍କର ଅଶେଷ କରୁଣା, ଆଜ୍ଞା। ମା' ମୋର ବେଡ୍‌ରେ ପଡ଼ିରହି ଅତ୍ୟଧିକ କଷ୍ଟ ଯନ୍ତ୍ରଣା ପାଉଥିଲା। ସେ ମୁକ୍ତି ପାଇଗଲା।" ଦୁଇ ନୟନରୁ ଝରି ଆସୁଥିବା ଅମାନିଆ ଅଶ୍ରୁଧାରାକୁ ଲୁଚାଇବା ପ୍ରୟାସରେ ଗୃହକର୍ତ୍ତା ରୁମାଲରେ ମୁହଁ ପୋଛିଲେ। ମୁଁ ତାଙ୍କ ପିଠିରେ ହାତ ଥାପୁଡ଼େଇ ସାନ୍ତ୍ୱନା ଦେଲି। କହିଲି, "ଜାତସ୍ୟ ହି ଧ୍ରୁବ ମୃତ୍ୟୁ। ଏହା ସଂସାରର ନିୟମ। ଆମକୁ ଧୈର୍ଯ୍ୟ ଧରି ସହିବାକୁ ହେବ।"

ଏକ ଭାରାକ୍ରାନ୍ତ ମନ ନେଇ ଘରକୁ ଫେରିଲି। ଆମ ସାମାଜିକ ବ୍ୟବସ୍ଥାରେ ଏ କି ଅଦ୍ଭୁତ ପରିବର୍ତ୍ତନ! ଏକ ନିରସ ଶୁଷ୍କ ଜୀବନଯାପନ ପ୍ରଣାଳୀରେ ଆମ୍ଭେମାନେ ପଶୁତୁଲ୍ୟ ବଞ୍ଚୁଛୁ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ଏ କଥା ଆମେ ଭୁଲିଯାଇଛୁ। ଦୈନନ୍ଦିନ କାର୍ଯ୍ୟରେ ଆମେ ଏପରି ବ୍ୟସ୍ତ ଯେ, ଆତ୍ମୀୟଙ୍କ ଅବର୍ତ୍ତମାନରେ ଶୋକପାଳନ ନିମନ୍ତେ ସମୟ ପାଉନାହୁଁ। ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ସହାନୁଭୂତି, ଆତ୍ମୀୟତା ଉଭେଇ ଗଲାଣି।

ଧିକ୍ ଏ ଆଧୁନିକ ଜୀବନ-ଶୈଳୀ। ଶତ ଧିକ୍ ଏ ମଣିଷପଣିଆ!

ମୋ: ୯୮୫୩୮୯୨୧୨୪

## ପୁସ୍ତକ ପରିଚୟ

### ବଂଧା ଶିବିର



**କବି:** ଅଶ୍ୱିନୀ କୁମାର ମିଶ୍ର
**ପ୍ରକାଶକ:** ଅଗ୍ରଦୂତ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ କବିତାଗ୍ରନ୍ଥ କବିଙ୍କର ତ୍ରୟୋଦଶ ସଂକଳନ ଓ ଏଥିରେ ମୋଟ ୭୦ଟି କବିତା ସ୍ଥାନିତ। ଗ୍ରନ୍ଥାରମ୍ଭରେ ଥିବା 'କାବ୍ୟ ଚିନ୍ତନ' ଶୀର୍ଷକ ଗଦ୍ୟଲେଖରେ ଅଶ୍ୱିନୀ କହନ୍ତି: "ସଂପ୍ରୀତିର ବିଶ୍ୱମୟତା ସାଙ୍ଗକୁ ହିଂସ୍ରତାର ବିନାଶ ପାଇଁ ବିଶ୍ୱର କବି, ଲେଖକ ସାଧାରଣ ମଣିଷଙ୍କ ସହିତ ହାତ ମିଳେଇ ଶାନ୍ତି ବନ୍ଧନକୁ ସଶକ୍ତ କରିବାର ସମୟ ଏବେ ଉପସ୍ଥିତ। ଛଞ୍ଚାଣର ନଖରୁ କୁକୁଡ଼ାଚିଆଁର କଲବଲ ଦେହକୁ ଯେମିତି ହେଲେ ମୁକୁଳେଇବାକୁ ପଡ଼ିବ।" ଏଇ ଆଲୋକରେ ଏଥର ଆମେ କବିଙ୍କ କବିତାକୁ ପରଖିବା କେତୋଟି ଦୃଷ୍ଟାନ୍ତ ନେଇ- ୧. "ପ୍ରତିଯୋଗିତାରେ ହାରିଯାଇଥିବା/ ଯୁବକଟି, ନୀଳ ଆକାଶକୁ/ ପେଜୁଆ ଆଖିରେ ଅନେଇଥିବା/ ଡେଣାଭଙ୍ଗା ପକ୍ଷୀ/ ଠିକ୍ ଯେମିତି ଅନେଇ ରହିଥାଏ/ ଗୋଡ଼ଭଙ୍ଗା ହରିଣଟି/ ଅରଣ୍ୟର ଡାଳପତ୍ରଙ୍କୁ।" ('ହାର୍-ଜିତ୍', ପୃ:୪୯), ୨. "ମଣିପୁର!/ ଥିଲ ଏକ ଉପବନ/ ମଣିଷ ମନର,/ ଆଜି ତେବେ କାହିଁପାଇଁ/ ଶାମୁକାଟେ ଭଳି/ ଦି'ଫାଳ।" ('ମଣିପୁର', ପୃ:୧୧୭), ୩. "ଚାହିଁ ନ ଥିଲି/ ଧରିବାକୁ ତରବାରି/ x x ମତେ କିନ୍ତୁ ଭାରି ହେଲା/ ତୁମ କ୍ରୋଧ, ନିର୍ଦ୍ଦୟ ବେଭାର/ ଯାହା ତିଆରିଲା ବଜ୍ରଝଡ଼/ ମୋ' ଭିତରେ/ x x ବାଧ୍ୟ ହୋଇ ଝପଟିଲା ହାତ ମୋର/ ଅସିର କୋଷକୁ।" ('ତରବାରି', ପୃ:୩୦)। କବିତାଗୁଡ଼ିକରୁ ଅବୁଝା ରହେନାହିଁ ଯେ କବି ସଦା ମେହନତୀ ମଣିଷର ସପକ୍ଷରେ। ଯେଉଁଠି ମାନବିକତାର ବିଡ଼ମ୍ବନା, ସେଠି କୋଷମୁକ୍ତ ତରବାରି ତାଙ୍କ ହାତରେ। ଅଶ୍ୱିନୀଙ୍କ କାବ୍ୟଦୃଷ୍ଟି ଜୀବନର ସୌକୁମାର୍ଯ୍ୟ ଓ ସୌନ୍ଦର୍ଯ୍ୟକୁ ଅଣଦେଖା କରେ ନାହିଁ। ଉପେନ୍ଦ୍ର ଭଞ୍ଜଙ୍କ ଉତ୍ତରଦାୟ ନିଭାଏ କବିତାରେ, କିନ୍ତୁ ମଣିଷର ଆଖିରୁ ଝରିଯାଉଥିବା ଲୁହ ତାଙ୍କୁ ବିବଶ କରେ। ନେରୁଦା ଓ ନଜରୁଲ୍‌ଙ୍କ କଣ୍ଠସ୍ୱର ହୋଇଉଠେ ତାଙ୍କ କଣ୍ଠସ୍ୱର। ଶୈଳୀର ତାରକସି କବିଙ୍କର ଧ୍ୟେୟ ନୁହେଁ। ପ୍ରସଙ୍ଗର ଗମ୍ଭୀରତାକୁ ସେ କଥାକୁହା ଭାଷାରେ ବାଢ଼ିଦିଅନ୍ତି ତାଙ୍କ କବିତାରେ। ଆଶା, 'ବଂଧା ଶିବିର' ପାଠିକାପାଠକଙ୍କୁ ବାନ୍ଧି ରଖିବ ତା'ର ଆବେଦନରେ।

### ପ୍ରେମଗଳ୍ପ



**ଲେଖକ:** ସୁନୀଲ ବୋଷ
**ପ୍ରକାଶକ:** ପର୍ଲ ବୁକ୍‌ସ, ମଧୁସୂଦନ ନଗର, ତୁଳସୀପୁର, କଟକ-୮
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ମୋଟ ୨୩ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଅଧିକାଂଶ ଗଳ୍ପ ଘନୀଭୂତ ମେଘ ପରି ବର୍ଷଣମୁଖୀ। ବହିର ପ୍ରଥମ ଗଳ୍ପ 'ସେଫ୍‌ଟିପିନ୍'। ଗଳ୍ପର ନାୟକ ଚାଲିଚାଲି ଯାଉଯାଉ ହଠାତ୍ ଚଟି ଛିଣ୍ଡିଗଲା। ସେ ମିଲିକୁ ସେଫ୍‌ଟିପିନ୍‌ଟିଏ ମାଗିଲା। ମିଲିର ହାତଚୁଡ଼ିରେ ସେଫ୍‌ଟିପିନ୍ ନ ଥିଲା। ତେଣୁ ସେ କହିଲା: 'ଆଖିବୁଜ। ମୋତେ ଖୋଲିବନି।' ମିଳିଗଲା ସେଫ୍‌ଟିପିନ୍ ଗଳ୍ପର ନାୟକଙ୍କୁ। କିନ୍ତୁ କୌତୂହଳ ରହିଲା- କେଉଁଠୁ ଖୋଲି ମିଲି ସେଫ୍‌ଟିପିନ୍‌ଟି ଦେଲା। ଶେଷରେ ଗଳ୍ପ ନାୟକର କାନ ପାଖରେ ଖୋଲିଦେଲା ମିଲି ସେଫ୍‌ଟିପିନ୍‌ର ରହସ୍ୟ, ଯାହା ସେ ତା' ବ୍ଲାଉଜ୍‌ରୁ ଖୋଲି ଦେଇଥିଲା। ଅତି ନଗଣ୍ୟ ଘଟଣାଟିଏ, ସୁନୀଲଙ୍କ ଲେଖକୀୟ ନିକପଣରେ ଶକ୍ତିଶାଳୀ ଗଳ୍ପଟିଏ ପାଲଟିଗଲା। ଏହିପରି ବହିଯାକର ଗଳ୍ପ। ପଢ଼ିଲେ ପୂର୍ବସୂରୀ କଥାକାରମାନେ ହାଇପିସାଇପି ହେବେ- ଏପରି ଗପ ଲେଖିପାରି ନାହାନ୍ତି ବୋଲି। ସମକାଳର ଲେଖକମାନେ ଉପରେ ପ୍ରଶଂସା କରି ଭିତରେ ଭିତରେ ଜଳିଯିବେ ଈର୍ଷାରେ। ବିଶିଷ୍ଟ କଥାଶିଳ୍ପୀ କନିଷ୍କ କହନ୍ତି: "ଅଳ୍ପଗଳ୍ପର ବାଦ୍‌ଶା ସୁନୀଲ ବୋଷ। x x ଏଇସବୁ ଗଳ୍ପ ଆପେଆପେ ଲେଖିହୋଇ ରହିଯାଏ ପାଠକର ହୃଦୟକାନ୍ଥରେ, ଚିରକାଳ ଝୁଲୁଥାଏ ମରମର କୋଉ ଅଥଳ ଥଳରେ। ବହିରେ ଥିବା '୩୨ ସାଇଜ୍‌ର ପ୍ରେମିକା', 'ବୋତାମଛିଣ୍ଡା ସାର୍ଟ', 'ଝିଅର ନାଁ ବର୍ଷା', 'ମାସ୍କ ତଳର ମୁହଁ', 'ଦୁଷ୍ଟ କରୋନା', 'ହୀରା କାନଫୁଲ' ଓ 'ଶେଷ କାଗଜ ଡଙ୍ଗା' ଭଳି ଗଳ୍ପ କ୍ୱଚିତ୍ ଲେଖାଯାଇଛି ଓଡ଼ିଆ କଥା-ସାହିତ୍ୟରେ। ସାଦାସାଦା ଭାଷାରେ ଚିରକାଳକୁ ଯେ ଝୁଲାଇରଖିବ ଏସବୁ ଗଳ୍ପ ପାଠିକାପାଠକଙ୍କୁ- ଏଥିରେ ସନ୍ଦେହ ନାହିଁ। ପଛ-ପ୍ରଚ୍ଛଦରେ 'ଅନେକେ ତାଙ୍କୁ ଓଡ଼ିଆ ଗଳ୍ପର ଓ ହେନ୍‌ରୀ କହିଥାନ୍ତି' ବୋଲି ଯାହା ଦର୍ଶାଯାଇଛି, ସେଥିରେ ଅତିରଂଜନ ନାହିଁ। ବହିଟି ପାଠାଗାର ଓ ପାଠକଙ୍କ ବ୍ୟକ୍ତିଗତ ସଂଗ୍ରହ ପାଇଁ ମୂଲ୍ୟବାନ୍ ବିବେଚିତ ହେବ ବୋଲି ଆଶା।

## କବିତା

### ଖୋଲା ପଣତର ଜୀବନ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ରୁଦ୍ଧଘରର
ଝର୍କା, କବାଟ ଖୋଲିଦିଅ
ଖୋଲିଦିଅ ପର୍ଦ୍ଦା
ଖୋଲା କରିଦିଅ
ଆଖି, ନାକ, କାନ, ମନ ଓ ହୃଦୟ
ଦଲକା ଦଲକା ପବନ
ପଶି ଆସୁ ଭିତରକୁ।

ଠିଆମେଲା କରିଦିଅ ଦାଣ୍ଡକବାଟ
ବାହାରି ଆସ ବାହାରକୁ
ଚାହଁ ଆକାଶକୁ, ପୃଥିବୀକୁ,
ଦିଗ୍‌ବଳୟ ଆଡ଼କୁ
ଗାଆଁମୁଣ୍ଡ ବରଗଛ, ଖେଳପଡ଼ିଆ,
ଗାଈଗୋଠ, ଚୁଡ଼ୁରି ମୁଣ୍ଡିଆ
ଧାନବିଲ ଡେଇଁ ଆଗକୁ ଚାଲିଲେ
ମାମୁଘର ଗାଆଁ।

ଦେଖ! ଦେଖ!
ସବୁଜ ଧାନକ୍ଷେତର ଲମ୍ବପଣତ
କେମିତି ସାଉଁଳି ଦେଉଛି
ପାହାଡ଼ର ମଥାନ।
ଟହଟହ ନାଲି ସୂରୁଯ କେମିତି
ପହଁରି ଯାଉଛି ନୀଳ ଦିଗନ୍ତର
ଏମୁଣ୍ଡୁ ସେମୁଣ୍ଡ।
ଖୋଲିଦିଅ ହୃଦୟ
ଖୋଲିଦିଅ ପ୍ରେମର ପଣତ
ଆପଣେଇନିଅ ମାଟିରୁ ଆକାଶ।
ଖୋଲା ମନ, ଖୋଲା ପବନ
ଖୋଲାପଣତର ଜୀବନ
କେତେ ସୁନ୍ଦର ଅନୁଭବ କର!
ଶ୍ୱାସରୁଦ୍ଧ ହୋଇ ଜିଇବା
ଜୀବନ ନୁହେଁ।

ବଂଧୁ!
ଜୀବନରେ ରଙ୍ଗ ଭରିଦିଅ
ଜୀବନକୁ ରଙ୍ଗିନ୍ କରିଦିଅ
ଡେଣା ଲଗାଇଦିଅ ମନରେ
ମରିବାର ମ୍ଳାନ ଅପରାହ୍ଣରେ ସୁଦ୍ଧା
ରୁପାଜହ୍ନ ଉଇଁଆସୁ
ଅମୃତ ସାଗରୁ।
ନୌକା ବିହାରର ମଜା ନିଅ
ତାରାର ତୋରଣ ତଳେ
ବଞ୍ଚିବାର ଇଚ୍ଛାକୁ ବାଙ୍ମୟ କରି
ଆପଣା ଅନ୍ତରୁ।

ମୋ: ୬୩୭୦୧୬୬୨୦୪

### ଅକବିତା

**ଶତପଥୀ ରୋଜାଲିନ ବେହେରା**

ବର୍ଷା ଲଟପଟ ରୌପ୍ୟ ନଗରୀ,
ଏଠି ଧରାଦିଏନା କବିତାର ଖିଅ,
ଶବ୍ଦମାନେ ତ ପୂରା ନିଖୋଜ
ଇଉକାଲିପଟାସ୍‌ର
ପାଣି ଝରଝର ପତ୍ର ସନ୍ଧିରେ।
ଜୀବନ ଯୋଉଠି ଆକ୍ରାମାକ୍ରା
ଦି' ପାଦର ଶୃଙ୍ଖଳା ଭୂଇଁ ପାଇଁ,
ସେଇଠୁ କି ବା ଓଟାରି ହେବ
ଗୋଟେ ରେଶମୀ କବିତାର
ମୁଲାୟମ ପଂକ୍ତି?

ହଁ, ଥରେ ଅଧେ ଶବ୍ଦ ସଜାଡ଼ିଥିଲି
ଓଦାଓଦା ରେଭେନ୍ସାର
ଲାଲ ଚହ ଚହ ଚିବୁକରେ,
ଫିଟିଗଲା ଆନିକଟର ଅହଂକାର,
ବହିଗଲା ମୋ' ଭିତରର
ସାଇତା ଖୁମାଣ..।

ଆଉ ଦିନେ ବସିଥିଲି
କାଠଯୋଡ଼ିର ବିସ୍ତୀର୍ଣ୍ଣ
ବାଲୁକାଶେଯରେ,
ସ୍ୱର୍ଣ୍ଣାଭ ଜଳରାଶିରେ ତା'ର
ଛିରିକି ପଡୁଥିଲା ଅସ୍ତଗାମୀ
ଅରୁଣଙ୍କର
ବିଦାୟବେଳର ଶେଷତମ ସ୍ପର୍ଶ..
ମେଘଟା ସେ କୋଣରୁ
ସଜାଡ଼ି ହେଇ ଆସୁଥିଲା,
ଭାବିଲି ଲେଖିଦେବି
ଗୋଟେ ମେଘୁଆ ସଞ୍ଜର
ଗୋଟେ ବର୍ଷାସ୍ନାତା ସୁଗନ୍ଧ କବିତା,
ଥିଲେ ଥିଲେ ହଜିଗଲେ
ମେଘମାଳା ସବୁ,
ମିଶିଗଲେ ଆଲୁଅ ଅନ୍ଧାର,
ଧୂଳି ଧୂଆଁର ଚିରାଚରିତ ସହର...
ନିରାଶ ହେଲି ନହୁଲି ସଞ୍ଜର
ନିହାଣ ମାଡ଼ରେ।

ଅନ୍ଧାରଟା ଅଳସେଇ ହଉଥିଲା,
ଫିକା ଷ୍ଟ୍ରିଟ୍ ଲାଇଟର ସେହି
ଦର ଆଲୁଅ ଗଣେଶଘାଟ ଗଳିରେ
ମୋ' ବିଳପିତ ଅଧରର
ନିରଳସ ନିର୍ନିମେଷ ତୃଷ୍ଣା ଧାପକ
ପୁଣି କେଉଁ ଗୋଟେ କରୁଣ କବିତାର
ବନ୍ଧ ବାନ୍ଧୁଥିଲା ...

ମୋ: ୭୩୭୭୯୩୧୩୮୦

### ବନ୍ଦୀ

**ଡ. ଅନିଲ ନନ୍ଦ**

ସେଇ ଲୁହ କେଇ ବୁନ୍ଦାରେ
ଅନେକ କିଛି କରାଯାଇପାରେ,
ଯେମିତିକି ଗଢ଼ାଯାଏ
ଶିଶିରସ୍ନାତ ସକାଳ
କଅଁଳି ଉଠେ ନବ ପଲ୍ଲବ
ମଧୁ ସନ୍ଧାନରେ ବାହାରନ୍ତି
ଦଳ ଦଳ ମହୁମାଛି
ପକ୍ଷୀ କଣ୍ଠରୁ ଝରିପଡ଼େ
ଉଡ଼ା ଶିଖିବାର ଆହ୍ୱାନ।

ଗୋଟାଏ ରୁଦ୍ଧ ପଞ୍ଜୁରିରେ ବସି
ଢାଳିଥିବା ଲୁହମାନେ
କାହାର ନୁହନ୍ତି ନିଜ ଛଡ଼ା,
ସେମାନେ କ'ଣ ଛୁଇଁ ପାରନ୍ତି
ଲହଡ଼ି ହେଇ ବନ୍ଧୁର ଧରାତଳ?

ଦୂରନ୍ତ ସ୍ୱପ୍ନକୁ ହାତ ଲମ୍ବାଇ
ହଜେଇ ଦେବା ପରେ
ବର୍ଷ, ମାସ, ଦିନ, ଦଣ୍ଡ ଅନେକ
ଆଉ କାହୁଁ ଦେଖି ହେବ
ଦେଶ ଦୁନିଆର ବର୍ଣ୍ଣିଳ ଉତ୍ସବ!

ରହିବ ତ ରୁହ, ମନା ନାହିଁ
ଗୋଟାଏ ସର୍ତ୍ତ କି ସମ୍ବନ୍ଧକୁ
ନିଜ ଗଢ଼ା କାରାଗାର କରି
ଦୁଃଖକୁ ପ୍ରିୟତମ ପରିଧାନ କରି
କଠୋର ତପସ୍ୟାରେ ନିମଗ୍ନ।

ଆଉ କେବେ ଖୋଜିବନି ମୁକ୍ତି
ଅନ୍ତରଙ୍ଗ ଅନ୍ଧାର ପଞ୍ଜାରୁ
ବାହାରି ଯିବାର ଉପାୟ,
ଯେହେତୁ ବନ୍ଦୀ ଏକ ଗୃହପାଳିତ
ବନ୍ଦୀର ହୁଏ ପକ୍ଷଚ୍ଛେଦ
ଭୁଲି ସାରିଥାଏ ଉଡ଼ିବାର ଆନନ୍ଦ।

ମୋ: ୯୯୩୭୮୪୩୩୬୮

### ଗୀତି-କବିତା

### ମିଳନ ମାଧୁରୀ

**ନିରଞ୍ଜନ ସାହୁ**

ତୁମେ ହସୁଥାଅ ମଧୁରେ ମଧୁରେ
ବଂଶୀରେ ମୂର୍ଚ୍ଛନା ତୋଳି
ମୁହିଁ ସାଜେ ତୁମ ପ୍ରେମର ବାୟାଣୀ
କଳଙ୍କ ଅବିର ବୋଳି।

ଏମିତି ଏ ପ୍ରେମ ହୋଇପାରେ ବୋଲି
ଆଗରୁ ନ ଥିଲି ଜାଣି
ତୁମକୁ ମୁଁ ପ୍ରେମ କରିବାକୁ ମନ
ଆପେଆପେ ନିଏ ଟାଣି
ଭାରି ଇଚ୍ଛାହୁଏ କୁଞ୍ଜ କାନନରେ
ଖେଳୁଥା'ନ୍ତେ ଆମେ ଦୋଳି।

ନିତି ଅଭିସାର କରୁଥା'ନ୍ତି ମୁହିଁ
ତୁମେ ଆସନ୍ତ ମୋ' ପାଶ
ତୁମେ ଆସିଗଲେ ବଇଁଶୀ ବାଜିଲେ
ଆମେ ରଚୁଥାନ୍ତେ ରାସ
ନିଧୁବନ ମଧ୍ୟେ ପୀରତିରେ ମାତି
ହେଉଥା'ନ୍ତେ କୋଳାକୋଳି।

ସଖୀଙ୍କ ମେଳରେ ମୁହିଁ ବୁଲୁଥା'ନ୍ତି
ସଖାଙ୍କ ମେଳରେ ତୁମେ
ତୁମ ବିରହରେ ଅନେକ ବେଦନା
ବିଷାଦରେ ଆତ୍ମା ଘୁମେ
ଫଗୁ ଉତ୍ସବରେ ଖେଳୁଥା'ନ୍ତେ ହୋଲି
ନାନାଜାତି ରଙ୍ଗ ଗୋଳି।

ମୋ: ୯୯୩୮୭୪୧୫୮୩

## କାଳକାଳକୁ



**"ଜୀବନ ଏତେ ସଂକ୍ଷିପ୍ତ ଯେ ଏକ ଖରାପ ବହି ପଢ଼ିବାକୁ ଏଥିରେ ସମୟ କାହିଁ!"**

**– ଜେମ୍‌ସ ଜଏସ୍**

**ଜେମ୍‌ସ ଜଏସ୍‌ଙ୍କ** ଜନ୍ମ ୨ ଫେବୃଆରୀ ୧୮୮୨ରେ ଆୟର୍ଲାଣ୍ଡ୍‌ରେ ଓ ପରଲୋକ ୧୩ ଜାନୁଆରୀ ୧୯୪୧ରେ ସୁଇଜରଲାଣ୍ଡ୍‌ରେ। ମାତ୍ର ୫୯ ବର୍ଷର ଜୀବନକାଳରେ ସେ ଯେଉଁସବୁ କାଳଜୟୀ ଗଳ୍ପ ଓ ଉପନ୍ୟାସମାନ ରଚନା କରିଯାଇଛନ୍ତି, ସେସବୁର ମୃତ୍ୟୁ ନାହିଁ। ସେ ଏକାଧାରରେ ଥିଲେ ଔପନ୍ୟାସିକ, କଥାକାର, କବି ଓ ସାହିତ୍ୟ ସମାଲୋଚକ। ବିଂଶ ଶତାବ୍ଦୀର ଖ୍ୟାତନାମା ଲେଖକଙ୍କ ମଧ୍ୟରେ ଜେମ୍‌ସ ଥିଲେ ଅନ୍ୟତମ ପ୍ରମୁଖ ଲେଖକ। ତାଙ୍କ ବିଶିଷ୍ଟ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ- ଉପନ୍ୟାସ: 'ଏ ପୋର୍ଟ୍ରେଟ୍ ଅଫ୍ ଦ ଆର୍ଟିଷ୍ଟ ଆଜ୍ ଏ ୟଙ୍ଗମ୍ୟାନ୍' (୧୯୧୬), 'ଉଲିସେସ୍' (୧୯୨୨), 'ଫିନେଗାନ୍‌ସ ୱେକ୍' (୧୯୩୯); ଗଳ୍ପ: 'ଡବ୍ଲିନର୍‌ସ' (୧୯୧୪)। ଏତଦ୍‌ଭିନ୍ନ ତାଙ୍କର ତିନୋଟି କବିତା ବହି ଓ ଗୋଟିଏ ନାଟକ ପ୍ରକାଶିତ। ସାମୟିକ ପତ୍ରକାରିତାରେ ରୁଚି ରଖିଥିବା ଜଏସ୍ କହନ୍ତି: "ଆଖି ବନ୍ଦକର ଓ ଦେଖ।"

## ପାଉଣା

### ଲଘୁଗଳ୍ପ

**ସନ୍ତୋଷ କୁମାର ଅଦାବର**

"ମାସେ ତଳେ ନେଇଥିଲୁ, ମନେଅଛି ନା ତୋର! ପୁଣି ଆଜି ଧାର ମାଗି ଆସିଛୁ।" ଅଳ୍ପ ରାଗିକି ସୁମିତ୍‌ବାବୁ କହିଲେ ମୋହନକୁ। ରୁଦ୍ଧଗଳାରେ କାକୁତିମିନତି ହୋଇ ମୋହନ କହିଲା- "ଯଦି ଶୁଝି ପାରିବିନି, ଆପଣ ଯାହା କାମ ଦେବେ କରିକି ଶୁଝିଦେବି; ଫେରାନ୍ତୁନି ଆଜ୍ଞା।"

"ଠିକ୍ ଅଛି। ଏଇ ନେ। ଆଉ ଶୁଣ୍ଣ, ଆସନ୍ତାକାଲିଠାରୁ ତୋତେ କିଛି କାମ ଦେବି କରିବୁ।" ଗରମ ଗଳାରେ ସୁମିତ୍‌ବାବୁ କହିଲେ। 'ଠିକ୍ ଅଛି ବାବୁ। ନିଶ୍ଚୟ କରିବି'- ଏତକ କହି ମୋହନ ଟଙ୍କା ଧରି ଗଲା ତା' ଘରକୁ। ଘରେ ତା'ର ରୋଗଣୀ ପତ୍ନୀ। ସେ ଟଙ୍କାରେ ତା'ର ଚିକିତ୍ସା ହେବ। ଏକ ମାସ ତଳେ ବି ସେ ସୁମିତ୍‌ବାବୁଙ୍କଠାରୁ କିଛି ଟଙ୍କା ଆଣିଥିଲା। ବାପ ଅଜା ଅମଳରୁ ଦି' ପଇସା ଅଛି ତ ସୁମିତ୍‌ବାବୁଙ୍କର। ସେଇଥିପାଇଁ ତାଙ୍କୁ ଭରସା କରି ଧାର ଆଣିଛି ମୋହନ। କିନ୍ତୁ ଧାର ଶୁଝିବାକୁ ହେଲେ ପାଖାପାଖି ତାକୁ ଲଗାତାର ତିନି ମାସ କାମ କରିବାକୁ ପଡ଼ିବ ସୁମିତ୍‌ବାବୁଙ୍କ ଘରେ।

ଆଜି ସୁମିତ୍‌ବାବୁଙ୍କ ଘରକୁ କାମ କରିବାକୁ ଯିବ ନା ସ୍ତ୍ରୀକୁ ମେଡିକାଲ ନେବ। ସ୍ତ୍ରୀର ଦେହାବସ୍ଥା ଗୁରୁତର। ଯାହାହେଉ ପ୍ରଥମେ ସ୍ତ୍ରୀ କଥା ବୁଝିବ ସେ। ଅନେକ ଚେଷ୍ଟା ତା'ର ଅସଫଳ ହେଲା। ଆରୋଗ୍ୟ କରିପାରିଲାନି। ଅଧିକ ଅର୍ଥ ଆବଶ୍ୟକ। ଘରକୁ ନେଇ ଫେରିଆସିଲା ସେ। ପୂର୍ବ ପରି ବିଛଣାରେ ପଡ଼ି ରହିଥାଏ ତା' ସ୍ତ୍ରୀ। ସବୁ କଥା ମର୍ମେମର୍ମେ ବୁଝି ପାରୁଥାଏ ତା' ସ୍ତ୍ରୀ, କିନ୍ତୁ କିଛି କହିବା ଭଳି ସାମର୍ଥ୍ୟ ନ ଥାଏ ତା'ର। ଭୋକିଲା ପେଟରେ ପୂରା ନିଦ କ'ଣ ଆସିବ? ପାହାନ୍ତାରୁ ନିଦ ଯେମିତି ଭାଙ୍ଗିଗଲା ତା'ର ମନେପଡ଼ିଗଲା ସୁମିତ୍‌ବାବୁଙ୍କ ଘରକୁ କାମ କରିଯିବା କଥା। ଆଉ ବିଛଣାରେ ଶୋଇପାରିଲାନି ସେ। ନିତ୍ୟକର୍ମ ସାରି ପୂର୍ବ ଭଳି ପଡ଼ି ରହିଥିବା ତା' ସ୍ତ୍ରୀର ଶୁଖିଲା ମୁହଁକୁ କିଛି କହିବା ଆଗରୁ ତା'ର ସକାଳ ଖାଇବା ଆଉ ଔଷଧ ଖଟ ଉପରେ ମୁଣ୍ଡ ପାଖରେ ଥୋଇ ଚାଲିଗଲା ସୁମିତ୍‌ବାବୁଙ୍କ ଘର ଆଡ଼କୁ।

ସକାଳର ଚା କପ୍ ସହ ଚୌକିରେ ବସିଥିବା ସୁମିତ୍‌ବାବୁ ମୋହନକୁ ଦେଖି ଧନୀଗିରି ଢଙ୍ଗରେ ଆଦେଶ ଦେଲେ ଅମୁକ କରିବୁ ସମୁକ କରିବୁ। କେତେ କାମ। ଦୁଇ ତିନି ମାସ ଯେତେ ଲାଗୁ ସାରିଦେଲେ ଅନ୍ତତଃ କରଜ ତା'ର ଶୁଝିଯିବ। ଦିନକୁ ଗୋଟିଏ ବେଳା ତା'ର ଖାଇବାର ବ୍ୟବସ୍ଥା ବି ଥିଲା।

ସେ ଦିନ ଥିଲା ସୁମିତ୍‌ବାବୁଙ୍କ ଏକମାତ୍ର ପୁଅର ଜନ୍ମଦିନ। ଖୁବ୍ ଆଡ଼ମ୍ବରପୂର୍ଣ୍ଣ ହୋଇଥାଏ ସବୁବର୍ଷ। ମୋହନ ସେଠାରେ କାମ କରୁକରୁ ସୁଯୋଗ ଖୋଜୁଥାଏ ସୁମିତ୍‌ବାବୁଙ୍କୁ କେମିତି ଏକା ଭେଟିବ। ହଠାତ୍ ଯେମିତି ଏକା ଭେଟ ହେଲା, ସେ ଧୀରେଧୀରେ କହିଲା- ବାବୁ କିଛି...। ସୁମିତ୍‌ବାବୁ ତା' କଥା ବୁଝିପାରି ରାଗିକି କହିଲେ- "ଧେତ୍, ଆଗ କାମ ସାରିଦେ। ଆଜିର ସ୍ପେଶାଲ ଦିନ ପାଇଁ ତୋତେ ଚା ଜଳଖିଆ ଖର୍ଚ୍ଚ ଦେବି ଯେ।" ମୋହନ- "ନାଇଁ ବାବୁ, ଘର ପାଇଁ ଗୋଟିଏ ବଡ଼ ରକମର ଖର୍ଚ୍ଚ ଲାଗୁଛି।" ସୁମିତ୍- "ଫେର୍ ସେଇ ଟଙ୍କା କଥା। ଯା...ତୋ' ସ୍ତ୍ରୀ କ'ଣ ଆରୋଗ୍ୟ ହେବ ଯେ ଖାଲି ଟଙ୍କା ଟଙ୍କା ହେଉଛୁ।" ଏଥର ମୋହନ ତା'ର ଚାପି ରଖିଥିବା ଲୁହକୁ ରଖିପାରିଲାନି। ଓଠକୁ ଚାପି କହିଲା- "ସେ ଆଉ ଏ ଦୁନିଆରେ ନାହିଁ ବାବୁ। ଗଲା ସାତ ଦିନ ହେବ ସେ ଆଉ...ନାହିଁ।" ତା'ପରେ ତା'ର ଜାକିଜୁକା ହୋଇଥିବା ଉଷ୍ମ ଲୁହ ଦୁଇ ଧାର ହୋଇ ଠାକରା ଦୁଇ ଗାଲ ଦେଇ ବୋହିଗଲା। ପୁଣି ସେ କହିଲା- "ଆଉ ଦୁଇଦିନ ଗଲେ ତା'ର ଶୁଦ୍ଧିକ୍ରିୟା ଅଛି। କାମଚଳା ଖର୍ଚ୍ଚ ପାଇଁ..."

ସୁମିତ୍‌ବାବୁଙ୍କ ମୁହଁରେ ଆଶ୍ଚର୍ଯ୍ୟ ହେବାର କିମ୍ବା ଦୁଃଖ କରିବାର ଚିହ୍ନବର୍ଣ୍ଣ ନ ଥାଏ। ଏଇଟା ତାଙ୍କର ପୁଅର ଜନ୍ମଦିନର ଖୁସି ଅବା ଧନର ଗରିମା ହେଇପାରେ। ତେଣୁ ସେ କହିଲେ- ହଉ, ଆଜି ଦିନକ ସରିଯାଉ। ଆସନ୍ତାକାଲି ତୋ' କଥା ଦେଖିବା। ଶୁଦ୍ଧିକ୍ରିୟା ସରିବା ଯାଏ ତୋର ଛୁଟି। ଯା...

ମୋହନ ଛାତିରେ ଭରିଛି କୋହ, ଆଖିରୁ ଝରୁଛି ଲୁହ। କାହାକୁ ତା'ର କୋହ ଲୁହ କଥା ବାଣ୍ଟିବ। ଯିଏ ଅତି ନିଜର ସିଏ ସିନା ବୁଝିପାରିଥାନ୍ତା! ସେ ତ ଆଉ ନ ଥିଲା। ପେଟ ପାଇଁ ସିନା ପ୍ରଥମେ କାମ କରି ଦି'ପଇସା ରୋଜଗାର କରି ପରେ ପାଉଣା ଆଣି ଘର ଚଳାଏ ମଣିଷ, କିନ୍ତୁ ଏ କି ବ୍ୟତିକ୍ରମ! କରଜ ଆଣି ଶୁଝିବା ପାଇଁ ଖଟିବାକୁ ପଡୁଛି ମୋହନକୁ। ଏ ପରିଶ୍ରମର ପାଉଣା ହେଲାନି। ପାଉଣା ପାଇଁ ପରିଶ୍ରମ ହୋଇଛି ମୋହନର।

ମୋ: ୯୭୭୭୯୧୦୭୨୮



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧/୨୦୨୫ Bhubaneswar, Saturday, March 1/ 2025


କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

**ରଣଜୀ ଟ୍ରଫି ଫାଇନାଲ**

# ବିଦର୍ଭ ଇନିଂସ ଅଗ୍ରଣୀ

ନାଗପୁର,୨୮।୨

ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ କେରଳ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭ ଇନିଂସ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ କରିଥିବା ବେଳେ କେରଳ ତା'ର ଅସମାପ୍ତ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରି ୩୪୨ ରନରେ ଅଲଆଉଟ ହୋଇଯାଇଛି। ଫଳରେ ଦୁଇ ଥରର ରଣ୍‌ଜୀ ଚାମ୍ପିୟନ ବିଦର୍ଭ ୩୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଶୁକ୍ରବାର ତଥା ମ୍ୟାଚର ତୃତୀୟ ଦିନ କେରଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ତା'ର ବଳକା ୭ ଉଇକେଟରେ ଦଳୀୟ ସ୍କୋରରେ ୨୧୧ ରନ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ପୂର୍ବ ଦିନ ଅପରାଜିତ ଥିବା ବ୍ୟାଟର ଆଦିତ୍ୟ ସରୱତେ ୭୯ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ସଚିନ ବେବୀ (୯୮) ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନ ୩୪, ଜଲଜ ସକ୍ସେନା ୨୮ ଓ ସଲମାନ ନିଜାର ୨୧ ରନ କରିଥିଲେ। ବିଦର୍ଭ ପକ୍ଷରୁ ଦର୍ଶନ ନାଲକଣ୍ଡେ, ହର୍ଶ ଦୁବେ ଓ ପାର୍ଥ ରେଖାଡେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୩୭୯/ଅଲଆଉଟ (ଡାନିଶ ମାଲେୱାର-୧୫୩, କରୁନ ନାୟର-୮୬, ଏମଡି ନିଧିଶ-୩/୬୧, ଏଡେନ ଆପଲ-୩/୧୦୨)। କେରଳ ପ୍ରଥମ ଇନିଂସ: ୩୪୨/ଅଲଆଉଟ (ସଚିନ ବେବୀ-୯୮, ଆଦିତ୍ୟ ସରୱତେ-୭୯, ଅହମ୍ମଦ ଇମ୍ରାନ-୩୭, ଦର୍ଶନ ନାଲକଣ୍ଡେ-୩/୫୨, ପାର୍ଥ ରେଖାଡେ-୩/୬୫, ହର୍ଶ ଦୁବେ-୩/୮୮)।

# ହକି ଇଣ୍ଡିଆର ପ୍ରମୋଶନ ଓ ରିଲିଗେଶନ ସିଷ୍ଟମ୍

**ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୨୮।୨(ପି.ଟି.)

ପଞ୍ଚକୁଲାରେ ମାର୍ଚ୍ଚ ୧ରୁ ୧୨ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍ ପାଇଁ ହକି ଇଣ୍ଡିଆ ତରଫରୁ ଶୁକ୍ରବାର ପ୍ରମୋଶନ ଓ ରିଲିଗେଶନ ସିଷ୍ଟମ ସହ ଏକ ନୂଆ ଫର୍ମାଟର ଉନ୍ମୋଚନ କରାଯାଇଛି। ପ୍ରତିଯୋଗିତାରେ ୨୮ଟି ଦଳ ଅଂଶଗ୍ରହଣ କରିବେ। ସେମାନଙ୍କୁ ୩ଟି ଡିଭିଜନ ଯଥା 'ଏ', 'ବି' ଓ 'ସି'ରେ ବିଭକ୍ତ କରାଯିବ। ପ୍ରତିଯୋଗିତା ବୃଦ୍ଧି ନୂଆ ଫର୍ମାଟର ଲକ୍ଷ୍ୟ। ଏହାଦ୍ୱାରା ଆହୁରି ମଧ୍ୟ ପ୍ରତ୍ୟେକ ଦଳ ଉଚ୍ଚ ଡିଭିଜନରେ ରହିବାକୁ ଚାହିଁବେ। ଖରାପ ପ୍ରଦର୍ଶନ କଲେ ତଳ ପାହ୍ୟାକୁ ଖସିବାର ଆଶଙ୍କା ରହିବ। ଏହାଦ୍ୱାରା ସମଗ୍ର ଦେଶରେ ହକିର ମାନ ବୃଦ୍ଧି ପାଇବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଚାମ୍ପିୟନଶିପ୍‌ରେ ପ୍ରତ୍ୟେକଟି ମ୍ୟାଚର ଗୁରୁତ୍ୱ ରହିବ, ଏହା ଟାଇଟଲ ପାଇଁ ହେଉ ଅବା ରେଲେଗେଶନ। ଟପ୍ ୧୨ଟି ଦଳ ଡିଭିଜନ 'ଏ'ରେ ଭାଗ ନେବେ। ସେମାନଙ୍କୁ ୪ଟି ପୁଲ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ପୁଲ୍‌ରେ ୩ଟି ଲେଖାଏ ଦଳ ସ୍ଥାନ ପାଇବେ। ଦଳଗୁଡ଼ିକ ସେମାନଙ୍କ ପୁଲ୍‌ରେ ଏକ ଲିଗ୍ ଫର୍ମାଟରେ ଖେଳିବେ। ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ମାର୍ଚ୍ଚ ୯ରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ପରେ ସେମିଫାଇନାଲ ମାର୍ଚ୍ଚ ୧୦ରେ ଅନୁଷ୍ଠିତ ହେବ। ଫାଇନାଲ ଏବଂ ୩ୟ/୪ର୍ଥ ସ୍ଥାନ ପାଇଁ ପ୍ଲେ-ଅଫ୍ ମାର୍ଚ୍ଚ ୧୨ରେ ହେବ। ପୁଲ୍ 'ଏ'ର ସର୍ବନିମ୍ନ ସ୍ଥାନରେ ସ୍ଥାନ ପାଇଥିବା ଦୁଇ ଦଳ ତଳ ପାହ୍ୟାକୁ ଖସି ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି' ପାଇଁ ଖେଳିବେ। ଡିଭିଜନ 'ବି'ରେ ୯ଟି ଦଳ ଖେଳିବେ। ସେମାନେ ଡିଭିଜନ 'ଏ'କୁ ଉନ୍ନୀତ ହେବାଲାଗି ଉଦ୍ୟମ କରିବେ। 'ଡିଭିଜନ ସି'ରେ ୭ଟି ଦଳ ଡିଭିଜନ 'ବି'କୁ ଉନ୍ନୀତ ହେବା ଲାଗି ଚେଷ୍ଟା କରିବେ। ଏହି ପର୍ଯ୍ୟାୟରେ କେବଳ ଲିଗ୍ ମ୍ୟାଚ ଖେଳାଯିବ। ଶ୍ରେଷ୍ଠ ଦୁଇ ଦଳ ଡିଭିଜନ 'ବି'କୁ ଉନ୍ନୀତ ହେବେ। ଲିଗ୍ ପର୍ଯ୍ୟାୟରେ ସମସ୍ତ ତିନୋଟି ଡିଭିଜନରେ ଦଳଗୁଡ଼ିକ ସେମାନଙ୍କ ପ୍ରଦର୍ଶନ ଭିତ୍ତିରେ ପଏଣ୍ଟ ଅର୍ଜନ କରିବେ। ମ୍ୟାଚରେ ବିଜୟ ଲାଭ କରିଥିବା ଦଳ ୩ ପଏଣ୍ଟ ଲେଖାଏ ପାଇବାକୁ ଥିବା ବେଳେ, ଡ୍ର ପାଇଁ ଗୋଟିଏ ପଏଣ୍ଟର ବ୍ୟବସ୍ଥା ରହିଛି।

# ଏଜି ହକି: ଓଡ଼ିଶା ଚାମ୍ପିୟନ



ଚାମ୍ପିୟନ ଏଜି ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ହକି ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୩-୨ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ଭାରତୀୟ ମହିଳା ହକି ଦଳର ସଦସ୍ୟା ତଥା ଅଲମ୍ପିଆନ ନେହା ଗୋୟଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ଖେଳାଳି ଙ୍କ ସହ ପରିଚିତ କରିଥିଲେ କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା। ପ୍ରଧାନ ମହାଲେଖାକାର ରାଜକୁମାର , ଡି. ସାହୁ , ମହାଲେଖାକର ଅତୁଲ ପ୍ରକାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାନ୍ତ ତିର୍କୀ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହେଇଥିଲେ।

## ଅଧିନାୟକ ପଦବୀରୁ ଇସ୍ତଫା ଦେବେ ବଟଲର

**କରାଚୀ, ୨୮।୨ (ପି.ଟି.):** ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଇଂଲଣ୍ଡ ଏହାର ଶେଷ ମ୍ୟାଚ ଖେଳିବା ପରେ ଦଳର ହ୍ୱାଇଟ୍‌ବଲ ଅଧିନାୟକ ଜୋସ୍ ବଟଲର ତାଙ୍କ ପଦବୀରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ଇଂଲଣ୍ଡ ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ ଖେଳିବ। ଅଧିନାୟକ ଭାବେ ୩୪ ବର୍ଷୀୟ ବଟଲରଙ୍କ ଏହା ଶେଷ ମ୍ୟାଚ ହେବ। ବୁଧବାର ଆଫଗାନିସ୍ତାନଠାରୁ ହାରିଯିବା ପରେ ଇଂଲଣ୍ଡ ଚାମ୍ପିୟନ୍ସ ଟ୍ରଫି ଦୌଡ଼ରୁ ବାଦ୍ ପଡ଼ିସାରିଛି। ବଟଲର କହିଛନ୍ତି ଦଳ ଓ ମୋ ପାଇଁ ଏହା ଉଚିତ ନିଷ୍ପତ୍ତି। ଟୁର୍ନାମେଣ୍ଟ ପାଇଁ ମୋ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ଫଳାଫଳ ଆମ ସପକ୍ଷରେ ଗଲା ନାହିଁ। ତେଣୁ ପଦ ତ୍ୟାଗ କରିବା ମୋ ପାଇଁ ଏହା ଉପଯୁକ୍ତ ସମୟ।

# ପ୍ଲେ ଅଫ୍ ଆଶା ମଉଳିଲା

**ଆଇଏସ୍‌ଏଲ୍**

**ଓଡ଼ିଶା ଏଫ୍‌ସି-ମହମ୍ମଡାନ ସ୍ପୋର୍ଟିଂ ମ୍ୟାଚ ଡ୍ର**

ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ଏଫ୍‌ସି-ମହମ୍ମଡାନ ସ୍ପୋର୍ଟିଂ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ କରିପାରି ନ ଥିଲେ। ଏହି ଫଳାଫଳ ଓଡ଼ିଶା ଏଫ୍‌ସିର ପ୍ଲେ-ଅଫ୍ ଆଶା ପ୍ରତି ଶକ୍ତ ଝଟ୍‌କା ପହଞ୍ଚାଇଛି। ଲିଗ୍ ଟେବୁଲର ଶୀର୍ଷ ୬ ଦଳ ପ୍ଲେ-ଅଫ୍ ଖେଳିବା ନିୟମ ରହିଥିବାବେଳେ ଓଡ଼ିଶା ଏଫ୍‌ସି ଏବେ ୨୩ ମ୍ୟାଚରୁ ୭ ବିଜୟ, ୯ ଡ୍ର ଓ ୭ ପରାଜୟ ସହ ୩୦ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଏହି ଦଳ ଆଉ ମାତ୍ର ଗୋଟିଏ ମ୍ୟାଚ ଖେଳିବା ବାକି ଅଛି। ୬ଷ୍ଠ ସ୍ଥାନରେ ଥିବା ମୁମ୍ବାଇ ସିଟି ଅଫ୍‌ସି ୩୨ ପଏଣ୍ଟ ପାଇଥିବାବେଳେ ମାତ୍ର ୨୧ଟି ମ୍ୟାଚ ଖେଳିଛି। ତେଣୁ ଏହି ଦଳ ଅଧିକ ପଏଣ୍ଟ ପାଇବା ସମ୍ଭାବନା ଉଜ୍ଜିବିତ ରହିଛି। ସେହିପରି ୩୨ ପଏଣ୍ଟ ସହିତ ୫ମ ସ୍ଥାନରେ ଥିବା ନର୍ଥଇଷ୍ଟ ୟୁନାଇଟେଡ ୨୨ଟି ମ୍ୟାଚ ଖେଳିଛି। ତେଣୁ ପରାଜୟ ସହ ଓଡ଼ିଶା ଏଫ୍‌ସିର ପ୍ଲେଅଫ୍ ଆଶା ମଉଳି ଯାଇଛି। ଚଳିତ ଲିଗ୍‌ରେ ଦ୍ୱିତୀୟ ଥରପାଇଁ ଓଡ଼ିଶା ଏଫ୍‌ସି ପ୍ରତିପକ୍ଷ ମହମ୍ମଡାନ ସ୍ପୋର୍ଟିଂ ବିପକ୍ଷରେ ମ୍ୟାଚ ଗୋଲଶୂନ୍ୟ ଡ୍ର ରଖିଛି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ